# ଧରିତ୍ରୀ
DHARITRI
50 Years

ଭୁବନେଶ୍ୱର, ଗୁରୁବାର, ଫେବୃଆରୀ ୧୫/୨୦୨୪ (୨୦ ପୃଷ୍ଠା) | Bhubaneswar, Thursday, February 15/2024 | Page 20 | ₹ 7.00

୫୦ଶ ଭାଗ ୮୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 83 | ମୂଲ୍ୟ ₹୭/-





# ନବୀନଙ୍କ ସମର୍ଥନରେ ଅଶ୍ୱିନୀ ଯିବେ ରାଜ୍ୟ ସଭା

**ଭୁବନେଶ୍ୱର,୧୪।୨(ସୁନିତ୍ ମିଶ୍ର)**


ଅଶ୍ୱିନୀ ବୈଷ୍ଣବ

ରାଜ୍ୟ ସଭାରେ ଖାଲି ହେବାକୁ ଥିବା ଓଡ଼ିଶାର ୩ ଆସନ ମଧ୍ୟରୁ ୨ଟି ପାଇଁ ବିଜେଡି ପ୍ରାର୍ଥୀ ଘୋଷଣା କରିସାରିଛି। ବିଜେଡିରୁ ଶୁଭାଶିଷ ଖୁଣ୍ଟିଆ ଏବଂ ଦେବାଶିଷ ସାମନ୍ତରାୟଙ୍କୁ ଦଳ ପ୍ରାର୍ଥୀ କରିଥିବା ବେଳେ ମଙ୍ଗଳବାର ସେମାନେ ନାମାଙ୍କନ ମଧ୍ୟ କରିସାରିଛନ୍ତି। ତେବେ ୩ୟ ଆସନକୁ ନେଇ ଯାହା ଅନୁମାନ କରାଯାଉଥିଲା ତାହା ହିଁ ଘଟିଛି। ୩ୟ ଆସନ ଲାଗି ଭାଜପା ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ପ୍ରାର୍ଥୀ କରିଥିବାବେଳେ ବିଜେଡି ପକ୍ଷରୁ ତାଙ୍କ ପ୍ରାର୍ଥିତ୍ୱକୁ ସମର୍ଥନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ରାଜ୍ୟର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଦଳ ଅଶ୍ୱିନୀଙ୍କ ପ୍ରାର୍ଥିତ୍ୱକୁ ସମର୍ଥନ କରୁଥିବା କଥା ବିଜେଡି ପକ୍ଷରୁ କୁହାଯାଇଛି। ରାଜନୈତିକ ମହଲରେ ବିଜେଡି-ଭାଜପା ସମ୍ପର୍କକୁ ନେଇ ପୁଣି ଥରେ ନାନା ପ୍ରକାର ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ୨୦୧୯ରେ ମଧ୍ୟ ରାଜ୍ୟ ସଭା ନିର୍ବାଚନ ସମୟରେ ବିଜେଡି ସମର୍ଥନରେ ☞ପୃଷ୍ଠା-୧୩









ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ଫେବୃଆରୀ ୧୫/୨୦୨୪ Bhubaneswar, Thursday, February 15/2024



ଧରିତ୍ରୀ 50 Years

# ଧରିତ୍ରୀ DHARITRI

ଭୁବନେଶ୍ୱର, ଗୁରୁବାର, ଫେବୃଆରୀ ୧୫/୨୦୨୪ Bhubaneswar, Thursday, February 15/2024



DSPL-654

ODISHA NEW OPPORTUNITIES | 5T | ଆମ ଓଡ଼ିଶା ନବୀନ ଓଡ଼ିଶା

"ଶିଳ୍ପାୟନ ଦ୍ୱାରା ରାଜ୍ୟର ଯୁବବର୍ଗଙ୍କୁ କର୍ମ ନିଯୁକ୍ତି ଯୋଗାଇଦେବା ଆମର ଲକ୍ଷ୍ୟ । ଏହି ସବୁ ନୂତନ ଶିଳ୍ପ ହେବା ଦ୍ୱାରା ରାଜ୍ୟବାସୀ ଉପକୃତ ହେବେ ଏବଂ ଆମ ରାଜ୍ୟ ବିଶ୍ୱ ମାନଚିତ୍ରରେ ଏକ ଶିଳ୍ପ ଶକ୍ତି ଭାବେ ଗଢି ଉଠିବ"

(Naveen Patnaik)
Chief Minister, Odisha





## ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଖୋର୍ଦ୍ଧା ଜିଲ୍ଲାରେ ନୂତନ ଶିଳ୍ପ ପାର୍କର ଶୁଭାରମ୍ଭ

OIPR-14005/13/0048/2324

### ମୁଣ୍ଡମ୍ପା ରେ ନୂତନ ଫୁଡ ପାର୍କ ର ଉଦଘାଟନ

SriChakra Poly Plast India Private Limited | Chemco Plastic Industries Pvt. Ltd. | Shrijay Foils Limited
IDVB Recycling Operations Pvt Ltd. | Indopet Polyplast Pvt. Ltd. | Maa Tarini Roller Flour Mills LLP | Rajshree Polypack Limited |
Shiv Shakti Processed Foods Pvt ltd | Kishlay Foods Pvt Ltd |
Anadrone Systems Pvt Ltd

୧,୧୬୦ କୋଟି ଟଙ୍କାର ପୁଞ୍ଜି ନିବେଶ

୧,୯୦୦ ଯୁବ ବର୍ଗଙ୍କୁ କର୍ମ ନିଯୁକ୍ତି

### କାଳିବେଟିରେ ଶିଳ୍ପ ପାର୍କ ର ଶିଳାନ୍ୟାସ

Berger Paints India Limited

୧,୪୬୦ କୋଟି ଟଙ୍କାର ପୁଞ୍ଜି ନିବେଶ

୧,୫୦୦ ଯୁବ ବର୍ଗଙ୍କୁ କର୍ମ ନିଯୁକ୍ତି

Scarecrow M&C Saatchi/2024/Feb

**୧୫ ଫେବୃଆରୀ ୨୦୨୪ । ଖୋର୍ଦ୍ଧା**

**COME. JOIN THE JUGGERNAUT.**

Email us at: info@investodisha.org
For any queries or inquiries give a missed call on: 01732351348
Please visit http://www.investodisha.gov.in/
Follow us on @investInOdisha /InvestOdisha

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ନିଶାଦ କଲ୍‌ଚରାଲ ଟ୍ରଷ୍ଟ ଦ୍ୱାରା ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ 'ସୁଗମ ସଙ୍ଗୀତ', ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ପୂର୍ବାହ୍ନ ୧୦ଟା।
- ମା' ସରସ୍ୱତୀ ଶିଶୁ ମନ୍ଦିର ପକ୍ଷରୁ ମାତୃ ସମ୍ମିଳନୀ, ସ୍ଥାନ: ପଳାଶୁଣୀ, ସମୟ: ପୂର୍ବାହ୍ନ ୧୧ଟା।
- ନିଖିଳ ଓଡ଼ିଶା ବିଦ୍ୟୁତ୍ ମଜଦୁର ମହାସଂଘ ପକ୍ଷରୁ ଧାରଣା, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଶା ଷ୍ଟେଟ ଲେଭଲ ଇଣ୍ଟର- ୟୁନିଭର୍ସିଟି ଆଥଲେଟିକ୍ କମ୍ପିଟିଶନର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ସମୟ: ପୂର୍ବାହ୍ନ ୧୧ଟା।
- ସୃଜନୀ, ଭୁବନେଶ୍ୱର ଆନୁକୂଲ୍ୟରେ ପ୍ରତିଭା ସମ୍ମାନ ଓ ସମ୍ବର୍ଦ୍ଧନା ସଭା, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ଅପରାହ୍ନ ୫ଟା ୩୦।
- ୮୩ତମ ବୈଷ୍ଣବ ପରିଡ଼ା ଜୟନ୍ତୀ ସମାରୋହ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ସନ୍ଧ୍ୟା ୬ଟା।
- ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟାଭବନ ଆନୁକୂଲ୍ୟରେ ସ୍ୱତନ୍ତ୍ର ଆଲୋଚନା ଚକ୍ର, ସ୍ଥାନ: ଭାରତୀୟ ବିଦ୍ୟାଭବନ ସଭାଗୃହ, ସମୟ: ସନ୍ଧ୍ୟା ୬ଟା।
- ମୁକ୍ତେଶ୍ୱର ମହାଦେବଙ୍କ ୮ମ ବାର୍ଷିକୋତ୍ସବ ଅବସରରେ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଭିଙ୍ଗାରପୁର ପଞ୍ଚାୟତର ଇଚ୍ଛାଦେଇପାଟଣାସ୍ଥିତ ମହାଦେବ ମନ୍ଦିର ପରିସର, ସମୟ: ସକାଳ ୯ଟା।
- ବଇଁଚୁଆ କାଜ ଉପରେ ସେତୁ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ବଇଁଚୁଆ, ସମୟ: ପୂର୍ବାହ୍ନ ୧୧ଟା।

### • ଆଜିର ମ୍ୟାଚ୍

ସ୍ପେନ୍ ବନାମ ଆୟର୍ଲାଣ୍ଡ
ସମୟ: ଅପରାହ୍ନ ୫ଟା ୩୦
ଭାରତ ବନାମ ଅଷ୍ଟ୍ରେଲିଆ
ସମୟ: ସନ୍ଧ୍ୟା ୭ଟା ୩୦
ଭେନ୍ୟୁ: କଳିଙ୍ଗ ଷ୍ଟାଡିୟମ।

## ପୁରୀ

- ନବମ ପଦ୍ମଚରଣ ସାମନ୍ତସିଂହାର ସ୍ମାରକୀ ଅଲ୍ ଓଡ଼ିଶା ସର୍ବଭାରତୀୟ ଆମନ୍ତ୍ରିତ ଫୁଟବଲ ଟୁର୍ନାମେଣ୍ଟର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ, ସ୍ଥାନ: ନିମାପଡ଼ା ବାରବାଟୀ ମିନି ଷ୍ଟାଡିୟମ, ସମୟ: ଅପରାହ୍ନ ୨ଟା।

## କଟକ

- ସିଡିଏ ଡିଏଭି ପବ୍ଲିକ ସ୍କୁଲର ଦଶମ ଓ ଦ୍ୱାଦଶ ବିଦ୍ୟାର୍ଥୀଙ୍କ ପାଇଁ ଆଶୀର୍ବାଦ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ସକାଳ ୭ଟା ୩୦।
- ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ୍ ଓ ବିବୁଧେନ୍ଦ୍ର ମିଶ୍ର ମେମୋରିଆଲ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ବିବୁଧେନ୍ଦ୍ର ମିଶ୍ରଙ୍କ ୧୨ତମ ସ୍ମୃତିସଭା, ସ୍ଥାନ: ବାର୍ ଆସୋସିଏଶନ୍ ସମ୍ମିଳନୀ କକ୍ଷ, ସମୟ :ଅପରାହ୍ନ ୪ଟା ୪୫।
- ଗଦାଧରପୁର ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ : ରଘୁନାଥଙ୍କ ମନ୍ଦିର ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୦ଟା ।
- ବିନ୍ଧାଣିମା ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଗୋପୀନାଥ ଜୀଉଙ୍କ ମନ୍ଦିର ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୧ ଟା।
- ବାଲିପୁଟ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ବାଣେଶ୍ୱରପଡ଼ାସ୍ଥିତ ବାଣେଶ୍ୱର ଦେବଙ୍କ ମନ୍ଦିର ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୧ଟା।

## ଖୋର୍ଦ୍ଧା

- କୋଲୁହାପାଟଣା ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: କୋଲୁହାପାଟଣା ,ସମୟ: ଅପରାହ୍ନ ୩ଟା।
- ବେଗୁନିଆ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ବେଗୁନିଆ ମିନି ଷ୍ଟାଡିୟମ, ସମୟ: ମଧ୍ୟାହ୍ନ ୧୨ଟା।

## ବାଲେଶ୍ୱର

- ବ୍ଲକସ୍ତରୀୟ ବିଜ୍ଞାନ କଂଗ୍ରେସ ମେଳା, ସ୍ଥାନ: ରଘୁନାରାୟଣ ହାଇସ୍କୁଲ ପରିସର, ମାର୍କୋଣା, ସିମୁଳିଆ, ସମୟ: ପୂର୍ବାହ୍ନ ୧୦ଟା।
- ବାଲିଆପାଳ ନୂଆ ବସ୍‌ଷ୍ଟାଣ୍ଡ ଉଦ୍‌ଘାଟନ, ସ୍ଥାନ: ବାଲିଆପାଳ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ ନୂଆ ବସ୍‌ଷ୍ଟାଣ୍ଡ ପରିସର, ସମୟ: ପୂର୍ବାହ୍ନ ୧୧ଟା।

## ମୟୂରଭଞ୍ଜ

- ଆମ ଓଡ଼ିଶା ନବୀନ ଓଡ଼ିଶା ସହରୀ କାର୍ଯ୍ୟକ୍ରମ, ସ୍ଥାନ: ବାରିପଦା ୱାର୍ଡ ନଂ. ୨୪ ଶନି ମନ୍ଦିର ସାହି ଏବଂ ୱାର୍ଡ ନଂ. ୨୭ ଏମ୍‌ସିସି ପ୍ଲାଣ୍ଟ, ସମୟ: ମଧ୍ୟାହ୍ନ ୧୨ଟା।
- ଶ୍ରୀଜଗନ୍ନାଥ ମନ୍ଦିରର ଦଧିନଉତି ଓ ରତ୍ନମୁଦ ସ୍ଥାପନ, ସ୍ଥାନ: ବଡ଼ସାହି ସୁହାଗପୁରସ୍ଥିତ ମା' ହିଙ୍ଗୁଳା କଉଡ଼ିଖିଣି ପୀଠ,ସମୟ: ପୂର୍ବାହ୍ନ ୧୦ଟା।
- ମୟୂରଭଞ୍ଜ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପକ୍ଷରୁ ଜନଜାତି କ୍ରୀଡ଼ା ଉତ୍ସବ ଉଦ୍‌ଯାପନୀ ସମାରୋହ, ସ୍ଥାନ: କଚେରୀ ପଡ଼ିଆ,ରାଇରଙ୍ଗପୁର, ସମୟ: ଅପରାହ୍ନ ୫ଟା।
- ୭ମ ସତ୍ୟ ସ୍ୱରୂପ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ସ୍ଥାନ: ଉଦଳା ରାବଣ ପୋଡ଼ି ପଡ଼ିଆ, ସମୟ: ସକାଳ ୯ଟା।
- ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: କପ୍ତିପଦା ବ୍ଲକ ଅଧୀନ ନୁଦଡିହା, ପିଙ୍ଗୁ, ସମୟ: ସକାଳ ୯ଟା।

## ଭଦ୍ରକ

- ସହରାଞ୍ଚଳର ବିକାଶ ସଚେତନତା ଶିବିର, ସ୍ଥାନ: ବୁଢ଼ୀ ମନ୍ଦାରୁଣୀ ମନ୍ଦିର ପରିସର, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ତ୍ରୟୋଦଶ ବାର୍ଷିକ ଉତ୍ସବ ଓ ମାତୃ ସମ୍ମିଳନୀ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କୁବେରା, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା୩୦।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ସଭା, ସ୍ଥାନ: ଇରମ ପଞ୍ଚାୟତ କାର୍ଯ୍ୟାଳୟ, ଅଡ୍ଡୁଁଆ ଓ ନୂଆଗାଁ ପଞ୍ଚାୟତ କାର୍ଯ୍ୟାଳୟ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦୁଝର

- ନୂଆ-ଓ କାର୍ଯ୍ୟକ୍ରମ, ସ୍ଥାନ: ଯୋଡ଼ା ବ୍ଲକର ଲୋଇଡ଼ାପଦା ଓ ଗୁଆଲି ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ଜାଲି ଓ ସଡ଼ଙ୍ଗି ପଞ୍ଚାୟତ, ଚମ୍ପୁଆ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ଡୁମୁରିଆ ପଞ୍ଚାୟତ କାର୍ଯ୍ୟାଳୟ ଓ ମୂଷାଖୋରି ହାଟ ପଡ଼ିଆ, ପାଟଣା ବ୍ଲକ୍, ସମୟ: ପୂର୍ବାହ୍ନ ୧୧ ଟା।
- ଠାକୁର ଅନୁକୂଳଚନ୍ଦ୍ରଙ୍କର ପୁଣ୍ୟ ୧୩୬ ତମ ଆବିର୍ଭାବ ମହୋତ୍ସବ, ସ୍ଥାନ: ସତ୍‌ସଙ୍ଗ ବିହାର ଆନନ୍ଦପୁର, ଘଷିପୁରା, ସମୟ: ମଧ୍ୟାହ୍ନ ୧୨ଟା।
- ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳା -୨୦୨୪, ସ୍ଥାନ: କେନ୍ଦୁଝର କାଳି ପଡ଼ିଆ, ସମୟ: ସନ୍ଧ୍ୟା ୬ ଟା।
- ପଞ୍ଚମୁଖୀ ସିଦ୍ଧ ହନୁମାନଙ୍କର ଦ୍ୱିତୀୟ ବାର୍ଷିକ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ମୁକ୍ତିତୀର୍ଥ ଆନନ୍ଦଧାମ ରିଂରୋଡ୍ ଛକ୍, ଆନନ୍ଦପୁର, ସମୟ: ସନ୍ଧ୍ୟା ୬ଟା।

## ରାୟଗଡ଼ା

- ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆମ ବସ୍‌ଷ୍ଟାଣ୍ଡ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: କୋଲନରା ଏବଂ ମୁନିଗୁଡା, ସମୟ: ପୂର୍ବାହ୍ନ ୧୧ଟା ୩୦ ।
- ସ୍କୁଲ ଅଫ୍ ନର୍ସିଂର ଶପଥ ଗ୍ରହଣ ଉତ୍ସବ, ସ୍ଥାନ: ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟ ଅଡିଟୋରିୟମ୍, ସମୟ: ପୂର୍ବାହ୍ନ ୧୦ଟା ୩୦।

## ନବରଙ୍ଗପୁର

- କୁସୁମୀ ଗାଁରେ ବାଲିଯାତ୍ରା, ସ୍ଥାନ: କୁସୁମୀ, ସମୟ: ପୂର୍ବାହ୍ନ ୧୧ଟା ୧୫।
- ବ୍ଲକସ୍ତରୀୟ ଆଦିବାସୀ କ୍ରୀଡ଼ା ଓ ସାଂସ୍କୃତିକ ମହୋତ୍ସବ, ସ୍ଥାନ: ଚନ୍ଦାହାଣ୍ଡି ବ୍ଲକ କାର୍ଯାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ, ସ୍ଥାନ: ଉମରକୋଟ ବିଜୁ ଶିଶୁ ଉଦ୍ୟାନ, ସମୟ: ସନ୍ଧ୍ୟା ୫ଟା।

## କୋରାପୁଟ

- ଶ୍ରଦ୍ଧାଳୁଙ୍କ ପୁରୀ ଯାତ୍ରା କାର୍ଯ୍ୟକ୍ରମ ଶୁଭାରମ୍ଭ, ସ୍ଥାନ:କୋରାପୁଟ ଆରଟିଓ ପଡିଆ, ସମୟ : ପୂର୍ବାହ୍ନ ୧୦ଟା।
- ସେମିଳିଗୁଡ଼ା ନୂତନ ବସଷ୍ଟାଣ୍ଡ ଉଦ୍‌ଘାଟନ, ସ୍ଥାନ : ସେମିଳିଗୁଡ଼ା, ସମୟ: ପୂର୍ବାହ୍ନ ୧୧ଟା ୩୦

## ସମ୍ବଲପୁର

- ବିଦ୍ୟାଳୟସ୍ତରୀୟ କ୍ରିକେଟ ପ୍ରତିଯୋଗିତା, ସ୍ଥାନ:ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ନୂଆ-ଓ କାର୍ଯ୍ୟକ୍ରମ, ସ୍ଥାନ: ରେଢାଖୋଲ ବ୍ଲକ ଗଡ଼ଗଡ଼ ବାହାଲ, ସମୟ: ପୂର୍ବାହ୍ନ ୧୦ଟା।

## ବଲାଙ୍ଗୀର

- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ସଭା, ସ୍ଥାନ: ଖପ୍ରାଖୋଲ ବ୍ଲକ ତେଲେନପାଲି ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଖପ୍ରାଖୋଲ ବ୍ଲକ କରୁଆଝର ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ବାରିକ ସମାଜ ଭବନ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ଦେଓଗାଁ ବ୍ଲକ ଜରାସିଂହା, ସମୟ: ପୂର୍ବାହ୍ନ ୧୧ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଦେଓଗାଁ ନେହେରୁ ଖେଳ ପଡିଆ, ସିକୁଆଁ ପଞ୍ଚାୟତ ଅଫିସ ନିକଟ ପଡିଆ, ସମୟ: ପୂର୍ବାହ୍ନ ୧୧ଟା।

## ରାଉରକେଲା

- ଏଡିଏମ୍‌ଙ୍କୁ ଭେଟିବ କଂଗ୍ରେସ ଟିମ୍, ସ୍ଥାନ: ଉଦିତନଗର, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ଆଦର୍ଶ ପାଠାଗାରର ଆଲୋଚନାଚକ୍ର, ସ୍ଥାନ: ସେକ୍ଟର-୫, ସମୟ : ସନ୍ଧ୍ୟା ୬ଟା ୩୦।
- ଚାମ୍ବର ଅଫ୍ କମର୍ସର ପ୍ରତିଷ୍ଠା ଦିବସ, ସ୍ଥାନ: ପାନପୋଷ ରୋଡ୍, ସମୟ: ଅପରାହ୍ନ ୫ଟା ୩୦।

## ବରଗଡ଼

- ଗ୍ରାମ୍ୟ କୃଷି କର୍ମଚାରୀଙ୍କ ଧାରଣା, ସ୍ଥାନ: ମୁଖ୍ୟ ଜିଲା କୃଷି ଅଧିକାରୀଙ୍କ ଅଫିସ, ସମୟ: ପୂର୍ବାହ୍ନ ୧୧ଟା।
- ଦୋକାନ ଗୃହ ଆବଣ୍ଟନ ବୈଠକ, ସ୍ଥାନ: ନୃସିଂହନାଥ ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୧ଟା।

## କଳାହାଣ୍ଡି

- ଗ୍ରାମ୍ୟ କୃଷି କର୍ମଚାରୀଙ୍କ ଧାରଣା, ସ୍ଥାନ: ଭବାନୀପାଟଣା ଜିଲା ମୁଖ୍ୟ କୃଷି କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ:୧୦ଟା।
- ଟିପିଡବ୍ଲୁଓଡିଏଲ ପକ୍ଷରୁ ଅଭିଯୋଗ ପ୍ରତିବିଧାନ ଶିବିର, ସ୍ଥାନ: ନର୍ଲା ବିଭାଗୀୟ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ଲାଞ୍ଜିଗଡ଼ ବ୍ଲକ ବେନଗାଁ ଗ୍ରାମପଞ୍ଚାୟତ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ପଲମ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ: ନର୍ଲା ବ୍ଲକ ଅଧୀନ ପଲମ ସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୧ଟା୩୦।
- ବ୍ଲକ ଆଦିବାସୀ ଭବନ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: କର୍ଲାମୁଣ୍ଡା ବ୍ଲକ ସଦର ରୁଗୁଡିପଡ଼ା, ସମୟ: ପୂର୍ବାହ୍ନ ୧୧ଟା।

## ନୂଆପଡ଼ା

- ନିଶୁଳ୍କ ହୋମିଓପାଥିକ ଚିକିତ୍ସା ଶିବିର, ସ୍ଥାନ: ବୋଡେନ ବ୍ଲକ କରଙ୍ଗାମାଳ ଯୁବାମାଳପଡ଼ା ଶ୍ରୀ ସତ୍ୟସାଇ ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୯ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର, ସ୍ଥାନ: କୋମନା ବ୍ଲକ ସିଆଲଲଟି, କୋମନା ଓ ସମରସିଂ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ବୌଦ୍ଧ ବ୍ଲକ ମୁର୍ଷୁଣ୍ଡି ଗ୍ରାମପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ମୁର୍ଷୁଣ୍ଡି ଖେଳପଡ଼ିଆ, ସମୟ: ଅପରାହ୍ନ ୧ଟା।
- କନ୍ଧମାଳ ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ଆୟୋଜିତ ପ୍ରଥମ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟା , ସ୍ଥାନ: କନ୍ଧମାଳ ମହାବିଦ୍ୟାଳୟ ଖେଳପଡ଼ିଆ, ସମୟ: ଅପରାହ୍ନ ୩ଟା।
- ହରଭଙ୍ଗା ବ୍ଲକର କୁଶଙ୍ଗ, ତିଳେଶ୍ୱର ଗ୍ରାମପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: କୁଶଙ୍ଗ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆ ଓ ତିଳେଶ୍ୱର ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା

## ଦେବଗଡ଼

- ଷୋହଳ ପ୍ରହର ନାମ ଯଜ୍ଞ, ସ୍ଥାନ: ଦନ୍ତାରିବାହଲ ସମୟ: ପୂର୍ବାହ୍ନ ୧୦ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର, ସ୍ଥାନ: ବମ୍ପରଡା, ବିଜୟନଗର, କଳିଆପାଳ ପଞ୍ଚାୟତ କାର୍ଯ୍ୟାଳୟ : ସମୟ ପୂର୍ବାହ୍ନ ୧୧ଟା।

## ସୁବର୍ଣ୍ଣପୁର

- ୧୯ତମ ପାତାଳି ମହୋତ୍ସବ ଷଷ୍ଠ ସନ୍ଧ୍ୟା ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପାତାଳି ଶ୍ରୀକ୍ଷେତ୍ର କୋଟସମଲାଇ, ସମୟ: ଅପରାହ୍ନ ୫ଟା ୩୦।
- ସର୍ବଭାରତୀୟ ୧୫ତମ ରାମଧୂନ କପ୍ ଫୁଟବଲ ଟୁର୍ନାମେଣ୍ଟ ପୁଲ 'ବି'ର ପ୍ରଥମ ମ୍ୟାଚ୍, ସ୍ଥାନ: ସୋନପୁର ଗାନ୍ଧୀ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।
- ବାର୍ଷିକ ପୁସ୍ତକ ଓ ସାରସ୍ୱତ ମେଳା ଇଙ୍କ୍‌ଫେଷ୍ଟ ଅବସରରେ ବହୁଭାଷୀ କବିତା ଆସର, ସ୍ଥାନ: ସୋନପୁର ରୟାଲ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।
- ତରଭା ବ୍ଲକ ସିଂହାରୀ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ସିଂହାରୀ ଖେଳପଡ଼ିଆ, ପୂର୍ବାହ୍ନ ୧୧ଟା।
- ଦିବ୍ୟାଙ୍ଗଙ୍କୁ ଶ୍ରବଣ ଯନ୍ତ୍ର ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ତରଭା ବ୍ଲକ ସଭାଗୃହ, ସକାଳ ୯ଟା।

## ଢେଙ୍କାନାଳ

- ଜିଲା ସଡ଼କ ସୁରକ୍ଷା କମିଟି ବୈଠକ, ସ୍ଥାନ:ସଦ୍‌ଭାବନା ହଲ, ଢେଙ୍କାନାଳ ଜିଲା କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା।

## ଅନୁଗୋଳ

- ଜିଲାସ୍ତରୀୟ ବାୟୁ ଗୁଣବତ୍ତା ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ମହିମା ମହୋତ୍ସବ ସମନ୍ୱୟ ବୈଠକ, ସ୍ଥାନ: ଉପ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ:ଅପରାହ୍ନ ୪ଟା।

## ଗଞ୍ଜାମ

- ଜିଲା ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚର ମାସିକ ଆଲୋଚନା ସଭା, ସ୍ଥାନ: ଉତ୍କଳ ଆଶ୍ରମ ପାଠାଗାର, ବ୍ରହ୍ମପୁର , ସମୟ: ଅପରାହ୍ନ ୫ଟା।
- ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଓ ଜନଶୁଣାଣି ଶିବିର,ସ୍ଥାନ:ବୁଗୁଡ଼ା ପଞ୍ଚାୟତ ସମିତି ସଭା ଗୃହ, ସମୟ:ପୂର୍ବାହ୍ନ ୧୧ଟା।
- ଡିଏଫ୍‌ଓଙ୍କ ବିଦାୟ ସମ୍ବର୍ଦ୍ଧନା ସଭା, ସ୍ଥାନ: ଭଞ୍ଜନଗର ନର୍ସରୀ, ସମୟ: ରାତି ୮ ଟା।

## ନୟାଗଡ଼

- ଭାଗବତ ସପ୍ତାହର ୩ୟ ଦିବସ, ସ୍ଥାନ:ନୟାଗଡ଼ ପୁରୁଣା ସହରର ରାଧାନାଥ କଲୋନୀ, ସମୟ: ପୂର୍ବାହ୍ନ ୯ଟା।
- ବିଶ୍ୱଶାନ୍ତି ଗୀତାଯଜ୍ଞ ଆରମ୍ଭ, ସ୍ଥାନ: ଖଣ୍ଡପଡ଼ାବ୍ଲକ ସରପୋଖରୀ ବଟେଶ୍ୱରଦେବଙ୍କ ପୀଠ,ସମୟ: ସକାଳ ୭ଟା।
- ରାଧାକୃଷ୍ଣ ଜୀଉଙ୍କ ସିଂହାସନ ଆରୋହଣ ଉତ୍ସବ ଓ ଶନିଶ୍ଚର ଦେବଙ୍କ ନୂତନ ମନ୍ଦିର ପ୍ରତିଷ୍ଠା, ସ୍ଥାନ: ଖଣ୍ଡପଡ଼ା ବ୍ଲକ ଗିରିଡିପାଟଣା,ସମୟ: ସକାଳ ୬ଟା ୩୦।

## ଜଗତ୍‌ସିଂହପୁର

- ଜିଲା ସଡ଼କ ସୁରକ୍ଷା ସମିତି (ଡିଆର୍‌ଏସ୍‌ସି) ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହ, ସମୟ: ଅପରାହ୍ନ ୪ଟା୩୦।

## କେନ୍ଦ୍ରାପଡ଼ା

- ଜିଲାପାଳଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା, ସ୍ଥାନ: ମାର୍ଶାଘାଇ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଫକିରାବାଦ ଆଜାଦ କ୍ଲବ ପକ୍ଷରୁ ଦିବାରାତ୍ର ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: କେନ୍ଦ୍ରାପଡ଼ା ହାଇସ୍କୁଲ ପଡ଼ିଆ, ସମୟ: ଅପରାହ୍ନ ୪ଟା।
- ମା' କ୍ଷେତ୍ରପାଳିନୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ମେଳଣ ପଡ଼ିଆ, ହରିଅଙ୍କ, ଡେରାବିଶ , ସମୟ: ଅପରାହ୍ନ ୪ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ଗଗୁଆ ଓ ନାଞ୍ଜୁରା ପଞ୍ଚାୟତ କାର୍ଯ୍ୟାଳୟ, ସ୍ଥାନ: ମହାକାଳପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ଭଗବାନପୁର ପଞ୍ଚାୟତ କାର୍ଯ୍ୟାଳୟ, ସ୍ଥାନ: ଗରଦପୁର, ସମୟ: ପୂର୍ବାହ୍ନ ୧୦ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ଅଣ୍ଡରା ଅମୃତମଣୋହୀ ପଞ୍ଚାୟତ କାର୍ଯ୍ୟାଳୟ, ସ୍ଥାନ: ପଟ୍ଟାମୁଣ୍ଡାଇ, ସମୟ: ପୂର୍ବାହ୍ନ ୧୦ଟା।
- ବସ୍‌ଷ୍ଟାଣ୍ଡ ଉଦ୍‌ଘାଟନ, ସ୍ଥାନ: ରାଜକନିକା, ସମୟ: ପୂର୍ବାହ୍ନ ୧୧ଟା।

## ଯାଜପୁର

- ପଞ୍ଚାୟତସ୍ତରୀୟ ସଚେତନତା ଶିବିର, ସ୍ଥାନ: ବଡ଼ଚଣା ବ୍ଲକ୍‌ର ଚମ୍ପାପୁରହାଟ, ଛତିଆ, ସମୟ: ପୂର୍ବାହ୍ନ ୧୦ଟା୩୦।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଧୋବ ଧାଉଳିଆ ଚୋରି କରନ୍ତି,
ରଙ୍କୁଣୀ ଦେଖିଲେ ମାରି ଗୋଡ଼ାନ୍ତି।**

କ୍ଷମତାରେ ଥିବା କିଛି ବ୍ୟକ୍ତି ନିଜ ପଦବୀର ଅପବ୍ୟବହାର କରି ଧନ ଆତ୍ମସାତ କରି ଚାଲୁଥିବା ବେଳେ ସମାଜର ନିମ୍ନ ଶ୍ରେଣୀର ଲୋକ ସେପରି କରିବାକୁ ସାହସ ଜୁଟାଇ ପାରି ନ ଥାନ୍ତି। ପରନ୍ତୁ ଗରିବ ଲୋକ ପେଟ ବିକଳରେ ଯଦି କିଛି ଛୋଟମୋଟ ଚୋରି କାମ କରିପକାନ୍ତି, ତେବେ ଉକ୍ତ ତଥାକଥିତ ଧୋବ ଧାଉଳିଆ ବାବୁମାନଙ୍କ ଆକ୍ରୋଶର ଶିକାର ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଧକାନ୍ତି, ସକାନ୍ତି, ପକାନ୍ତି ଲୁହ;
ପେଟେ ଭରିଥାନ୍ତି ଶଗଡ଼େ ଗୁହ।**

ଛଳନା କରୁଥିବା ବ୍ୟକ୍ତି ନିଜକୁ ଅତି ଭଲ ବା ସଚ୍ଚୋଟ ଦେଖାଇବା ପାଇଁ ଅନେକ ପ୍ରକାର ଛଳ ବା କୌଶଳମାନ ଆପଣେଇ ନେଉଥିବାର ଲକ୍ଷ୍ୟ କରାଯାଇଥାଏ। ଧୂର୍ତ୍ତ ବା ମନ୍ଦ ପ୍ରକୃତି ଲୋକଙ୍କର ଏଭଳି ଚରିତ୍ର ହୋଇଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଚାଲାଣବେଳେ କାରରୁ ବଜ୍ରକାପ୍ତା ଉଦ୍ଧାର, ୨ ଗିରଫ



**ଭୁବନେଶ୍ୱର,୧୪।୨ (ସତ୍ୟଜିତ୍ ରାଉତ)**

କାର୍‌ରେ ବଜ୍ରକାପ୍ତା ଚାଲାଣବେଳେ ବୁଧବାର ସକାଳେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ସମ୍ବଲପୁର ଜିଲା ଗୋବିନ୍ଦପୁର ଥାନା ଅନ୍ତର୍ଗତ ବଡଡୁମ୍ବରମୁଣ୍ଡା-ନୂଆପଡା ରାସ୍ତା ମଝି ରେଳ ଫାଟକ ନିକଟରେ ଚଢ଼ାଉ କରି ଏକ ଜୀବନ୍ତ ବଜ୍ରକାପ୍ତା ଉଦ୍ଧାର କରିବା ସହ ଦୁଇ ଚାଲାଣକାରୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ସୁନ୍ଦରଗଡ ଜିଲା ବଡଗାଁ ଥାନା ଅନ୍ତର୍ଗତ ଭୋଇପାଲି ଗ୍ରାମର ଇଚ୍ଛାଧର ନାଏକ (୨୬) ଓ ସୁନ୍ଦରଗଡ ହେମଗିର ଅଞ୍ଚଳର ସଚିନ କୁମାର ପାଣ୍ଡେ (୨୮)। ସେମାନେ ବ୍ୟବହୃତ କରିଥିବା ଉକ୍ତ କାର୍‌କୁ ମଧ୍ୟ ଜବତ କରାଯାଇଛି। ଏ ସଂକ୍ରାନ୍ତରେ ଏସ୍‌ଟିଏଫ୍ ପକ୍ଷରୁ ଏକ ମାମଲା (ନଂ.୭/୨୦୨୪) ରୁଜୁ କରାଯାଇ ଅଭିଯୁକ୍ତଦ୍ୱୟଙ୍କୁ କୁଚିଣ୍ଡା ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷରେ ସୁରକ୍ଷା ଦୃଷ୍ଟିରୁ ଏସ୍‌ଟିଏଫ୍ ପକ୍ଷରୁ ଉଦ୍ଧାର ବଜ୍ରକାପ୍ତାକୁ ବାମରା ଫରେଷ୍ଟ ରେଞ୍ଜ ଅଫିସରଙ୍କୁ ହସ୍ତାନ୍ତର କରାଯାଇଛି।

ସୂଚନାଯୋଗ୍ୟ, ବାଜ୍ରକାପ୍ତା ଚାଲାଣ ନେଇ ଖବର ପାଇବା ପରେ ଏସ୍‌ଟିଏଫ୍ ସେମାନଙ୍କୁ ଧରିବାକୁ କିଛିଦିନ ହେବ ଯୋଜନା କରିଥିଲା। ଏ ସଂକ୍ରାନ୍ତରେ ଏସ୍‌ଟିଏଫ୍ ପକ୍ଷରୁ ବାମରା ଫରେଷ୍ଟ ଡିଭିଜନ ଓ ସମ୍ବଲପୁର ଜିଲା ପୋଲିସକୁ ସୂଚନା ଦିଆଯିବା ସହ ଚଢ଼ାଉ ପାଇଁ ମିଳିତ ଟିମ୍ ଗଠନ କରାଯାଇଥିଲା। ଅଭିଯୁକ୍ତଙ୍କ ଉପରେ ଏହି ଟିମ୍ ନଜର ରଖିବା ସହ ଚାଲାଣ ସମୟରେ ହିଁ ସେମାନଙ୍କୁ ଧରିବାରେ ସଫଳ ହୋଇଥିଲା।

# ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

**ସମ୍ବଲପୁର,୧୪।୨ (ପ୍ରମୋଦ ବହିଦାର)**

ସମ୍ବଲପୁର ଜିଲା ଧନୁପାଲି ଥାନା ଅନ୍ତର୍ଗତ ଗ୍ରୀନପାର୍କ ଆପାର୍ଟମେଣ୍ଟରେ ୨୦୧୫ରେ ସଂଘଟିତ ଏକ ହତ୍ୟା ମାମଲାର ବିଚାର କରି ଜିଲା ଦୌରା ଜଜ୍ ବୁଧବାର ଅଭିଯୁକ୍ତ ବିଜୁ ଓରଫ ଅଭିଷେକ ତନ୍ତୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅର୍ଥ ଅନାଦାୟ ଅଭିଯୁକ୍ତଙ୍କୁ ଅଧିକ ୬ ମାସ କାରାଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଜୁଙ୍କ ଅନ୍ୟ ତିନିଜଣ ସହଯୋଗୀଙ୍କୁ ବିଚାରପତି ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ, ୨୦୧୫ ଜୁନ ୧୦ରେ ଆପାର୍ଟମେଣ୍ଟରେ ଏକ ପାଣିପମ୍ପ ଚୋରିକୁ ନେଇ ବିଜୁ ଓ ରାତ୍‌ମଙ୍ଗଳ ମେହେରଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍ୟକ୍ତ ହୋଇ ବିଜୁ ଏକ ଧାରୁଆ ଅସ୍ତ୍ରରେ ରାତ୍‌ମଙ୍ଗଳଙ୍କୁ ଆକ୍ରମଣ କରିଥିଲେ। ଗୁରୁତର ରାତ୍‌ମଙ୍ଗଳଙ୍କୁ ଚିକିତ୍ସା ପାଇଁ ବୁର୍ଲା ଭିମ୍‌ସାରରେ ଭର୍ତ୍ତି କରାଯାଇଥିଲା। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାକୁ ନେଇ ରାତ୍‌ମଙ୍ଗଳଙ୍କ ପରିବାର ପକ୍ଷରୁ ଧନୁପାଲି ଥାନାରେ ବିଜୁ ଓ ତାଙ୍କର ଅନ୍ୟ ତିନିଜଣ ସହଯୋଗୀଙ୍କ ସମ୍ପୃକ୍ତି ନେଇ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପୋଲିସ ହତ୍ୟା ମାମଲା (ନଂ.୧୭୩/୨୦୧୫) ରୁଜୁ କରିବା ସହ ବିଜୁ ଓ ତିନି ସହଯୋଗୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାର ଶୁଣାଣି କରି ଜିଲା ଦୌରା ଜଜ୍ ପ୍ରଦ୍ୟୁମ୍ନ ନାୟକ ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି। କୋର୍ଟରେ ଏହି ମାମଲାକୁ ସରକାରଙ୍କ ପକ୍ଷରୁ ପିପି ଦୀପ୍ତି ରଞ୍ଜନ ଷେଣ୍ଢ ପରିଚାଳନା କରୁଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ଆଜି ଏକାଦଶସ୍ଥ ଚନ୍ଦ୍ର କର୍ମକ୍ଷେତ୍ରରେ ଦୃଢ଼ ପଦକ୍ଷେପ ନେଇ କାର୍ଯ୍ୟ ହାସଲ କରିବେ। କୃତ୍ତିକା ନକ୍ଷତ୍ର ବିବାଦୀୟ ପରିସ୍ଥିତିରେ ଅନ୍ୟ ଲୋକଙ୍କ ଆଗରେ ମୁଣ୍ଡ ନୁଆଁଇବେ ନାହିଁ। ବିଭିନ୍ନ ସୂତ୍ରରୁ ରୋଜଗାର କରି ଆନନ୍ଦ ଲଭିବେ। ଅର୍ଥ, ପ୍ରଶାସନ, ଆଇନ, ସଭା ସମିତି, ଆନୁଷ୍ଠାନିକ କାମ ଓ ବନ୍ଧୁମିଳନ ହେତୁକ ଖୁସି ରହିବେ।

**ବୃଷ** - ରାଶ୍ୟାଧିପ ଶୁକ୍ର ଭାଗ୍ୟସ୍ଥାନରେ ରହିଥିବାରୁ ଅଟକି ରହିଥିବା କାମକୁ ସମ୍ପନ୍ନ କରିପାରିବେ। ମୃଗଶିରା ନକ୍ଷତ୍ରର ବନ୍ଧୁବର୍ଗଙ୍କ ସହାନୁଭୂତି ଯୋଗୁ କାମଗୁଡ଼ିକ ସହଜ ଓ ସୁବିଧାରେ ସମ୍ପନ୍ନ ହେବ। ସାମାଜିକ ସ୍ତରରେ ଲୋକାଭିମୁଖୀ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ। ଛୋଟ ଛୋଟ କଥାକୁ କେନ୍ଦ୍ରକରି ପରିବାରରେ ଝଡ଼ ଉଠିପାରେ।

**ମିଥୁନ** - ବୁଧ ନୀଚାରୋହୀ କାରଣରୁ ପ୍ରତିଦ୍ୱନ୍ଦ୍ୱିତା କଲେ କିଛି ଲାଭ ହେବନି। ବୁଝାମଣା ଭଲ ନ ଥିବାରୁ ଆତ୍ମୀୟମାନେ ଅସହଯୋଗ କରିପାରନ୍ତି, ଯାହାକି ସାମୟିକ ସମସ୍ୟା ସୃଷ୍ଟି କରିବ। ଅସୁବିଧାରେ ପଡ଼ି ଅର୍ଥ ନେଇଥିବା ଲୋକଟି ଟଙ୍କା ଦେବାର ନାଁ ଧରିବ ନାହିଁ। ଆରଦ୍ରା ନକ୍ଷତ୍ର ସଭାସମିତିକୁ ନିମନ୍ତ୍ରିତ ହୋଇପାରନ୍ତି।

**କର୍କଟ** - ସହକର୍ମୀମାନେ ସହଯୋଗର ହାତ ବଢ଼ାଇ ସହାନୁଭୂତି ପ୍ରକାଶ କରିପାରନ୍ତି। ପରିବାର ଭିତରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିବା ଆଶଙ୍କା ରହିଛି। ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ। ଯେତେ ପାଇଲେ ମଧ୍ୟ ଅଭାବ ଲାଗିରହିବା କାରଣରୁ ଅଶାନ୍ତି ଅନୁଭବ କରିପାରନ୍ତି।

**ସିଂହ** - ବନ୍ଧୁଙ୍କ ସହ ବିଭିନ୍ନ ଯୋଜନା ସମ୍ପର୍କିତ ଆଲୋଚନାରେ ଅଗ୍ରଗତି ଘଟିପାରେ। ରାଜନୈତିକ ତଥା ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ଆଶାନୁଯାୟୀ ସଫଳତା ନ ପାଇବା କାରଣରୁ ସନ୍ତାନଙ୍କ ଉପରେ କ୍ଷୁବ୍ଧ ହୋଇପାରନ୍ତି। ଉତ୍ତରା ଫାଲ୍‌ଗୁନୀ ନକ୍ଷତ୍ର ଧୈର୍ଯ୍ୟର ସହ କାର୍ଯ୍ୟକଲେ ଉପକୃତ ହେବେ।

**କନ୍ୟା** - ଆଜି ପଦସ୍ଥ ବ୍ୟକ୍ତିଙ୍କ ଦୃଢ଼ ପ୍ରତିଶ୍ରୁତି ଲାଭକରି ମନ ହାଲୁକା ହୋଇଯିବ। ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ବନ୍ଧୁ ମଧ୍ୟରେ କଳହର ସମ୍ମୁଖୀନ ହେବାକୁ ପଡ଼ିପାରେ। କଥା ଦେଇଥିବା ଲୋକଟି ପରକ୍ଷଣରେ ଓଲଟା କଥା କହି ଯୁକ୍ତିତର୍କର ଆଶ୍ରୟ ନେଇପାରନ୍ତି। ଉତ୍ତରା ଫାଲ୍‌ଗୁନୀ ନକ୍ଷତ୍ରର ଆତ୍ମୀୟସ୍ୱଜନଙ୍କ ଆରୋଗ୍ୟ ପାଇଁ ଚିନ୍ତା ବଢ଼ିପାରେ।

**ତୁଳା** - ଆଜି ସପ୍ତମସ୍ଥ ଗୁରୁଚାନ୍ଦ୍ରୀ ଯୋଗ ପ୍ରଭାବରେ ସ୍ୱାସ୍ଥ୍ୟ, ପାରିବାରିକ ସ୍ଥିତି ଭଲ ରହିବ। କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ। ସ୍ୱାତୀ ନକ୍ଷତ୍ରର ସନ୍ତାନଙ୍କ ବୈବାହିକ ପ୍ରସ୍ତାବର ଆଲୋଚନା କରିପାରନ୍ତି। ଗତକାଲିଠାରୁ ସ୍ଥିରୀକୃତ ଗସ୍ତ କାର୍ଯ୍ୟ ଆକସ୍ମିକ ବାତିଲ ହୋଇପାରେ।

**ବିଛା** - ମନ ଯେମିତି ଚାହୁଁଛି ତାହା ପାଇଯିବା କାରଣରୁ ଉତ୍ଫୁଲ୍ଲିତ ରହିବେ। ଜମିଜମା କିମ୍ବା ଗୃହସୀମାକୁ କେନ୍ଦ୍ରକରି ରହିଥିବା ବିବଦମାନ ସ୍ଥିତି ଆପୋସ ଆଲୋଚନା ମାଧ୍ୟମରେ ସମାଧାନ ହୋଇପାରେ। ପରିବାରର ଆବଶ୍ୟକତା ପୂରଣ ଲାଗି ଧାର ସୂତ୍ରରେ ଅର୍ଥ ଆଣିବାକୁ ପଡ଼ିପାରେ।

**ଧନୁ** - ପରିବାରରେ ଛୋଟକଥାକୁ କେନ୍ଦ୍ରକରି କଳହ ସୃଷ୍ଟି ଆଶଙ୍କା ଦେଖାଦେଇପାରେ। ଉତ୍ତରାଷାଢ଼ା ନକ୍ଷତ୍ର ସାଙ୍ଗଠନିକ କ୍ଷେତ୍ରରେ ଗଠନମୂଳକ ପ୍ରେରଣା ଦେଇ ପ୍ରଶଂସିତ ହେବେ। ଦେହ ଭଲ ରହିଲେ ମଧ୍ୟ ପୁରାତନ ରୋଗପୀଡ଼ାରେ କଷ୍ଟ ପାଇପାରନ୍ତି। ଚେଷ୍ଟା ସଫଳ ହେବାରେ ଜଣେ ପୁରାତନ ବନ୍ଧୁ ସାହାଯ୍ୟ କରିବେ।

**ମକର** - ପ୍ରତ୍ୟେକ କ୍ଷେତ୍ରରେ ସାମାନ୍ୟ ଅସୁବିଧା ଥିବାର ଅନୁଭବ କରି ବନ୍ଧୁଙ୍କୁ ପରାମର୍ଶ ମାଗିପାରନ୍ତି। ପରୋକ୍ଷ ଶତ୍ରୁତା କାରଣରୁ ଶିଳ୍ପ, ବ୍ୟବସାୟରେ ପ୍ରତିବନ୍ଧକ ଦେଖାଦେଇପାରେ। ବିଶୃଙ୍ଖଳିତ ପୁତ୍ରକନ୍ୟାଙ୍କ ହେତୁକ ସମସ୍ୟା ଲାଗିରହିବ। ଧନିଷ୍ଠା ନକ୍ଷତ୍ର ପରିଜନଙ୍କ ସହିତ ଆଜିର ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ।

**କୁମ୍ଭ** - ଦୀର୍ଘଦିନ ହେଲା ଯେଉଁ କାମ ପାଇଁ ଚେଷ୍ଟା କରୁଛନ୍ତି ସେଥିରେ ବିଳମ୍ବରେ ସଫଳତା ପାଇବେ। ସମ୍ପର୍କୀୟଙ୍କ ସାହାଯ୍ୟ ଲାଭକରି ବିବାଦୀୟ ସ୍ଥିତିକୁ ସୁଧାରିନେବେ। ଶତଭିଷା ନକ୍ଷତ୍ର ପରିବାରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହୋଇପାରନ୍ତି। ସ୍ୱାସ୍ଥ୍ୟ ଭଲ ରହିଲେ ମଧ୍ୟ ଆତ୍ମୀୟଙ୍କ ବେଖାତିର ମନୋଭାବ ଦୁଶ୍ଚିନ୍ତାକୁ ବଢ଼ାଇପାରେ।

**ମୀନ** - ଆଜି କର୍ମକ୍ଷେତ୍ରରେ ସହଯୋଗ ଭିତ୍ତିରେ କାମ କଲେ ଉପକାର ପାଇବେ। ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ପାରିବାରିକ ଝଡ଼ ସୃଷ୍ଟିହେବାର ଆଶଙ୍କା ରହିଛି। ଯେତେ ଭଲ କାମ କଲେ ମଧ୍ୟ ସେମାନେ ପ୍ରଶଂସା ପାଇବା କଷ୍ଟକର ହୋଇପାରେ। ଉତ୍ତର ଭାଦ୍ରବ ନକ୍ଷତ୍ର ପ୍ରତ୍ୟେକ କ୍ଷେତ୍ରରେ ଚଳିତ ପରିସ୍ଥିତିକୁ ନଜର ଦେଇ କାମ କରିବା ଭଲ ହେବ।

ଆଜି ଫେବୃଆରୀ ୧୫ ତାରିଖ, ମାଘ ଶୁକ୍ଳ ଷଷ୍ଠୀ ଯୁକ୍ତ ସପ୍ତମୀ, ଗୁରୁବାର, ରାଶି ନକ୍ଷତ୍ର-ଦିବା ଘ.୦୩।୨୭ମି. ଗତେ, ଦ୍ୱିଜା/ମେଷ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ବ୍ରତୋପନୟନ, ଗୃହାରମ୍ଭ ଓ ଗୃହ ପ୍ରବେଶ, ବିଦ୍ୟାରମ୍ଭ, ନାମକରଣ, ଦେବତା ଗଠନ ପାଇଁ ଶୁଭଦିନ। ଦିବା ଘ.୦୬।୧୯ମି. ଗତେ ଘ.୦୭।୫୦ମି. ମଧ୍ୟେ, ଘ.୧୦।୫୨ମି. ଗତେ ଘ.୦୧।୦୯ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୧।୨୬ମି. ଗତେ ଘ.୦୨।୫୧ମି. ମଧ୍ୟେ ରାହୁକାଳ।

DHARITRI

ଭୁବନେଶ୍ୱର, ଗୁରୁବାର, ଫେବୃଆରୀ ୧୫/୨୦୨୪ | Bhubaneswar, Thursday, February 15/2024 | ପୃଷ୍ଠା-୧







# ବଢ଼ିଲା କଳାକାର ସହାୟତା ରାଶି

## ୧୨ଶହରୁ ୨ ହଜାରକୁ ବୃଦ୍ଧି

**ଭୁବନେଶ୍ୱର,୧୪।୨(ଅନିଲ ଦାସ)**

ରାଜ୍ୟରେ କଳାକାରମାନଙ୍କ ହିତକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର 'ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା' ରାଶି ବୃଦ୍ଧି ଘୋଷଣା କରିଛନ୍ତି। ଏହି ନୂଆ ଘୋଷଣା ଅନୁଯାୟୀ, ହିତାଧିକାରୀମାନେ ମାସକୁ ୧୨୦୦ ପରିବର୍ତ୍ତେ ୨୦୦୦ ଟଙ୍କା ସହାୟତା ପାଇବେ। ୮୦ବର୍ଷରୁ ଊର୍ଦ୍ଧ୍ୱ କଳାକାରଙ୍କୁ ମାସକୁ ୨୫୦୦ ଟଙ୍କା ସହାୟତା ପ୍ରଦାନ କରାଯିବ। ଏହାଦ୍ୱାରା ରାଜ୍ୟର ୮୦ହଜାର କଳାକାର ଉପକୃତ ହେବେ। ପୂର୍ବରୁ ଏହି ଯୋଜନାର ୫୦ହଜାର କଳାକାରଙ୍କୁ ମାସିକ ୧୨୦୦ ଟଙ୍କା ଆଧାରରେ ସହାୟତା ରାଶି ପ୍ରଦାନ କରାଯାଉଥିଲା। ବର୍ତ୍ତମାନ ଏହି ଯୋଜନାର ଧାର୍ଯ୍ୟ ଲକ୍ଷ୍ୟ ୮୦ହଜାରକୁ ବୃଦ୍ଧି କରାଯାଇଛି। ଏହି କ୍ରମରେ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା ନିୟମାବଳୀର ନିୟମ ୪, ଉପ ନିୟମ (ii)ରେ ଉଲ୍ଲେଖଥିବା କଳାକାରଙ୍କ ବାର୍ଷିକ ଆୟର ସୀମାକୁ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ନିର୍ବିଶେଷରେ ୧ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ଉକ୍ତ ବର୍ଦ୍ଧିତ ସହାୟତା ରାଶି ଡାଇରେକ୍ଟ ବେନିଫିଟ ଟ୍ରାନ୍ସଫର(ଡବିଟି) ମାଧ୍ୟମରେ ଚଳିତ ମାସ ୨୦ରୁ ୨୫ ତାରିଖ ମଧ୍ୟରେ ପ୍ରଦାନ କରାଯିବ।

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଜିଲା ଗସ୍ତ ସମୟରେ କଳାକାରମାନେ ସହାୟତା ରାଶି ବୃଦ୍ଧି ନିମିତ୍ତ ଅନୁରୋଧ କରିଥିଲେ ଏବଂ ସେମାନଙ୍କ ସଙ୍ଗଠନଗୁଡ଼ିକ ଦାବି ଉପସ୍ଥାପନ କରିଥିଲେ। ଏହାବ୍ୟତୀତ ଲୋକସେବା ଭବନର କନ୍‌ଭେନଶନ କେନ୍ଦ୍ରରେ ୫-ଟି ଅଧ୍ୟକ୍ଷଙ୍କ ସହିତ ଯୋଗାଯୋଗ ସମୟରେ ☞ପୃଷ୍ଠା-୧୩

## ବୁଣାକାର, ହସ୍ତଶିଳ୍ପ କାରିଗରଙ୍କୁ ମାସକୁ ୨ହଜାର

**ଭୁବନେଶ୍ୱର,୧୪।୨(ଅନିଲ ଦାସ)**

ରାଜ୍ୟର ବରିଷ୍ଠ ବୁଣାକାର ଓ ହସ୍ତଶିଳ୍ପ କାରିଗରମାନଙ୍କ ସୁରକ୍ଷା ଓ କଲ୍ୟାଣ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର 'ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା' ଘୋଷଣା କରିଛନ୍ତି। ଏହି ଯୋଜନାରେ ୪୦ ବର୍ଷରୁ ୮୦ବର୍ଷ ବୟସ ମଧ୍ୟରେ ଥିବା ମହିଳା ବୁଣାକାର ଓ ବୁଣା କାର୍ଯ୍ୟରେ ନିୟୋଜିତ ସହାୟକ ଏବଂ ହସ୍ତଶିଳ୍ପ କାରିଗର ଏବଂ ୫୦ରୁ ୮୦ ବର୍ଷ ମଧ୍ୟରେ ଥିବା ପୁରୁଷ ବୁଣାକାର ଓ ବୁଣା କାର୍ଯ୍ୟରେ ନିୟୋଜିତ ସହାୟକ ଏବଂ ହସ୍ତଶିଳ୍ପ କାରିଗରଙ୍କୁ ମାସିକ ୨୦୦୦ ଟଙ୍କାର ଆର୍ଥିକ

### ୮୦ ବର୍ଷରୁ ଊର୍ଦ୍ଧ୍ୱ ହୋଇଥିଲେ ୨୫୦୦ଟଙ୍କା

ସହାୟତା ଯୋଗାଇ ଦିଆଯିବ। ୮୦ ବର୍ଷରୁ ଊର୍ଦ୍ଧ୍ୱ ବରିଷ୍ଠ ବୁଣାକାର ଓ ବୁଣା କାର୍ଯ୍ୟରେ ନିୟୋଜିତ ସହାୟକ ଏବଂ ବରିଷ୍ଠ ହସ୍ତଶିଳ୍ପ କାରିଗରମାନଙ୍କୁ(ଉଭୟ ମହିଳା ଓ ପୁରୁଷ) ମାସିକ ୨୫୦୦ ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦିଆଯିବ। ସୂଚନାଯୋଗ୍ୟ ଯେ ରାଜ୍ୟର ବୁଣାକାର ଓ ହସ୍ତଶିଳ୍ପ କାରିଗରମାନଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ରାଜ୍ୟ ସରକାର ବିଭିନ୍ନ ଦକ୍ଷତା ବିକାଶ ଓ କଲ୍ୟାଣମୂଳକ ଯୋଜନା କାର୍ଯ୍ୟକାରୀ କରିଆସୁଛନ୍ତି। ☞ପୃଷ୍ଠା-୧୩



ଆବୁଧାବିର ଆବୁ ମ୍ରେଇଖାହରରେ ବୁଧବାର ପ୍ରଥମ ହିନ୍ଦୁ ଶିଳାମନ୍ଦିର ଉଦ୍‌ଘାଟନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

# ଆବୁଧାବିରେ ପ୍ରଥମ ହିନ୍ଦୁ ମନ୍ଦିର | ଉଦ୍‌ଘାଟନକଲେ ପ୍ରଧାନମନ୍ତ୍ରୀ

**ଆବୁଧାବି,୧୪।୨**

ଦୁଇଦିନିଆ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ଆବୁଧାବିରେ ପ୍ରଥମ ହିନ୍ଦୁ ଶିଳାମନ୍ଦିର ଉଦ୍‌ଘାଟନ କରିଛନ୍ତି। ସ୍ୱାମୀନାରାୟଣ ସମ୍ପ୍ରଦାୟର ନେତାମାନଙ୍କ ଉପସ୍ଥିତିରେ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଏହି ଭବ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ଏକ ଗୋଲାପୀ ରଙ୍ଗର ଧୋତି ଓ କୁର୍ତ୍ତା ପରିଧାନ କରିଥିଲେ। ପାରମ୍ପରିକ ରୀତିନୀତିରେ ପୂଜାର୍ଚ୍ଚନା ସହ ମନ୍ଦିରର ଲୋକାର୍ପଣ କରିଥିଲେ। ସାରା ବିଶ୍ୱର ବୋଚାସନ୍‌ବାସୀ ଶ୍ରୀ ଅକ୍ଷର ପୁରୁଷୋତ୍ତମ ସ୍ୱାମୀନାରାୟଣ ସଂସ୍ଥା (ବିଏପିଏସ୍) ଶ୍ରଦ୍ଧାଳୁମାନଙ୍କ ଦ୍ୱାରା ୭୦୦ କୋଟି ଟଙ୍କାରେ ନିର୍ମିତ ଏହି ମନ୍ଦିରରେ ଆୟୋଜିତ 'ଗ୍ଲୋବାଲ୍ ଆରତି'ରେ ମଧ୍ୟ ମୋଦି ସାମିଲ ହୋଇଥିଲେ। ବିଶ୍ୱର ବିଭିନ୍ନ ଭାଗରେ ୧,୨୦୦ ସ୍ୱାମୀନାରାୟଣ ମନ୍ଦିରରେ ଏକକାଳୀନ ଆରତି କରାଯାଇଥିଲା। ଆବୁ ମ୍ରେଇଖାହର ୨୭ ଏକର ଜମି ଉପରେ ନିର୍ମିତ ଏହି ମନ୍ଦିରକୁ ଯିବା ପୂର୍ବରୁ ପ୍ରଧାନମନ୍ତ୍ରୀ ଗଙ୍ଗା ଓ ଯମୁନା ନଦୀକୁ ଭର୍ଚୁଆଲି ଜଳଦାନ କରିଥିଲେ। ଶିଳ୍ପ ଓ ସ୍ଥାପତ୍ୟ ଶାସ୍ତ୍ର ଅନୁସାରେ ଏହି ଭବ୍ୟ ମନ୍ଦିରର ନିର୍ମାଣ କରାଯାଇଥିବା ମନ୍ଦିର କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଉଚ୍ଚ ତାପମାତ୍ରାକୁ ସହ୍ୟ କରିପାରିବା ଭଳି ୩୦୦ରୁ ଊର୍ଦ୍ଧ୍ୱ ହାଇଟେକ୍ ସେନ୍ସର ଏଠାରେ ☞ପୃଷ୍ଠା-୧୩

## ଶେରଗଡ଼ ହେଲା ଏନ୍‌ଏସି

**ଭୁବନେଶ୍ୱର,୧୪।୨(ଅନିଲ ଦାସ)**

ଗଞ୍ଜାମ ଜିଲା ଶେରଗଡ଼ ଗ୍ରାମପଞ୍ଚାୟତକୁ ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍‌ଏସି) ଭାବେ ଘୋଷଣା କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଦିନିକିଆ ଗଞ୍ଜାମ ଜିଲା ଗସ୍ତରେ ଯାଇ ଶେରଗଡ଼ଠାରେ ଏହି ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ହିଞ୍ଜିଳି-ଶେରଗଡ଼ ଦେଶର ଶ୍ରେଷ୍ଠ ବ୍ଲକ୍ ଭାବେ ପରିଚୟ ପାଇଛି। ଏହି ନିର୍ବାଚନମଣ୍ଡଳୀ ଏକ ଆଦର୍ଶ ନିର୍ବାଚନମଣ୍ଡଳୀରେ ମଧ୍ୟ ପରିଣତ ହୋଇଛି। ୫-ଟି ଉପକ୍ରମରେ ରୂପାନ୍ତର ଅଭିଯାନର ☞ପୃଷ୍ଠା-୧୩

## ରାଜସ୍ଥାନରୁ ରାଜ୍ୟ ସଭା ଯିବେ ସୋନିଆ



**ନୂଆଦିଲ୍ଲୀ,୧୪।୨**

କଂଗ୍ରେସର ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ରାଜସ୍ଥାନରୁ ରାଜ୍ୟ ସଭାକୁ ଯିବେ। ଦଳ ପକ୍ଷରୁ ସୋନିଆଙ୍କ ନାମ ଘୋଷଣା କରାଯିବା ପରେ ବୁଧବାର ସେ ଜୟପୁର ଯାଇ ନିଜ ନାମାଙ୍କନପତ୍ର ଦାଖଲ କରିଛନ୍ତି। ରାଜ୍ୟ ସଭାରେ ଖାଲି ହେବାକୁ ଥିବା ୫୬ ଆସନ ପାଇଁ ଫେବୃୟାରୀ ୨୭ରେ ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ସୋନିଆଙ୍କୁ ନିରାପଦ ଆସନରୁ ଦଳ ପ୍ରାର୍ଥୀ କରିଥିବା ଜଣାପଡ଼ିଛି। ସୋନିଆଙ୍କ ନାମାଙ୍କନ ବେଳେ ତାଙ୍କ ସହ ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ☞ପୃଷ୍ଠା-୧୩

**ଆଜିର ସମ୍ପାଦକୀୟ**

**ସବୁଜ ବିପ୍ଳବର ପ୍ରଭାବ**

# ଗୋପାଳପୁରରେ ବୃହତ୍ ଗ୍ରୀନ୍ ଆମୋନିଆ ପ୍ରକଳ୍ପର ଶିଳାନ୍ୟାସ




**ଭୁବନେଶ୍ୱର,୧୪।୨(ଅନିଲ ଦାସ)**

ଗଞ୍ଜାମ ଜିଲା ଗୋପାଳପୁର ଶିଳ୍ପାଞ୍ଚଳ ପାର୍କରେ ଏସିଏମ୍‌ଇ ଓ ଆଭାଡ଼ା ଦ୍ୱାରା ଗ୍ରୀନ୍ ଫୁଏଲ୍ ପ୍ରକଳ୍ପ ଏବଂ ଗୋପାଳପୁରଠାରେ ଇକ୍ୱେଡର ୟୁଟିଲିଟି କରିଡର ପାଇଁ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ୨୭ ହଜାର କୋଟି ଟଙ୍କା ନିବେଶରେ ଏସିଏମ୍‌ଇ ଦ୍ୱାରା ୧.୧୦ ଏମ୍‌ଏମ୍‌ଟିପିଏ ଗ୍ରୀନ୍ ଆମୋନିଆ ପ୍ଲାଣ୍ଟ ଏବଂ ୮ ହଜାର କୋଟି ଟଙ୍କା ନିବେଶରେ ଆଭାଡ଼ା ଗ୍ରୀନ୍ ହାଇଡ୍ରୋଜେନ୍ ପ୍ରକଳ୍ପ ନିର୍ମାଣ କରାଯିବ। ଏହି ୨ପ୍ରକଳ୍ପ ଦ୍ୱାରା ପ୍ରାୟ ୫୨୦୦ ଯୁବଗୋଷ୍ଠୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହ ଜିଲାରେ ଶିଳ୍ପ ☞ପୃଷ୍ଠା-୧୩

- **ଯୁବଗୋଷ୍ଠୀ ପାଇଁ ନିଯୁକ୍ତି ସୃଷ୍ଟିର ସୁଯୋଗ: ମୁଖ୍ୟମନ୍ତ୍ରୀ**
- **ଗଞ୍ଜାମ ଜିଲାରେ ୩୯୫୨ କୋଟିର ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ, ଭିତ୍ତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ**

# ଶିଶୁପୁତ୍ରଙ୍କୁ ବଳି ଉଦ୍ୟମ ଚର୍ଚ୍ଚା

**ଉଦଳା,୧୪।୨**
**(ସନ୍ତୋଷ କୁମାର ବାଛିନୀ)**

**ମା' ବାପା ଅଟକ**

୭ବର୍ଷର ଶିଶୁପୁତ୍ରଙ୍କୁ ମା' ବାପା ବଳି ଦେବା ପାଇଁ ଆଣିଥିଲେ। ହେଲେ ବଳି ପୂର୍ବରୁ ଶିଶୁପୁତ୍ର ଜଣକ କୌଶଳକ୍ରମେ ସେଠାରୁ ଖସିଯାଇଥିଲେ। ପରେ ଲୋକଙ୍କ ଆକ୍ରୋଶରୁ ବର୍ତ୍ତିବା ପାଇଁ ମା' ବାପା ରାତି ସାରା ଜଙ୍ଗଲରେ ଲୁଚି ରହିଥିଲେ। ଶେଷରେ ଗ୍ରାମବାସୀ ଉଭୟଙ୍କୁ ଧରି ପୋଲିସ ଜିମା ଦେଇଥିଲେ। ପୋଲିସ ସେମାନଙ୍କୁ ଫାଣ୍ଡିରେ ଅଟକ ରଖି ତଦନ୍ତ ଜାରି ରଖିଛି। ଏଭଳି ଘଟଣା ଘଟିଛି ମୟୂରଭଞ୍ଜ ଜିଲା କପ୍ତିପଦା ଥାନା କୁକୁନ୍ଦରାଣୀ ହୁଡ଼ି ନିକଟରେ। ସୂଚନା ଅନୁଯାୟୀ, ମଙ୍ଗଳବାର ରାତିରେ ଉଦଳା ଥାନା ଛୋଟରାୟପୁର ଅଞ୍ଚଳର ଏକ ଦମ୍ପତି ନିଜର ପୁଅକୁ ମାମୁଘରକୁ ବୁଲାଇ ନେବାକୁ କହି ସାଙ୍ଗରେ ଧରି କପ୍ତିପଦା ଥାନା ନୁଦଡିହା ଅଞ୍ଚଳକୁ ଆସିଥିଲେ। ବିଳମ୍ବିତ ରାତିରେ କୁକୁନ୍ଦରାଣୀ ହୁଡିକୁ ନେଇ ସେଠାରେ ପୁଅକୁ ବଳି ଦେବାକୁ ଉଦ୍ୟମ କରିଥିଲେ। ଶିଶୁପୁତ୍ର ଜଣକ କୌଣସି ପ୍ରକାରେ ସେଠାରୁ ଖସି ଆସି ସ୍ଥାନୀୟ କେତେଜଣ ଯୁବକଙ୍କ ନିକଟରେ ପହଞ୍ଚି ତାଙ୍କ ମା' ବାପା ତାଙ୍କୁ ବଳି ଦେବାକୁ ଉଦ୍ୟମ କରୁଥିଲେ ବୋଲି କହିଥିଲେ। ଯୁବକମାନେ ମା' ବାପାଙ୍କୁ ଖୋଜିପାଇବା ପରେ ଅଟକାଇବାକୁ ଚେଷ୍ଟା କରିବାରୁ ସେମାନେ ଅନ୍ଧାରର ସୁଯୋଗ ନେଇ ସେଠାରୁ ଖସି ଚାଲିଯାଇଥିଲେ। ରାତିତମାମ ନିକଟସ୍ଥ ହାଣ୍ଡିଫୁଟା ☞ପୃଷ୍ଠା-୧୩




ସେହି ଦିବ୍ୟଜନନୀ ଆମ ପୃଥିବୀର ଏଇ ଅନ୍ଧକାର ଭିତରକୁ ପ୍ରବେଶ କରିଛନ୍ତି। କାରଣ- ସେ ଏଇ ଅନ୍ଧକାର ଭିତରେ ଆଲୋକ ଜଳାଇବେ। ସେ ମଧ୍ୟ ଏହି ପାର୍ଥିବ ଜୀବନର ମିଥ୍ୟା ଓ ଭ୍ରମପ୍ରମାଦ ଭିତରେ ପ୍ରବେଶ କରିଛନ୍ତି। କାରଣ ସେ ତାକୁ ସତ୍ୟରେ ପରିଣତ କରିବେ। ସେ ମଧ୍ୟ ଏଇ ମୃତ୍ୟୁଲୋକରେ ପ୍ରବେଶ କରିଛନ୍ତି। କାରଣ ସେ ଏହାକୁ ଦିବ୍ୟଜୀବନରେ ରୂପାନ୍ତରିତ କରିପାରନ୍ତି। -ଶ୍ରୀଅରବିନ୍ଦ

# ସବୁଜ ବିପ୍ଳବର ପ୍ରଭାବ



ଜୟତି ଘୋଷ

ବିଶ୍ୱରେ ୩,୯୦,୦୦୦ରୁ ଅଧିକ ପ୍ରଜାତିର ଉଦ୍ଭିଦ ଠାବ କରାଯାଇଛି। ସେଗୁଡ଼ିକ ମଧ୍ୟରୁ କେବଳ ୩ଟି ଯଥା ଧାନ, ମକା ଓ ଗହମ ଆମ ଖାଦ୍ୟରେ ରହୁଥିବା ଉଦ୍ଭିଦଭିତ୍ତିକ କ୍ୟାଲୋରିର ପ୍ରାୟ ୬୦ ପ୍ରତିଶତ ଭରଣା କରେ। ଏହି ତିନୋଟି ଶସ୍ୟର ପ୍ରାଧାନ୍ୟ ମୁଖ୍ୟତଃ ପ୍ରମୁଖ ପ୍ରଯୁକ୍ତିଗତ ପ୍ରଗତି ଯୋଗୁ ସମ୍ଭବ ହୋଇପାରିଛି। ବିଶେଷକରି ୧୯୬୦ ଦଶକର ସବୁଜ ବିପ୍ଳବ ସମୟରେ ଅଧିକ ଅମଳକ୍ଷମ କିସମ (ଏଚ୍‌ୱାଇଭି)ର ଧାନ ଓ ଗହମ ବିକଶିତ କରାଯାଇଥିଲା ଏବଂ ଏଥିରୁ ବିପୁଳ ଲାଭ ମିଳିଛି। ଏହା ମୁଖ୍ୟତଃ ଖାଦ୍ୟ ଉପଲବ୍ଧତାକୁ ଯଥେଷ୍ଟ ବୃଦ୍ଧି କରିଛି ଏବଂ ଅନେକ ଶହ କୋଟି ଲୋକଙ୍କୁ କ୍ଷୁଧାମୁକ୍ତ କରିପାରିଛି। ଉଲ୍ଲେଖଯୋଗ୍ୟ, ଏଚ୍‌ୱାଇଭି ବିହନଗଡ଼ିକ ଯୋଗୁ ଉତ୍ପାଦନ ବୃଦ୍ଧି ହୋଇଛି ସତ, କିନ୍ତୁ ଚାଷ ପ୍ରକ୍ରିୟାକୁ ଦେଖିଲେ ଏହା ଅନ୍ୟ ସମସ୍ୟାସବୁ ସୃଷ୍ଟି କରିଛି। ଉଲ୍ଲେଖନୀୟ ଯେ, ଅଧିକ ଅମଳକ୍ଷମ ବିହନର ଉତ୍ପାଦନ ଜଳସେଚନ ଉପଲବ୍ଧତା ଏବଂ ବିଭିନ୍ନ ରାସାୟନିକ ପଦାର୍ଥ ବିଶେଷକରି ସାର ଏବଂ କୀଟନାଶକ ପ୍ରୟୋଗ ଉପରେ ବେଶି ନିର୍ଭର କରେ। ଫଳସ୍ୱରୂପ ଏଚ୍‌ୱାଇଭି ବିହନରେ ଚାଷ କରିବା ଦ୍ୱାରା କେନାଲ ଜଳସେଚନର ଅତ୍ୟଧିକ ବ୍ୟବହାର କରିବାକୁ ପଡୁଛି। ଏପରିକି ଅଧିକ ଅମଳକ୍ଷମ ବିହନ ପାଇଁ ଅର୍ଦ୍ଧଶୁଷ୍କ ଅଞ୍ଚଳରେ କୃଷକମାନେ ଭୂତଳ ଜଳସେଚନ ଉପରେ ନିର୍ଭର କରିବାକୁ ବାଧ ହେଉଛନ୍ତି। ସେହିଭଳି ପାରମ୍ପରିକ ବିହନ ବଦଳରେ ଏଚ୍‌ୱାଇଭି ଭିତ୍ତିକ କୃଷି ଦ୍ୱାରା ଯବକ୍ଷାରଜାନ ଆଧାରିତ ସାର ପ୍ରୟୋଗ ଅତ୍ୟଧିକ ବୃଦ୍ଧିପାଇଛି।

ଏଚ୍‌ୱାଇଭି ବିହନରେ ଚାଷ କଲେ ସେଥିରେ ରୋଗପୋକର ଅଧିକ ବିପଦ ରହିଛି। ସେହି ସବୁ ବିହନକୁ ନେଇ ଏକକ ଚାଷ (ଏକାବେଳକେ ଜମିରେ ଗୋଟିଏ ପ୍ରକାର ଚାଷ) କରିବାର ଅଭ୍ୟାସ କାରଣରୁ ବାରମ୍ବାର ରୋଗ ପୋକ ସଂକ୍ରମଣ ହେବା ଦେଖାଯାଏ ଓ ତାହା ଏବେ ବ୍ୟାପକ ହୋଇଛି। ଚାଷରେ ଅତ୍ୟଧିକ ରାସାୟନିକ ସାର ଓ କୀଟନାଶକ ବ୍ୟବହୃତ ହୁଏ। ଏହି କାରଣରୁ କୀଟନାଶକ ଓ ରାସାୟନିକ ସାରର ସୂକ୍ଷ୍ମ ବିଷାକ୍ତ ତତ୍ତ୍ୱ ବା ଉପାଦାନ ଉଦ୍ଭିଦ ଏବଂ ଶସ୍ୟରେ ରହିଯାଏ। ଏହିସବୁ କେମିକାଲଗୁଡ଼ିକ ପ୍ରତି କୀଟମାନଙ୍କଠାରେ ପ୍ରତିରୋଧକ ଶକ୍ତି ବୃଦ୍ଧି ହେବା ଦ୍ୱାରା ନୂତନ ବୈଷୟିକ ସମାଧାନ ଖୋଜିବା ଆବଶ୍ୟକ ପଡ଼ିଲା। ଫଳରେ ପ୍ରାକୃତିକ ରୂପେ କୀଟକୁ ପ୍ରତିରୋଧ କରିବାକୁ ଜେନେଟିକାଲି ମଡ଼ିଫାଏଡ (ଜିଏମ୍) ଶସ୍ୟ ସୃଷ୍ଟି କରାଗଲା। ଯଦିଓ ଏହି ଟେକ୍ନୋଲୋଜିଗୁଡ଼ିକ ଦ୍ୱାରା ଅଧିକ ଜମିରୁ ଯେତିକି ଅମଳ ହୁଏ କମ୍ ଜମିରେ ସେତିକି ହୋଇପାରୁଛି, ତଥାପି ଚାଷ ପାଇଁ ଆବଶ୍ୟକ ସଂସାଧନ ଏବଂ ବଜାରଗୁଡ଼ିକ ଉପଲବ୍ଧ ହେଉନାହିଁ। ଫଳସ୍ୱରୂପ କୃଷକଙ୍କ ଲାଭ କମ୍ ବେଶି ହେଉଛି ଏବଂ କୃଷି ଅସମାନତା ବୃଦ୍ଧିପାଉଛି। ଏହି ଆହ୍ୱାନଗୁଡ଼ିକ ବିପଜ୍ଜନକ ନ ଥିଲେ ମଧ୍ୟ ବିଶେଷଜ୍ଞମାନେ ଅଧିକ ଅମଳକ୍ଷମ ଫସଲରେ ରହୁଥିବା ପୋଷକ ତତ୍ତ୍ୱର ଅବନତି ବିଷୟକୁ ନେଇ ଏବେ ଅଧିକ ଚିନ୍ତିତ। ଉଦାହରଣସ୍ୱରୂପ, ନିକଟରେ କରାଯାଇଥିବା ଏକ ଗବେଷଣାରୁ ଜଣାପଡ଼ିଛି ଯେ, ସବୁଜ ବିପ୍ଳବ ଭାରତକୁ ଖାଦ୍ୟ ଆତ୍ମନିର୍ଭରଶୀଳ କରିବାରେ ସାହାଯ୍ୟ କରିଥିଲେ ମଧ୍ୟ ଏହା ଦେଶର ପୋଷକ ସୁରକ୍ଷାକୁ ଦୁର୍ବଳ କରିଛି।



୧୯୬୦ ଦଶକରୁ ୨୦୧୮ ପର୍ଯ୍ୟନ୍ତ ଭାରତରେ ବିକଶିତ ତଥା ଚାଷ କରାଯାଇଥିବା ପ୍ରାୟ ୧,୫୦୦ କିସମର ଧାନ ଓ ଗହମର ଗୁଣବତ୍ତା ଏବଂ ସମ୍ଭାବ୍ୟ ବିଷାକ୍ତଗୁଣକୁ ନେଇ ଗବେଷକମାନେ ଅନୁଧ୍ୟାନ କରିଛନ୍ତି। ସେମାନେ ସୂଚିତ କରିଛନ୍ତି ଯେ, ଏଚ୍‌ୱାଇଭି କୈନ୍ଦ୍ରିକ ବ୍ରିଡିଂ ପ୍ରୋଗ୍ରାମଗୁଡ଼ିକର ଦୀର୍ଘମିଆଦୀ ପ୍ରଭାବ ରହିଛି। ଏଥିରେ ଖାଦ୍ୟର ପ୍ରାକୃତିକ ପୋଷକ ଓ ଶକ୍ତି ମାତ୍ରା ଅତ୍ୟଧିକ ହ୍ରାସ ହେବା ସହ ବିଷାକ୍ତ ପଦାର୍ଥର ପରିମାଣ ଅଧିକ ରହୁଛି। ଏହି ସବୁ ଶସ୍ୟର ପୋଷକ ବୃଦ୍ଧି କରିବା ଯଦିଓ ମୁଖ୍ୟ ଲକ୍ଷ୍ୟ ଥିଲା, ତଥାପି ଅଧିକ ଅମଳ ଉପରେ ଗୁରୁତ୍ୱ ଦେବା ଦ୍ୱାରା ସେଗୁଡ଼ିକର ପୋଷକ ଉପାଦେୟତା ଯଥେଷ୍ଟ ହ୍ରାସ ପାଇଛି। ଉଲ୍ଲେଖନୀୟ ଯେ, ଭାରତର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଦୁଇଟି ଖାଦ୍ୟଶସ୍ୟ ଧାନ ଓ ଗହମରେ ଜିଙ୍କ୍ ଓ ଆଇରନ୍ ଭଳି ଅତି ଦରକାରୀ ପୋଷକତତ୍ତ୍ୱ ଅତ୍ୟଧିକ ହ୍ରାସ ପାଇଛି। ବିଶେଷକରି, ଧାନରେ ଜିଙ୍କ୍ ୩୩ ପ୍ରତିଶତ ଓ ଆଇରନ ୨୭ ପ୍ରତିଶତ ହ୍ରାସ ଘଟିଛି। ସେହିଭଳି ଗହମରେ ଜିଙ୍କ୍ ୩୦ ପ୍ରତିଶତ ହ୍ରାସ ହୋଇଥିବାବେଳେ ଆଇରନ ୧୯ ପ୍ରତିଶତ କମିଛି। ଏପରିକି ସବୁଠୁ ଖରାପ ଆର୍ସେନିକ ସ୍ତର ଧାନରେ ୧,୪୯୩ ପ୍ରତିଶତ ବୃଦ୍ଧି ପାଇଛି। ସିଦ୍ଧାନ୍ତରେ କୁହାଯାଇଛି ଯେ, ଯେଉଁମାନେ ଏହିସବୁ ଖାଦ୍ୟଶସ୍ୟ ଖାଆନ୍ତି ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ଦୀର୍ଘମିଆଦୀ ପ୍ରଭାବ ପଡ଼ିଥାଏ। ବିଶେଷକରି ଗବେଷକମାନେ ଦୃଢ଼ ପ୍ରମାଣ ଦର୍ଶାଇଛନ୍ତି ଯେ, ଧାତବ ବିଷାକ୍ତ ପଦାର୍ଥକୁ ଖାଇଲେ ଫୁସ୍‌ଫୁସ୍ କର୍କଟ କିମ୍ବା ଦୀର୍ଘସ୍ଥାୟୀ ଶ୍ୱାସକ୍ରିୟାଜନିତ ରୋଗ, ହୃଦ୍‌ରୋଗ, ହାଇପରକେରାଟୋସିସ, ବୃକ୍କ ରୋଗ ଓ ଅସ୍ଥି ଦୁର୍ବଳତା ଭଳି ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇପାରେ। ଧାନ ଓ ଗହମର ବ୍ୟବହାର ବୃଦ୍ଧି (ଯାହା ସବୁଜ ବିପ୍ଳବର ଲକ୍ଷ୍ୟ)ଭାରତର ଏବକାର ରୋଗଜନିତ ବୋଝକୁ ଆହୁରି ବଢ଼ାଇଦେଇପାରେ। ଗୁରୁତ୍ୱପୂର୍ଣ୍ଣ ଖାଦ୍ୟଶସ୍ୟ ଉତ୍ପାଦନ ବୃଦ୍ଧି ପାଇଁ ଏଚ୍‌ୱାଇଭି ଉପରେ ଅଧିକ ନିର୍ଭର କରୁଥିବା ଅନ୍ୟାନ୍ୟ ଦେଶ କ୍ଷେତ୍ରରେ ଏହା ମଧ୍ୟ ସତ। ଉଦାହରଣ ସ୍ୱରୂପ, ଆଫ୍ରିକାରେ ଏକ ସବୁଜ ବିପ୍ଳବ ପାଇଁ ସମ୍ପ୍ରତି ପୁନର୍ବାର କରାଯାଇଥିବା ବୁଝାମଣା କୃଷିର ପୁରୁଣା ଔଦ୍ୟୋଗିକ ମଡେଲକୁ ପ୍ରୋତ୍ସାହିତ କରିବାରେ ଲାଗିଛି, ଯାହା ଇପ୍‌ସିତ ପୋଷକ ଲାଭ ଦେବାରେ ବିଫଳ ହୋଇଛି। ମୁଁ ପୂର୍ବରୁ ଯୁକ୍ତି କରିସାରିଛି ଯେ, ଏକକ ଚାଷକୁ ଆଧାର କରି ପୁଷ୍ଟିକର ଖାଦ୍ୟକୁ କେବଳ କ୍ୟାଲୋରି ଉପଯୋଗ ଦୃଷ୍ଟିରୁ ବିଚାର କରାଯିବା ଉଚିତ ନୁହେଁ। ଏକ ବିବିଧ ଖାଦ୍ୟର ସର୍ବୋଚ୍ଚ ପୁଷ୍ଟିକର ଗୁଣବତ୍ତା ବର୍ତ୍ତମାନ ବହୁଳ ଭାବରେ ସ୍ୱୀକୃତ ହୋଇଛି। ଏହା ହାସଲ କରିବା ଲାଗି କେବଳ ପ୍ରଯୁକ୍ତି ନୂତନତ୍ୱ ଦରକାର ତାହା ନୁହେଁ, ବରଂ ସ୍ଥାନୀୟ ପରିବେଶ ଏବଂ ଜଳବାୟୁ ପାଇଁ ଅନୁକୂଳ ବିଭିନ୍ନ ଫସଲକୁ ଚାଷ କରିବା ଦିଗରେ ଧ୍ୟାନ ଦେବା ଉଚିତ। ଏହାସହ ପୋଷକ ପରିମାଣରେ ଉନ୍ନତି ଆଣିବା ଲାଗି ଏହି ଉପାୟ ଖାଦ୍ୟ ଉତ୍ପାଦନ ଚକ୍ରରେ କାର୍ବନ ଡାଇଅକ୍ସାଇଡ ନିର୍ଗମନ ହ୍ରାସ କରି ଏକ ପରିବେଶ ଉପଯୋଗୀ ଦୃଷ୍ଟିକୋଣକୁ ପ୍ରୋତ୍ସାହିତ କରିବ।

ଭାରତର ଅନୁଭବ ବିକାଶଶୀଳ ଦେଶଗୁଡ଼ିକୁ ଏକ ସତର୍କ ସୂଚନା ଦିଏ। ଭାରତ ଏବଂ ଅନ୍ୟାନ୍ୟ ସ୍ଥାନରେ ଏହା ଅଧିକ ସ୍ପଷ୍ଟ ହେବାରେ ଲାଗିଛି ଯେ, ସୀମିତ ଜମିରେ ବହୁବିଧ ଚାଷ ଉପରେ ଆଧାରିତ କୃଷି ପ୍ରଣାଳୀ ଗ୍ରହଣ କରିବା ହେଉଛି ଖାଦ୍ୟ ପ୍ରଣାଳୀଗୁଡ଼ିକର ବିକାଶ ପାଇଁ ସବୁଠାରୁ ପ୍ରଭାବଶାଳୀ ଉପାୟ। ଏହା ଉଭୟ ପରିବେଶ ଉପଯୋଗୀ ଓ ପୁଷ୍ଟିକର। କିନ୍ତୁ ଏଥିପାଇଁ ମୁଖ୍ୟତଃ ବୃହତ୍ କୃଷି ବ୍ୟବସାୟର ସ୍ୱାର୍ଥ ପାଇଁ ଉଦ୍ଦିଷ୍ଟ ଶୋଷଣକାରୀ ବାଣିଜ୍ୟୀକରଣଠାରୁ ଦୂରେଇ ରହି ପ୍ରକୃତ ଖାଦ୍ୟ ଉତ୍ପାଦକ ଏବଂ ଉପଭୋକ୍ତାଙ୍କୁ ଲାଭ ଦେବା ଭଳି ମଡେଲ ଗ୍ରହଣ କରିବା ଆବଶ୍ୟକ।

**ପ୍ରାଧ୍ୟାପିକା(ଅର୍ଥନୀତି), ୟୁନିଭର୍ସିଟି ଅଫ୍ ମାସାଚ୍ୟୁସେଟ୍‌ସ ଆମହର୍ଷ୍ଟ**

## କର୍ମ ଓ କର୍ମଫଳଦାତା



ଅନୀତା ପଟ୍ଟନାୟକ

ଜଗନ୍ନାଥ ମନ୍ଦିରର ଚତୁଃପାର୍ଶ୍ୱ ଏବଂ ପୁରୀ ସହରକୁ ଏକ ନବ ବଧୂପରି ସଜା ଯାଇଥାଏ। ଶ୍ରୀ ନାମ୍ନୀ ଜଣେ ମହିଳା ପୁରୀର ସୌନ୍ଦର୍ଯ୍ୟକୁ ଦେଖି ଅଭିଭୂତ ହୋଇପଡ଼ିଥା'ନ୍ତି। ଜଗନ୍ନାଥ ମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଦିବସରେ ଖୁବ୍ ଜନଗହଳି ଦେଖାଦେଇଥାଏ। ସୁରକ୍ଷା ଦୃଷ୍ଟିକୋଣରୁ ପୁରୀ ଶ୍ରୀମନ୍ଦିର ଓ ସହର ପୋଲିସ ଛାଉଣୀରେ ପରିଣତ ହୋଇଥାଏ। ଦୂରଦର୍ଶନ ଜରିଆରେ ପରିକ୍ରମା ପ୍ରକଳ୍ପର ଶୁଭାରମ୍ଭକୁ ଦେଖିବା ପାଇଁ ବିଭିନ୍ନ ସ୍ଥାନରେ ଟିଭିର ବ୍ୟବସ୍ଥା ବି କରାଯାଇଥାଏ। ଶ୍ରୀ ଦେଖିଲା, ପୁରୀର ଅଭୂତପୂର୍ବ ସାଜସଜ୍ଜା ଶୃଙ୍ଖଳା, ଦର୍ଶନାର୍ଥୀଙ୍କ ପାଇଁ ହୋଇଥିବା ଆୟୋଜନ ପାଇଁ ସରକାରଙ୍କ ସେବାକୁ ଜନସାଧାରଣ ଖୁବ ପ୍ରଶଂସା କରୁଥିଲେ।

ଶ୍ରୀ ପାନ୍ଥଶାଳାରେ ଶୋଇଥିବା ସମୟରେ ଜଗନ୍ନାଥଙ୍କୁ ସ୍ୱପ୍ନରେ ଦେଖିଲା। ପୁରୀର ସାଜସଜ୍ଜା, ପରିକ୍ରମା ପ୍ରକଳ୍ପ, ପତିତମାନଙ୍କ ସାଜସଜ୍ଜା ଓ ତିନି ବିଗ୍ରହଙ୍କର ସାଜସଜ୍ଜା ବିଷୟରେ ଦିନସାରା ଭାବିଥିବାରୁ ଶ୍ରୀ ଏପରି ଏକ ସ୍ୱପ୍ନ ଦେଖିଥିଲା ବୋଲି ଅନୁମାନ କଲା। ସେ ସ୍ୱପ୍ନରେ ଦେଖିଥିଲା ଜଗନ୍ନାଥ ତାକୁ କହୁଛନ୍ତି, ପ୍ରେମର ସହ ଯେଉଁ ସମ୍ପର୍କ କରାଯାଏ ତାହା କରଣୀୟ। ସେ କର୍ତ୍ତବ୍ୟକୁ ଆମେ ଭଲ କାମ ବୋଲି ଭାବିପାରିବା। ଏକଥା ସେ କହିଛନ୍ତି କି ନାହିଁ ଶ୍ରୀ ସ୍ୱପ୍ନରେ ଦେଖିଲା ବଡ଼ଭାଇ ବଳଭଦ୍ର କହୁଛନ୍ତି- ଶ୍ରୀ! ତୁମେ ଆଜି ମନେରଖ, ପ୍ରେମ ବିରହିତ କର୍ମ ସର୍ବଦା ବର୍ଜନୀୟ। ପ୍ରେମ ବିରହିତ କର୍ମକୁ ଭୁଲ୍‌କର୍ମ ବା ଖରାପ କାମ ବୋଲି ଧରାଯାଏ। ଶ୍ରୀ ଦେଖିଲା, ମା' ସୁଭଦ୍ରା ତା'ର ମୁଣ୍ଡକୁ ଆଉଁଶି ଦେଇ କହୁଛନ୍ତି ନିଜର କୌଣସି ସ୍ୱାର୍ଥ ନ ଥାଇ ଅନ୍ୟର ମଙ୍ଗଳ ପାଇଁ ଯେଉଁ କର୍ମ କରାଯାଏ ତାହା ଦିବ୍ୟକର୍ମ। ଏପରି କାର୍ଯ୍ୟ ସଂପାଦନ କଲେ ଦିବ୍ୟ ଆଶିଷ ମିଳେ।

ଶ୍ରୀ ସ୍ୱପ୍ନରେ ଦେଖିଲା, ତିନି ଠାକୁର ଏପରି କହି ହସ ହସ ମୁହଁରେ ତାକୁ ଚାହିଁଛନ୍ତି। ଶ୍ରୀ ପଚାରିଲା- ଆପଣମାନେ କ'ଣ କହିବାକୁ ଚାହୁଁଛନ୍ତି ଯେ କର୍ମ ତିନି ପ୍ରକାରର। ଯଥା ଭଲ କର୍ମ, ମନ୍ଦକର୍ମ ଓ ଦିବ୍ୟ କର୍ମ। ଏହା ବିଜ୍ଞାନସମ୍ମତ ଯେ କର୍ମ ଅନୁଯାୟୀ ଫଳପ୍ରାପ୍ତି ହୋଇଥାଏ। କଦଳୀ ଗଛ ପୋତି ସେଥିରେ ପିଜୁଳି ଫଳ ଆଶା କରାଯାଇପାରେନା। ଶ୍ରୀ ସ୍ୱପ୍ନରେ ଦେଖିଲା, ବଳଭଦ୍ର କହୁଛନ୍ତି ତୁମେ ଠିକ୍ କହିଛ ଶ୍ରୀ, ଭଲ କାମର ଭଲ ଫଳ ମିଳେ। ଖରାପ କର୍ମର ଖରାପ ଫଳ ମିଳେ ଓ ଦିବ୍ୟ କାର୍ଯ୍ୟରେ ଦିବ୍ୟଫଳ ମିଳେ। ଜଗନ୍ନାଥ ଶ୍ରୀକୁ କହିଲେ, ଲୋକମାନେ ମତେ ଅଯଥାରେ ନିନ୍ଦା କରନ୍ତି। ସେମାନେ ଜନ୍ମ ଜନ୍ମାନ୍ତରର କର୍ମଫଳକୁ ଭୋଗ କରୁଥିବା ସମୟରେ ମିଛରେ ମତେ ନିନ୍ଦନ୍ତି ଓ ଗାଳି ଦିଅନ୍ତି। ମାତା ସୁଭଦ୍ରା କହିଲେ, ଏଠାକୁ ତ ଅନେକ ଭକ୍ତ ଆସୁଛନ୍ତି ହେଲେ ସେମାନେ ନିଜ ବିଷୟରେ ସଚେତନ ନୁହନ୍ତି। ସେମାନେ କର୍ମ ନ କରି ଫଳ ଆଶା କରୁଛନ୍ତି। ଜଣେ ମନୁଷ୍ୟ ପ୍ରତିଦିନ ଚିନ୍ତା କରିବା ଉଚିତ ଯେ ସେ କେତୋଟି ଭଲ କାମ, କେତୋଟି ମନ୍ଦକାମ ଓ କେତୋଟି ଦିବ୍ୟକର୍ମ କରିଛି।

ଆଜି ଯେଉଁ ଜଗନ୍ନାଥ ପ୍ରକଳ୍ପ ଓ ପୁରୀ ସହରର ସାଜସଜ୍ଜାକୁ ଦେଖି ତୁ, ଅଗଣିତ ଭକ୍ତ ମୋର ପ୍ରଶଂସକ ଅଭିଭୂତ ହେଉଛ ଏହା ଏକ ଦିବ୍ୟକର୍ମ। ଏଥିରେ କୌଣସି ସ୍ୱାର୍ଥ ଜଡ଼ିତ ନ ଥିବାରୁ ମୋ ପ୍ରତି ଉତ୍ସର୍ଗୀକୃତ ହୋଇଥିବାରୁ ଏହା ଭଲକାମ ନୁହେଁ କି ମନ୍ଦ କାର୍ଯ୍ୟ ନୁହେଁ ଏହା ଦିବ୍ୟକାର୍ଯ୍ୟ ସହ ତୁଳନୀୟ। ଶ୍ରୀ ନିଜର ଅତୀତ କର୍ମ ବିଷୟରେ ଚିନ୍ତାକରି ଦୁଃଖିତ ହେଲା। ଜୀବନର ଅନେକ ସମୟ କେବଳ ଭଲକାର୍ଯ୍ୟ ଓ ମନ୍ଦକାର୍ଯ୍ୟରେ ସାରିଦେଇଥିବାରୁ ଅନୁତପ୍ତ ହେଲା ଏହି କିଛି ଦିନ ହେବ। ଦିଅଁଙ୍କ ଆଗରେ ବସି ସେ ଧ୍ୟାନ କରୁଛି। ମଙ୍ଗଳ ଆଳତି ଦେଖିବା ପାଇଁ ଧାଇଁ ଆସୁଛି। ନିଜେ ନଖାଇ ଆନନ୍ଦ ବଜାରରେ ସେ ଧରିଥିବା ଖାଦ୍ୟକୁ ଅନ୍ୟ କେହି ମାଗିଲେ ଦେଇପାରୁଛି। କିଛିଟା ବସ୍ତ୍ର ସେ ଦୁଃଖୀରଙ୍କୁ ଦେଇପାରିଛି, କିନ୍ତୁ ଏତିକି ସ୍ୱାର୍ଥବିରହିତ ପ୍ରେମଯୁକ୍ତ କର୍ତ୍ତବ୍ୟ କ'ଣ ଭଗବାନଙ୍କୁ ପାଇବା ପାଇଁ ଯଥେଷ୍ଟ? ସେ ସ୍ୱପ୍ନରେ ଦେଖୁଛି ତିନି ଠାକୁର କହୁଛନ୍ତି ତାହା ଯଥେଷ୍ଟ ନ ଥିଲେ ଆମେ ତୋ ସ୍ୱପ୍ନରେ ଆସିନଥାନ୍ତୁ। ଏପରି କର୍ମକୁ ତୁ ତୋର ଜୀବନର ବ୍ରତ ଭାବେ ଗ୍ରହଣ କର। ଶ୍ରୀର ସ୍ୱପ୍ନ ଭାଙ୍ଗିଗଲା। ସନ୍ଧ୍ୟା ଆଳତିର ସମୟ ହୋଇଯାଇ ଥିବାରୁ ସେ ତରତର ହୋଇ ପାନ୍ଥଶାଳାରୁ ବାହାରି ଆସିଲା।

**ଅବସରପ୍ରାପ୍ତ ପ୍ରାଧ୍ୟାପିକା, ସେକ୍ଟର-୧୦, ସିଡିଏ, କଟକ, ମୋ: ୯୬୯୨୯୮୦୦୨୬**

## ଏଇ ଭାରତରେ

ମହାରାଷ୍ଟ୍ରର ସୋଲାପୁର ମରୁଡ଼ିପ୍ରବଣ ଜିଲା ଭାବେ ଜଣାଶୁଣା। ହେଲେ ଏହି ଜିଲାର ଅକୋଲା ଗାଁରେ ଡ୍ରାଗନ ଫ୍ରୁଟ୍‌ସ ଚାଷ କରି ୨ କୋଟି ଟଙ୍କା ରୋଜଗାର କରିପାରିଛନ୍ତି ଇଞ୍ଜିନିୟର ମହେଶ ଅସାବେ। ଫୁଡ୍ ପ୍ରୋସେସିଂ ଓ ଇଞ୍ଜିନିୟରିଂରେ ମହେଶ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି। ନୂତନ ଜ୍ଞାନକୌଶଳରେ ଡ୍ରାଗନ ଫ୍ରୁଟ୍ସ ଚାଷ କରି ସେ ୧ ଏକରରୁ ବର୍ଷକୁ ୧୦ ଲକ୍ଷ ଟଙ୍କା ପାଉଛନ୍ତି। ସୋଲାପୁର ଅଞ୍ଚଳରେ ଡାଳିମ୍ବ, ଆତ ଓ ଅଙ୍ଗୁର ଚାଷ କରାଯାଇଥାଏ। କିନ୍ତୁ ଜଳବାୟୁ ପରିବର୍ତ୍ତନ ଯୋଗୁ ଏସବୁର ଉତ୍ପାଦନ ହ୍ରାସ ପାଇବାରୁ ଡ୍ରାଗନ ଚାଷ କରିବାକୁ ମହେଶ ନିଷ୍ପତ୍ତି ନେଇଥିଲେ। ପ୍ରଥମେଏହି ଚାଷରେ ସେ ୧୭ ଲକ୍ଷ ଟଙ୍କା ନିବେଶ କରିଥିଲେ। ୯,୦୦୦ ଚାରା ବାଂଲାଦେଶରୁ ପ୍ରତ୍ୟେକକୁ ୧୧୦ ଟଙ୍କା ଦେଇ କିଣି ୨୦୨୧ରେ ଚାଷ ଆରମ୍ଭ କରିଥିଲେ। ତାଙ୍କ ଫାର୍ମର ନାମ ହେଉଛି 'ରୁକ୍ମିଣୀ ଫାର୍ମ'। ଏହି ଫାର୍ମରେ ସେ ୫୦୦ କୃଷକଙ୍କୁ ଡ୍ରାଗନ ଚାଷ ସମ୍ପର୍କରେ ପ୍ରଶିକ୍ଷଣ ଦେଇସାରିଲେଣି। ଏବେସୁଦ୍ଧା ମହାରାଷ୍ଟ୍ରର ବିଭନ୍ନ ଭାଗରୁ ପ୍ରାୟ ୩୫,୦୦୦ କୃଷକ ତାଙ୍କ ଫାର୍ମ ପରିଦର୍ଶନ କରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୫ ଫେବୃଆରୀ ୧୯୭୫

- ବିହାରର ସାନ୍ତାଳପ୍ରଗଣା ଜିଲା ଅନ୍ତର୍ଗତ ଚିରୁଡି ଗ୍ରାମରେ ଦୁଇ ଦଳ ଲୋକଙ୍କ ମଧ୍ୟରେ ସଂଘର୍ଷ ଘଟି ୧୦ ଜଣଙ୍କ ମୃତ୍ୟୁ।
- ସାଇପ୍ରସ୍ ଦ୍ୱୀପର ଉତ୍ତର ପାର୍ଶ୍ୱସ୍ଥ ତୁରସ୍କ ଅଧ୍ୟୁଷିତ ଅଞ୍ଚଳକୁ ନେଇ ଏକ ସ୍ୱତନ୍ତ୍ର ତୁରସ୍କ-ସାଇପ୍ରିଅଟ ରାଷ୍ଟ୍ର ଗଠନ।
- ଜାତୀୟ ଆୱାମୀ ପାର୍ଟି (ନାପ୍)କୁ ବେଆଇନ ଘୋଷଣା କରାଯିବା ପ୍ରତିବାଦରେ ପାକ୍-ଜାତୀୟ ଆସେମ୍ବ୍ଲି ଅଧିବେଶନକୁ ୮ ବିରୋଧୀ ଦଳର ବର୍ଜନ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 6 | | | | | 4 | |
| 1 | | 8 | | | 6 | 5 | | |
| | | | 7 | 4 | | 2 | | |
| | | | | 2 | | | | |
| | | | | 5 | | 4 | | 3 |
| | 6 | | | | | 1 | 8 | 2 |
| 3 | | 8 | | | | | | |
| | | | | | 4 | | | |
| 5 | | | | | 9 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 1 | 2 | 6 | 5 | 9 | 7 | 8 | 3 |
| 5 | 8 | 7 | 3 | 2 | 1 | 4 | 9 | 6 |
| 9 | 3 | 6 | 8 | 7 | 4 | 2 | 5 | 1 |
| 1 | 2 | 4 | 7 | 3 | 5 | 9 | 6 | 8 |
| 7 | 6 | 3 | 9 | 8 | 2 | 5 | 1 | 4 |
| 8 | 9 | 5 | 1 | 4 | 6 | 3 | 7 | 2 |
| 6 | 7 | 9 | 4 | 1 | 3 | 8 | 2 | 5 |
| 2 | 4 | 1 | 5 | 9 | 8 | 6 | 3 | 7 |
| 3 | 5 | 8 | 2 | 6 | 7 | 1 | 4 | 9 |

ଗତକାଲିର ଉତ୍ତର

# ଗୋଟିଏ ଦେଶ ଗୋଟିଏ ନିର୍ବାଚନ



ବିଚିତ୍ର ବିଶ୍ୱାଳ

ସମ୍ପ୍ରତି କେନ୍ଦ୍ର ସରକାରଙ୍କ ତରଫରୁ 'ଗୋଟିଏ ଦେଶ ଗୋଟିଏ ନିର୍ବାଚନ' ତତ୍ତ୍ୱକୁ ବହୁଳଭାବେ ପ୍ରଚାର କରାଯାଉଛି। ସେପ୍ଟେମ୍ବର ୨୦୨୩ରେ କେନ୍ଦ୍ର ସରକାର, ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଧ୍ୟକ୍ଷତାରେ ଗୋଟିଏ ଦେଶ ଗୋଟିଏ ନିର୍ବାଚନ ଉପରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଥିଲେ। ଏହା ଅବଶ୍ୟ ଭିନ୍ନ କଥା ଯେ, ରାଷ୍ଟ୍ରପତି ପରି ଦେଶର ସର୍ବୋଚ୍ଚ ସ୍ଥାନରେ ବସିବା ପରେ ରାମନାଥ କୋବିନ୍ଦ ଏକ କମିଟିର ଅଧ୍ୟକ୍ଷ ରହିବାକୁ ରାଜି ହୋଇଛନ୍ତି। ଅତୀତରେ କେନ୍ଦ୍ର ସରକାରଙ୍କର ସମର୍ଥନରେ ରାଷ୍ଟ୍ରପତି ହୋଇଥିବା ଜଣେ ବ୍ୟକ୍ତି କମିଟିର ଅଧ୍ୟକ୍ଷ ଭାବେ କେନ୍ଦ୍ର ସରକାର ଚାହୁଁଥିବା ଭଳି ରିପୋର୍ଟ ନ ଦେଇ ଯେ ନିରପେକ୍ଷ ରିପୋର୍ଟ ଦେଇପାରିବେ, ସେଥିପାଇଁ ସନ୍ଦେହ ରହିବା ସ୍ୱାଭାବିକ। ରାଷ୍ଟ୍ରପତି ପରି ସର୍ବୋଚ୍ଚ ପଦବୀ ପାଇଥିବା ପୁରସ୍କାରର ପ୍ରତିବଦଳରେ ସେ ହୁଏତ ସରକାର ଚାହୁଁଥିବା ଭଳି ରିପୋର୍ଟ ପ୍ରଦାନ କରି ନିଜର କୃତଜ୍ଞତା ପ୍ରକାଶ କରିବେ। କିନ୍ତୁ ଏହାଦ୍ୱାରା ଦୀର୍ଘକାଳୀନ ଭିତ୍ତିରେ ଦେଶ ଉପରେ ଓ ସଂଘୀୟ ଗଣତାନ୍ତ୍ରିକ ବ୍ୟବସ୍ଥା ଉପରେ କ'ଣ ପ୍ରଭାବ ପଡ଼ିବ ତାହା ନିଶ୍ଚିତ ଭାବେ ଗୌଣ ହୋଇଯିବ।

ସେହି ଉଚ୍ଚସ୍ତରୀୟ କମିଟି ଇତିମଧ୍ୟରେ ତିନି ଥର ବୈଠକ ବସି ଗୋଟିଏ ଦେଶ ଗୋଟିଏ ନିର୍ବାଚନ ଉପରେ ଭିନ୍ନ ଭିନ୍ନ ରାଜନୈତିକ ଦଳମାନଙ୍କର ମତାମତ ଆହ୍ୱାନ କରିଛି। ଯଦିଓ କମିଟିକୁ ରିପୋର୍ଟ ପ୍ରଦାନ କରିବା ପାଇଁ କୌଣସି ସମୟସୀମା ଦିଆଯାଇନାହିଁ, ତଥାପି ୨୦୨୪ର ସାଧାରଣ ନିର୍ବାଚନ ପୂର୍ବରୁ କମିଟିର ରିପୋର୍ଟକୁ ନେଇ କିଛି ହଟଚମଟ ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ପାରିବ ନାହିଁ। କିନ୍ତୁ ଏତିକି କଥା ସ୍ପଷ୍ଟ ଯେ, ଗୋଟିଏ ଦେଶ ଗୋଟିଏ ନିର୍ବାଚନ ଉପରେ ଏହି କମିଟିର ରିପୋର୍ଟ ଆମ ସଂଘୀୟ ଗଣତାନ୍ତ୍ରିକ ବ୍ୟବସ୍ଥାର ଢାଞ୍ଚାକୁ ଦୋହଲାଇ ଦେଇପାରେ। ତେଣୁ ଗୋଟିଏ ଦେଶ ଗୋଟିଏ ନିର୍ବାଚନ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହେବା ଜରୁରୀ।

ଆମ ଦେଶ ଏକ ସଂଘୀୟ ଗଣତନ୍ତ୍ର। ଏଠାରେ ରାଜ୍ୟମାନଙ୍କରେ ମଧ୍ୟ ନିଜର ନିର୍ବାଚିତ ଗଣତାନ୍ତ୍ରିକ ସରକାର ଅଛି ଓ ସେମାନେ ରାଜ୍ୟ ପାଇଁ ନୀତି ପ୍ରଣୟନ କରୁଛନ୍ତି। ଏବେ ବି ଅନେକ ପ୍ରସଙ୍ଗ ରାଜ୍ୟମାନଙ୍କ ନିୟନ୍ତ୍ରଣରେ ଅଛି। ରାଜ୍ୟର ନିର୍ବାଚିତ ସରକାର ନ ଚାହିଁଲେ ସେହିସବୁ ପ୍ରସଙ୍ଗରେ କେନ୍ଦ୍ର ସରକାର ସେମାନଙ୍କୁ ଜୋର୍ କରିପାରିବେ ନାହିଁ। ଏହା ଆମ ସଂଘୀୟ ଗଣତନ୍ତ୍ରର ସୁନ୍ଦରତା। ଗୋଟିଏ ଦେଶ ଗୋଟିଏ ନିର୍ବାଚନ ପ୍ରସଙ୍ଗ ଆସିଲେ, ପ୍ରଥମେ ପ୍ରଶ୍ନଉଠେ ଏହା ସଂଘୀୟ ଗଣତନ୍ତ୍ର ବ୍ୟବସ୍ଥାକୁ ଦୁର୍ବଳ କରିବ ନାହିଁ ତ? ରାଜ୍ୟବାସୀ ଯେଉଁ ସରକାରଙ୍କୁ ଭୋଟ୍ ଦେଇ ନିର୍ବାଚିତ କରିଛନ୍ତି ସେହି ସରକାରଙ୍କର କ୍ଷମତା ସଂକୁଚିତ ହେବ ନାହିଁ ତ? ଯେଉଁ ତର୍କ ଉପରେ ଆଧାର କରି ଗୋଟିଏ ଦେଶ ଗୋଟିଏ ନିର୍ବାଚନକୁ ବହୁଳ ଭାବେ ପ୍ରଚାର କରାଯାଉଛି, ତାହା ହେଉଛି ନିର୍ବାଚନରେ ହେଉଥିବା ବହୁଳ ଖର୍ଚ୍ଚ ଏବଂ କେନ୍ଦ୍ର ଓ ରାଜ୍ୟ ପାଇଁ ଦୁଇଥର ନିର୍ବାଚନ ହେଉଥିବାରୁ ନିର୍ବାଚନର ଅବ୍ୟବହିତ ପୂର୍ବରୁ ଲାଗୁ ହେଉଥିବା ଆଚରଣ ସଂହିତା, ଯାହା ଯୋଗୁ ବିକାଶମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ୨୦୧୪ ଲୋକ ସଭା ନିର୍ବାଚନରେ ସରକାରୀ ରାଜସ୍ୱରୁ ୩୮୭୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ସେହିପରି ୨୦୧୯ ନିର୍ବାଚନରେ ପାଖାପାଖି ୫୦୦୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିବାର ଜଣାଯାଏ। ତେଣୁ କେନ୍ଦ୍ର ସରକାରଙ୍କ ଯୁକ୍ତି ଯେ, ଗୋଟିଏ ଦେଶ ଗୋଟିଏ ନିର୍ବାଚନ ନୀତି ଲାଗୁ ହେଲେ କେନ୍ଦ୍ର ଓ ରାଜ୍ୟର ନିର୍ବାଚନ ଖର୍ଚ୍ଚକୁ ଏକାଠି କରାଯିବା ସହ ପ୍ରକାରାନ୍ତରେ ଖର୍ଚ୍ଚକୁ ବଞ୍ଚା ଯାଇପାରିବ। କିନ୍ତୁ ପ୍ରଶ୍ନ ଉଠୁଛି, ଲୋକମାନଙ୍କ ପ୍ରତ୍ୟକ୍ଷ ଭାଗୀଦାରିରେ ଦେଶରେ ବା ରାଜ୍ୟରେ ସରକାର ଗଠନ କରିବା ତଥା ଏକ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଦେଶର ରାଜସ୍ୱରୁ ଏତିକି ଟଙ୍କା ଖର୍ଚ୍ଚହେବା କ'ଣ ସ୍ୱାଭାବିକ ନୁହେଁ! ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସ୍ଥାପିତ ଓ ସୁଦୃଢ଼ କରିବା ଲାଗି କ'ଣ ସରକାରଙ୍କ ରାଜସ୍ୱରୁ ଏତିକି ଟଙ୍କା ଖର୍ଚ୍ଚ ହେବା ଅପ୍ରାସଙ୍ଗିକ? ଭିନ୍ନ ଭିନ୍ନ ଧାର୍ମିକ ସ୍ଥଳୀ ନିର୍ମାଣ କରିବା ପାଇଁ ତଥା ଉନ୍ନତୀକରଣ ଲାଗି ସରକାରଙ୍କ ରାଜସ୍ୱରୁ ଏବେ ଅନେକ ହଜାର କୋଟି ଟଙ୍କା ଖର୍ଚ୍ଚ ହେଉଛି। ଦେଶର ଅସଲ ମନ୍ଦିରର(ଲୋକ ସଭା ଓ ବିଧାନସଭା) ଗଠନ ତଥା ଗଣତନ୍ତ୍ରର ସ୍ଥାପନା ପାଇଁ ଏତିକି ଖର୍ଚ୍ଚ ହେବାକୁ ସରକାର ହଜମ କରିପାରୁ ନାହାନ୍ତି କାହିଁକି? ଦୁଇ ଥର ନିର୍ବାଚନ ଯୋଗୁ ଦୁଇଥର ଆଚରଣ ସଂହିତା ଲାଗୁ ହେଉଛି ଓ ଶାସନ ପ୍ରକ୍ରିୟାରେ ବାଧକ ଆସୁଛି, ଏହା ସତ୍ୟ। କିନ୍ତୁ ଗୋଟେ ସଙ୍ଘୀୟ ଗଣତାନ୍ତ୍ରିକ ବ୍ୟବସ୍ଥାରେ ସାଧାରଣ ଲୋକମାନେ ଏତିକି ମୂଲ୍ୟ ନ ଦେଲେ ବ୍ୟବସ୍ଥା ତିଷ୍ଠିବ କିପରି? ସ୍ୱଚ୍ଛ ଓ ସୁସ୍ଥ ନିର୍ବାଚନ ପାଇଁ ଭୋଟରମାନଙ୍କୁ ନେତାମାନଙ୍କର ମିଥ୍ୟା ପ୍ରଲୋଭନର ଜାଲରୁ ବଞ୍ଚେଇବା ପାଇଁ ଆଚରଣ ସଂହିତାର ଆବଶ୍ୟକତା ରହିଛି। ନିର୍ବାଚନ ପରିଚାଳନାରେ ଖର୍ଚ୍ଚ ହେଉଛି ବୋଲି ଆମେ କ'ଣ କହିପାରିବା ଯେ, ନିର୍ବାଚନ ନ ହୋଇ ରାଜା ଶାସନ ବା ସ୍ୱେଚ୍ଛାଚାରୀ ଶାସନ ବ୍ୟବସ୍ଥା ପ୍ରତିଷ୍ଠା କରିବା ଶ୍ରେୟସ୍କର।



ଭାରତ ଭଳି ଗୋଟିଏ ସଂଘୀୟ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଗଣତନ୍ତ୍ରର ମୂଲ୍ୟକୁ ଅକ୍ଷୁଣ୍ଣ ରଖି ଗୋଟିଏ ଦେଶ ଗୋଟିଏ ନିର୍ବାଚନ ପ୍ରାୟତଃ ଅସମ୍ଭବ ମନେହୁଏ। ଯଦି କୌଣସି ରାଜ୍ୟରେ ଗଠନ ହୋଇଥିବା ସରକାର ପାଞ୍ଚ ବର୍ଷ ପୂରଣ କରି ନ ପାରି ମଝିରେ ଭାଙ୍ଗିଯାଏ, ତେବେ ସେହି ରାଜ୍ୟରେ ସାଙ୍ଗେ ସାଙ୍ଗେ ପୁଣି ନିର୍ବାଚନ ହେବ କି ନାହିଁ? ନ ହେଲେ ସେହି ରାଜ୍ୟକୁ ଶାସନ କରିବ କିଏ? କ'ଣ କେନ୍ଦ୍ର ସରକାର ଚାହୁଁଛନ୍ତି ଯଦି କୌଣସି କାରଣରୁ ରାଜ୍ୟର ସରକାର ପାଞ୍ଚ ବର୍ଷ ପୂର୍ବରୁ ଭାଙ୍ଗିଯାଏ, ସେ ରାଜ୍ୟର ଶାସନ ଭାର ରାଷ୍ଟ୍ରପତିଙ୍କ ପାଖକୁ ନ ହେଲେ କେନ୍ଦ୍ର ସରକାର ନିଜ ହାତରେ ରଖିବେ? ଏପରି ହେଲେ ତ, ଆଜି ଯେପରି ରାଜ୍ୟର ସରକାରଗୁଡ଼ିକୁ ଯୋଜନାବଦ୍ଧ ଭାବେ ଭାଙ୍ଗି ଦିଆଯାଉଛି, କିଛି ଦିନ ମଧ୍ୟରେ ଦେଶର ଅଧା ରାଜ୍ୟରେ ରାଷ୍ଟ୍ରପତି ଶାସନ ଲାଗୁ ହୋଇଥିବ ନ ହେଲେ ସେଠାରେ କେନ୍ଦ୍ର ସରକାରଙ୍କର ରାଜୁତି ଚାଲୁଥିବ। ତା' ହେଲେ ସେହି ରାଜ୍ୟର ଲୋକମାନଙ୍କର ଗଣତାନ୍ତ୍ରିକ ଅଧିକାର ବିପନ୍ନ ହେବ ନାହିଁ କି। ଏହା ସଂଘୀୟ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଦୁର୍ବଳ କରିବ ନାହିଁ କି। ଠିକ୍ ସେହିପରି ସଂଖ୍ୟାର ଅଭାବରୁ ଯଦି ମଝିରେ କେନ୍ଦ୍ର ସରକାର ଭାଙ୍ଗିଯାଏ, ତେବେ ଗୋଟିଏ ଦେଶ ଗୋଟିଏ ନିର୍ବାଚନ କିପରି ତିଷ୍ଠିବ। ଆଜି ଯେପରି ମେଣ୍ଟ ସରକାର ଚାଲୁଛି, ଏହା ଭାବିବା ଆଦୌ ଅପ୍ରାସଙ୍ଗିକ ନୁହେଁ। ସରକାର ତିଆରି ହେବା ଏବଂ ସରକାର ଭାଙ୍ଗିବା ଗଣତନ୍ତ୍ରର ଶକ୍ତି। ଏହାକୁ ଏଡ଼ାଇ ହେବ ନାହିଁ। ଯଦି ବି ଏଡ଼ାଇ ଯିବା ପାଇଁ ବ୍ୟବସ୍ଥା ତିଆରି କରାଯାଏ, ତେବେ ତାହା ଗଣତନ୍ତ୍ରକୁ ପଙ୍ଗୁ କରିଦେବ। ତା'ହେଲେ ଗୋଟିଏ ଦେଶ ଗୋଟିଏ ନିର୍ବାଚନ ସମ୍ଭବ ହେବ କିପରି?

୧୯୯୪ରେ ସର୍ବୋଚ୍ଚ ଅଦାଲତଙ୍କ ଏକ ରାୟ ଅନୁସାରେ ରାଜ୍ୟମାନଙ୍କର ଏକ ସ୍ୱତନ୍ତ୍ର ସାମ୍ବିଧାନିକ ଅଧିକାର ଅଛି ଏବଂ କେନ୍ଦ୍ର ସରକାର ପରି ରାଜ୍ୟ ସରକାରଙ୍କର ମଧ୍ୟ ରାଜ୍ୟବାସୀଙ୍କ ରାଜନୈତିକ, ସାମାଜିକ ଓ ସାଂସ୍କୃତିକ ଜୀବନଯାପନର ସୁରକ୍ଷା ବିଷୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସମ୍ବିଧାନ ପ୍ରତ୍ୟେକ ରାଜ୍ୟର ବିଧାନସଭାକୁ ଗଠନ ହେବା ଦିନଠାରୁ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ସମୟସୀମାର ଅଧିକାର ଦେଇଛି। ସେହିପରି କେନ୍ଦ୍ରର ଲୋକ ସଭାର ସମୟସୀମା ମଧ୍ୟ ସମ୍ବିଧାନ ଅନୁସାରେ ପାଞ୍ଚବର୍ଷ। ଏପରି ପରିସ୍ଥିତିରେ ଗୋଟିଏ ଦେଶ ଗୋଟିଏ ନିର୍ବାଚନ ନୀତି ଦୀର୍ଘଦିନ ପର୍ଯ୍ୟନ୍ତ ତିଷ୍ଠିବା ଅସମ୍ଭବ ମନେହୁଏ।

**ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର**
**ମୋ: ୯୪୩୮୪୬୮୪୭୪**

## ଚିରନ୍ତନୀ

ଏ ବେଳାକୁ ନାହିଁ କିଛି
ଶୁଖାଇ ଦେଲାଣି ମୁହଁ।
କିଟିକିଟି କଳା ମେଘ
ବିଲରେ ପଡିଛି ସୁଅ।

-(ଚାଷୀର ଭାଗ୍ୟ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ମନ୍ତ୍ରୀଙ୍କ ଘୋଷଣା ପାଣିର ଗାର

ମହାଶୟ,

ଓଡ଼ିଶାର ସ୍ୱାସ୍ଥ୍ୟମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିବାର ଅଳ୍ପ କିଛିଦିନ ପରେ ଅର୍ଥାତ୍ ଗତ ମେ' ୨୨ରେ ଘୋଷଣା କରିଥିଲେ ଯେ, ଡିସେମ୍ବର ଶେଷସୁଦ୍ଧା ସମସ୍ତ ଡାକ୍ତର ପଦବୀ ପୂରଣ କରାଯିବ। ତାଙ୍କର ଏହି ଘୋଷଣା ନିର୍ଦ୍ଧାରିତ ସମୟ ମଧ୍ୟରେ ପୂରଣ ହୋଇପାରିନାହିଁ। ଚଳିତବର୍ଷ ଜାନୁୟାରୀ ଶେଷସୁଦ୍ଧା ରାଜ୍ୟରେ ୪୦ ପ୍ରତିଶତ ଡାକ୍ତର ପଦବୀ ପୂରଣ ନ ହୋଇ ଖାଲିପଡ଼ିଛି। ଏହାଫଳରେ ମନ୍ତ୍ରୀଙ୍କ ଘୋଷଣା ପାଣିର ଗାର ପାଲଟିଯାଇଛି। ମନ୍ତ୍ରୀ ହେଉଛନ୍ତି ଗୋଟିଏ ପ୍ରଶାସନିକ ବିଭାଗର ସର୍ବୋଚ୍ଚ କର୍ତ୍ତା ଏବଂ ସେହି ବିଭାଗର ସରକାର ମଧ୍ୟ। ସୁତରାଂ ମନ୍ତ୍ରୀମାନେ କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଘୋଷଣା କଲାବେଳେ ଭଲଭାବେ ଭାବିଚିନ୍ତି ଘୋଷଣା କରିବା ଆବଶ୍ୟକ।

**-ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




## ₹୬୬୦୦ କୋଟି ଟଙ୍କାରୁ ଅଧିକ ପୁଞ୍ଜି ନିବେଶରେ ୨୮ ଟି ରାଷ୍ଟ୍ରୀୟ ରାଜମାର୍ଗ ପ୍ରକଳ୍ପଗୁଡ଼ିକର ଭୂମିପୂଜନ ଏବଂ ଲୋକାର୍ପଣ

### ଲୋକାର୍ପଣ

- ଏନ୍‌ଏଚ୍-୧୬ର ଚଣ୍ଡିଖୋଲଠାରୁ ଭଦ୍ରକ ଖଣ୍ଡ ପର୍ଯ୍ୟନ୍ତ ୬-ଲେନିଂ
- ଏନ୍‌ଏଚ୍-୪୯ ର ବାହାରଗୋଡ଼ା -ସିଂଘରା ଖଣ୍ଡର ୪-ଲେନିଂ

### ଭୂମିପୂଜନ

- ଏନ୍‌ଏଚ୍-୧୬ରେ ଛତ୍ରପୁରରୁ ଗୋପାଳପୁର ବନ୍ଦର ପର୍ଯ୍ୟନ୍ତ କାର୍ଯ୍ୟ
- ଏନ୍‌ଏଚ୍-୪୯ର ବାହାରଗୋଡ଼ା ସିଂଘରା ଖଣ୍ଡରେ ୮ ଇୟୁପି. ୦୧ ବିୟୁପୀ, ୦୧ ଏଲ୍‌ବିୟୁପି ଏବଂ ୦୧ ପିୟୁପି ନିର୍ମାଣ କାର୍ଯ୍ୟ
- ଏନ୍‌ଏଚ୍-୫୭ରେ ନୟାଗଡ଼ ଟାଉନ ବାଏପାସ୍ ନିର୍ମାଣ କାର୍ଯ୍ୟ
- ଏନ୍‌ଏଚ୍-୫୭ରେ ଖୋର୍ଦ୍ଧା ଟାଉନ୍ ବାଏପାସ୍ ନିର୍ମାଣ କାର୍ଯ୍ୟ
- ଏନ୍‌ଏଚ୍-୨୬ରେ ଜୟପୁର ଟାଉନ୍ ବାଏପାସ୍ ନିର୍ମାଣ କାର୍ଯ୍ୟ
- ଏନ୍‌ଏଚ୍-୫୫ର କନ୍ଦରପୁର-ବାଲିକୁଦା ଖଣ୍ଡର ପ୍ରଶସ୍ତୀକରଣ କାର୍ଯ୍ୟ
- ଏନ୍‌ଏଚ୍-୬୩ ରେ କୋଟପାଡ଼ ଟାଉନ ବାଏପାସର ନିର୍ମାଣ କାର୍ଯ୍ୟ
- ଏନ୍‌ଏଚ୍-୨୬ରେ ବୋରିଗୁମ୍ମା ଟାଉନ୍ ବାଏପାସର ନିର୍ମାଣ କାର୍ଯ୍ୟ
- ଏନ୍‌ଏଚ୍-୫୭ରେ ବାଘମାରୀ ଟାଉନ୍ ବାଏପାସ୍ ନିର୍ମାଣ କାର୍ଯ୍ୟ
- ରାୟଗଡ଼ା ଜିଲାରେ ଏନ୍‌ଏଚ୍-୩୨୬ରେ ଜେରିଗୁଡ଼ା ନାଳ ଉପରେ ଛୋଟ ପୋଲ ନିର୍ମାଣ
- ଏନ୍‌ଏଚ୍-୨୦ରେ ମାଧୋପୁର-ବଡ଼ବନ୍ତ ଖଣ୍ଡରେ ପ୍ରମୁଖ ପୋଲର ନିର୍ମାଣ କାର୍ଯ୍ୟ
- ଏନ୍‌ଏଚ୍-୩୧୬ରେ ପୁରୀ-କୋଣାର୍କ ରୋଡ଼ରେ ମାଟିଆପଡ଼ାଠାରେ ରେଳ ଓଭରବ୍ରିଜ୍ ନିର୍ମାଣ କାର୍ଯ୍ୟ
- ଏନ୍‌ଏଚ୍-୫୩ରେ ରିଆମଲ ଟାଉନ୍ ବାଏପାସ୍‌ର ନିର୍ମାଣ କାର୍ଯ୍ୟ
- ଏନ୍‌ଏଚ୍-୩୨୬ର ମାଲକାନଗିରି-ମୋଟୁ ରୋଡ୍‌ରେ ୪ ଲେନ୍ ଉଚ୍ଚସ୍ତରୀୟ ପୋଲ ନିର୍ମାଣ କାର୍ଯ୍ୟ
- ଏନଏଚ୍-୧୫୭ରେ କଳିଙ୍ଗ ଘାଟ ଖଣ୍ଡର ପ୍ରଶସ୍ତୀକରଣ କାର୍ଯ୍ୟ
- ଏନ୍‌ଏଚ୍-୩୨୬ରେ ଢାଉଗାଁ-ପୋଡ଼ାମାରୀ ଖଣ୍ଡର ପ୍ରଶସ୍ତୀକରଣ କାର୍ଯ୍ୟ
- ଏନ୍‌ଏଚ୍-୫୫ରେ ବାଲିକୁଦା-ମୂଳାକାନି ଖଣ୍ଡର ପ୍ରଶସ୍ତୀକରଣ କାର୍ଯ୍ୟ
- ନୟାଗଡ଼ ଜିଲାରେ ଏନ୍‌ଏଚ୍-୫୭ରେ ଡାହୁକା ନଦୀ ଉପରେ ଉଚ୍ଚସ୍ତରୀୟ ପ୍ରମୁଖ ପୋଲ ନିର୍ମାଣ କାର୍ଯ୍ୟ
- ଏନ୍‌ଏଚ୍-୫୭ ରେ ଦଶପଲ୍ଲା ଟାଉନ୍ ବାଏପାସ୍ ନିର୍ମାଣ କାର୍ଯ୍ୟ
- କୋରାପୁଟ ଜିଲାରେ ଏନ୍‌ଏଚ୍-୨୬ରେ ୩୬୭.୪୮୦ କିମି.ରୁ ୩୭୬.୪୮୦ କିମି. ପର୍ଯ୍ୟନ୍ତ ପ୍ରଶସ୍ତୀକରଣ କାର୍ଯ୍ୟ
- ଏନ୍‌ଏଚ୍-୩୨୬ରେ ରାୟଗଡ଼ା ଓ ଜେ.କେ.ପୁର ଟାଉନ ବାଏପାସ୍ ନିର୍ମାଣ କାର୍ଯ୍ୟ
- ବାହାନଗା ବଜାର-ସୋରୋ ରେଳ ଲାଇନ୍‌ରେ ଓଡିଆର ଉପରେ ଏଲସି ନମ୍ବର ୧୦୨ରେ ଆରଓବି ନିର୍ମାଣ କାର୍ଯ୍ୟ
- ଏନ୍‌ଏଚ୍-୨୨୦ରେ କରଞ୍ଜିଆରୁ ପାଟନା ଖଣ୍ଡର ପ୍ରଶସ୍ତୀକରଣ କାର୍ଯ୍ୟ
- ଏନ୍‌ଏଚ୍-୨୬ରେ ନବରଙ୍ଗପୁର ଟାଉନ ବାଏପାସ୍‌ର ନିର୍ମାଣ କାର୍ଯ୍ୟ
- ଏନ୍‌ଏଚ୍-୨୬ ର କୋରାପୁଟ-ସୁନକୀ ଖଣ୍ଡରେ ୪ କଲଭର୍ଟ ନିର୍ମାଣ କାର୍ଯ୍ୟ
- ପଟ୍ଟନିକା-ଡେଲାଙ୍ଗ ରୋଡ୍‌ରେ ଏଲସି ନମ୍ବର କେପି-୧୪ ଓଡିଆର ରେ ଆର୍‌ଓବି ନିର୍ମାଣ କାର୍ଯ୍ୟ

**ଗୁରୁବାର, ୧୫ ଫେବୃଆରୀ ୨୦୨୪, ଦିବା ୧୦ ଘଟିକା | ସ୍ଥାନ: ପୁରୀ, ଓଡ଼ିଶା**

### ପ୍ରକଳ୍ପଗୁଡ଼ିକରୁ ମିଳିବାକୁ ଥିବା ଲାଭ

- ★ ବାହାରଗୋଡ଼ା-ସିଂଘରା ୪ ଲେନ୍ ନିର୍ମାଣ ଦ୍ୱାରା ପୂର୍ବତଟସ୍ଥ ବନ୍ଦର ପର୍ଯ୍ୟନ୍ତ ସୁଗମ ସଂଯୋଗ, ଔଦ୍ୟୋଗିକ ଗତିବିଧିକୁ ପ୍ରୋତ୍ସାହନ
- ★ ଖଣିଜ ପଦାର୍ଥ ଏବଂ କଞ୍ଚାମାଲ ବନ୍ଦର ପର୍ଯ୍ୟନ୍ତ ପହଞ୍ଚାଇବା ସହଜ, ଆର୍ଥିକ ଗତିବିଧିରେ ବୃଦ୍ଧି
- ★ ପ୍ରସିଦ୍ଧ ଜଗନ୍ନାଥ ମନ୍ଦିର ଓ କୋଣାର୍କ ମନ୍ଦିର ସହିତ ପ୍ରମୁଖ ପର୍ଯ୍ୟଟନ ସ୍ଥଳଗୁଡ଼ିକ ପର୍ଯ୍ୟନ୍ତ ସୁରକ୍ଷିତ ଯାତ୍ରା, ପର୍ଯ୍ୟଟକ ଏବଂ ତୀର୍ଥଯାତ୍ରୀମାନଙ୍କୁ ସୁବିଧା
- ★ ଚଣ୍ଡିଖୋଲରୁ ଭଦ୍ରକ ୬ଲେନ୍ ନିର୍ମାଣ ଦ୍ୱାରା ଯାତାୟାତ ସମୟ ହ୍ରାସ, ଇନ୍ଧନ ସଞ୍ଚୟ
- ★ କୃଷକଙ୍କ ଫସଲ ବଡ଼ ବଜାର ପର୍ଯ୍ୟନ୍ତ ପହଞ୍ଚାଇବାରେ ସୁବିଧା, ରୋଜଗାରର ନୂଆ ସୁଯୋଗ ସୃଷ୍ଟି
- ★ ରେଳ ପୋଲ ନିର୍ମାଣ ଦ୍ୱାରା ସୁରକ୍ଷିତ ଯାତ୍ରା ଏବଂ ଇନ୍ଧନ ସଞ୍ଚୟ

## ନିତିନ ଗଡ଼କରୀ

ସଡ଼କ ପରିବହନ ଏବଂ ରାଜମାର୍ଗ ମନ୍ତ୍ରୀ, ଭାରତ ସରକାରଙ୍କ

କରକମଳରେ

### ଗରିମାମୟ ଉପସ୍ଥିତି

**ଧର୍ମେନ୍ଦ୍ର ପ୍ରଧାନ**
ଶିକ୍ଷା ଏବଂ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ, ଭାରତ ସରକାର

**ଅଶ୍ୱିନୀ ବୈଷ୍ଣବ**
ରେଳ, ସଞ୍ଚାର ତଥା ଇଲେକ୍‌ଟ୍ରୋନିକ୍ସ ଏବଂ ସୂଚନା ପ୍ରୌଦ୍ୟୋଗିକୀ ମନ୍ତ୍ରୀ, ଭାରତ ସରକାର

**ବିଶ୍ୱେଶ୍ୱର ଟୁଡୁ**
ଜନଜାତୀୟ କାର୍ଯ୍ୟ ଏବଂ ଜଳଶକ୍ତି ରାଜ୍ୟ ମନ୍ତ୍ରୀ, ଭାରତ ସରକାର

**ଅପରାଜିତା ଷଡ଼ଙ୍ଗୀ** ସାଂସଦ (ଲୋକସଭା) | **ନିତେଶ ଗଙ୍ଗ ଦେବ** ସାଂସଦ (ଲୋକସଭା) | **ପିନାକୀ ମିଶ୍ର** ସାଂସଦ (ଲୋକସଭା) | **ପ୍ରମିଳା ବିଶୋଇ** ସାଂସଦ (ଲୋକସଭା) | **ଚନ୍ଦ୍ରାଣୀ ମୁର୍ମୁ** ସାଂସଦ (ଲୋକସଭା) | **ଡା. ରାଜଶ୍ରୀ ମଲ୍ଲିକ** ସାଂସଦ (ଲୋକସଭା) | **ଭର୍ତ୍ତୃହରି ମହତାବ** ସାଂସଦ (ଲୋକସଭା)

**ଶର୍ମିଷ୍ଠା ସେଠୀ** ସାଂସଦ (ଲୋକସଭା) | **ଚନ୍ଦ୍ର ଶେଖର ସାହୁ** ସାଂସଦ (ଲୋକସଭା) | **ରମେଶ ଚନ୍ଦ୍ର ମାଝି** ସାଂସଦ (ଲୋକସଭା) | **ଅଚ୍ୟୁତାନନ୍ଦ ସାମନ୍ତ** ସାଂସଦ (ଲୋକସଭା) | **ମଞ୍ଜୁଲତା ମଣ୍ଡଳ** ସାଂସଦ (ଲୋକସଭା) | **ସପ୍ତଗିରି ଶଙ୍କର ଉଲାକା** ସାଂସଦ (ଲୋକସଭା)

FOR LIVE STREAMING :
www.facebook.com/nitingadkary
https://twitter.com/nitin_gadkari
www.youtube.com/c/NitinGadkariOfficial

FASTag

- ପ୍ରତିବର୍ଷ ପ୍ରାୟ ୪୦ କୋଟି ଘଣ୍ଟାର ଅମୂଲ୍ୟ ସମୟ ସଞ୍ଚୟ
- ପ୍ରତିବର୍ଷ ପ୍ରାୟ ୩୫ କୋଟି ଲିଟର ଇନ୍ଧନ ସଞ୍ଚୟ
- ପ୍ରାୟ ୧୦ ଲକ୍ଷ ଟନ୍ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ ଦ୍ୱାରା ପରିବେଶର ସଂରକ୍ଷଣ

*ଏଣୁ FASTag ଆପଣାନ୍ତୁ... ଏବଂ ଦେଶହିତରେ ନିଜର ଯୋଗଦାନ ଦିଅନ୍ତୁ...*

ସଡ଼କ ହିଁ ନୁହେଁ, ରାଷ୍ଟ୍ରର ନିର୍ମାଣ ମଧ

# କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଲେ ଏସିଆନ୍‌ର ସେକ୍ରେଟାରି ଜେନେରାଲ କାଓ କିମ୍ ହୋର୍ନ

ଭୁବନେଶ୍ୱର,୧୪।୨(ସୁନିତ୍ ମିଶ୍ର)

## ଆଞ୍ଚଳିକ ସ୍ୱାର୍ଥ ଉପରେ ଗବେଷଣା, ଆନୁଷ୍ଠାନିକ ସମ୍ପର୍କ ନେଇ ଆଲୋଚନା: ଧର୍ମେନ୍ଦ୍ର



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ଦକ୍ଷିଣ ପୂର୍ବ ଏସୀୟ ଦେଶ(ଏସିଆନ୍)ର ସେକ୍ରେଟାରି ଜେନେରାଲ କାଓ କିମ୍ ହୋର୍ନଙ୍କୁ ସାକ୍ଷାତ୍ କରିବା ସହିତ ଶିକ୍ଷା କ୍ଷେତ୍ରରେ ଏସିଆନ୍ ଦେଶଗୁଡ଼ିକ ସହ ଭାରତର ସମ୍ପର୍କକୁ ମଜଭୁତ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି।

ଏହି ଅବସରରେ ଧର୍ମେନ୍ଦ୍ର ଟୁଇଟ୍‌କରି କହିଛନ୍ତି, ଦକ୍ଷିଣ ପୂର୍ବ ଏସୀୟ ଦେଶଗୁଡ଼ିକ ସହିତ ଭାରତର ଏକ ଦୃଢ଼ ସଭ୍ୟତାଗତ ସମ୍ପର୍କ ରହିଆସିଛି। ଏସିଆନ ସହ ଭାରତର ସମ୍ପର୍କ ଦେଶର ବୈଦେଶିକ ନୀତିର ଏକ ପ୍ରମୁଖ ସ୍ତମ୍ଭ। ଭାରତର ଆକ୍ଟ ଇଷ୍ଟ ପଲିସି ଆଧାରରେ ଶିକ୍ଷାକ୍ଷେତ୍ରରେ ଏସିଆନ-ଭାରତ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ଉପରେ ବୈଠକରେ ଚର୍ଚ୍ଚା ହୋଇଥିଲା। ମେଧାବୀ ଛାତ୍ରୀଛାତ୍ରଙ୍କ ଆଦାନ ପ୍ରଦାନ, ଆଞ୍ଚଳିକ ସ୍ୱାର୍ଥ ସମ୍ବନ୍ଧୀୟ ବିଷୟରେ ମିଳିତ ଭାବେ ଗବେଷଣା ଏବଂ ଆନୁଷ୍ଠାନିକ ସମ୍ପର୍କକୁ ପ୍ରୋତ୍ସାହିତକରି ସହଯୋଗକୁ ସୁଦୃଢ଼ କରିବା ଉପରେ ଉଭୟ ମନ୍ତ୍ରୀ ଆଲୋଚନା କରିଥିବା ଧର୍ମେନ୍ଦ୍ର ସୂଚନା ଦେଇଛନ୍ତି। ଆଲୋଚନା ଅବସରରେ କେନ୍ଦ୍ରମନ୍ତ୍ରୀ ନୂଆ ଜାତୀୟ ଶିକ୍ଷାନୀତି ଅଧୀନରେ ନିଆଯାଉଥିବା ପଦକ୍ଷେପ ଏବଂ ଶିକ୍ଷା ପ୍ରଦାନ କରିବା ପାଇଁ ଭାରତ ଆପଣାଉଥିବା ଡିଜିଟାଲ ଭିତ୍ତିଭୂମି ଉପରେ କାଓ କିମ୍‌ଙ୍କୁ ଅବଗତ କରାଇଛନ୍ତି। ଜାତୀୟ ଶିକ୍ଷାନୀତି ଭାରତୀୟ ଜ୍ଞାନ ପ୍ରଣାଳୀ ଏବଂ ମାତୃଭାଷାରେ ଶିକ୍ଷାର ଭୂମିକା ଉପରେ ବିଶେଷ ଗୁରୁତ୍ୱ ଦେଉଥିବା ସେ କହିଛନ୍ତି।

# ରାଜ୍ୟବାସୀଙ୍କୁ ପରିବାର ଭାବନ୍ତି ମୁଖ୍ୟମନ୍ତ୍ରୀ: ପାଣ୍ଡିଆନ

ସମ୍ବଲପୁର,୧୪।୨(ପ୍ରମୋଦ ବହିଦାର)



ସମାବେଶରେ ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ କାର୍ଯ୍ୟାଦେଶ ବଣ୍ଟନ।

- ସମ୍ବଲପୁରରେ ପ୍ରକଳ୍ପ କାର୍ଯ୍ୟାଦେଶ ବଣ୍ଟନ କାର୍ଯ୍ୟକ୍ରମ
- ଭିସିରେ ଯୋଡ଼ିହେଲେ ୫-ଟି ଅଧ୍ୟକ୍ଷ
- ୧୩୪୭ ପ୍ରକଳ୍ପ ପାଇଁ ୫୮ କୋଟିରୁ ଊର୍ଦ୍ଧ୍ୱ ମଞ୍ଜୁର

ସମ୍ବଲପୁର ଜିଲାରେ ବୁଧବାର ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦନ ଲାଭ କରିଥିବା ବିଭିନ୍ନ ପ୍ରକଳ୍ପର କାର୍ଯ୍ୟାଦେଶ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ରେମେଡ୍ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଆଭାସୀ ଜରିଆରେ ଉପସ୍ଥିତ ଜନସାଧାରଣଙ୍କ ଉଦ୍ଦେଶ୍ୟରେ କହିଥିଲେ, ମୁଖ୍ୟମନ୍ତ୍ରୀ ସମଗ୍ର ରାଜ୍ୟବାସୀଙ୍କୁ ନିଜ ପରିବାର ବୋଲି ଭାବନ୍ତି। ନିକଟରେ ସମ୍ବଲପୁର ଆସିଥିବା ସମୟରେ ତାଙ୍କର ହସ୍ତଗତ ହୋଇଥିବା ଲୋକଙ୍କ ଅଭିଯୋଗର ତୁରନ୍ତ ସମାଧାନ ପୂର୍ବକ ମୁଖ୍ୟମନ୍ତ୍ରୀ ଏହି ରାଶି ମଞ୍ଜୁର କରିଛନ୍ତି ବୋଲି ସେ କହିଛନ୍ତି। ଜିଲାର ୪ ନିର୍ବାଚନମଣ୍ଡଳୀରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ପାଣ୍ଠି (ସିଏମ୍ଏସ୍ଏ) ଜରିଆରେ ମଞ୍ଜୁରୀପ୍ରାପ୍ତ ୫୮ କୋଟି ୨୭ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ମୋଟ ୧୩୪୭ ଉନ୍ନୟନ ପ୍ରକଳ୍ପ ପାଇଁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି।

ଆଭାସୀ ମାଧ୍ୟମରେ ୫-ଟି ଅଧ୍ୟକ୍ଷ ପାଣ୍ଡିଆନ ଜିଲାର ସମସ୍ତ ୪ ନିର୍ବାଚନମଣ୍ଡଳୀରେ ଏକାକାଳୀନ ଆୟୋଜିତ କାର୍ଯ୍ୟକ୍ରମରେ ଲୋକଙ୍କ ସହ ଯୋଡ଼ି ହୋଇଥିଲେ। ସମ୍ବଲପୁର ନିର୍ବାଚନମଣ୍ଡଳୀର ରେମେଡ୍ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ, ରେଙ୍ଗାଲି ନିର୍ବାଚନମଣ୍ଡଳୀର ବିଶାଳଖିଣ୍ଡା ପଡ଼ିଆରେ ଜଳସମ୍ପଦ ମନ୍ତ୍ରୀ ଟୁକୁନୀ ସାହୁ, କୁଚିଣ୍ଡା ନିର୍ବାଚନ ମଣ୍ଡଳୀର କୁଚିଣ୍ଡା କଲେଜ ପଡ଼ିଆରେ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ରୀତା ସାହୁ ଓ ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀର ଯୁଯୁମୁରା ହକି ପଡ଼ିଆରେ ଖଣି ଓ ଇସ୍ପାତ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ସେଥିମଧ୍ୟରେ ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ୩୪ଟି ୱାର୍ଡରେ ମୋଟ ୧୨ କୋଟି ୧୧ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୨୮୩ ପ୍ରକଳ୍ପ, ରେଙ୍ଗାଲି ନିର୍ବାଚନ ମଣ୍ଡଳୀରେ ୭କୋଟି ୮୮ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୧୮୫ ପ୍ରକଳ୍ପ, କୁଚିଣ୍ଡା ନିର୍ବାଚନ ମଣ୍ଡଳୀରେ ୧୩ କୋଟି ୬୮ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୩୪୨ ପ୍ରକଳ୍ପ ଓ ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀରେ ୬ କୋଟି ୬ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୧୫୨ ପ୍ରକଳ୍ପ ପାଇଁ କାର୍ଯ୍ୟାଦେଶ ଦିଆଯାଇଛି। ରେମେଡ ପଡ଼ିଆରୁ ଉକ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ସମ୍ବଲପୁର ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ। ଏହି ଅବସରରେ ବକ୍ତବ୍ୟ ରଖି ସ୍ୱାସ୍ଥ୍ୟମନ୍ତ୍ରୀ ପୂଜାରୀ କହିଥିଲେ, ବିଜେଡି ସରକାର ଲୋକଙ୍କ ସରକାର। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ସାଢ଼େ ୪ କୋଟି ଲୋକଙ୍କୁ ନିଜର ପରିବାର ଭାବେ ଗ୍ରହଣ କରିଛନ୍ତି। ସେମାନଙ୍କ ବିକାଶ ସହିତ ଓଡ଼ିଶାକୁ ଦେଶର ଅଗ୍ରଣୀ ରାଜ୍ୟରେ ପରିଣତ କରିବା ତାଙ୍କର ସ୍ୱପ୍ନ। ଏଥିପାଇଁ ସେ ଦୀର୍ଘ ୨୫ ବର୍ଷ ହେଲା ପରିଶ୍ରମ କରିଆସିଛନ୍ତି। ୫-ଟି ଅଧ୍ୟକ୍ଷଙ୍କ ଜରିଆରେ ରାଜ୍ୟବାସୀଙ୍କ ସମସ୍ୟା ବୁଝି ତୁରନ୍ତ ସମାଧାନ କରିଛନ୍ତି ବୋଲି ସେ କହିଥିଲେ।

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ୩୪ ୱାର୍ଡରେ ୨୮୩ଟି ଉନ୍ନୟନମୂଳକ ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ପାଣ୍ଠିରୁ ୧୨ କୋଟି ୧୧ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ଏଥିପାଇଁ ସମ୍ବଲପୁରବାସୀଙ୍କ ପକ୍ଷରୁ ବିଜେଡି ରାଜ୍ୟ ସମ୍ପାଦକ ତଥା ଆମ ଓଡ଼ିଶା ନବୀନ ଓଡ଼ିଶା ସମ୍ବଲପୁର ଜିଲା ସମ୍ପାଦକ ସିଦ୍ଧାର୍ଥ ଦାସଙ୍କ ନେତୃତ୍ୱରେ ସହସ୍ରାଧିକ ବିଜେଡି ସମର୍ଥକ ଓ ସାଧାରଣ ଜନତା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ରାଜ୍ୟ ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ବିଶାଖାପାଟଣା ଷ୍ଟେସନରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

ରାୟଗଡ଼ା,୧୪।୨(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ୍‌ର ପିଛା ଛାଡୁନି ଦାଦନ ମୃତ୍ୟୁ। ଆନ୍ଧ୍ରରୁ ନିଜ ଘରକୁ ଫେରିବାବେଳେ ବୁଧବାର ବିଶାଖାପାଟଣା ରେଳ ଷ୍ଟେଶନରେ ଝାଡ଼ାବାନ୍ତିରେ ଆକ୍ରାନ୍ତ ଥିବା ଜଣେ ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତ ଶ୍ରମିକ ହେଲେ ଚନ୍ଦ୍ରଗିରି ପଞ୍ଚାୟତ କଷନଦରା ଗ୍ରାମର ଚୈତନ୍ୟ ମାଝି। ଚୈତନ୍ୟଙ୍କ ମୃତଦେହ ଘରକୁ ଫେରାଇ ଆଣିବା ପାଇଁ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି ତାଙ୍କ ପୁଅ ଅନ୍ତ ମାଝି।

ଘଟଣାରୁ ପ୍ରକାଶ ଯେ, ଚନ୍ଦ୍ରଗିରି ପଞ୍ଚାୟତ ଅନ୍ତର୍ଗତ କଷନଦରା ଗ୍ରାମର ଚୈତନ୍ୟ ମାଝି ଆନ୍ଧ୍ରପ୍ରଦେଶର ଗୁଣ୍ଟୁର ଜିଲାକୁ ଦାଦନ ଖଟିବାକୁ ଯାଇଥିଲେ। ସେଠାରେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହେବାରୁ ରାୟଗଡ଼ା ଫେରିବା ପାଇଁ ବିଶାଖାପାଟଣା ରେଳ ଷ୍ଟେଶନରେ ପହଞ୍ଚିଥିଲେ। ସେଠାରେ ଟ୍ରେନ୍‌କୁ ଅପେକ୍ଷା କରିବା ସମୟରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ମୃତଦେହ ବିଶାଖାପାଟଣା ରେଳ ଷ୍ଟେଶନରେ ଅଟକି ରହିଛି। ବାପାଙ୍କ ମୃତଦେହ ଫେରାଇ ଆଣିବା ପାଇଁ ଚୈତନ୍ୟଙ୍କ ପୁଅ ଜିଲା ଶ୍ରମ ବିଭାଗର ଦ୍ୱାରସ୍ଥ ହୋଇଛନ୍ତି। ଏ ନେଇ ଜିଲା ଶ୍ରମ ଅଧିକାରୀ ଯସ୍ମିନ ସାହୁ ଖବର ପାଇବା ପରେ ମୃତଦେହକୁ ବିଶାଖାପାଟଣାରୁ ଆଣିବା ପାଇଁ ରେଳ ବିଭାଗ ସହ ଯୋଗାଯୋଗ କରିବା ସହ ଶ୍ରମ ବିଭାଗ କର୍ମଚାରୀଙ୍କୁ କାର୍ଯ୍ୟରେ ନିୟୋଜିତ କରିଛନ୍ତି। ଗୁରୁବାର ମୃତଦେହ ଗାଁରେ ପହଞ୍ଚିବ ବୋଲି ଶ୍ରମ ଅଧିକାରୀ ସାହୁ କହିଛନ୍ତି।

# ଉତ୍ତରରୁ ମୁଖ୍ୟମନ୍ତ୍ରୀଙ୍କୁ ଭଲପାଇବା ବାରିହୋଇପଡୁଛି: ପାଣ୍ଡିଆନ

ଭୁବନେଶ୍ୱର,୧୪।୨(ଅନିଲ ଦାସ)

## ମୁଖ୍ୟମନ୍ତ୍ରୀଙ୍କ ସଭାରେ ଜନସାଧାରଣଙ୍କୁ ୭ ପ୍ରଶ୍ନ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଞ୍ଜାମର ଶେରଗଡ଼ ଓ ଶୀତଳାପଲ୍ଲୀରେ ବିଭିନ୍ନ ବିକାଶମୂଳକ ଯୋଜନାର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଜନସାଧାରଣଙ୍କୁ ୭ଟି ପ୍ରଶ୍ନ ପଚାରିଛନ୍ତି। ଏହି ୭ଟି ପ୍ରଶ୍ନରେ ହିଁ ଓଡ଼ିଶାର ଜନସାଧାରଣଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଭଲ ପାଇବା ସ୍ପଷ୍ଟ ବାରି ହୋଇପଡୁଛି। ଏ ସରକାର ଯେ ଲୋକଙ୍କ ସରକାର ତାହା ମଧ୍ୟ ଏଇ ପ୍ରଶ୍ନର ଉତ୍ତରରୁ ସ୍ପଷ୍ଟ ପ୍ରମାଣିତ ହେଉଛି। ପାଣ୍ଡିଆନ ପଚାରିଥିଲେ ଯେ ଗର୍ଭବତୀ ମହିଳାଙ୍କ ପାଇଁ କେଉଁ ଯୋଜନା ମୁଖ୍ୟମନ୍ତ୍ରୀ ଆରମ୍ଭ କରିଛନ୍ତି ଓ ଏହି ଯୋଜନାରେ ଦିଆଯାଉଥିବା ସହାୟତା ରାଶି କେତେ। ସମବେତ ଜନତା ଏହାର ଉତ୍ତରରେ କହିଥିଲେ, ପୂର୍ବରୁ ମମତା ଯୋଜନାରେ ଗର୍ଭବତୀ ମହିଳାଙ୍କୁ ୫ ହଜାର ଟଙ୍କା ସହାୟତା ଦିଆଯାଉଥିଲା। ମଙ୍ଗଳବାର ମୁଖ୍ୟମନ୍ତ୍ରୀ ଏହି ସହାୟତା ରାଶିକୁ ଦୁଇଗୁଣା କରି ୧୦ହଜାର ଟଙ୍କା କରିଛନ୍ତି। ୨୦୨୩ ଅଗଷ୍ଟରୁ ପଞ୍ଜୀକୃତ ସମସ୍ତ ଗର୍ଭବତୀ ମହିଳା ଏହି ସହାୟତା ରାଶି ପାଇବେ। ଆସନ୍ତା ୨୧ ତାରିଖରେ ଗଞ୍ଜାମ ଜିଲାରେ ମୁଖ୍ୟମନ୍ତ୍ରୀ ଲକ୍ଷ୍ମୀ ଯୋଜନାର ଶୁଭାରମ୍ଭ କରିବେ। ତେବେ ଏହି ଯୋଜନାରେ ମହିଳା ଓ ଛାତ୍ରୀଛାତ୍ରଙ୍କ ପାଇଁ ଭଡ଼ା କେତେ ବୋଲି ପ୍ରଶ୍ନ କରିଥିଲେ ୫-ଟି ଅଧ୍ୟକ୍ଷ। ମହିଳା ଓ ଶିକ୍ଷାର୍ଥୀମାନେ ୫ ଟଙ୍କାରେ ପଞ୍ଚାୟତରୁ ବ୍ଲକକୁ ଯାତ୍ରା କରିପାରିବେ ବୋଲି ଉତ୍ତର ଆସିଥିଲା। ସେହିପରି ୫-ଟି ଅଧ୍ୟକ୍ଷ ମଧୁବାବୁ ପେନ୍‌ସନ ଯୋଜନାରେ ଭତ୍ତା ରାଶି କେତେ ବୃଦ୍ଧି ହୋଇଛି ବୋଲି ପ୍ରଶ୍ନ କରିଥିଲେ। ମୁଖ୍ୟମନ୍ତ୍ରୀ ମଧୁବାବୁ ପେନ୍‌ସନ ଯୋଜନାରେ ଭତ୍ତା ରାଶି ୫୦୦ ଟଙ୍କାରୁ ୧ ହଜାର ଟଙ୍କାକୁ ବୃଦ୍ଧି କରିଛନ୍ତି। ଏଣିକି ମଧୁବାବୁ ପେନ୍‌ସନ ହିତାଧିକାରୀ ସର୍ବନିମ୍ନ ୧ ହଜାର ଟଙ୍କା ଭତ୍ତା ପାଇବେ। ନୂଆ-ଓ ସ୍କଲାରଶିପ୍ ଯୋଜନାରେ ଛାତ୍ରୀଛାତ୍ରଙ୍କୁ କେତେ ଟଙ୍କା ବୃତ୍ତି ମିଳିବ ବୋଲି ପ୍ରଶ୍ନ କରିଥିଲେ। ନୂଆ-ଓ ଛାତ୍ରବୃତ୍ତି ଯୋଜନାରେ ଛାତ୍ରମାନେ ବାର୍ଷିକ ୯ହଜାର ଟଙ୍କା ଓ ଛାତ୍ରୀମାନେ ୧୦ ହଜାର ଟଙ୍କା ବୃତ୍ତି ପାଇବେ। ଏହି ବୃତ୍ତି ରାଜ୍ୟର ସବୁ ସରକାରୀ କଲେଜର ପ୍ରାୟ ୯୫ ପ୍ରତିଶତ ଛାତ୍ରୀଛାତ୍ର ପାଇବେ ବୋଲି ୫-ଟି ଅଧ୍ୟକ୍ଷ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ଅଭିନବ ଯୋଜନା ଦ୍ୱାରା ଛାତ୍ରୀଛାତ୍ରମାନେ ନିଜ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭାର ବିକାଶ କରିପାରିବେ। ବିଏସ୍‌କେୱାଇ ଯୋଜନାରେ ମହିଳାମାନେ କେତେ ଟଙ୍କାର ଚିକିତ୍ସା ସୁବିଧା ପାଇପାରୁଛନ୍ତି। ଏହି ପ୍ରଶ୍ନରେ ଉପସ୍ଥିତ ମହିଳାମାନେ ୧୦ ଲକ୍ଷ ଟଙ୍କା ବୋଲି ଉତ୍ତର ଦେଇଥିଲେ। ୫-ଟି ଅଧ୍ୟକ୍ଷ କହିଥିଲେ ଯେ ମୁଖ୍ୟମନ୍ତ୍ରୀ ସବୁବେଳେ ମହିଳାଙ୍କ ବିକାଶ ପାଇଁ ଚିନ୍ତା କରୁଛନ୍ତି। ସବୁ ଯୋଜନାରେ ମହିଳାମାନଙ୍କୁ ପ୍ରାଥମିକତା ଦିଆଯାଉଛି। ନିକଟରେ ଆରମ୍ଭ ହୋଇଥିବା ସ୍ୱୟମ୍ ଯୋଜନାରେ କେତେ ଟଙ୍କା ପର୍ଯ୍ୟନ୍ତ ଋଣ ଦିଆଯାଉଛି ବୋଲି ୫-ଟି ଅଧ୍ୟକ୍ଷ ପଚାରିଥିଲେ। ଏହାର ଉତ୍ତରରେ ମହିଳାମାନେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଓ ଯୁବକମାନେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ପାଇପାରିବେ ବୋଲି ଉପସ୍ଥିତ ଜନତା ଉତ୍ତର ଦେଇଥିଲେ। ମିଶନଶକ୍ତି ମହିଳାମାନେ ମଧ୍ୟ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ପାଇପାରୁଛନ୍ତି। ରାଜ୍ୟରେ ମହିଳାମାନଙ୍କୁ ସ୍ୱାବଲମ୍ବୀ ସଶକ୍ତ କରିବାକୁ ମୁଖ୍ୟମନ୍ତ୍ରୀ ଏହି ଯୋଜନା ଆରମ୍ଭ କରିଛନ୍ତି। ମହିଳାମାନଙ୍କ ବିକାଶ ହେଲେ ପରିବାର, ସମାଜ, ରାଜ୍ୟ ଓ ଦେଶର ବିକାଶ ହୋଇପାରିବ ବୋଲି ୫-ଟି ଅଧ୍ୟକ୍ଷ କହିଛନ୍ତି।

# ସୀମାନ୍ତରେ ୩ କିଲୋ ପ୍ରେସର ବୋମା ନିଷ୍କ୍ରିୟ



ପ୍ରେସର ବୋମା

ମାଲକାନଗିରି,୧୪।୨ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ଦାନ୍ତେୱାଡ଼ା ଜିଲା ପୋଟାଲୀ ବଜାର ନିକଟରୁ ମାଓବାଦୀମାନେ ଯବାନଙ୍କୁ ଟାର୍ଗେଟକରି ୩ କିଲୋର ଏକ ପ୍ରେସର ବୋମା ଖଞ୍ଜିଥିଲେ। କୌଣସି ସୂତ୍ରରୁ ଖବରପାଇ ସିଆର୍‌ପିଏଫ୍, ବିଡିଏସ୍ ଓ ସିଏଏଫ୍ ଯବାନମାନେ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ବୋମା ଜବତ କରିବା ସହ ଘଟଣାସ୍ଥଳରେ ନିଷ୍କ୍ରିୟ କରିଛନ୍ତି। ସୂଚନା ଅନୁଯାୟୀ, ଦାନ୍ତେୱାଡ଼ା ଜିଲା ମାଓବାଦୀପ୍ରବଣ ଅଞ୍ଚଳ ପୋଟାଲୀ ଗ୍ରାମରେ ପ୍ରତି ବୁଧବାର ସାପ୍ତାହିକ ହାଟ ହେଉଛି। ତେବେ ପୂର୍ବରୁ ଯବାନମାନଙ୍କୁ ଖବର ମିଳିବା ପରେ ଉକ୍ତ ସ୍ଥାନରୁ ପ୍ରେସର ବୋମାକୁ ନିଷ୍କ୍ରିୟ କରିବା ଫଳରେ ସାପ୍ତାହିକ ହାଟକୁ ଆସୁଥିବା ଲୋକଙ୍କ ଉପରେ ଏହାର ପ୍ରଭାବ ପଡ଼ି ବଡ଼ ଧରଣର ଦୁର୍ଘଟଣା ଘଟିବା ସମ୍ଭାବନା ରହିଥିଲା।

# ଆଜିଠୁ ୩ ଦିନିଆ ଓଡିଶା ଗସ୍ତରେ ଦେଶର ମୁଖ୍ୟ ନିର୍ବାଚନ କମିଶନର

ଭୁବନେଶ୍ୱର,୧୪।୨(ସୁନିତ୍ ମିଶ୍ର)

ଆଗକୁ ସାଧାରଣ ନିର୍ବାଚନ ହେବାକୁ ଥିବାବେଳେ ଏହାର ପ୍ରସ୍ତୁତି ସମୀକ୍ଷା କରିବାକୁ ଗୁରୁବାର ଦେଶର ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର ଓଡ଼ିଶା ଆସୁଛନ୍ତି। ତାଙ୍କ ନେତୃତ୍ୱରେ ଏକ ୭ ଜଣିଆ ଟିମ୍ ମଧ୍ୟ ଆସନ୍ତା ୧୫ରୁ ୧୭ ତାରିଖ ପର୍ଯ୍ୟନ୍ତ ଓଡିଶା ଆସି ଆସନ୍ତା ନିର୍ବାଚନ ପ୍ରସ୍ତୁତି ସମ୍ପର୍କିତ ସମୀକ୍ଷା କରିବେ। ୧୬ ତାରିଖରେ ଏହି ଟିମ୍ ବିଭିନ୍ନ ଜାତୀୟ ଏବଂ ଆଞ୍ଚଳିକ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହିତ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଏହାସହ ରାଜ୍ୟ ପଦାଧିକାରୀ, ଡିଇଓ, ଏସ୍‌ପି, ସିପି ଏବଂ ଆଇଜିଙ୍କ ସହ ମଧ୍ୟ ଆଲୋଚନା କରିବା କାର୍ଯ୍ୟକ୍ରମ ରହିଛି। ଏହାର ପରଦିନ ଅର୍ଥାତ୍ ୧୭ରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ, ନୋଡାଲ ଅଫିସର, ମୁଖ୍ୟ ଶାସନ ସଚିବ, ପୁଲିସ ଡିଜି ଏବଂ ଏନଫୋର୍ସମେଣ୍ଟ ଏଜେନ୍ସି ସହ ନିର୍ବାଚନ ବାବଦରେ ମୁଖ୍ୟ ନିର୍ବାଚନ କମିଶନର ଓ ତାଙ୍କ ଟିମ୍ ସମୀକ୍ଷା କରିବା କାର୍ଯ୍ୟକ୍ରମ ରହିଥିବା ଜଣାପଡିଛି।



ଭୁବନେଶ୍ୱର କଳ୍ପନା ଛକ ନିକଟସ୍ଥ ତେଲୁଗୁ ବସ୍ତିରେ ଲାଗିଥିବା ନିଆଁକୁ ଅଗ୍ନିଶମ କର୍ମଚାରୀ ଲିଭାଉଛନ୍ତି।

# ‘ଅତ୍ୟାଧୁନିକ ସୁବିଧା ସହ ନୂଆ ଷ୍ଟେଶନ ପ୍ରସ୍ତୁତ ହେବ’

ପୁରୀ, ୧୪।୨(ଅଜିତ୍ ମହାନ୍ତି)

## ପୁରୀ ରେଳଷ୍ଟେଶନ ପୁନର୍ବିକାଶ କାର୍ଯ୍ୟ ଅଗ୍ରଗତିର ସମୀକ୍ଷା କଲେ ରେଳମନ୍ତ୍ରୀ



ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପୁରୀ ରେଳ ଷ୍ଟେଶନରେ କାର୍ଯ୍ୟ ନିରୀକ୍ଷଣ କରୁଛନ୍ତି।

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବୁଧବାର ସନ୍ଧ୍ୟାରେ ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିବା ସହ ରେଳଷ୍ଟେଶନ ଯାଇ ଚାଲିଥିବା ପୁନର୍ବିକାଶ କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା କରିଛନ୍ତି। ଖୁବଶୀଘ୍ର ପୁରୀ ରେଳଷ୍ଟେଶନରେ ଶ୍ରଦ୍ଧାଳୁଙ୍କ ପାଇଁ ସମସ୍ତ ଅତ୍ୟାଧୁନିକ ସୁବିଧା ସହ ନୂଆ ଷ୍ଟେଶନ ପ୍ରସ୍ତୁତ ହେବ ବୋଲି ବୈଷ୍ଣବ ସୂଚନା ଦେଇଛନ୍ତି।

ବୈଷ୍ଣବ ଶ୍ରୀମନ୍ଦିର ସିଂହଦ୍ୱାରଠାରେ ପହଞ୍ଚିବା ପରେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଭାଜପା ନେତୃବୃନ୍ଦ, ସେବାୟତ ଓ ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀମାନେ ତାଙ୍କୁ ସ୍ୱାଗତ କରିଥିଲେ। ବୈଷ୍ଣବ ଶ୍ରୀମନ୍ଦିରକୁ ଯାଇ ଶ୍ରୀବିଗ୍ରହ ଓ ଭିତର ବେଢ଼ାରେ ପାର୍ଶ୍ୱଦେବଦେବୀଙ୍କୁ ଦର୍ଶନ କରିସାରି ପ୍ରସ୍ଥାନ କରିଥିଲେ। ତାଙ୍କୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଖଣ୍ଡୁଆ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ବୈଷ୍ଣବ କହିଥିଲେ, ମହାପ୍ରଭୁଙ୍କ ଦର୍ଶନ କରି ଖୁସି ଲାଗିଲା। ଦେଶର ସାଢ଼େ ଚାରିକୋଟି ଓଡ଼ିଆଙ୍କ ସୁଖ ସମୃଦ୍ଧ କାମନା କରିଛି। ସମସ୍ତେ ଭଲରେ ରୁହନ୍ତୁ। ମୋଦି ଦେଖିଥିବା ସ୍ୱପ୍ନ ପୂରଣ ହେଉ। ସେହିପରି ଆଗକୁ ପୁରୀରୁ ଅଯୋଧ୍ୟାକୁ ନୂଆ ଟ୍ରେନ ଗଡ଼ିବ ବୋଲି ସେ ସୂଚନା ଦେଇଥିଲେ। ପରେ ସେ ଶ୍ରୀମନ୍ଦିର ପ୍ରଶାସନିକ କାର୍ଯ୍ୟାଳୟ ନିକଟକୁ ଯାଇ ପୂଜା ହୋଇଥିବା ରଥକାଠକୁ ମୁଣ୍ଡିଆ ମାରିଥିଲେ। ବୈଷ୍ଣବ କହିଥିଲେ, ଗତବର୍ଷଠାରୁ ଚଳିତବର୍ଷ ରଥଯାତ୍ରା ସମୟରେ ଅଧିକ ତଥା ଭଲ ବ୍ୟବସ୍ଥା କରାଯିବ। ଗତ ଥର ଯେଉଁ ଭକ୍ତମାନେ ଆସିଥିଲେ ସେମାନେ ଖୁସି ବ୍ୟକ୍ତ କରିଥିଲେ। ଚଳିତ ଥର ମଧ୍ୟ ସୁଖଦ ଅନୁଭବ ନେବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସର୍ବଦା କଳା ସଂସ୍କୃତିକୁ ଧ୍ୟାନ ଦେଇଥାନ୍ତି। ତେଣୁ ଚଳିତ ଥର ରଥଯାତ୍ରା ସମୟରେ ରେଳବିଭାଗ ପକ୍ଷରୁ ସମସ୍ତ ପ୍ରକାର ଉତ୍ତମ ବ୍ୟବସ୍ଥା କରାଯିବ ବୋଲି ବୈଷ୍ଣବ କହିଥିଲେ।

# ଦୀପ ନିଆଁରୁ ଭୟାବହ ଅଗ୍ନିକାଣ୍ଡ

ଭୁବନେଶ୍ୱର,୧୪।୨(ସୂର୍ଯ୍ୟକାନ୍ତ ବେହେରା)

## ୧୦ରୁ ଊର୍ଦ୍ଧ୍ୱ ଘର ଜଳିଗଲା

ସରସ୍ୱତୀ ପୂଜାରେ ବୁଧବାର ରାଜଧାନୀରେ ବଡ଼ ଧରଣର ଅଗ୍ନିକାଣ୍ଡ ଘଟିଛି। ଠାକୁରଙ୍କ ପାଖରେ ଲାଗିଥିବା ଦୀପରୁ ନିଆଁ ଲାଗି ୧୦ରୁ ଊର୍ଦ୍ଧ୍ୱ ଘର ଜଳିଯାଇଛି। କଳ୍ପନାଛକ ନିକଟ ତେଲୁଗୁ ବସ୍ତିରେ ଏହି ଭୟାବହ ଅଗ୍ନିକାଣ୍ଡ ଘଟିଥିବାବେଳେ ଏଥିରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ୫ ଘର ସମ୍ପୂର୍ଣ୍ଣ ଜଳିଯାଇଥିବାବେଳେ ଆଉ ୫ରୁ ଅଧିକ ଘର ଅଧା ଓ ଆଂଶିକ ପୋଡିଯାଇଛି। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡ ଖବର ପାଇ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମେୟର ସୁଲୋଚନା ଦାସ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ବିପନ୍ନ ବସ୍ତି ବାସିନ୍ଦାଙ୍କ ସହ ଆଲୋଚନା କରି ସହାୟତା ନିମନ୍ତେ ଆଶ୍ୱାସନା ଦେଇଛନ୍ତି।

ଘର ପୋଡି ଯାଇଥିବା ଅଧିକାଂଶ ପରିବାର ଲୋକ ଦିନ ମଜୁରିଆ ଭାବେ କାମ କରନ୍ତି। କେତେଜଣ ଚାଳ ଛପର ତଳେ ମୁଣ୍ଡ ଗୁଞ୍ଜିଥିବାବେଳେ ଆଉ କେତେଜଣ ପାଲଟାଣି ରହୁଛନ୍ତି। ବସ୍ତିବାସିନ୍ଦାଙ୍କ କହିବାନୁସାରେ, ବସ୍ତିର ଏକ ପରିବାର ଠାକୁର ପୂଜା ସମୟରେ ଦୀପ ଲଗାଇଥିଲେ। ପୂର୍ବାହ୍ନ ପ୍ରାୟ ୧୧ଟା ୧୦ରେ ସେହି ଦୀପରୁ ନିଆଁ ଏକ ଲୁଗାରେ ଲାଗିଯିବା ପରେ ଚାଳ ଛପରକୁ ବ୍ୟାପିଯାଇଥିଲା। ହଠାତ ନିଆଁ ଲାଗିଯିବା ଦେଖି ବସ୍ତିର ଲୋକେ ତାହାକୁ ଲିଭାଇବାକୁ ଚେଷ୍ଟା କରିଥିଲେ। ହେଲେ ଘରଗୁଡ଼ିକ ଲାଗି ଲାଗି ରହିଥିବାରୁ ଓ ଅଧିକାଂଶ ଘର ଛପର ପଲିଥିନ ତଥା ଛଣରେ ହୋଇଥିବାରୁ କିଛିକ୍ଷଣ ମଧ୍ୟରେ ନିଆଁ ଚାରିଆଡକୁ ମାଡ଼ିଯାଇଥିଲା। ଏପରିକି ସମସ୍ତଙ୍କ ଘର ଭିତରେ ଗ୍ୟାସ ଟାଙ୍କି ଥିବାରୁ କାଳେ ନିଆଁ ଲାଗି ଫାଟିଯିବ ସେହି ଭୟରେ ଆଉ କେହି ନିଆଁ ଲାଗିଥିବା ଘର ପାଖକୁ ଯାଇ ନ ଥିଲେ। ଦୂରରୁ ଥାଇ ଯିଏ ଯେମିତି ପାରିଲା ନିଆଁକୁ ଲିଭାଇବାକୁ ଚେଷ୍ଟା କରିଥିଲେ। ହେଲେ ଦେଖୁ ଦେଖୁ ୧୦ରୁ ଊର୍ଦ୍ଧ୍ୱ ଘର ହୁତୁହୁତୁ ହୋଇ ଜଳିବା ସହ ପୂରା ଅଞ୍ଚଳ ଧୂଆଁମୟ ହୋଇଯାଇଥିଲା। ଖବର ପାଇ ନିକଟରେ ଥିବା କଳ୍ପନା ଦମକଳ କେନ୍ଦ୍ରରୁ ଅଗ୍ନିଶମ ବାହିନୀ ପହଞ୍ଚି ତୁରନ୍ତ ନିଆଁକୁ ଲିଭାଇବାକୁ ଉଦ୍ୟମ କରିଥିଲେ। ୧୦ରୁ ଅଧିକ କର୍ମଚାରୀ ନିଆଁ ଲିଭା କାର୍ଯ୍ୟରେ ନିୟୋଜିତ ଥିଲେ। ବହୁ ସମୟ ପରେ ନିଆଁ ଆୟତ୍ତ ହୋଇଥିଲେ ମଧ୍ୟ ସେତେବେଳକୁ ବିପୁଳ ସମ୍ପତ୍ତି ପୋଡ଼ି ପାଉଁଶ ହୋଇଯାଇଥିଲା। କେତେଜଣ ଲୋକ ଘରେ ତାଲା ପକାଇ କାମକୁ ଯାଇଥିବାରୁ ସେମାନଙ୍କ ଘରୁ ଜିନିଷପତ୍ର ଉଦ୍ଧାର କରାଯାଇପାରି ନ ଥିଲା। ସେହିଭଳି ଘରର ପ୍ରବେଶ ପଥ ଅଣଓସାରିଆ ଥିବାରୁ ନିଆଁ ଲିଭା ଓ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା।




# ରୋଗ ଯନ୍ତ୍ରଣାରେ ରାଜ୍ୟର ପ୍ରାଣୀ ସମ୍ପଦ

ଭୁବନେଶ୍ୱର, ୧୪।୨(ଅସମାପିକା ସାହୁ)

ପ୍ରାଣୀ ଚିକିତ୍ସକଙ୍କ ଆନ୍ଦୋଳନ ଯୋଗୁ ଏବେ ରାଜ୍ୟରେ ପ୍ରାଣୀ ଚିକିତ୍ସା ସେବା ଠପ୍ ହୋଇପଡ଼ିଛି। ୧,୩୪୩ଜଣ ପ୍ରାଣୀ ଚିକିତ୍ସକଙ୍କ ମଧ୍ୟରୁ ଆନ୍ଦୋଳନରେ ୧,୨୩୫ଜଣ ସାମିଲ ହୋଇଛନ୍ତି। ୨୮ ଦିନ ହେଲା ସମୂହ ଛୁଟିରେ ରହିବା ସହିତ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟରେ ଧାରଣାରେ ବସିଛନ୍ତି। ଫଳରେ ରାଜ୍ୟରେ ପ୍ରାଣୀଚିକିତ୍ସା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଥିବାରୁ ରୋଗ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି ପ୍ରାଣୀ ସମ୍ପଦ। ଏବେ ବିଭିନ୍ନ ପ୍ରକାର ସଂକ୍ରାମକ ରୋଗ ବ୍ୟାପୁଥିଲେ ମଧ ଚିକିତ୍ସା ମିଳୁ ନ ଥିବାରୁ ଜୀବନ ଯାଉଛି। ନିକଟରେ ଖୋର୍ଦ୍ଧା ବେଗୁନିଆ ଅଞ୍ଚଳରେ ଜଣେ ଗରିବ ଛେଳିପାଳକଙ୍କ ବହୁ ଛେଳି ଅସୁସ୍ଥ ହୋଇପଡିଥିଲେ। ପ୍ରାଣୀ ଚିକିତ୍ସକ ଆନ୍ଦୋଳନରେ ଥିବାରୁ ଛେଳି ପାଳକ ଜଣକ ସ୍ଥାନୀୟ ଜଣେ କ୍ୱାକ୍‌ଙ୍କୁ ଡକାଇ ଚିକିତ୍ସା କରାଇଥିଲେ। ହେଲେ ଭୁଲ୍ ଚିକିତ୍ସା ଯୋଗୁ ୯ଟି ଛେଳିଙ୍କର ମୃତ୍ୟୁ ଘଟିଥିଲା। ଗତ ମାସକ ଭିତରେ ଚିକିତ୍ସା ନ ପାଇ ଓ କ୍ୱାକ୍‌ଙ୍କ ଭୁଲ୍ ଚିକିତ୍ସା ଯୋଗୁ ଶହ ଶହ ଛେଳି ଏବଂ ଗୃହପାଳିତ ପ୍ରାଣୀଙ୍କର ମୃତ୍ୟୁ ଘଟିଥିବା ନଜିର ରହିଛି। ଏପଟେ ବୀମାକୃତ ପ୍ରାଣୀଙ୍କ ମୃତ୍ୟୁ ହେଲେ ବ୍ୟବଚ୍ଛେଦ କରାଯାଇ ପାରୁନାହିଁ କି ସରକାରୀ ସହାୟତା ମିଳୁନାହିଁ। ସେହିପରି ରାଜ୍ୟର ଗରିବ ଚାଷୀମାନେ ବିଭିନ୍ନ ସରକାରୀ ଯୋଜନାରେ ସେମାନଙ୍କ ପ୍ରାପ୍ୟ ପାଇପାରୁନାହାନ୍ତି। ଆନିମଲ ହେଲ୍ଥ ଲାଇନ୍ ମଧ ସେବାରେ ଆସୁନି। ଜାତୀୟ ପ୍ରାଣୀ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ(ମୁଖ୍ୟତଃ ଫାଟୁଆ ନିରାକରଣ) ସମ୍ପୂର୍ଣ୍ଣ ବନ୍ଦ ହୋଇଯିବା କାରଣରୁ ରାଜ୍ୟର ଏକ କୋଟି ପ୍ରାଣୀଙ୍କ ଜୀବନ ସଂକଟାପନ୍ନ ଅବସ୍ଥାରେ ରହିଛି। ଜାତୀୟ କୃତ୍ରିମ ପ୍ରଜନନ କାର୍ଯ୍ୟକ୍ରମ ବହୁ ମାତ୍ରାରେ ପ୍ରଭାବିତ ହୋଇଛି। ବିଭାଗରେ ଚାରି ସପ୍ତାହ ଧରି ବାର୍ତ୍ତା ସରବରାହ ଓ ରିପୋର୍ଟିଂ ପ୍ରାୟ ବନ୍ଦ ହୋଇ ଯାଇଛି। ଜନସାଧାରଣ ଅସୁବିଧାରେ ପଡ଼ି ମୋ ସରକାର, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ବା ଜିଲାପାଳଙ୍କୁ ଜଣାଇଲେ ମଧ କୌଣସି ସୁଫଳ ମିଳୁନାହିଁ। ଓଡ଼ିଶା ଭେଟେରିନାରି ସର୍ଭିସ ଆସୋସିଏଶନ ସଭାପତି ଡା. ଯଦୁନାଥ ପରିଡ଼ା କହିଛନ୍ତି, ରାଜ୍ୟରେ ପ୍ରାଣୀପାଳକମାନେ ବହୁ କ୍ଷତିର ସମ୍ମୁଖୀନ ହେଉଥିଲେ ମଧ ସରକାର ପ୍ରାଣୀ ଚିକିତ୍ସକଙ୍କ ସମସ୍ୟାର ସମାଧାନ ଦିଗରେ ଇଚ୍ଛୁକ ନ ଥିବା ଭଳି ଆଚରଣ କରୁଛନ୍ତି। ଗତ ୧୨ ତାରିଖରେ ସରକାରଙ୍କ ପକ୍ଷରୁ ସଂଘକୁ ଆଲୋଚନା ପାଇଁ ଡକାଯାଇଥିଲେ ମଧ ଦାବି ସମ୍ପର୍କରେ କୌଣସି ଆଲୋଚନା କରାଯାଇ ନ ଥିଲା। ବରଂ ଆନ୍ଦୋଳନରୁ ଓହରି କାର୍ଯ୍ୟରେ ଯୋଗଦେବାକୁ କୁହାଯାଇଥିଲା। ତେଣୁ ସଂଘ ପକ୍ଷରୁ ମଙ୍ଗଳବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସି ଆନ୍ଦୋଳନକୁ ବ୍ୟାପକ କରିବାକୁ ନିଷ୍ପତ୍ତି ନିଆଯାଇଛି। ୧୬ ତାରିଖରୁ ପ୍ରାଣୀ ଚିକିତ୍ସକମାନେ ରାଜ୍ୟସ୍ତରୀୟ ଧାରଣାରେ ବସିବେ। କଟକଠାରେ ଥିବା ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟଠାରେ ଧାରଣା ଦିଆଯିବ ବୋଲି ସଂଘ ତରଫରୁ ସୂଚନା ଦିଆଯାଇଛି। ଯଦି ସରକାର ଉପଯୁକ୍ତ ପଦକ୍ଷେପ ନ ନିଅନ୍ତି ତେବେ ସଂଘ ଆମରଣ ଅନଶନକୁ ଓହ୍ଲାଇବାକୁ ବାଧହେବ ବୋଲି ଚେତାବନୀ ଦିଆଯାଇଛି। ତେଣୁ ଯଥାଶୀଘ୍ର ପ୍ରାଣୀ ଚିକିତ୍ସକଙ୍କ ଯୁକ୍ତିଯୁକ୍ତ ଦାବିଗୁଡ଼ିକୁ ଉପଯୁକ୍ତ ଭାବେ ବିଚାର କରି ନ୍ୟାୟପୂର୍ଣ୍ଣ ନିଷ୍ପତ୍ତି ନେବା ପାଇଁ ସରକାରଙ୍କୁ ପୁଣିଥରେ ସଂଘ ପକ୍ଷରୁ ନିବେଦନ କରାଯାଇଛି। ବୁଧବାର ସଂଘ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ପ୍ରାଣୀ ଚିକିତ୍ସକମାନେ ଦୁଇବର୍ଷ ହେବ ୪ଦଫା ଦାବି ପୂରଣ ପାଇଁ ସରକାରଙ୍କୁ ନିବେଦନ କରି ଆସୁଛନ୍ତି। ବିଭାଗୀୟ ରୂପାନ୍ତରୀକରଣ ଯଥା ନିଃଶୁଳ୍କ ଚିକିତ୍ସା, ବିଶେଷଜ୍ଞ ଚିକିତ୍ସା, ୨୪ ଘଣ୍ଟିଆ ସେବା ସହିତ ଓଡ଼ିଶାରେ ପ୍ରାଣୀ ଚିକିତ୍ସକଙ୍କୁ କେନ୍ଦ୍ରୀୟ ହାରରେ ପଦୋନ୍ନତି ସୁବିଧା, ନନ୍ ପ୍ରାକ୍ଟିସିଂ ଭତ୍ତା ଓ କ୍ୟାଡର ପୁନର୍ଗଠନ ପାଇଁ ସଂଘ ଦାବି ଜଣାଇଆସୁଛି। କିନ୍ତୁ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ତେଣୁ ସଂଘ ପକ୍ଷରୁ ଗତ ୧୮ ତାରିଖରୁ ଆନ୍ଦୋଳନ ଜାରି ରହିଛି। ସେପଟେ ବିଭାଗୀୟ ସଚିବ ସୁରେଶ ବଶିଷ୍ଠ ସୋମବାର ଏ ସଂକ୍ରାନ୍ତରେ ଗଣମାଧ୍ୟମକୁ କହିଥିଲେ, ପ୍ରାଣୀ ଚିକିତ୍ସକଙ୍କ ଦାବି ନେଇ ସଂଘ ସହ ରାଜ୍ୟ ସରକାର ବିଭିନ୍ନ ସ୍ତରରେ ଆଲୋଚନା କରୁଛନ୍ତି। କିନ୍ତୁ ଆଲୋଚନାର ଅର୍ଥ ନୁହେଁ ଯେ ସେମାନେ ଯେଉଁ ଦାବି ରଖୁଛନ୍ତି ତାହା ସରକାର ମାନିନେବେ।


ଖୋର୍ଦ୍ଧା ଜିଲା ପ୍ରାଣୀ ଚିକିତ୍ସାଳୟ ସମ୍ମୁଖରେ ଚିକିତ୍ସକଙ୍କ ଧାରଣା।

## ଆନ୍ଦୋଳନକୁ ବ୍ୟାପକ କରିବେ ପ୍ରାଣୀ ଚିକିତ୍ସକ

- ୧୬ ତାରିଖରୁ ରାଜ୍ୟସ୍ତରୀୟ ଧାରଣା
- ଆମରଣ ଅନଶନ ଚେତାବନୀ ଦେଲା ସଂଘ

# ସଂଯୁକ୍ତା ମହଲା ଗିରଫ

ପୋଲସରା,୧୪।୨(ସୁବ୍ରତ ବେହେରା)

ଗଞ୍ଜାମ ଜିଲା ପୋଲସରା ନିର୍ବାଚନ ମଣ୍ଡଳୀର ବିଧାୟକ ଶ୍ରୀକାନ୍ତ ସାହୁଙ୍କ ବିରୋଧରେ ପୂର୍ବରୁ ଅସଦାଚରଣ ଅଭିଯୋଗ ଆଣିଥିବା ବିଜେଡି ନେତ୍ରୀ ସଂଯୁକ୍ତା ମହଲାଙ୍କୁ କବିସୂର୍ଯ୍ୟନଗର ପୋଲିସ ବୁଧବାର ସନ୍ଧ୍ୟାରେ ଗିରଫ କରି କୋର୍ଟଚାଲାଣ କରିଛି। ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ବିଧାୟକ ସାହୁଙ୍କ ହାତୀଓଟସ୍ଥିତ ବାସଭବନରେ ପହଞ୍ଚି ନ୍ୟାୟ ଦାବି କରିଥିଲେ ସଂଯୁକ୍ତା। ଯେତେ ପର୍ଯ୍ୟନ୍ତ ସ୍ତ୍ରୀର ମାନ୍ୟତା ନ ମିଳିବ ସେତେବେଳ ପର୍ଯ୍ୟନ୍ତ ସେ ବାସଭବନରୁ ଯିବେ ନାହିଁ ବୋଲି ଅଡ଼ି ବସିଥିଲେ। ଏହି ସମୟରେ ବିଧାୟକଙ୍କ ସମର୍ଥକମାନେ ଦାଣ୍ଡ କବାଟରେ ଭିତରପଟୁ ତାଲା ପକାଇଦେବା ସହିତ ବାରିପଟେ ଶତାଧିକ କର୍ମୀ ଜଗି ରହିଥିଲେ। ପରେ ବିଧାୟକଙ୍କ ସ୍ତ୍ରୀ ଗୋଲାପୀ ସାହୁ କବିସୂର୍ଯ୍ୟନଗର ଥାନାରେ ଅଭିଯୋଗ କରିଥିଲେ। ସଂଯୁକ୍ତା ତାଙ୍କ ଶ୍ୱଶୁରଙ୍କ ତଣ୍ଟି ଚିପିଦେବା ସହିତ ବଟି ମାରିଥିଲେ ବୋଲି ଅଭିଯୋଗ ପତ୍ରରେ ଦର୍ଶାଇଥିଲେ। ପୋଲିସ ନଂ. ୯୭/୨୪ରେ ମାମଲା ରୁଜୁ କରି ବିଧାୟକଙ୍କ ବାସଭବନରେ ପହଞ୍ଚି ସଂଯୁକ୍ତାଙ୍କୁ ଗିରଫ କରିବା ପରେ ସ୍ୱାସ୍ଥ୍ୟ ପରୀକ୍ଷା କରି ସନ୍ଧ୍ୟାରେ କୋର୍ଟଚାଲାଣ କରିଛି।

# ଆଜିଠୁ ସିବିଏସ୍‌ଇ ଦଶମ, ଦ୍ୱାଦଶ ପରୀକ୍ଷା

ଭୁବନେଶ୍ୱର, ୧୪।୨(ଅସମାପିକା ସାହୁ)

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ(ସିବିଏସ୍‌ଇ) ଦ୍ୱାରା ପରିଚାଳିତ ଦଶମ ଓ ଦ୍ୱାଦଶ ପରୀକ୍ଷା ଗୁରୁବାରଠାରୁ ଆରମ୍ଭ ହେବ। ପରୀକ୍ଷା ଆରମ୍ଭ ହେବାର ୩୦ ମିନିଟ୍ ପୂର୍ବରୁ ଛାତ୍ରୀଛାତ୍ରଙ୍କୁ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବାକୁ ପଡ଼ିବ। ଆଡ଼ମିଟ୍ କାର୍ଡ ଆଣି ନ ଥିଲେ ପରୀକ୍ଷା ଦେବାକୁ ଅନୁମତି ମିଳିବ ନାହିଁ। ପରୀକ୍ଷା ହଲ୍ ଭିତରେ ଛାତ୍ରୀଛାତ୍ର ପରସ୍ପର ମଧ୍ୟରେ କୌଣସି ଜିନିଷ ଦେବାନେବା କରିପାରିବେ ନାହିଁ। କୌଣସି ଛାତ୍ରୀଛାତ୍ର ଟେକ୍ନୋଲୋଜି ଡିଭାଇସ୍ ବ୍ୟବହାର କରୁଥିବା ନଜରକୁ ଆସିଲେ ତାଙ୍କ ପରୀକ୍ଷାକୁ ବାତିଲ କରାଯିବ। ତେଣୁ ଛାତ୍ରୀଛାତ୍ରମାନେ ପରୀକ୍ଷା ହଲ୍ ଭିତରକୁ କୌଣସି ଟେକ୍ନୋଲୋଜି ଡିଭାଇସ ନ ଆଣିବା ପାଇଁ ସିବିଏସ୍‌ଇ ପରାମର୍ଶ ଦେଇଛି। ତେବେ ସିବିଏସ୍‌ଇ ଦଶମ ପରୀକ୍ଷା ମାର୍ଚ୍ଚ ୧୩ ଓ ଦ୍ୱାଦଶ ପରୀକ୍ଷା ଏପ୍ରିଲ ୨ ଯାଏ ଚାଲିବ। ଚଳିତବର୍ଷ ଭାରତ ସମେତ ୨୬ଟି ଦେଶରୁ ମୋଟ ୩୯ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏହି ପରୀକ୍ଷା ଦେବେ ବୋଲି ସିବିଏସ୍‌ଇ ପକ୍ଷରୁ ସୂଚନା ଦିଆଯାଇଛି।

# ୨୯ରେ ରାଷ୍ଟ୍ରପତିଙ୍କ ମୟୂରଭଞ୍ଜ ଗସ୍ତ

ବାରିପଦା,୧୪।୨
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ୨୯ ତାରିଖରେ ମୟୂରଭଞ୍ଜ ଗସ୍ତରେ ଆସିବେ। ସେ ଖିଚିଂସ୍ଥିତ ମା' କୀଚକେଶ୍ୱରୀ ମନ୍ଦିର ପରିଦର୍ଶନ କରିବାର କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଛି। ଏନେଇ ରାଷ୍ଟ୍ରପତି ଭବନ ପକ୍ଷରୁ କୀଚକେଶ୍ୱରୀ ମନ୍ଦିର ପରିଚାଳନା କମିଟିକୁ ଚିଠି (ନଂ. ୫୬/୨୮।୧୨।୨୦୨୩) ମିଳିବା ପରେ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ରାଷ୍ଟ୍ରପତି ପୂର୍ବାହ୍ନ ୧୦ଟା ୧୦ରେ ପହଞ୍ଚି କୀଚକେଶ୍ୱରୀଙ୍କ ଦର୍ଶନ କରିବା ପରେ ୧୦ଟା ୪୦ରେ ପ୍ରତ୍ୟାବର୍ତ୍ତନ କରିବେ। ତେବେ ରାଷ୍ଟ୍ରପତି ୨ଦିନିଆ ଗସ୍ତରେ ଆସୁଥିବା ନେଇ ଅସମର୍ଥିତ ସୂତ୍ରରୁ ଜଣାପଡ଼ିଛି।

## ୨୦ରେ ଆସିବେ ରାଜ୍ୟପାଳ

ସେହିପରି ରାଜ୍ୟପାଳ ରଘୁବର ଦାସ ଆସନ୍ତା ୨୦ରେ ମୟୂରଭଞ୍ଜ ଗସ୍ତରେ ଆସି ବିଭିନ୍ନ ସ୍ଥାନ ପରିଦର୍ଶନ କରିବା ସହ ସରକାରୀ ଯୋଜନାର ସଫଳ ରୂପାୟନ ନେଇ ସମୀକ୍ଷା କରିବେ। ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ଗସ୍ତ ସମୟରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀମାନେ ପ୍ରସ୍ତୁତି ଆରମ୍ଭ କରିଥିବା ସୂଚନା ମିଳିଛି।

MINISTRY OF SOCIAL JUSTICE & EMPOWERMENT GOVERNMENT OF INDIA
ALIMCO

"ଆମ ସରକାର ସମାଜର ପ୍ରତ୍ୟେକ ବ୍ୟକ୍ତିଙ୍କ ଜୀବନକୁ ସହଜ କରିବା ଅଭିମୁଖେ ଅଟଳ ଭାବରେ କାର୍ଯ୍ୟରତ। ବରିଷ୍ଠ ନାଗରିକ ହୁଅନ୍ତୁ କି ଦିବ୍ୟାଙ୍ଗଜନ, ଆଦିବାସୀ ସମୁଦାୟ ହୁଅନ୍ତୁ କି ସମାଜର ଅବହେଳିତ ବର୍ଗ, ୧୩୦ କୋଟି ଭାରତୀୟଙ୍କ ସ୍ୱାର୍ଥର ସେବା ଓ ସୁରକ୍ଷା ଆମର ସର୍ବପ୍ରଥମ ପ୍ରାଥମିକତା ଅଟେ।"
- ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

ରାଷ୍ଟ୍ରୀୟ ବୟୋଶ୍ରୀ ଯୋଜନା ମାଧ୍ୟମରେ ସଶକ୍ତୀକରଣ
ବରିଷ୍ଠ ନାଗରିକଙ୍କୁ ସହାୟକ ଉପକରଣ ବଣ୍ଟନ

ବରିଷ୍ଠ ନାଗରିକଙ୍କ ପାଇଁ ସାରା ଭାରତରେ ୬୦ଟି ବିତରଣ ଶିବିରର ଆୟୋଜନ
ବୟସଜନିତ ଭିନ୍ନକ୍ଷମତା/ଅକ୍ଷମତା ଭୋଗୁଥିବା ବରିଷ୍ଠ ନାଗରିକଙ୍କ ଶାରୀରିକ କାର୍ଯ୍ୟକ୍ଷମତାକୁ ପାଖାପାଖି ସ୍ୱାଭାବିକ ସ୍ଥିତିକୁ ଫେରାଇଆଣିବା ଲାଗି ଜୀବନ ପାଇଁ ସହାୟକ ଯନ୍ତ୍ର ଏବଂ ଉପକରଣ ବଣ୍ଟନ
ମାସିକ **୧୫୦୦୦/-**ରୁ ଅଧିକ ଆୟ କରୁ ନ ଥିବା ବିପିଏଲ୍ ବର୍ଗର ବରିଷ୍ଠ ନାଗରିକଙ୍କ ପାଇଁ

ଗରିମାମୟ ଉପସ୍ଥିତି
ଡା. ବୀରେନ୍ଦ୍ର କୁମାର
ମାନ୍ୟବର ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରୀ, ଭାରତ ସରକାର

ଭର୍ଚୁଆଲ୍ ଭାବେ
ଗୁରୁବାର, ୧୫ ଫେବୃଆରୀ, ୨୦୨୪ ପୂର୍ବାହ୍ନ ୧୧.୦୦ ଘଟିକାରେ

CBC 38101/13/0070/2324

୬୦ଟି ଜିଲ୍ଲା ସମ୍ପର୍କରେ ସୂଚନା ପାଇଁ କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ
ବରିଷ୍ଠ ନାଗରିକଙ୍କ ପାଇଁ ନିଃଶୁଳ୍କ ଜାତୀୟ ହେଲ୍‌ପଲାଇନ୍ ୧୪୫୬୭
ଅଧିକ ଜାଣିବା ପାଇଁ, ଲଗ୍ ଅନ୍ କରନ୍ତୁ https://socialjustice.gov.in/
ସୋସିଆଲ ମିଡିଆରେ ଫଲୋ କରନ୍ତୁ /ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ବିଭାଗ



# ବର୍ଜ୍ୟବସ୍ତୁରେ ଡାକ୍ତରଖାନା ସଂକ୍ରମିତ

■୨୪,୩୬୫ ଶଯ୍ୟାରୁ ନିର୍ଗତ ଡାକ୍ତରୀ ବର୍ଜ୍ୟବସ୍ତୁ ବିଶୋଧନ ହେଉନି

■ପୋଡ଼ି ଦିଆଯାଉଛି ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ, ବାୟୁ ପ୍ରଦୂଷଣ ଉତ୍କଟ

ଯାଜପୁର,୧୪।୨(ହର୍ଷବର୍ଦ୍ଧନ ବେହେରା)

ରାଜ୍ୟରେ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ପରିଚାଳନା ନିୟମ-୨୦୧୬ ଏବଂ ଡାକ୍ତରୀ ବର୍ଜ୍ୟବସ୍ତୁ ପରିଚାଳନା ନିୟମ-୨୦୧୬ର କେତେକାଂଶରେ ଉଲ୍ଲଂଘନ ହେଉଛି। ୨୦୨୩ରେ ଡାକ୍ତରୀ ବର୍ଜ୍ୟବସ୍ତୁ ପରିଚାଳନା ନିୟମର ଉଲ୍ଲଂଘନ କରିଥିବା ୩୯ଟି ସରକାରୀ ଡାକ୍ତରଖାନାକୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଛି। ବିଡମ୍ବନା ଯେ, ଏଯାଏ ରାଜ୍ୟର ବିଭିନ୍ନ ଡାକ୍ତରଖାନାର ୨୪,୩୬୫ ଶଯ୍ୟାରୁ ନିର୍ଗତ ଡାକ୍ତରୀ ବର୍ଜ୍ୟବସ୍ତୁ ବିଶୋଧନ ହୋଇ ପାରିନାହିଁ। ଫଳରେ ସମ୍ପୃକ୍ତ ଡାକ୍ତରଖାନାଗୁଡ଼ିକ ଏବେ ବି ସଂକ୍ରମିତ ହେଉଥିବା ଉକ୍ତ ରିପୋର୍ଟରୁ ଜଳଜଳ ଦିଶୁଛି। ଅନ୍ୟପକ୍ଷେ ପ୍ଲାଷ୍ଟିକ ପ୍ରଦୂଷଣ ଦ୍ୱାରା ଜଳ, ବାୟୁ ଏବଂ ବିଭିନ୍ନ ଖାଦ୍ୟ ପଦାର୍ଥ କେତେ ମାତ୍ରାରେ ପ୍ରଭାବିତ ହେଉଛି, ସେ ନେଇ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି) ପାଖରେ ଖବର ନ ଥିବା ଗତ ବିଧାନସଭାର ଏକ ପ୍ରଶ୍ନର ଉତ୍ତରରୁ ସ୍ପଷ୍ଟ ହୋଇଛି। ବିଶେଷକରି ଯାଜପୁର ଜିଲାର ବ୍ୟାସନଗର ସହରକୁ ଏହାର ଉଦାହରଣ ଭାବେ ନିଆଯାଇପାରେ। ଏଠାରେ ସଂଗ୍ରହ ହେଉଥିବା ବର୍ଜ୍ୟବସ୍ତୁର ଉପଯୁକ୍ତ ପରିଚାଳନା ନ କରି ବ୍ୟାସ ସରୋବର ଅଞ୍ଚଳରେ ପୋଡ଼ି ଦେଉଥିବା ଦେଖିବାକୁ ମିଳିଛି। ଏଭଳି କାର୍ଯ୍ୟ ଆଇନ ବିରୁଦ୍ଧ ହୋଇଥିଲେ ହେଁ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବା ଦୁର୍ଭାଗ୍ୟଜନକ ବୋଲି ମତପ୍ରକାଶ ପାଇଛି।


ବ୍ୟାସ ସରୋବର ନିକଟରେ କଠିନ ବର୍ଜ୍ୟବସ୍ତୁ ପୋଡ଼ାଯାଉଛି।

ରୋଗୀ ତଥା ରୋଗୀଙ୍କ ପରିବାରବର୍ଗଙ୍କୁ ସଂକ୍ରମଣରୁ ରକ୍ଷା କରିବାକୁ କମନ ବାୟୋ ମେଡିକାଲ ୱେଷ୍ଟ ଟ୍ରିଟମେଣ୍ଟ ଏବଂ ଡିସ୍‌ପୋଜାଲ ଫେସିଲିଟି ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି। ବର୍ତ୍ତମାନ ଓଡ଼ିଶାରେ ୬ଟି ଏହି ବ୍ୟବସ୍ଥା ରହିଛି। ସ୍ୱାସ୍ଥ୍ୟସେବା କେନ୍ଦ୍ରଗୁଡ଼ିକରେ ମୋଟ ୫୨,୧୪୦ ଶଯ୍ୟା ରହିଛି ଓ ସେଥିରୁ ୫୩.୩ ପ୍ରତିଶତ ଅର୍ଥାତ ୨୭,୭୭୫ଟି ଶଯ୍ୟାରୁ ନିର୍ଗତ ଡାକ୍ତରୀ ବର୍ଜ୍ୟବସ୍ତୁ ଉପରୋକ୍ତ ଫେସିଲିଟି ବ୍ୟବସ୍ଥାରେ ବିଶୋଧନ ହେଉଛି। ଏହି ମର୍ମରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି ଯେ, ରାଜ୍ୟର ସମସ୍ତ ସ୍ୱାସ୍ଥ୍ୟସେବା କେନ୍ଦ୍ରର ଡାକ୍ତରୀ ବର୍ଜ୍ୟବସ୍ତୁକୁ କମନ ବାୟୋ ମେଡିକାଲ ୱେଷ୍ଟ ଟ୍ରିଟମେଣ୍ଟ ଏବଂ ଡିସ୍‌ପୋଜାଲ ଫେସିଲିଟି ବ୍ୟବସ୍ଥାରେ ବିଶୋଧନ କରାଇବା ଲକ୍ଷ୍ୟ ରହିଛି। ଏଥିପାଇଁ ପଦକ୍ଷେପ ନିଆଯାଉଛି ଓ ଯେଉଁଠାରେ ଉକ୍ତ ବ୍ୟବସ୍ଥା କାର୍ଯ୍ୟକ୍ଷମ ଅଛି, ସେମାନଙ୍କ ସେବା ଅଧିକ ଅଞ୍ଚଳରେ ପହଞ୍ଚାଇବା ପାଇଁ ପଦକ୍ଷେପ ନିଆଯାଉଛି ବୋଲି ଅମାତ କହିଛନ୍ତି।

ଡାକ୍ତରୀ ବର୍ଜ୍ୟବସ୍ତୁ ପରିଚାଳନା ନିୟମର ବିଭିନ୍ନ ବିଧିବ୍ୟବସ୍ଥାର ଉଲ୍ଲଂଘନ ହୋଇଥିବା କାରଣରୁ ଗତ ୭ ବର୍ଷରେ ରାଜ୍ୟର ୨୨୭ଟି ସରକାରୀ ଡାକ୍ତରଖାନାକୁ କାରଣ ଦର୍ଶାଅ ନୋଟିସ ହୋଇଛି। ତେବେ ୨୦୨୩ରେ ୩୯ ଡାକ୍ତରଖାନା ମଧ୍ୟରୁ କେନ୍ଦୁଝର ଓ ମାଲକାନଗିରି ଜିଲାର ସର୍ବାଧିକ ୯ଟି ଲେଖାଏ ଡାକ୍ତରଖାନାକୁ କାରଣ ଦର୍ଶାଅ ନୋଟିସ କରାଯାଇଛି। ତେବେ ଉକ୍ତ ବିଶୋଧନ ପ୍ରକ୍ରିୟା ପାଇଁ ୩୫ ସଂସ୍ଥା ଆବେଦନ କରିଛନ୍ତି। ସେଥିରୁ ମାତ୍ର ୧୪ ସଂସ୍ଥାର ଦରଖାସ୍ତ ପଞ୍ଜୀକୃତ ହୋଇଛି। ଏଥିରୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ଅବହେଳା ରହିଥିବା ସନ୍ଦେହ କରାଯାଉଛି। ସୂଚନାଯୋଗ୍ୟ, ମେଡିକାଲ ୱେଷ୍ଟ ମ୍ୟାନେଜମେଣ୍ଟ ଅନୁସାରେ ପ୍ଲାଷ୍ଟିକ ସାଲାଇନ ବୋତଲ, ପରିସ୍ରାନଳୀ, ସିରିଞ୍ଜି, ପ୍ଲାଷ୍ଟିକ ଥଳି, ବ୍ୟବହୃତ ରକ୍ତର ଥଳି, କ୍ୟାଥେଟର ଓ ବ୍ୟବହୃତ ଗ୍ଲୋଭ୍ସ, ମଣିଷର କଟା ଅଙ୍ଗ ଇତ୍ୟାଦିକୁ ନ ପୋଡ଼ି ଡଷ୍ଟବିନରେ ପକାଇବା କଥା। ସେହିପରି ବ୍ଲେଡ୍, ଛୁଞ୍ଚି, ଭଙ୍ଗା କାଚ ଏବଂ ଅନ୍ୟ ସୂକ୍ଷ୍ମ ବସ୍ତୁ ଆଦି ଜାରକିନରେ ସୁରକ୍ଷିତ ଭାବେ ରଖିବାର ନିୟମ ରହିଛି। ସେହିସବୁକୁ ଡାକ୍ତରଖାନା ଜୈବିକ ବର୍ଜ୍ୟବସ୍ତୁ ବିଶୋଧନାଗାରରେ ବିଶୋଧନ କରିବାର ନିତାନ୍ତ ଆବଶ୍ୟକତା ରହିଛି। କିନ୍ତୁ ରାଜ୍ୟରେ ୨୪ ହଜାରରୁ ଊର୍ଦ୍ଧ୍ୱ ଶଯ୍ୟାରୁ ନିର୍ଗତ ଡାକ୍ତରୀ ବର୍ଜ୍ୟବସ୍ତୁ ବିଶୋଧନ ହୋଇ ନ ପାରିବା ଦୁର୍ଭାଗ୍ୟଜନକ ବୋଲି ମତପ୍ରକାଶ ପାଉଛି।

ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ପରିଚାଳନାରେ ଯାଜପୁର ଜିଲା ବ୍ୟାସନଗର ପୌରପାଳିକା ବିଫଳ ହୋଇଛି। ସହରରୁ ସଂଗ୍ରହ ହେଉଥିବା ବର୍ଜ୍ୟବସ୍ତୁ ବ୍ୟାସସରୋବର ନିକଟ ରେଲୱେ ଲାଇନ କଡ଼ ଏବଂ ବନୀକରଣ ଅଞ୍ଚଳରେ ପାହାଡ଼ ଭଳି ଗଦା ହୋଇଛି। ଏହାସହ ପର୍ଯ୍ୟଟନସ୍ଥଳୀ ବ୍ୟାସସରୋବର ଅଞ୍ଚଳ ପରିସର ଦେଇ ଚଳାଚଳ କରୁଥିବା ଲୋକଙ୍କ ନାକ ଫାଟି ପଡୁଛି। ଏଥିରେ ପୌରପାଳିକା କର୍ତ୍ତୃପକ୍ଷ କେବଳ ପରିମଳ ସେବାରେ ବ୍ୟତିକ୍ରମ କରୁନାହାନ୍ତି, ବରଂ ଆପରାଧିକ କାର୍ଯ୍ୟ କରୁଛନ୍ତି ବୋଲି ମତପ୍ରକାଶ ପାଇଛି।

## ଟ୍ରେନରେ କଟି ଯୁବକ ମୃତ, ଆତ୍ମହତ୍ୟା ସନ୍ଦେହ

ଯାଜପୁରରୋଡ୍,୧୪।୨ (ପବିତ୍ର ରଞ୍ଜନ ମହାନ୍ତି):

ଯାଜପୁର ରୋଡ ରେଳଷ୍ଟେଶନର ନୂଆ ବାଇପାସ ବ୍ରିଜ ନିକଟରେ ଟ୍ରେନରେ କଟି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ତାଙ୍କ ପରିଚୟ ମିଳି ପାରିନାହିଁ। ଶରୀରରୁ ମୁଣ୍ଡ ଅଲଗା ହୋଇଯାଇଥିବା ଦେଖିବାକୁ ମିଳିଛି।

ମଙ୍ଗଳବାର ଭୋର ସମୟରେ ସମ୍ପୃକ୍ତ ଯୁବକ ନୂଆ ବାଇପାସ ବ୍ରିଜ ନିକଟ ଡାଉନ ଲାଇନରେ ମୃତ୍ୟୁବରଣ କରିଥିବା ସ୍ଥାନୀୟ ଲୋକେ ଦେଖି ଷ୍ଟେଶନ ମାଷ୍ଟରଙ୍କୁ ଖବର ଦେଇଥିଲେ। ଷ୍ଟେଶନ ମାଷ୍ଟର ଜିଆରପି ଅଧିକାରୀ ସୁଶାନ୍ତ ସେଠୀଙ୍କୁ ଜଣାଇବା ପରେ ସେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଦାନଗଦି ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଅପରାହ୍ନରେ ଷ୍ଟେଶନ ମାଷ୍ଟର ସୁଶାନ୍ତ ମହାନ୍ତି ଜିଆରପିରେ ଏକ ଏତଲା ଦେଇଥିଲେ। ଜିଆରପି ଅଧିକାରୀ ନଂ.୧୦/୨୪ରେ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ମୃତ ଯୁବକଙ୍କ ନିକଟରୁ ଏକ ଭଙ୍ଗା ମୋବାଇଲ ଓ ତେଲଗୁରେ ଲେଖା ହୋଇଥିବା କାଗଜ ମିଳିଛି। ତେଣୁ ଯୁବକ ଜଣକ ବାହାର ରାଜ୍ୟର ବୋଲି ଜଣାପଡିଛି। କେଉଁ ପରିସ୍ଥିତିରେ ଯୁବକ ଜଣକ ଟ୍ରେନ ଲାଇନରେ କଟି ମୃତ୍ୟୁବରଣ କଲେ ତାହା ଜଣାପଡ଼ିନାହିଁ। ଅନ୍ୟପକ୍ଷରେ ସେ ଆତ୍ମହତ୍ୟା କରିଥାଇ ପାରନ୍ତି ବୋଲି ସନ୍ଦେହ କରାଯାଉଛି।

## ସଂକ୍ଷେପରେ

### ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀଙ୍କୁ ଶୁଭେଚ୍ଛା



ରସୁଲପୁର,୧୪।୨(ରଞ୍ଜିତ ରାଉତ): ରସୁଲପୁର ଓ ଯାଜପୁର ବ୍ଲକ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଅବସ୍ଥିତ ମଲପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ ସହକାରୀ ଶିକ୍ଷୟିତ୍ରୀ ଜୟଶ୍ରୀ ସାହୁ ୨୦୨୩-୨୪ ଶିକ୍ଷାବର୍ଷ ପାଇଁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ହାତେଇଛନ୍ତି। ଏହି ସଫଳତା ପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ବିଦ୍ୟାଳୟ ପକ୍ଷରୁ ଇଂରାଜୀ ଓ ଭାଷାସାହିତ୍ୟ ଉପରେ ସେ ଶିକ୍ଷାଦାନ କରୁଛନ୍ତି। ଶିକ୍ଷୟିତ୍ରୀ ସାହୁ ଚିରାଚରିତ ଢଙ୍ଗରେ ବିଦ୍ୟାର୍ଥୀଙ୍କୁ ଶ୍ରେଣୀ ଗୃହରେ ପାଠପଢ଼ାଇବା ସହ କରୋନା ସମୟରେ ଅନଲାଇନ ଶିକ୍ଷାଦାନ, ଚିତ୍ର ମାଧ୍ୟମରେ ପାଠପଢ଼ାକୁ ଗୁରୁତ୍ୱ, ବିଷୟ ଭିତ୍ତିକ ପ୍ରଶିକ୍ଷଣ କିଟ୍ ଜରିଆରେ ପଢ଼ାଇବା ପ୍ରଣାଳୀ, ଇ-କଂଟେଟ କ୍ଲାସ୍, ୟୁଟ୍ୟୁବ୍ କ୍ଲାସ୍, ଟିଚିଙ୍ଗ ଲର୍ଣ୍ଣିଂ ମେଥଡରେ ପାଠପଢ଼ା, ରିଡ୍ ଟୁ ମି କ୍ଲାସ୍, ଲାଇବ୍ରେରୀ କ୍ଲାସ୍, ଡେମୋ କ୍ଲାସେସ୍, ନେଚର ଲର୍ଣ୍ଣିଂ ଓ ଅଭିଭାବକଙ୍କୁ ପ୍ରଶିକ୍ଷଣ ଆଦି ବିଷୟ ଉପରେ ଗୁରୁତ୍ୱ ଦେଇ ପାଠ ପଢ଼ାଉ ଥିବାରୁ ତାଙ୍କୁ ଏଭଳି ପୁରସ୍କାର ପାଇଁ ଚୟନ କରାଯାଇଥିବା ସେ ପ୍ରକାଶ କରିଛନ୍ତି। ଏହି ଖବର ବିଦ୍ୟାଳୟ ପାଇଁ ଖୁସି ଆଣିଥିବାବେଳେ ବିଦ୍ୟାଳୟ ପ୍ରଧାନଶିକ୍ଷକ କାର୍ତ୍ତିକ ଚନ୍ଦ୍ର କର, ସହକାରୀ ଶିକ୍ଷୟିତ୍ରୀଶିକ୍ଷକ ମାଣିକ ପ୍ରିୟଦର୍ଶିନୀ, ରଚନା ସାହୁ, ପୁଷ୍ପଲତା ସାହୁ, ପ୍ରିୟଙ୍କା ପ୍ରିୟଦର୍ଶିନୀ ପୃଷ୍ଟି, ରଞ୍ଜିତା ସେନାପତି, ରେଣୁବାଳା ପ୍ରଧାନ, ଅମିୟ ତ୍ରିପାଠୀ, ଅଂଶୁମାନ ନାଥ, ବଦ୍ରିନାରାୟଣ ଦଳାଇ, ହରିହର ମହାରଣା, ମହେନ୍ଦ୍ର ସାହୁ, ଜିତେନ୍ଦ୍ର ଦଳାଇ, ନିଳମଣୀ ଆଚାର୍ଯ୍ୟ, ବିଷ୍ଣୁଚରଣ ରାଉତ ପ୍ରମୁଖ ତାଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କ ସଫଳତା ବିଦ୍ୟାଳୟ ପାଇଁ ଗୌରବ ଆଣିଦେଇଛି ବୋଲି ପ୍ରକାଶ କରିଛନ୍ତି।

### ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ

ଯାଜପୁରସଦର,୧୪।୨(ସମର ବିଜୟ ଶରଣ)

ଯାଜପୁର ବ୍ଲକ ଉପର ବରୁହାଁ ପଞ୍ଚାୟତ କଚେରିଗାଁର ଧର୍ମପରାୟଣ ବ୍ୟକ୍ତି ତଥା ପ୍ରଭୁ ବିଶେଶ୍ୱର ମନ୍ଦିର ପୂଜକ କଳ୍ପତରୁ ପଣ୍ଡାଙ୍କ ବୁଧବାର ପରଲୋକ ହୋଇଯାଇଛି। ତାଙ୍କୁ ୭୦ ବର୍ଷ ବୟସ ହୋଇଥିଲା। ପଣ୍ଡା ଜଣେ ଧର୍ମପରାୟଣ, ମିଷ୍ଟଭାଷୀ ଓ ପରୋପକାରୀ ବ୍ୟକ୍ତିଥିଲେ। କିଛିଦିନ ହେବ ସେ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ପୁତ୍ର ମାନସ ମୁଖାଗ୍ନି ଦେଇଥିଲେ।

### ଆଦର୍ଶ ଶିକ୍ଷକଙ୍କ ପରଲୋକ

ବରୀ,୧୪।୨(ମହେନ୍ଦ୍ର ସ୍ୱାଇଁ):



ବରୀ ବ୍ଲକ ଅନ୍ତର୍ଗତ ନାଥପୁର ଗ୍ରାମର ଆଦର୍ଶ ଶିକ୍ଷକ ପ୍ରବୋଧ ଦେଙ୍କ ବୁଧବାର ପରଲୋକ ହୋଇଯାଇଛି। ତାଙ୍କୁ ୯୦ ବର୍ଷ ବୟସ ହୋଇଥିଲା। ଦେ ବାଲେଶ୍ୱର ଜିଲାରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ଶିକ୍ଷକ ଜୀବନ ଜଗତସିଂହପୁର ଜିଲାର ଝଙ୍କଡ଼ରୁ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ଯାଜପୁର ଜିଲା ବରୀ ବ୍ଲକ୍‌ର ସାହୁପଡ଼ା ସରକାରୀ ମଧ୍ୟ ଇଂରାଜୀ ବିଦ୍ୟାଳୟ(ଗାନ୍ଧି ଉଚ୍ଚ ମୌଳିକ ବିଦ୍ୟାପୀଠ)ରେ ୩୭ବର୍ଷ ଧରି ଶିକ୍ଷାଦାନ କରି ଅବସର ଗ୍ରହଣ କରିଥିଲେ। ଜଣେ ଆର୍ଦଶ ଶିକ୍ଷକଭାବେ ସେ ଯେମିତି ସମସ୍ତଙ୍କ ପ୍ରିୟ ହୋଇପାରିଥିଲେ ଠିକ ସେମିତି ଜଣେ ଚିକିତ୍ସକ ହିସାବରେ ଅଞ୍ଚଳରେ ତାଙ୍କର ସୁଖ୍ୟାତି ରହିଥିଲା। ତାଙ୍କ ମୃତ୍ୟୁ ଖବର ପାଇ ଜିଲା ପରିଷଦ ସଭ୍ୟ ଅଶୋକ ସାମଲ, ଯୁବନେତା ସଞ୍ଜୀବ ଜେନା, ଧାରପୁର ସରପଞ୍ଚ କୁନା ମଲିକ, ସମିତିସଭ୍ୟ ଶ୍ରୀଧର ସେଠୀ, ସାହୁପଡ଼ା ସରପଞ୍ଚ ସଞ୍ଜୟ ସେଠୀ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବ୍ରଜମୋହନ ସାମଲ, ବଟକୃଷ୍ଣ ସେଠୀ, କାର୍ତ୍ତିକ ଚନ୍ଦ୍ର ସାହୁ, ଶିଶୁ ସାହିତ୍ୟିକ ଅଜୟ ଜେନା, ଖବରଦାତା ଚୈତନ୍ୟ ଚରଣ ଜେନା, ଆଇନଜୀବୀ ଭବାନୀ ପ୍ରସାଦ ପଣ୍ଡା ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କ ବିୟୋଗରେ ବିଧାୟିକା ସୁନନ୍ଦା ଦାସ, ରାଜ୍ୟ ଭାଜପା ମୁଖପାତ୍ର ମନୋଜ ମହାପାତ୍ର ଓ ସାମାଜିକ କର୍ମୀ ଅଶୋକ ବେହେରା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ଧ୍ରୁବଚରଣ ହାଇସ୍କୁଲର ବାର୍ଷିକ ଉତ୍ସବ


ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

ସିଂହପୁର,୧୪।୨ (ଅନଙ୍ଗ ଉଦୟ ବେଉରିଆ):

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ନାଉବାଙ୍କ ଧ୍ରୁବଚରଣ ସାହୁ ହାଇସ୍କୁଲର ବାର୍ଷିକ ଉତ୍ସବ ଓ ୫ଟି ଗୃହର ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଯଯାତି ସାହୁଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ରଞ୍ଜିତା ଦାସ, ମୁଖ୍ୟବକ୍ତା ପୂର୍ବତନ ବ୍ଲକ ଅଧ୍ୟକ୍ଷ ପୁରୁଷୋତ୍ତମ ବେହେରା, ସମ୍ମାନିତ ଅତିଥି ପ୍ରାକ୍ତନ ସଭାପତି କହ୍ନେଇ ଚରଣ ବାରିକ, ଜରି ସରପଞ୍ଚ ନନ୍ଦ କିଶୋର ମଲିକ, ସମିତି ସଭ୍ୟା ଅନସୂୟା ମଲିକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରତାପ ପାତ୍ର, ପ୍ରାକ୍ତନ ସମିତି ସଭ୍ୟପ୍ରଦ୍ୟୁମ୍ନ ପାତ୍ର ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପଦ୍ମଲୋଚନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ପ୍ରତିନିଧି ଭରତ ଚନ୍ଦ୍ର ନାୟକ ଅତିଥି ପରିଚୟ ପ୍ରଦାନ କରିବା ସହ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ସରପଞ୍ଚ ମଲିକ ନୂତନ ଗୃହକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ପ୍ରତିଷ୍ଠାର ମୁଖ୍ୟବିନ୍ଧାଣି କହ୍ନେଇ ଚରଣ ବାରିକ, ପୁରୁଷୋତ୍ତମ ବେହେରା ଓ ପ୍ରତାପ ପାତ୍ରଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶିକ୍ଷକ ସତ୍ୟଭୂଷଣ ବାରିକ, ମୁରଲୀଧର ସାହୁ, ରମେଶ ଚନ୍ଦ୍ର ଧଳ, ପ୍ରଫୁଲ୍ଲ ସାମଲ ଓ ଶଶଧର ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସଂଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ଶିକ୍ଷକ ରତ୍ନାକର ସାହୁ ଧନ୍ୟବାଦ ଦେଇଥିଲେ।

## ଆଇନଜୀବୀ ପାର୍ଥ ରାୟ ହେଲେ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର

ଯାଜପୁର ଟାଉନ,୧୪।୨ (ପ୍ରଯୁକ୍ତା ପ୍ରିୟଦର୍ଶନୀ ମହାନ୍ତି):

ଯାଜପୁର ଜିଲାର ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟରଭାବେ ଯୁବ ଆଇନଜୀବୀ ପାର୍ଥସାରଥି ରାୟଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ଏନେଇ ଆଇନ ବିଭାଗ ପକ୍ଷରୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି। ରାୟଙ୍କୁ ଆଡ୍‌ହକ୍ ଫାଷ୍ଟଟ୍ରାକ୍ ପୋକ୍ସୋ କୋର୍ଟରେ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ଭାବେ ନିଯୁକ୍ତି ଦିଆଯାଇଛି। ସରକାରଙ୍କ ପକ୍ଷରୁ ରାୟ ମକଦ୍ଦୋମା ପରିଚାଳନା କରିବେ। ଏହି ନିଯୁକ୍ତି ପରେ ରାୟଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ଯାଜପୁର ବାର ଆସୋସିଏଶନ, ଲୟର୍ସ ଆସୋସିଏଶନ ଓ କ୍ରିମିନାଲ ଆସୋସିଏସନ୍‌ର ସଦ୍ୟସମାନେ ରାୟଙ୍କୁ ଶୁଭେଚ୍ଛା ପ୍ରଦାନ କରିଛନ୍ତି। ରାୟ ସାଧାରଣଲୋକଙ୍କୁ ତ୍ୱରିତ ନ୍ୟାୟ ଦେବା ପାଇଁ ପ୍ରତିଶ୍ରୁତି ବଦ୍ଧ ବୋଲି ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।


ଆଇନଜୀବୀ ପାର୍ଥସାରଥି ରାୟ।

## ତଳଡିହରେ ସ୍ୱାସ୍ଥ୍ୟ ଶିବିର


ଶିବିରରେ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

କାଳିଆପାଣି,୧୪।୨(ଅସିତ ମହାନ୍ତ):

ନଗଡ଼ା ଅଞ୍ଚଳରେ ବିପୁଳ ଟଙ୍କା ବ୍ୟୟରେ ରାସ୍ତା ନିର୍ମାଣ ଚାଲିଥିଲେ ମଧ୍ୟ ଅଦ୍ୟାବଧି ପାହାଡ଼ ଉପରେ ଥିବା ଗୁହିଆଶାଳର ତଳଡିହ ଗାଁରେ ପ୍ରଶାସନ ପହଞ୍ଚି ପାରୁନି। ଫଳରେ ସେଠାରେ ରହୁଥିବା ଜନଜାତି ଜୁଆଙ୍ଗମାନେ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି। ବାସଗୃହ, ରାଶନ କାର୍ଡ, ସ୍ୱାସ୍ଥ୍ୟସେବା ଓ ପାନୀୟଜଳ ସେମାନଙ୍କ ନିକଟରେ ପହଞ୍ଚି ପାରୁନାହିଁ। ସେମାନେ ଏକ ପ୍ରକାର ଅସହାୟ ହୋଇ ଜୀବନ ବିତାଉଛନ୍ତି। ଏକଥା ଜାଣିବା ପରେ ତଳଡିହ ଅଞ୍ଚଳରେ ମିଶନ ନଗଡ଼ା ଏବଂ ନ୍ୟାଶନାଲ ୟୁଥ୍ ଆସୋସିଏଶନ ଟ୍ରଷ୍ଟ ପକ୍ଷରୁ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇଛି। ସାମାଜିକ କର୍ମୀ ଗଗନ ପାଇଟାଲ, ରଶ୍ମିଲତା ବଳ, ସୁପ୍ରିୟା ରାୟ, ସସ୍ମିତା ମଣ୍ଡଳ, ଚନ୍ଦନ ସ୍ୱାଇଁ, ବିପ୍ରରଞ୍ଜନ ନାୟକ, ତୁଷାର ଜେନା, ରାଜୀବ ଲୋଚନ ମହାପାତ୍ର, ନିଗମାନନ୍ଦ ଜେନା, ଧର୍ମେନ୍ଦ୍ର ମଲ୍ଲିକ, ଦୀପକ ନାୟକ, ବିରଞ୍ଚି ପ୍ରଧାନ, ସବ୍ୟସାଚୀ ସାହୁ, ସତ୍ୟଜିତ ଦାଶ, ନିରାକାର, ଅନିତା ଓଝା, ସୁନିତା ଜେନା, ତପସ୍ୱିନୀ ଖୁଣ୍ଟିଆ, ଅଶୋକ ଦାସ ସବ୍ୟସାଚୀ ରାଉତ ଓ କ୍ଷୀରୋଦ ସାହୁ ପ୍ରମୁଖ ବିଭିନ୍ନ ସାମଗ୍ରୀ କାନ୍ଧରେ ବୋହି ନେଇ ସେଠାରେ ପହଞ୍ଚିଥିଲେ। ଡାକ୍ତର ଦୀପ୍ତିରଞ୍ଜନ କରଙ୍କ ତତ୍ତ୍ୱାବଧାନରେ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ତଳଡିହ ଗାଁର ଛୋଟ ପିଲାଙ୍କଠାରୁ ଆରମ୍ଭ କରି ବୃଦ୍ଧାବୃଦ୍ଧଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ମହିଳାମାନେ ସେମାନଙ୍କୁ ପୁଷ୍ଟିକର ଖାଦ୍ୟ କିପରି ଖାଇବେ ତାହା ଶିଖାଇଥିଲେ।

## ଧର୍ମଶାଳା ଅଞ୍ଚଳରେ ସରସ୍ୱତୀ ପୂଜା

ଧର୍ମଶାଳା,୧୪।୨(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ବ୍ଲକ ଅଧୀନ ବିଭିନ୍ନ ସ୍କୁଲ, କଲେଜ, ପାଠାଗାର, କ୍ଲବ ଓ ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକରେ ବୁଧବାର ସରସ୍ୱତୀ ପୂଜା ପାଳିତ ହୋଇଯାଇଛି। ଧର୍ମଶାଳା ମହାବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ, ବଜ୍ରଗିରି ମହାବିଦ୍ୟାଳୟ, ଜେନାପୁର ଯୁକ୍ତ ୨ ମହାବିଦ୍ୟାଳୟ, ଜେନାପୁର ଡିଗ୍ରୀ ମହାବିଦ୍ୟାଳୟ, ଦଧିବାମନ ଜୀଉ ସଂସ୍କୃତ ମହାବିଦ୍ୟାଳୟ, ସାରଦା ସଂସ୍କୃତ ମହାବିଦ୍ୟାଳୟ, ଜଗନ୍ନାଥ ଜୀଉ ମହାବିଦ୍ୟାଳୟ, ମୁକୁନ୍ଦପାତ୍ର ମହାବିଦ୍ୟାଳୟ, ଧର୍ମଶାଳା ବାଣୀପୀଠ, ଜାରକା ହାଇସ୍କୁଲ, ଗୋକର୍ଣ୍ଣେଶ୍ୱର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଦେଉଳି ପ୍ରାଥମିକ ବିଦ୍ୟାଳୟ, ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ଧର୍ମଶାଳା ପବ୍ଲିକ ସ୍କୁଲ, ଏପିଜେ ଅବଦୁଲ କଲାମ ଇଣ୍ଟରନ୍ୟାଶନାଲ ସ୍କୁଲ, ବିବେକାନନ୍ଦ ଶିକ୍ଷା ନିକେତନ, ପତିତପାବନ ହାଇସ୍କୁଲ,ଲାଲବାହାଦୁର ହାଇସ୍କୁଲ, ଦାମୋଦର ବିଦ୍ୟାପୀଠ, ଜାରକା ଉଚ୍ଚ ପ୍ରାଥମିକ, ପ୍ରାଥମିକ ବିଦ୍ୟାଳୟ, ଜାଭିୟର ସ୍କୁଲ ଓ କଳିଙ୍ଗ କ୍ଲବରେ ପୂଜା ପାଳିତ ହୋଇଛି। ଛାତ୍ରୀଛାତ୍ର ନୂତନ ପୋଷାକ ପରିଧାନ କରି ସ୍କୁଲକୁ ଆସି ପୂଜା କରିବା ସହିତ ପୁଷ୍ପାଞ୍ଜଳି ଦେଇଥିଲେ। ପାଠାଗାର ଓ କ୍ଲବଗୁଡ଼ିକରେ ପୂଜା କରାଯାଇଥିଲା।

## ବାଳିକା ଆତ୍ମରକ୍ଷା ଶିବିର ଉଦ୍‌ଯାପିତ


ଶିବିରରେ ଜଣେ ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

ପାଣିକୋଇଲି,୧୪।୨(ବିକାଶ କୁମାର ମଲିକ)

ପାଣିକୋଇଲିସ୍ଥିତ ମା'ତାରିଣୀ +୨ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୩ ତାରିଖରୁ ଆରମ୍ଭ ହୋଇଥିବା ବାଳିକା ଆତ୍ମରକ୍ଷା ଶିବିର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ପାର୍ଥସାରଥି ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ମୁଖ୍ୟଅତିଥି ଭାବେ ଯୁକ୍ତ ୩ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଚନ୍ଦ୍ରକାନ୍ତ ମହାନ୍ତି ଯୋଗଦେଇ ବାଳିକା ଆତ୍ମରକ୍ଷାର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମର ସଂଯୋଜକ ଉଦ୍ଭିଦ ବିଜ୍ଞାନର ଅଧ୍ୟାପକ ଗୌରହରି ମହାପାତ୍ର ଶିବିରର ଉଦ୍ଦେଶ୍ୟ ଓ ଉପାଦେୟ ସମ୍ପର୍କରେ ଆଲୋକପାତ କରିଥିଲେ । ମହାବିଦ୍ୟାଳୟର ଅଧ୍ୟାପକ ସମରେନ୍ଦ୍ର ଦାଶ, ବିଦ୍ୟାଧର ବେହେରା, ବଳରାମ ପଣ୍ଡା, ଗୋପବନ୍ଧୁ ସାହୁ, ସୋମନାଥ ପତି, ସୁଶାନ୍ତ ପଣ୍ଡା, ତୁଷାର ରଞ୍ଜନ ପୁହାଣ, ଅଧ୍ୟାପିକା ବସନ୍ତ ମଞ୍ଜରୀ ସାହୁ, ପ୍ରଭାମୟୀ ସାମଲ, କଲ୍ୟାଣୀ ସାମଲ, ଶାରଳା ଦାଶ, ମନୀଷା ଖୁଣ୍ଟିଆ ପ୍ରମୁଖ ବାଳିକା ଆତ୍ମରକ୍ଷା ଶିବିର ସମ୍ପର୍କରେ ମତ ରଖିଥିଲେ । ମୁଖ୍ୟ ପ୍ରଶିକ୍ଷିକା ସନ୍ତୋଷରାଣୀ ପଣ୍ଡା ଆତ୍ମରକ୍ଷା କୌଶଳ ଶିକ୍ଷାକୁ ଛାତ୍ରୀମାନେ ନିୟମିତ ଭାବେ ଅଭ୍ୟାସ ଜାରି ରଖିବାକୁ ପରାମର୍ଶ ଦେଇଥିଲେ । ଅଧ୍ୟାପିକା କଲ୍ୟାଣୀ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ।

## ପଞ୍ଚାୟତ କାର୍ଯ୍ୟାଳୟରେ ସ୍ୱାସ୍ଥ୍ୟସେବା ଶିବିର

ପାଣିକୋଇଲି,୧୪।୨(ବିକାଶ କୁମାର ମଲିକ)

ପାଣିକୋଇଲି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ହାଇଟେକ୍ ମେଡିକାଲ ପକ୍ଷରୁ ମାଗଣା ସ୍ୱାସ୍ଥ ଶିବିର ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ବିଭାଗ ଯଥା ଭେଷଜ ଡାକ୍ତର ସାଇ ପ୍ରସାଦ ପରିଡ଼ା, ଅସ୍ତ୍ରୋପଚାର ଡାକ୍ତର ପ୍ରମିଲ କୁମାର ପ୍ରଧାନ, ଅସ୍ଥିଶଲ୍ୟ ଡାକ୍ତର ଅବିନାଶ ରାଉତ, ଚକ୍ଷୁ ବିଜ୍ଞାନ ଡାକ୍ତର ସଞ୍ଜୟ ସାହୁ ପ୍ରମୁଖ ରୋଗୀମାନଙ୍କ ଚିକିତ୍ସା କରିଥିଲେ । ଯାଜପୁର ଜିଲା ସଂଯୋଜକ ଅଜୟ କୁମାର ଗୁଇଁଙ୍କ ତତ୍ତ୍ୱାବଧାନରେ ଲାବ୍ କ୍ୟାମ୍ପ ଇନ୍‌ଚାର୍ଜ ରାଜକିଶୋର ଦାସ, ଟେକ୍‌ନିସିଆନ ରୁଦ୍ର ପ୍ରସାଦ ସାହୁ, ନର୍ସ ଲୋପାମୁଦ୍ରା ପାତ୍ର, ସ୍ୱସ୍ତି ଧଳ, ରୁଦ୍ର ମାଧବ ନାୟକ, ଦେବାଶିଷ ପରିଡ଼ା ପ୍ରମୁଖ ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷାରେ ସହଯୋଗ କରିଥିଲେ । ଏହି ଶିବିରରେ ମୋଟ ୧୭୫ ଜଣ ରୋଗୀ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ସହ ଔଷଧ ଗ୍ରହଣ କରିଥିଲେ। ପାଣିକୋଇଲି ସରପଞ୍ଚ ପଦ୍ମାବତୀ ପଣ୍ଡା ଓ ସହଯୋଗୀମାନେ ଉକ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଜିନ୍ଦଲ କାରଖାନାରେ ଇସ୍ପାତ କମ୍ପାନୀ ଅଧିକାରୀ

କଳିଙ୍ଗନଗର,୧୪।୨(ଶୁଭାଶିଷ ରାଉତ):

ପ୍ରମୁଖ ଇସ୍ପାତ ନିର୍ମାଣକାରୀ କମ୍ପାନୀର ଅଧିକାରୀମାନେ ମଙ୍ଗଳବାର ଦୁଇ ଦିନିଆ ଗସ୍ତରେ ଆସି କଳିଙ୍ଗନଗରଠାରେ ଇଣ୍ଡିଆନ ଷ୍ଟିଲ ଆସୋସିଏଶନର ସଭାରେ ଯୋଗ ଦେଇଛନ୍ତି। ଜିନ୍ଦଲ ଷ୍ଟେନଲେସର ଗେଷ୍ଟ ହାଉସରେ ସେମାନଙ୍କ ରାତ୍ରିଯାପନ ଅବସରରେ ସେମାନେ ଜିନ୍ଦଲ ଷ୍ଟେନଲେସର ଅତ୍ୟାଧୁନିକ କାରଖାନା ବୁଲି ଦେଖିଛନ୍ତି। ପରିବେଶ ସଂରକ୍ଷଣ ପ୍ରତି ସେମାନଙ୍କ ପ୍ରତିବଦ୍ଧତାର ପ୍ରମାଣ ଭାବରେ ପ୍ରତିନିଧିମାନେ କାରଖାନା ପରିସରରେ ବୁଧବାର ସକାଳେ ଚାରାରୋପଣ କାର୍ଯ୍ୟରେ ଭାଗ ନେଇଥିଲେ। ଅଧିକାରୀଙ୍କ ମଧ୍ୟରେ ଜେଏସଡବ୍ଲ୍ୟୁ ଷ୍ଟିଲ ଚେୟାରମ୍ୟାନ ସଜ୍ଜନ ଜିନ୍ଦଲ, ଟାଟା ଷ୍ଟିଲ ପରିଚାଳନା ନିର୍ଦ୍ଦେଶକ ଟିଭି ନରେନ୍ଦ୍ରନ ଚାରାରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟାଟା ଷ୍ଟିଲ୍ କର୍ପୋରେଟ ସେବା ଉପସଭାପତି ଚାଣକ୍ୟ ଚୌଧୁରୀ, ଏଏମ/ଏନଏସ୍ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦିଲୀପ ଉମେନ, ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ଏବଂ ସିଇଓ ଜୟନ୍ତ ଆଚାର୍ଯ୍ୟ, ଜେଏସପିଏଲ ପ୍ରତିନିଧି ଭେଙ୍କଟେଶ ଜିନ୍ଦଲ, ଜେଏସ୍‌ପିଏଲ୍ ପରିଚାଳନା ନିର୍ଦ୍ଦେଶକ ଭିଆର ଶର୍ମା ଏବଂ ଜେଏସଡବ୍ଲ୍ୟୁ ବିପିଏସ୍‌ଲ ନିର୍ଦ୍ଦେଶକ ଅନିଲ କୁମାର ସିଂହ ଚାରାରୋପଣ କାର୍ଯ୍ୟରେ ନିଜକୁ ସାମିଲ କରିଥିଲେ। କାର୍ଯ୍ୟକ୍ରମକୁ ଜିନ୍ଦଲ ଷ୍ଟେନଲେସ ଲିମିଟେଡର ୟୁନିଟ ହେଡ ଦୀପକ ଅଗ୍ରୱାଲ, ରେସିଡେଣ୍ଟ ଡାଇରେକ୍ଟର ଭି ଶିବରାମକୃଷ୍ଣ ଏବଂ ବ୍ୟବସାୟ ମୁଖ୍ୟ ଏକେ ସିଂ ସଂଯୋଜନା କରିଥିଲେ।


ଅଧିକାରୀମାନେ ଜିନ୍ଦଲ କାରଖାନା ପରିସରରେ ଚାରାରୋପଣ କରୁଛନ୍ତି।

## ଜିନ୍ଦଲ କାରଖାନା ବୁଲିଲେ ପ୍ରମୁଖ ଇସ୍ପାତ କମ୍ପାନୀ ଅଧିକାରୀ

କଳିଙ୍ଗନଗର,୧୪।୨(ଶୁଭାଶିଷ ରାଉତ)

ପ୍ରମୁଖ ଇସ୍ପାତ ନିର୍ମାଣକାରୀ କମ୍ପାନୀର ଅଧିକାରୀମାନେ ମଙ୍ଗଳବାର ଦୁଇ ଦିନିଆ ଗସ୍ତରେ ଆସି କଳିଙ୍ଗନଗରଠାରେ ଇଣ୍ଡିଆନ ଷ୍ଟିଲ ଆସୋସିଏଶନର ସଭାରେ ଯୋଗ ଦେଇଛନ୍ତି। ଜିନ୍ଦଲ ଷ୍ଟେନଲେସର ଗେଷ୍ଟ ହାଉସରେ ସେମାନଙ୍କ ରାତ୍ରିଯାପନ ଅବସରରେ ସେମାନେ ଜିନ୍ଦଲ ଷ୍ଟେନଲେସର ଅତ୍ୟାଧୁନିକ କାରଖାନା ବୁଲି ଦେଖିଛନ୍ତି। ପରିବେଶ ସଂରକ୍ଷଣ ପ୍ରତି ସେମାନଙ୍କ ପ୍ରତିବଦ୍ଧତାର ପ୍ରମାଣ ଭାବରେ ପ୍ରତିନିଧିମାନେ କାରଖାନା ପରିସରରେ ବୁଧବାର ସକାଳେ ଚାରାରୋପଣ କାର୍ଯ୍ୟରେ ଭାଗ ନେଇଥିଲେ। ଅଧିକାରୀଙ୍କ ମଧ୍ୟରେ ଜେଏସଡବ୍ଲ୍ୟୁ ଷ୍ଟିଲ ଚେୟାରମ୍ୟାନ ସଜ୍ଜନ ଜିନ୍ଦଲ, ଟାଟା ଷ୍ଟିଲ ପରିଚାଳନା ନିର୍ଦ୍ଦେଶକ ଟିଭି ନରେନ୍ଦ୍ରନ ଚାରାରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟାଟା ଷ୍ଟିଲ୍ କର୍ପୋରେଟ ସେବା ଉପସଭାପତି ଚାଣକ୍ୟ ଚୌଧୁରୀ, ଏଏମ/ଏନଏସ୍ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦିଲୀପ ଉମେନ, ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ଏବଂ ସିଇଓ ଜୟନ୍ତ ଆଚାର୍ଯ୍ୟ, ଜେଏସପିଏଲ ପ୍ରତିନିଧି ଭେଙ୍କଟେଶ ଜିନ୍ଦଲ, ଜେଏସ୍‌ପିଏଲ୍ ପରିଚାଳନା ନିର୍ଦ୍ଦେଶକ ଭିଆର ଶର୍ମା ଏବଂ ଜେଏସଡବ୍ଲ୍ୟୁ ବିପିଏସ୍‌ଲ ନିର୍ଦ୍ଦେଶକ ଅନିଲ କୁମାର ସିଂହ ଚାରାରୋପଣ କାର୍ଯ୍ୟରେ ନିଜକୁ ସାମିଲ କରିଥିଲେ। କାର୍ଯ୍ୟକ୍ରମକୁ ଜିନ୍ଦଲ ଷ୍ଟେନଲେସ ଲିମିଟେଡର ୟୁନିଟ ହେଡ ଦୀପକ ଅଗ୍ରୱାଲ, ରେସିଡେଣ୍ଟ ଡାଇରେକ୍ଟର ଭି ଶିବରାମକୃଷ୍ଣ ଏବଂ ବ୍ୟବସାୟ ମୁଖ୍ୟ ଏକେ ସିଂ ସଂଯୋଜନା କରିଥିଲେ।

# ମୋବାଇଲ ଟର୍ଚ୍ଚରେ ରୋଗୀ ସେବା

### ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

ଡେରାବିଶ, ୧୪।୨(ବେବର୍ତ୍ତା ଅଜୟ ଦାସ)



କେନ୍ଦ୍ରାପଡ଼ା ଜିଲାର ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଟି ୫୩ ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏହି ସ୍ୱାସ୍ଥ୍ୟ କେନ୍ଦ୍ରଟି ରୋଗୀଙ୍କ ପାଇଁ ଗୁରୁତ୍ୱ ବହନ କରୁଛି। ମାତ୍ର ସ୍ୱାସ୍ଥ୍ୟକେନ୍ଦ୍ରରେ ଦିନକୁ ଦିନ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହେବାରେ ଲାଗିଛି। ସୋମବାର ରାତିରେ ରାଜପଥରେ ଏକ ଦୁର୍ଘଟଣା ଗ୍ରସ୍ତ ବ୍ୟକ୍ତିଙ୍କୁ ଚିକିତ୍ସା ଲାଗି ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ବିଦ୍ୟୁତ୍ ନ ଥିବାରୁ ସେମାନଙ୍କ ଚିକିତ୍ସା ମୋବାଇଲ ଟର୍ଚ୍ଚ ସାହାଯ୍ୟରେ କରାଯାଇଥିଲା। ଯାହାକି ଜିଲାରେ ଆଲୋଡ଼ନ ସୃଷ୍ଟି କରିଛି।

ପଟ୍ଟାମୁଣ୍ଡାଇ ଅଞ୍ଚଳର ଜଣେ ବ୍ୟକ୍ତି ଜାତୀୟ ରାଜପଥରେ ଦୁର୍ଘଟଣା ଗ୍ରସ୍ତ ହୋଇ ୧୦୮ ଆମ୍ବୁଲାନ୍ସ ଯୋଗେ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ। ବିଦ୍ୟୁତ୍ କାଟ ଯୋଗୁ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ ସମ୍ପୃକ୍ତ ବ୍ୟକ୍ତି ଜଣକୁ ଟର୍ଚ୍ଚ ଆଲୁଅରେ ଚିକିତ୍ସା କରୁଥିବା ନେଇ ରୋଗୀଙ୍କ ସମ୍ପର୍କୀୟ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ଏ ସମ୍ପର୍କରେ ସେବା ଯୋଗାଉଥିବା ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀଙ୍କୁ ପଚାରିବାରୁ ସକାଳୁ ବିଦ୍ୟୁତ୍‌କାଟ କାଟ ଯୋଗୁ ଲାଇନ ନ ଥିବା ସେ କହିଥିଲେ। ଏ ସଂକ୍ରାନ୍ତରେ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡା. ଚିତ୍ତରଞ୍ଜନ ବେହେରାଙ୍କୁ ବାରମ୍ବାର ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାହା ସମ୍ଭବ ପର ହୋଇ ପାରି ନ ଥିଲା। ତେବେ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସଚ୍ଚିଦାନନ୍ଦ ମିଶ୍ରଙ୍କୁ ପଚାରିବାରୁ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଡିଜି ନ ଥିବା ବେଳେ ବେଳେ ଭଡ଼ାରେ ଆଣି ଜରୁରୀକାଳୀନ ସେବା କରିବାକୁ ସମ୍ପୃକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ କୁହାଯାଇଥିଲା। ମାତ୍ର ଡିଜି ପରିବର୍ତ୍ତେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ଇନ୍‌ଭରଟର ଯୋଗେ ରାତିରେ ପ୍ରାଥମିକ ଚିକିତ୍ସା କରାଯାଇଥିବା ଡା. ମିଶ୍ର କହିଥିଲେ। ତେବେ ଏଭଳି ଘଟଣା ବିଷୟରେ ଅଧିକ ତଦନ୍ତ ଜାରି ରହିଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅନିତା ପଟ୍ଟନାୟକ କହିଛନ୍ତି।

ସୂଚନା ଅନୁଯାୟୀ ଛତା ବିଦ୍ୟୁତ୍ ସେକ୍ସନ ଅଧୀନରେ ଥିବା ଗ୍ରୀଡ଼ରେ ଏକ ଉଚ୍ଚଶକ୍ତି ସମ୍ପନ୍ନ ଟ୍ରାନ୍ସଫର୍ମର ବଦଳା ଯାଇଥିବାରୁ ସକାଳ ୮ଟାରୁ ବିଦ୍ୟୁତ୍ କଟାଯାଇଲା। ସୋମବାର ରାତି ଯାଏ ବିଦ୍ୟୁତ୍ ସେବା ବିଚ୍ଛିନ୍ନ କରାଯାଇଥିବା କହୁଥିଲେ ମଧ୍ୟ ଛତା ବିଦ୍ୟୁତ୍ ବିଭାଗର ଖାମଖିଆଲି ପାଇଁ ବହୁ ସମୟରେ ବିଦ୍ୟୁତ୍ କାଟ ହେଉଥିବା ଚାଟରା ଗ୍ରାମର ଲକ୍ଷ୍ମୀକାନ୍ତ ମହାନ୍ତି କହିଛନ୍ତି। ସେହିପରି କେନ୍ଦ୍ରାପଡ଼ା ଜିଲା ଭାଜପା ସାଧାରଣ ସମ୍ପାଦକ ସରୋଜକାନ୍ତ ନାୟକ କହିଛନ୍ତି, ନାହିଁ ନାହିଁରେ ଚାଲିଥିବା ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟସେବା। ଏହାରେ ସ୍ୱାସ୍ଥ୍ୟସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ନାମକୁମାତ୍ର ରୋଗୀକଲ୍ୟାଣ ସମିତି ରହିଛି। ସମିତିର ବୈଠକ କେବେ ଓ କେଉଁଦିନ ହୁଏ ତାହା କେବଳ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଜାଣନ୍ତି। ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ପାଇଁ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ସାଧାରଣ ଲୋକମାନେ ମୁହଁ ଫେରାଇଲେଣି। ସୋମବାର ରାତିର ଘଟଣାର ଏକ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଭାଜପା ନେତା ନାୟକ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି।

## ପଞ୍ଚାୟତ, ମିଶନ ଶକ୍ତି ଗୃହ ଉଦ୍‌ଘାଟିତ

ଆଳି,୧୪।୨(ବନମାଳୀ ସେନାପତି )

ଆଳି ବ୍ଲକ ଅରେହିକଣା ପଞ୍ଚାୟତରେ ବୁଧବାର ପଞ୍ଚାୟତର ନୂତନ ଗୃହ ଓ ମିଶନ ଶକ୍ତି ଗୃହକୁ ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବ ଉଦଘାଟନ କରିଛନ୍ତି। ଏହି ଅବସରରେ ଆୟୋଜିତ ଆମ ଓଡ଼ିଶା ନବୀନ ଓଡ଼ିଶା ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମରେ ମନ୍ତ୍ରୀ ଦେବ ଯୋଗଦେଇ ସେ ପ୍ରଥମ ଥର ବିଧାୟକ ହେବା ସମୟରେ ଅରେହିକଣା ପଞ୍ଚାୟତର ଅବସ୍ଥା ଯାହା ଥିଲା ଆଜି ତାର ଚିତ୍ର ସମ୍ପୂର୍ଣ୍ଣ ବଦଳି ଯାଇଛି ବୋଲି କହିଥିଲେ। ପଞ୍ଚାୟତର ଗମନାଗମନ ନିମନ୍ତେ ଏବେ ପକ୍କା ସଡ଼କ ହୋଇ ସାରିଥିବା ବେଳେ ପାନୀୟ ଜଳର ବ୍ୟବସ୍ଥା ମଧ୍ୟ ହୋଇସାରିଛି। ଶିକ୍ଷାର ବିକାଶ ନିମନ୍ତେ ବିଦ୍ୟାଳୟ ଗୁଡିକ ମଧ୍ୟ ରୁପାନ୍ତରଣ କାର୍ଯ୍ୟ ଚାଲିଛି। ସହରବାସୀଙ୍କୁ ଯେଉଁ ସୁବିଧା ମିଳୁଛି ତାହା କିପରି ଗ୍ରାମାଞ୍ଚଳର ଲୋକମାନଙ୍କ ନିକଟରେ ସେହି ସୁବିଧା ମିଳି ପାରିବ ତାହା ହିଁ ରାଜ୍ୟ ସରକାରଙ୍କ ଏକମାତ୍ର ଲକ୍ଷ୍ୟ ବୋଲି ସେ କହିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ର ଓ ବିଭିନ୍ନ ପ୍ରତିଭାଙ୍କୁ ମନ୍ତ୍ରୀ ଦେବ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ଜିଲା ପରିଷଦ ସଭ୍ୟ ଭୀଷ୍ମ ମହାନ୍ତି, ସ୍ୱାଗତିକା ରାଉତ ପ୍ରମୁଖ ଯୋଗ ଦେଇ ରାଜ୍ୟ ସରକାରଙ୍କ ବିକାଶ ମୂଳକ କାର୍ଯ୍ୟ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଇଥିଲେ। ବ୍ଲକ ବିଜେଡି ସଭାପତି ସନାତନ ମିଶ୍ର ମଞ୍ଚ ପରିଚାଳନା କରିଥିବା ବେଳେ ସରପଞ୍ଚ ହିମାଂଶୁ ପଣ୍ଡା, ସମିତିସଭ୍ୟ ଭରତ ଚନ୍ଦ୍ର ଷଡ଼ଙ୍ଗୀ, କୁନା ବରାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଗଜରାଜପୁରରେ ଅଗ୍ନିକାଣ୍ଡ, ୮ ବଖରା ଜଳିଗଲା



ଜନପ୍ରତିନିଧିମାନେ ଅଗ୍ନିବିପନ୍ନଙ୍କୁ ସମବେଦନା ଜଣାଉଛନ୍ତି।

ରାଜନଗର,୧୪।୨ (ଭାସ୍କର ରାଉତରାୟ)

ମଙ୍ଗଳବାର ରାତିରେ ରାଜନଗର ବ୍ଲକ ବ୍ରାହ୍ମଣସାହି ପଞ୍ଚାୟତ ଗଜରାଜପୁର ଗ୍ରାମର ଦିଲୀପ ମଳିକ, ସର୍ବେଶ୍ୱର ମଳିକ, ମଲ୍ଲି ମଳିକ, ପ୍ରକାଶ ମଳିକଙ୍କ ୮ ବଖରା ଘର ପୋଡ଼ି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡର କାରଣ ଜଣାପଡି ନ ଥିବା ବେଳେ ବିପନ୍ନ ପରିବାର ଗାଁରେ ଥିବା ଆମ ଗାଁ ଆମ ବିକାଶ ଗୃହରେ ଆଶ୍ରୟ ନେଇଛନ୍ତି। ନିଆଁର ପ୍ରକୋପ ଏତେ ଭୟାବହ ଥିଲା ଯେ ଅଗ୍ନିଶମ ବାହିନୀ ଗାଡ଼ି ଆସି ନିଆଁକୁ ଆୟତ କରିଥିଲା। ସେତେବେଳକୁ ଏହି ୪ ବିପନ୍ନ ପରିବାରଙ୍କ ଘରେ ଥିବା ଧାନ, ଚାଉଳ, ସୁନା, ରୁପା ଅଳଙ୍କାର, ଟଙ୍କା, ଦରକାରୀ କାଗଜପତ୍ର ପୋଡି ପାଉଁଶ ହୋଇଯାଇଛି। ପିନ୍ଧାଲୁଗା ବ୍ୟତୀତ ସବୁ କିଛି ପୋଡ଼ି ଯାଇଛି। ବିପନ୍ନ ପରିବାରକୁ ପଞ୍ଚାୟତ ତରଫରୁ ୭ଦିନର ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇଛି। ଖବରପାଇ ବୁଧବାର ରାଜନଗର ବିଧାୟକ ଧ୍ରୁବ ସାହୁ ବିପନ୍ନ ପରିବାରଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ସହିତ ପ୍ରଶାସନିକ ସହାୟତା ପାଇଁ ଆଲୋଚନ କରିଛନ୍ତି। ବିଧାୟକ ସାହୁଙ୍କ ସହ ବ୍ରାହ୍ମଣସାହି ସରପଞ୍ଚ ବୀଣାପାଣି ପ୍ରଧାନ, ସମିତିସଭ୍ୟ ରବିନ ମଳିକ, ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ, ବରିଷ୍ଠ ନେତା ପୂର୍ଣ୍ଣଚନ୍ଦ୍ର ପଡିହାରୀ, ବିଜୟ ନାୟକ, ପ୍ରମୋଦ କୁମାର ପ୍ରଧାନ ପ୍ରମୁଖ ବିପନ୍ନ ପରିବାରକୁ ସମବେଦନା ଜଣାଇଥିଲେ। ତହସିଲ ପକ୍ଷରୁ ବିପନ୍ନ ପରିବାରକୁ ପଲିଥିନ ଯୋଗାଇ ଦିଆଯାଇଛି। ତୁରନ୍ତ ବିପନ୍ନ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ସରପଞ୍ଚ ପ୍ରଧାନ ଦାବି କରିଛନ୍ତି।

## ଆଲୋକୀକରଣର ଶୁଭାରମ୍ଭ କଲେ ମନ୍ତ୍ରୀ

ରାଜକନିକା,୧୪।୨(ସଞ୍ଜୟ କୁମାର ଦାଶ)

ମଙ୍ଗଳବାର ଏକାଧିକ ପ୍ରକଳ୍ପର ଶିଳାନ୍ୟାସ ଉଦ୍‌ଘାଟନ ହୋଇଛି। ଏଥିରେ କ୍ଷୁଦ୍ର ଓ ଲଘୁ ଉଦ୍ୟୋଗ ତଥା ଶକ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବ ଯୋଗଦେଇଥିଲେ। ଏହି ଅବସରରେ ରାଜକନିକା ପଞ୍ଚାୟତ ସମିତି ଅଧୀନ ପାରିନୂଆପଡ଼ା–ହାବଳଗଣ୍ଡ ପଞ୍ଚାୟତର କଇଥାପାଳ ଓ ମିର୍ଜାପୁର ଗାଁ ଏବଂ ଆଳି ପଞ୍ଚାୟତ ସମିତି ଅଧୀନ ଦଶିପୁର ପଞ୍ଚାୟତର ଦଶିପୁର ଗାଁରେ ପଥପାର୍ଶ୍ୱ ଆଲୋକୀକରଣ ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି। ଗାଁର ଉନ୍ନତି ଓଡ଼ିଶାର ଉନ୍ନତି। ବହୁଦିନର ଦାବି ପୂରଣ ହେବା ସହ ଏହି ଆଲୋକୀକରଣ ବ୍ୟବସ୍ଥା ଦ୍ୱାରା ପଞ୍ଚାୟତବାସୀ ଉପକୃତ ହେବେ ବୋଲି ଅଞ୍ଚଳବାସୀ କହିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ରାଜକନିକା ପଞ୍ଚାୟତ ସମିତି ଅଧକ୍ଷା ମିନତୀ ରାଉତ, ଏମ୍‌ପିଙ୍କ ପ୍ରତିନିଧି ପବିତ୍ର ରାଉତ, ଜିଲା ପରିଷଦ ସଭ୍ୟ ପ୍ରତାପ କୁମାର ବେହେରା, ଆଳି ପଞ୍ଚାୟତ ସମିତି ଅଧକ୍ଷ ମନୋରଞ୍ଜନ ସାମଲ, ସାମାଜିକ କର୍ମୀ ଚିରଞ୍ଜିବୀ ଦାସ, ଯୁବନେତା ବସନ୍ତ ନାୟକ, ପ୍ରଦୀପ୍ତ ରାଉତଙ୍କ ସମେତ ଗ୍ରାମବାସୀ, ଶତାଧିକ ଦଳୀୟ ନେତା ଓ କର୍ମୀ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଏହି ଅଞ୍ଚଳକୁ ବସୁଧା ଯୋଜନାରେ ସାମିଲ କରାଯାଇ ପ୍ରତି ଘରକୁ ପାନୀୟଜଳ ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।



ଆଲୋକୀକରଣ ବ୍ୟବସ୍ଥାକୁ ମନ୍ତ୍ରୀ ଉଦ୍‌ଘାଟନ କରୁଛନ୍ତି।

## ଆର୍ତ୍ତେଶ୍ୱରଙ୍କ ପୀଠରେ ତ୍ରିବେଣୀ ମେଳା

### ଶେଷ ହେଲା ବିଶ୍ୱକଲ୍ୟାଣ ରୁଦ୍ରଶାନ୍ତି ମହାଯଜ୍ଞ

ଡେରାବିଶ,୧୪।୨(ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ଜିଲାର ପ୍ରମୁଖ ଶୈବପୀଠ ଡେରାବିଶ ବ୍ଲକ୍ ନହଙ୍ଗ ପଞ୍ଚାୟତ ଅଧୀନ ଜଗନ୍ନାଥପୁର ଆର୍ତ୍ତେଶ୍ୱରଙ୍କ ମନ୍ଦିର ବେଢ଼ାରେ ଗତ ଶୁକ୍ରବାର ପବିତ୍ର ତ୍ରିବେଣୀ ଅମାବାସ୍ୟାରୁ ଆରମ୍ଭ ହୋଇଥିବା ତ୍ରିବେଣୀ ମେଳା ଓ ବିଶ୍ୱକଲ୍ୟାଣ ରୁଦ୍ରଶାନ୍ତି ମହାଯଜ୍ଞ ମଙ୍ଗଳବାର ବିଳମ୍ବିତ ରାତିରେ ଶେଷ ହୋଇଛି। ୫ ଦିନ ଧରି ଅନୁଷ୍ଠିତ ମେଳା ବ୍ଲକ ଅଞ୍ଚଳରେ ପ୍ରସିଦ୍ଧି ଲାଭ କରିଥିବା ବେଳେ ପ୍ରତ୍ୟହ ସନ୍ଧ୍ୟାରେ ଦର୍ଶକଙ୍କ ଭିଡ଼ ଲାଗି ରହିଥିଲା। ବିଭିନ୍ନ ଘରକରଣା ସାମଗ୍ରୀର ଦୋକାନ ସାଙ୍ଗକୁ ଫାଷ୍ଟଫୁଡ୍ ଦୋକାନରେ ଯୁବତୀ, ଯୁବକ ଓ ମହିଳାମାନଙ୍କ ଭିଡ଼ ଅଧିକ ଥିବା ବେଳେ ମେଳାରେ ପ୍ରଦର୍ଶିତ ଅପେରାରେ ଭିଡ଼ ଲାଗି ରହିଥିଲା।

ସେହିପରି ପ୍ରତ୍ୟେହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଭଜନ ସନ୍ଧ୍ୟା ଓ ବିଶିଷ୍ଟ ପ୍ରବଚକଙ୍କ ଦ୍ୱାରା ପ୍ରବଚନ ପରିବେଶକୁ ଭକ୍ତିମୟ କରିଥିଲା। ଆର୍ତ୍ତେଶ୍ୱରଙ୍କ ମନ୍ଦିର ବେଢ଼ାରେ ଆୟୋଜିତ ମହାଯଜ୍ଞର ମଙ୍ଗଳବାର ରାତିରେ ପୂର୍ଣ୍ଣାହୁତି ସହ ଚରୁଅନ୍ନ ବିତରଣ କରାଯାଇଥିଲା। ଏହି ଅବସରରେ ରଘୁଦେଇପୁର ପଞ୍ଚାୟତ ଗୋବରୀ ସେବା ସଙ୍ଗଠନର ସଦସ୍ୟମାନେ ୫ ଦିନ ଧରି ଅସ୍ଥାୟୀ ଶିବିର ପକାଇବା ସହ ଶ୍ରଦ୍ଧାଳୁମାନଙ୍କୁ



ଆର୍ତ୍ତେଶ୍ୱରଙ୍କ ପୀଠରେ ତ୍ରିବେଣୀ ମେଳା ଅବସରରେ ଚାଲିଥିବା ନାମସଂକୀର୍ତ୍ତନ।

ସେବା ଯୋଗାଇ ଦେଇଥିଲେ। ଏହି ଅବସରରେ ଶ୍ରଦ୍ଧାଳୁମାନଙ୍କୁ ଚା ବଣ୍ଟନ କରାଯାଇଥିଲା। ଶେଷ ସନ୍ଧ୍ୟାରେ ବେଦପ୍ରକାଶ ଅଗ୍ରୱାଲ ସ୍ମୃତି ପରିଷଦର ଅଧକ୍ଷା ମଧୁମତି ଅଗ୍ରୱାଲ ମେଳାକୁ ଆସି ସେବା ସଙ୍ଗଠନର ସଦସ୍ୟଙ୍କୁ ଟି ସାର୍ଟ ସହ ଉପଢ଼ୌକନ ଓ ପ୍ରମାଣପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ।

ଏହି କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ଦେବାଶିଷ ଆଚାର୍ଯ୍ୟ, ଆଇନଜୀବୀ ଶାନ୍ତି ସ୍ୱରୂପ ଭୂୟାଁ ଓ ପୂର୍ବତନ ସରପଞ୍ଚ ଚନ୍ଦ୍ରକାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଚଳିତ ତ୍ରିବେଣୀ ମେଳାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼କୁ ପରିଲକ୍ଷିତ କରି ନିକିରେଇ ଥାନା ପକ୍ଷରୁ ବ୍ୟାପକ ପୋଲିସ ବ୍ୟବସ୍ଥା କରାଯାଇଥିଲା। ଏଥିସହିତ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ମେଳାରେ ସେବା କାର୍ଯ୍ୟ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ମେଳା ଓ ଯଜ୍ଞ କମିଟିର ସଭାପତି ଅକ୍ଷୟ କୁମାର ଦାସ ସମ୍ପାଦକ ନାରାୟଣ ଲେଙ୍କା, ପ୍ରଦୀପ ନାୟକ, ହୃଷିକେଶ ଦାସ, ଅଜୟ ମହାଭୋଇ, କୈଳାସ ଚନ୍ଦ୍ର ଲେଙ୍କା, ସନ୍ତୋଷ କୁମାର ରାଉତ, ରଶ୍ମିରଞ୍ଜନ ପଣ୍ଡା, ଦିବାକର ସ୍ୱାଇଁ, ବିଶକ ସେଠୀ, ରାଜକିଶୋର ମଳିକ, ନିରଞ୍ଜନ ସେଠୀ, ଶରତ ମଳିକ ପ୍ରମୁଖ ପରିଚାଳନା କରିଥିଲେ।

## ଶ୍ରୀଦଧିବାମନଜୀଉଙ୍କ ବସନ୍ତ ପଞ୍ଚମୀ ନୀତି ପାଳନ

କେନ୍ଦ୍ରାପଡ଼ା,୧୪।୨ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ଚଉଦକୁଲାଟସ୍ଥ ତମାଳ କ୍ଷେତ୍ରାଧିପତି ଶ୍ରୀଦଧିବାମନଜୀଉଙ୍କ ବସନ୍ତ ପଞ୍ଚମୀ ପର୍ବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଶ୍ରୀଜୀଉଙ୍କ ଘୋଡବସ୍ତ୍ର ଉଲାଗି ସହ ବସନ୍ତ ଅବିର ଗ୍ରହଣ ଉତ୍ସବ ଏହି ଅବସରରେ ସମ୍ପନ୍ନ ହୋଇଛି। ଏଥିସହ ଶ୍ରୀଜୀଉଙ୍କ ବିଜେପ୍ରତିମା ଶ୍ରୀଗୋପୀନାଥଜୀଉ ବସନ୍ତ ବଗିଚା ଗମନ କରିଛନ୍ତି। ଅପରାହ୍ନରେ ଶ୍ରୀଜୀଉଙ୍କ କାଞ୍ଚି କାବେରୀ ବେଶ ଅନୁଷ୍ଠିତ ହୋଇଥିଲା। ଏହି ବେଶ ଦେଖିବାକୁ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା।



ଶ୍ରୀଦଧିବାମନଜୀଉଙ୍କ କାଞ୍ଚିକାବେରୀ ବେଶ।

## ପୁଲ୍‌ୱାମା ଶହୀଦଙ୍କ ପାଇଁ କ୍ୟାଣ୍ଡେଲ ଶୋଭାଯାତ୍ରା

ଆଳି,୧୪।୨(ବନମାଳୀ ସେନାପତି)

ପୁଲୱାମା ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ଭାରତୀୟ ଯବାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆଳି ଲକ୍ଷ୍ମୀବରାହ ଯୁବକ ସଂଘ ପକ୍ଷରୁ ବୁଧବାର ସନ୍ଧ୍ୟାରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଯୁବକ ସଂଘର ସଦସ୍ୟମାନେ ଶହୀଦଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ଲକ୍ଷ୍ମୀବରାହ ଜୀଉଙ୍କ ନିକଟରେ ଦୀପ ଦାନ କରିଥିଲେ।

ଏହା ପରେ କ୍ୟାଣ୍ଡେଲ ଶୋଭାଯାତ୍ରାରେ ଯୁବକ ସଂଘର ସଦସ୍ୟମାନେ ବାହାରି ଆଳି ନୂଆ ବଜାର ପରିକ୍ରମା କରିଥିଲେ। ସେହିପରି ବାଲକାଟି ପଞ୍ଚାୟତ ବାଲିଚନ୍ଦ୍ରପୁରର ବିଜେଶ୍ୱରୀ ୟୁଥ କ୍ଲବର ସଦସ୍ୟମାନେ ଶହୀଦମାନଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ଶୋଭାଯାତ୍ରା କରିଥିଲେ। ସଦସ୍ୟମାନେ ସ୍ଥାନୀୟ ଖେଳ ପଡ଼ିଆରୁ ବାହାରି ଗଡ଼ଗଡି ସେତୁ ପର୍ଯ୍ୟନ୍ତ ଆସିଥିଲେ। ଏହି କ୍ୟାଣ୍ଡେଲ ଶୋଭାଯାତ୍ରାରେ କ୍ଲବ ସଦସ୍ୟଙ୍କ ସହିତ ଛୋଟଛୋଟ ଶିଶୁମାନେ ମଧ୍ୟ ସାମିଲ ହୋଇଥିଲେ। ସେହିପରି ବ୍ଲକର ବିଭିନ୍ନ ଅଞ୍ଚଳରେ ଏହି ଦିବସକୁ କଳାଦିବସ ଭାବେ ପାଳନ କରିବା ସହିତ ଶହୀଦଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା।




ବିଜେଶ୍ୱରୀ ୟୁଥ କ୍ଲବର ସଦସ୍ୟମାନେ କ୍ୟାଣ୍ଡେଲ ଶୋଭାଯାତ୍ରାରେ ସାମିଲ ହୋଇଛନ୍ତି।

# ସରକାରୀ କାର୍ଯ୍ୟାଳୟରେ ଦୁର୍ନୀତି ବଢ଼ିଚାଲିଛି

### ଅବହେଳିତ ପଟ୍ଟାମୁଣ୍ଡାଇ ପ୍ରସଙ୍ଗ

ପଟ୍ଟାମୁଣ୍ଡାଇ,୧୪।୨(କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ସରକାରୀ ଅନୁଦାନରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ଅଭିଯୋଗ ହୋଇଆସୁଛି। ଏ ନେଇ ଗଣମାଧ୍ୟମରେ ଖବର ପ୍ରସାରଣ ହେଉଛି। ମାତ୍ର ବିଭାଗୀୟ ସରକାରୀ ଅଧିକାରୀମାନେ ଅଭିଯୋଗକୁ ଭ୍ରୂକ୍ଷେପ ନ କରି ଅଭିଯୋଗକାରୀଙ୍କୁ ନାଲିଆଖି ଦେଖାଇବା ସହ କେସ୍ କରି ଦେବାକୁ ଧମକଚମକ ଦେଉଛନ୍ତି। ଫଳରେ ସାଧାରଣ ଲୋକେ ଡରି ଚୁପ୍ ରହିଯାଉଥିବାବେଳେ ଦୁର୍ନୀତି ବଢ଼ି ଚାଲୁଛି। ଫଳରେ ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା ରହୁନାହିଁ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ସାମାଜିକ କର୍ମୀ ସତ୍ୟପ୍ରିୟ ସାମଲ କହିଛନ୍ତି, କୌଟିଲ୍ୟ ତାଙ୍କ ଅର୍ଥଶାସ୍ତ୍ରରେ ବର୍ଣ୍ଣନା କରିଛନ୍ତି ଯେ, ଯେପରି ମାଛ ପାଣି ମଧ୍ୟରେ ରହି କେତେ ଜଳପାନ କରୁଛି, ଜାଣିବା ସମ୍ଭବପର ନୁହେଁ, ସେହିପରି ସରକାରୀ କର୍ମଚାରୀ କେତେ ଅର୍ଥ ଆତ୍ମସାତ୍ କରୁଛନ୍ତି ତାହା ମଧ୍ୟ ଜନସାଧାରଣ ଜାଣି ପାରୁନାହାନ୍ତି। ଏ ନେଇ ଉପରିସ୍ଥ ଅଧିକାରୀଙ୍କ ହସ୍ତକ୍ଷେପ ନିତାନ୍ତ ଅପରିହାର୍ଯ୍ୟ। କାରଣ କେଉଁ ବିଭାଗରେ କେତେ ଖର୍ଚ୍ଚ ହେଉଛି ତାହା ଉଚ୍ଚପଦାଧିକାରୀ ଓ ସ୍ଥାନୀୟ ରାଜନେତା ହିଁ ଜାଣନ୍ତି। ମାତ୍ର ପଟ୍ଟାମୁଣ୍ଡାଇ ଅଞ୍ଚଳରେ ରାଜନେତା, ଉଚ୍ଚ ପଦାଧିକାରୀ ଏଥିପ୍ରତି ଗୁରୁତ୍ୱ ଦେଉ ନ ଥିବାରୁ ଅଞ୍ଚଳ ସବୁକ୍ଷେତ୍ରରେ ଅବହେଳିତ ହୋଇ ପଡ଼ିରହିଛି। ଏଠାରେ ବିଭିନ୍ନ ବିଭାଗରେ ଅଧିକାଂଶ ଅଧିକାରୀ ବର୍ଷ ବର୍ଷ ଧରି ଗାଦି ମାଡ଼ି ବସିଛନ୍ତି। ଅନେକ ବିଭାଗରେ ଯନ୍ତ୍ରୀ, ଅଧିକାରୀ ନାହାନ୍ତି। ଫଳରେ ବିଭାଗରେ ଅନିୟମିତତା ହେଉଛି। ବୁଦ୍ଧିଜୀବୀ ପ୍ରବୀର ନାୟକ, କ୍ଷିରୋଦ ମଲ୍ଲିକ କହିଛନ୍ତି, ପଟ୍ଟାମୁଣ୍ଡାଇ ନିର୍ବାଚନମଣ୍ଡଳୀ ବିଲୋପ ହେବା ପରେ ଅବହେଳିତ ହୋଇ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ସ୍ୱଚ୍ଛତା ନ ଥିବାରୁ ଦୁର୍ନୀତି ବଢ଼ିଚାଲିଛି। ଉଦାହରଣ ସ୍ୱରୂପ କଟକ ସମବାୟ ବିଭାଗ ଅଧୀନରେ ଥିବା ସମିତିରେ ଧାନକିଣାଠାରୁ ଆରମ୍ଭ କରି କୃଷି ଋଣ ପର୍ଯ୍ୟନ୍ତ ସବୁଥିରେ ଦୁର୍ନୀତି




ହୋଇଚାଲିଛି। ସମିତି ସମ୍ପାଦକମାନେ ୧୫ ହଜାର ଟଙ୍କା ଦରମା ପାଉଥିବା ବେଳେ ସେମାନେ ନିଜେ ନିଜେ ଜଣେ ଦୁଇଜଣ ଆସିଷ୍ଟାଣ୍ଟ ରଖି ଦରମା ଦେଉଛନ୍ତି। ଅନ୍ୟପକ୍ଷରେ ୬ରୁ ୭ ଜଣ ସମ୍ପାଦକ କଟକ, ଭୁବନେଶ୍ୱର ଭଳି ଜାଗାରେ ଜମି କିଣିଛନ୍ତି। ସେହିପରି ପଟ୍ଟାମୁଣ୍ଡାଇ ବ୍ଲକ କାର୍ଯ୍ୟାଳୟରେ କିରାଣି ୧୦ ବର୍ଷ ଧରି ଗାଦି ମାଡ଼ି ବସିଛନ୍ତି। କେତେଜଣ କନିଷ୍ଠ ଯନ୍ତ୍ରୀ ତାଙ୍କର ଜଣେ ଜଣେ ଆସିଷ୍ଟାଣ୍ଟ ରଖି ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟରେ ଅନିୟମିତତା କରିବା ସହ ପିସି ଅର୍ଥ ହଡ଼ପ କରୁଥିବା ନେଇ ସାଧାରଣରେ ବାରମ୍ବାର ଅଭିଯୋଗ ହେଉଛି। ହେଲେ ସ୍ଥାନୀୟ ରାଜନେତାଙ୍କୁ ହାତ କରି ସେମାନେ ବର୍ଷ ବର୍ଷ ଧରି ରହିଛନ୍ତି। ଅନ୍ୟପକ୍ଷରେ ଏହି ଯନ୍ତ୍ରୀମାନେ ସରକାରୀ କ୍ୱାର୍ଟର୍ସରେ ରହୁଥିବା ବେଳେ ସେମାନେ ରଖିଥିବା ଅନଭିଜ୍ଞ ଆସିଷ୍ଟାଣ୍ଟ ତଦାରଖ କରି ନିମ୍ନମାନର କାମ କରୁଥିବା ଅଭିଯୋଗ ହେଉଛି। କିଛିଦିନ ତଳେ ଯୋଗାଣ ବିଭାଗର ମନମାନି ପାଇଁ ବ୍ଲକ ପରିସରରେ ଜଣେ ସରପଞ୍ଚ ଗଣ୍ଡଗୋଳ କରି ଗିରଫ ହୋଇଥିଲେ। ପୂର୍ତ୍ତ ବିଭାଗରେ ସହକାରୀ ଯନ୍ତ୍ରୀ କେହି ନ ଥିବାବେଳେ ଜଣେ ଯନ୍ତ୍ରୀ ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା ଓ ଆଳି ୩ ଡିଭିଜନ କାର୍ଯ୍ୟ ତଦାରଖ କରିବା ସମ୍ଭବ ହେଉନାହିଁ। ଫଳରେ ଠିକାଦାର ଉନ୍ନତିମୂଳକ କାର୍ଯ୍ୟରେ ଅନିୟମିତତା କରି ମାଲାମାଲ ହେଉଛନ୍ତି। ଜଳ ସମ୍ପଦ ବିଭାଗରେ ଜଣେ ଯନ୍ତ୍ରୀ ବିଗତ ୧୦ବର୍ଷ ହେବ ଏଠାରେ ରହିଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗରେ ଜଣେ ବି ଜେଇ ନ ଥିବାରୁ ସ୍ୱଚ୍ଛତା ରହୁନାହିଁ। ସେହିପରି ପୌର ପରିଷଦ ଏସବୁରୁ ବାଦ୍ ପଡ଼ି ନ ଥିବା ଅଭିଯୋଗ ରହିଛି। ଏ ସମ୍ପର୍କରେ ପିଡି ରାଜେନ୍ଦ୍ର କୁମାର ପଣ୍ଡାଙ୍କୁ ପଚାରିବାରେ ଏ ବାବଦରେ ବହୁବାର ଅଭିଯୋଗ ଆସିଲାଣି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

# ବାଲ୍ୟବିବାହ ମୁକ୍ତ ହୋଇନି ଗଞ୍ଜାମ ଜିଲା

**ଛତ୍ରପୁର, ୧୪।୨ (ସନ୍ତୋଷ ପାଢୀ):**

ଗଞ୍ଜାମ ଜିଲାକୁ ବାଲ୍ୟବିବାହମୁକ୍ତ ଜିଲା ଭାବେ ୨୦୨୨ ଜାନୁୟାରୀ ୩ ତାରିଖରେ ଘୋଷଣା ହୋଇଥିଲା । ତେବେ ଏବେ ବି ଜିଲାର ବିଭିନ୍ନ ସ୍ଥାନରେ ବାଲ୍ୟ ବିବାହ ହେଉଥିବା ଦେଖିବାକୁ ମିଳୁଛି । ଏପରିକି ବାଲ୍ୟ ବିବାହକୁ ରୋକିବାରେ ପ୍ରଶାସନ ସଫଳ ହେଉଥିବା ନେଇ ଏହାର ସଂଖ୍ୟା ମଧ୍ୟ ଢେର ବଢିଛି । ଏସବୁକୁ ପର୍ଯ୍ୟାଲୋଚନା କଲେ ଏବେ ବି ଗଞ୍ଜାମ ଜିଲାରେ ବାଲ୍ୟ ବିବାହ ସମ୍ପୂର୍ଣ୍ଣ ବନ୍ଦ ହୋଇନି । ଜିଲାରେ ଏହି କୁ-ପ୍ରଥାକୁ କେତେକ ଲୋକ, ଜାତି ଓ ସମାଜ ଏବେ ବି ଛାଡିପାରିନଥିବା ଜଣାଯାଇଛି । ସୂଚନାଯୋଗ୍ୟ ରାଜ୍ୟରେ ସର୍ବାଧିକ ବାଲ୍ୟ ବିବାହ ଗଞ୍ଜାମ ଜିଲାରେ ହୋଇଆସୁଥିଲା । ଏହାକୁ ହ୍ରାସ, ରୋକିବା ସହ ଶିଶୁ ବିବାହ ପ୍ରୋହିବିସନ ଆକ୍ଟ-୨୦୦୬ ର କାର୍ଯ୍ୟକାରୀ ପାଇଁ ଗଞ୍ଜାମ ଜିଲାରେ ୨୦୧୯ରୁ ବହୁ ପଦକ୍ଷେପ ଜିଲା ପ୍ରଶାସନ ପକ୍ଷରୁ ଆରମ୍ଭ କରାଯାଇଥିଲା । 'ନିର୍ଭୟକଢୀ' ଠାରୁ ଆରମ୍ଭ କରି 'ମୋ ଗେହ୍ଲା ଝିଅ' ଭଳି ବହୁ ଯୋଜନାର ସଫଳ ରୂପାୟନ ଲାଗି ଗଞ୍ଜାମ ଜିଲାରେ ବାଲ୍ୟବିବାହ ରୋକିବାରେ ଅନେକ ସଫଳତା ମିଳିଥିଲା । ଏହାଫଳରେ ଜିଲାରେ ବାଲ୍ୟ ବିବାହ ଅଧିକାଂଶରେ କମିଯାଇଥିଲା । ପରେ ୨୦୨୨ରେ ତତ୍କାଳୀନ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ପକ୍ଷରୁ ଜିଲାକୁ ବାଲ୍ୟ ବିବାହ ମୁକ୍ତ ଜିଲା ଭାବେ ଘୋଷଣା କରାଯାଇଥିଲା । ଉକ୍ତ ବର୍ଷ ଜିଲାରେ ସର୍ବାଧିକ ୩୩୧ଟି ବାଲ୍ୟ ବିବାହକୁ ପ୍ରଶାସନ ରୋକିବାରେ ସକ୍ଷମ ହୋଇଥିଲା । ଏପରିକି ବାଲ୍ୟ ବିବାହ ସମ୍ପର୍କରେ କେହି ସୂଚନା ଦେଲେ ତାଙ୍କୁ ୫୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯିବ ବୋଲି ସେତେବେଳେ ଜିଲାପାଳ ଘୋଷଣା କରିଥିଲେ । ତାଙ୍କ ଦ୍ୱାରା ଆରମ୍ଭ ହୋଇଥିବା 'ନିର୍ଭୟକଢୀ' କାର୍ଯ୍ୟକ୍ରମ ଜିଲାସ୍ତରଠାରୁ ଆରମ୍ଭ ହୋଇ ବ୍ଲକ ଓ ଗାଁସ୍ତରରେ ବେଶ୍ ସଫଳତାର ସହ ଆୟୋଜନ ହେଉଥିଲା । ଜିଲାରେ ବାଲ୍ୟବିବାହକୁ କମାଇବାରେ ଏହି କାର୍ଯ୍ୟକ୍ରମ ବେଶ୍ ଭୂମିକା ଗ୍ରହଣ କରିଥିଲା । ମୋ ଗେହ୍ଲା ଝିଅ କାର୍ଯ୍ୟକ୍ରମ ଆୟୋଜନ କରି ନବଜାତ କନ୍ୟା ଶିଶୁ ଓ ତାଙ୍କ ମା'ଙ୍କୁ ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଆସୁଛି । ଏପରିକି ପ୍ରଶାସନର ନିର୍ଦ୍ଦେଶରେ ଜିଲାରେ ଥିବା ବିଭିନ୍ନ ମନ୍ଦିର ଓ ଅନ୍ୟ ଧର୍ମାନୁଷ୍ଠାନରେ ବାଲ୍ୟ ବିବାହକୁ ମନା ବୋଲି ଲେଖାଯାଇଥିବା ଦେଖିବାକୁ ମିଳୁଛି । ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ କରାଯାଇଛି । ବିଭିନ୍ନ ଜାତି ସମାଜର କର୍ମକର୍ତ୍ତାମାନଙ୍କୁ ନେଇ ପ୍ରଶାସନ ବୈଠକ କରି ସହଯୋଗ ଲୋଡିଥିଲା । ଏବେବି ଅନେକ ସ୍ଥାନରେ ବାଲ୍ୟବିବାହ ହେଉଥିବା ଜଣାପଡ଼ିଛି । ଅପରପକ୍ଷରେ ଅଧିକାଂଶ ସ୍ଥାନରେ ବାଲ୍ୟ ବିବାହକୁ ରୋକିବାରେ ପ୍ରଶାସନକୁ ସଫଳତା ମିଳିଛି । ୨୦୨୩ରେ ଜିଲାରେ ୯୮ବାଲ୍ୟବିବାହ ରୋକାଯାଇଥିବା ବେଳେ ୨୦୨୨ରେ ୩୩୧, ୨୦୨୧ରେ ୨୦୧, ୨୦୨୦ରେ ୨୨୮, ୨୦୧୯ ରେ ୪୫ ଟି ବାଲ୍ୟବିବାହକୁ ରୋକାଯାଇଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି ।

## ସଂକ୍ଷେପରେ

### ଗୋଆରେ ଦାଦନ ଶ୍ରମିକ ମୃତ

ମୋହନା, ୧୪।୨ (ମନ୍ମଥ ମିଶ୍ର)

ଗୋଆରେ ଦାଦନ ଶ୍ରମିକ ଭାବେ କାମ କରୁଥିବା ମୋହନା ବ୍ଲକ ଅନ୍ତର୍ଗତ ଦମାଦୁଆ ପଞ୍ଚାୟତର ମଝିକିରିମ୍ବା ଗାଁର ଗଙ୍ଗା ମଳିକଙ୍କ ମୃତ୍ୟୁ ଘଟିଛି । ଗଙ୍ଗାଙ୍କ ପରିବାରରେ ସ୍ତ୍ରୀ ସହ ଚାରୋଟି ପିଲା ଘରେ ରହୁଥିବା ବେଳେ ପରିବାର ପ୍ରତିପୋଷଣ କରିବା କଷ୍ଟ ସାଧ୍ୟ ହୋଇପଡ଼ିଥିଲା । ଗାଁରେ କାମ ନ ମିଳିବାରୁ ଚଳିତ ମାସ ୮ ତାରିଖରେ ଦାଦନ ଖଟିବାକୁ ସେ ଗୋଆ ଯାଇଥିଲେ । ହେଲେ ଗୋଆ ଯିବା ରାସ୍ତାରେ ହିଁ ତାଙ୍କର ମାନସିକ ବିକୃତ ଆରମ୍ଭ ହୋଇଯାଇଥିଲା । ଫଳରେ ପାଗଳ ଭଳି ହେଉଥିବା ଘର ଲୋକଙ୍କୁ ଖବର ଦେଇଥିଲେ ସାଥିରେ ଯାଇଥିବା କିଛି ଗ୍ରାମବାସୀ । ଗୋଆରେ ପହଞ୍ଚିବା ପରେ ସେଠାରୁ ସେ କେଉଁଆଡେ ନିଖୋଜ ହୋଇଯାଇଥିଲେ । ସାଥିରେ ଯାଇଥିବା ଗ୍ରାମବାସୀ ବହୁ ଖୋଜାଖୋଜି ପରେ ନ ମିଳିବାରୁ ଥାନାରେ ଏତଲା ଦେଇଥିଲେ । ଏତଲା ଦେବାର ଦୁଇଦିନ ପରେ ଏକ ପରିତ୍ୟକ୍ତ କୂଅରୁ ଗଙ୍ଗାଙ୍କ ମୃତଦେହ ପୋଲିସ ଜବତ କରିଥିଲା ।

### ଜିଲାପାଳ, ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣି

ବୁଗୁଡ଼ା, ୧୪।୨ (କାଳିଚରଣ ଦାଶ)

ବୁଗୁଡ଼ା ବ୍ଲକ ପରିସରରେ ଥିବା ପଞ୍ଚାୟତ ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ବୁଗୁଡ଼ା ବିଡ଼ିଓ ସନ୍ତୋଷ କୁମାର ଜେନାଙ୍କ ପରିଚାଳନାରେ ଅନୁଷ୍ଠିତ ଶିବିରରେ ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରତାପ ଚନ୍ଦ୍ର ପ୍ରଧାନ, ଛତ୍ରପୁର ଡେପୁଟି କଲେକ୍ଟର, ଭଞ୍ଜନଗର ଉପ ଜିଲାପାଳ ଅନିଲ କୁମାର ସେଠି, ଭଞ୍ଜନଗର ଉପଖଣ୍ଡ ପୋଲିସ ଅଧିକାରୀ ବିଶ୍ୱାମିତ୍ର ହରପାଲ, ଜିଲା ଶିଶୁ ମଙ୍ଗଳ ଅଧିକାରୀ ଅବିଦା ପରଭିନଙ୍କ ସମେତ ଜିଲା ଓ ବ୍ଲକ ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ବିଭିନ୍ନ ଅଭିଯୋଗ ଗ୍ରହଣ କରିଥିଲେ । ଶିବିରରେ ଅଧିକାଂଶ ବାର୍ଦ୍ଧକ୍ୟ ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ, ରାସନ କାର୍ଡ ନିମନ୍ତେ ଶତାଧିକ ଅଭିଯୋଗ ସହ କୋଭିଡରେ ମୃତ୍ୟୁ ଘଟିଥିବା ବୁଗୁଡ଼ା ବ୍ଲକ ଟାକରଡ଼ା ଗ୍ରାମର ଉନ୍ନୀତ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଭାବେ ରବୀନ୍ଦ୍ରନାଥ ସେନାପତିଙ୍କ ପରିବାରକୁ ଏ ପର୍ଯ୍ୟନ୍ତ କୌଣସି ସହାୟତା ମିଳି ନଥିବା ନେଇ ତାଙ୍କର ବିଧବା ପତ୍ନୀ ଧରିତ୍ରୀ ସେନାପତି ଫେରାଦ ହୋଇଥିଲେ । ସେହିପରି ବୁଗୁଡ଼ା ପିପୁଲ୍ସ କଲେଜ ପାଚେରୀ ନିର୍ମାଣରେ ୩ ଥର ମିଥ୍ୟା ବିଲ ହୋଇଥିବା, ମୋ ବଗିଚା ଯୋଜନାରେ ମହିଳା ହିତାଧିକାରୀଙ୍କ ଅର୍ଥ ଲୁଟ କରା ଯାଇଥିବା ନେଇ ଅଭିଯୋଗ ହୋଇଥିଲା । ଏହାକୁ ଗୁରୁତର ଭାବେ ଗ୍ରହଣ କରି ଏହାର ତଦନ୍ତ ନିମନ୍ତେ ବିଡ଼ିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଶିବିର ପରିଚାଳନାରେ ଜିପିଇଓ ମନୋଜ କୁମାର ସାହୁ, କନିଷ୍ଠ ଯନ୍ତ୍ରୀ ପ୍ରସନ୍ନ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ ।

# ପରୀକ୍ଷା କେନ୍ଦ୍ର ପରିବର୍ତ୍ତନ ପାଇଁ ଡିଇଓଙ୍କୁ ଫେରାଦ

ଖଜୁରିପଡ଼ା, ୧୪।୨ (ବିଦୁର ବେହେରା)



ଛାତ୍ରୀଛାତ୍ରମାନେ ବିଇଓଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରିବାକୁ ଆସିଛନ୍ତି ।

ପରୀକ୍ଷା କେନ୍ଦ୍ର ପରିବର୍ତ୍ତନ ପାଇଁ ଖଜୁରିପଡ଼ା ଗୋଷ୍ଠୀ ଶିକ୍ଷା ବିଭାଗ ଅଧୀନ ଆଡ଼ାସିପଡା ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ଜିଲା ଶିକ୍ଷା ଅଧିକାରୀଙ୍କୁ ଏକ ଅଭିଯୋଗପତ୍ର ଦାଖଲ କରିଛନ୍ତି । ଆଡାସିପଡା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବିଗତ ବର୍ଷରେ ନିକଟରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟ, ରଣପାଟୁଳୀ ଓ ସରକାରୀ ଉଚ୍ଚ ବିଦ୍ୟାଳୟ, ଦୂତୀପଡାଠାରେ ପରୀକ୍ଷା ଦେଉଥିଲେ । ଛାତ୍ରୀଛାତ୍ରମାନଙ୍କୁ ଯିବା ଆସିବାରେ କିଛି ଅସୁବିଧା ହେଉ ନ ଥିଲା । କିନ୍ତୁ ଚଳିତବର୍ଷ ତିନୋଟି ପରୀକ୍ଷା କେନ୍ଦ୍ର ଅତିକ୍ରମ କରି ସରକାରୀ ଉଚ୍ଚ ବିଦ୍ୟାଳୟ, ଖଜୁରିପଡା ପରୀକ୍ଷା କେନ୍ଦ୍ରକୁ ୨୦ କିମି ଦୂର ରାସ୍ତା ଯିବା ପାଇଁ ବିଦ୍ୟାର୍ଥୀ ଇଚ୍ଛା କରୁ ନାହାନ୍ତି । ପରୀକ୍ଷା ଦେବାପାଇଁ ଆଡ୍‌ମିଟ କାର୍ଡ ଆସିଥିବାରୁ ପ୍ରଧାନ ଶିକ୍ଷକ ଛାତ୍ରୀଛାତ୍ରମାନଙ୍କୁ ପରୀକ୍ଷା କେନ୍ଦ୍ର ସମ୍ପର୍କରେ ଜଣାଇବାରୁ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି । ଆଡାସିପଡାଠାରୁ ଖଜୁଧିପଡାଯିବା ଆସିବା ପାଇଁ ଗାଡି ମୋଟରର ସୁବିଧା ନ ଥିବାରୁ ଅନେକ ଛାତ୍ରୀଛାତ୍ର ପରୀକ୍ଷା ଦେବାରୁ ବଞ୍ଚିତ ହେବେ ବୋଲି ଜିଲା ଶିକ୍ଷା ଅଧିକାରୀଙ୍କୁ ସେମାନେ ଅଭିଯୋଗ କରିଛନ୍ତି । ଏହାର ପୁନର୍ବିଚାର କରି ପରୀକ୍ଷା କେନ୍ଦ୍ରକୁ ନିକଟରେ ଥିବା କେନ୍ଦ୍ରରେ ସଂଯୋଗ କରିବା ପାଇଁ ଛାତ୍ରୀଛାତ୍ର ଅନୁରୋଧ କରିଛନ୍ତି ।

# ଶ୍ୟାମସୁନ୍ଦର ରାଜଗୁରୁଙ୍କ ଜୟନ୍ତୀ ପାଳିତ

ପାରଳାଖେମୁଣ୍ଡି, ୧୪।୨ (ଗିରିଧାରୀ ପରିଛା):



ମଞ୍ଚାସୀନ ଅତିଥି ।

ସ୍ଥାନୀୟ ଉତ୍କଳ ହିତୈଷିଣୀ ସମାଜ ସଭା ଗୃହଠାରେ ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ଉତ୍କଳ ହିତୈଷିଣୀ ସମାଜର ମିଳିତ ସହଯୋଗରେ ପ୍ରାବନ୍ଧିକ ପ୍ରବାଦ ପୁରୁଷ ଓଡ଼ିଆ ସ୍ୱାଭିମାନୀ ଶ୍ୟାମସୁନ୍ଦର ରାଜଗୁରୁଙ୍କ ୧୫୯ତମ ଜୟନ୍ତୀ ଭାରତ ଭୂଷଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଉପାନ୍ତପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟବକ୍ତା ମନୋଜ କୁମାର ପଟ୍ଟନାୟକ, ସମ୍ମାନନୀୟ ବକ୍ତା ବିଚିତ୍ରାନନ୍ଦ ବେବର୍ତ୍ତା, ସମ୍ମାନନୀୟ ଅତିଥି ଆଚାର୍ଯ୍ୟ ବିନୋଦ ଚନ୍ଦ୍ର ଜେନା ମଞ୍ଚାସୀନ ହୋଇ ଓଡ଼ିଆ ଭାଷା ଓ ସାହିତ୍ୟର ଏକନିଷ୍ଠ ସାଧକ ଶ୍ୟାମସୁନ୍ଦର ରାଜୁଗୁରୁଙ୍କ ବହୁମୁଖୀ ସାହିତ୍ୟ ସର୍ଜନା, ଲୋକହିତକର କାର୍ଯ୍ୟ, ଲୁପ୍ତ ସୁପ୍ତ ସାରସ୍ୱତ ବିଭବର ରାଜଗୁରୁ ଗବେଷଣା କରି ଖ୍ୟାତି ଅର୍ଜନ କରିଥିବା ବିଷୟ ସମ୍ପର୍କରେ ଆଲୋଚନା କରିଥିଲେ । ଆଶାଲତା ପାଣିଗ୍ରାହୀ ସ୍ୱାଗତ ସମ୍ଭାଷଣ ଓ ପରିଚୟ ପ୍ରଦାନ କରିଥିଲେ । ପ୍ରାରମ୍ଭିକ ସଙ୍ଗୀତ କଣ୍ଠଶିଳ୍ପୀ ବି.କୋମଳାଙ୍ଗୀ ଗାନ କରିଥିଲେ । ସ୍ୱର୍ଣ୍ଣପ୍ରଭା ପାଠୀ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଶଶିଭୂଷଣ ପଟ୍ଟନାୟକ, ଶରତ ଚନ୍ଦ୍ର ସାହୁ, ମୁରଲୀଧର ପରିଚ୍ଛା, ବିଷ୍ଣୁ ଚରଣ ପଣ୍ଡା, ସୀତାନାଥ ପ୍ରଧାନ, ତ୍ରିପତି ପଣ୍ଡା, ନରସିଂହ ଗୌଡ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ବସ୍ତି ବାସିନ୍ଦାଙ୍କ ବିକାଶ ଯୋଜନା ନେଇ ସଚେତନତା ଶିବିର

ଜି.ଉଦୟଗିରି, ୧୪।୨ (ଶିଶିର ପଟ୍ଟନାୟକ)

ରାଜ୍ୟ ସରକାରଙ୍କ ତରଫରୁ ବିଭିନ୍ନ ଯୋଜନା ମାଧ୍ୟମରେ ସହରାଞ୍ଚଳରେ ବସବାସ କରୁଥିବା ବସ୍ତି ବାସିନ୍ଦାଙ୍କ ନିମନ୍ତେ କରାଯାଉଥିବା ବିକାଶ ମୂଳକ ଯୋଜନା ସମ୍ବନ୍ଧିତ ସଚେତନତା ଶିବିର ସ୍ଥାନୀୟ ବିଜ୍ଞାପିତ ଅଞ୍ଚଳ ପରିଷଦର ୧୨ ନମ୍ବର ୱାର୍ଡଠାରେ ଆମ ଓଡ଼ିଶା ନବୀନ ଓଡ଼ିଶା ସହରୀ କାର୍ଯ୍ୟକ୍ରମ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି । ପରିଷଦ ଅଧ୍ୟକ୍ଷା ଦେବସ୍ମିତା ଶତପଥୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ ସନ୍ତୋଷ କୁମାର ବାଘ, କାଉନସିଲର ମୋନାଲିସା ଦଳବେହେରା, ସିଦ୍ଧେଶ୍ୱରୀ ନାୟକ, ଭାରତୀ ବେହେରା, ଯାକେଶ ପ୍ରଧାନ, ନନ୍ଦିତା ପ୍ରଧାନ, ଦୀପକ କୁମାର ନାୟକ ଉପସ୍ଥିତ ଥିଲେ । କାର୍ଯ୍ୟନିର୍ବାହୀ ଅଧିକାରୀ ଇତିଶ୍ରୀ ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମକୁ ମୁକ୍ତା ପ୍ରକଳ୍ପ ସଂଯୋଜକ ପ୍ରଭାତ ରଞ୍ଜନ ସାହୁ ପରିଚାଳନା କରିଥିବା ବେଳେ କନିଷ୍ଠ ଯନ୍ତ୍ରୀ ସୁଶାନ୍ତ କୁମାର ସାହୁ, ମୁକେଶ ରଞ୍ଜନ ନାଏକ, ସିଓ କେ ଜୀବନ ଜ୍ୟୋତିପାତ୍ର ଉପସ୍ଥିତ ଥିଲେ ।

### ରମ୍ଭା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସରସ୍ୱତୀ ବିଗ୍ରହ ପ୍ରତିଷ୍ଠା

ରମ୍ଭା, ୧୪।୨ (ବନବାସୀ ସେଠୀ)

ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ସରସ୍ୱତୀ ବିଗ୍ରହ ପ୍ରତିଷ୍ଠା ଆତ୍ମଦର୍ଶୀ କ୍ରିୟା ଯୋଗୀ ମହାମଣ୍ଡଳେଶ୍ୱର ସ୍ୱାମୀ ଶଙ୍କରାନନ୍ଦ ଗିରୀ ମହାରାଜଙ୍କ କରକମଳରେ ବିଗ୍ରହ ପ୍ରତିଷ୍ଠାର ଶୁଭାରମ୍ଭ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ସ୍ୱାମୀ ଶଙ୍କରା ନନ୍ଦ ଓ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସାଧୁ ସନ୍ଥମାନଙ୍କୁ ସ୍ୱାଗତ କରାଯାଇ ସ୍ଥାନୀୟ ଗାୟତ୍ରୀ ମନ୍ଦିରଠାରୁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବିଗ୍ରହର ସ୍ଥାପନା ଯାଏ ଘଣ୍ଟ, କାହାଳି, ମୃଦଙ୍ଗ, ଢୋଲ ଓ ହରିବୋଲ ହୁଳହୁଳି ମଧ୍ୟରେ ସହର ଦେଇ ପାଛୋଟି ନିଆଯାଇଥିଲା । କର୍ତ୍ତା ରୂପେ ଅମୂଲ୍ୟ କୁମାର ସେନାପତି ସହ ଧର୍ମିଣୀ ପଦ୍ମାବତୀ ସେନାପତି ରହିଥିବା ବେଳେ ପୁରୋହିତ ହୃଷୀକେଶ ପଣ୍ଡା କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ । ମଞ୍ଚ ସଂଯୋଜନା ଓ ଅତିଥି ପରିଚୟ ଦେଇଥିଲେ ସାମାଜିକ କର୍ମୀ ମହିନ୍ଦ୍ର କୁମାର ସେନାପତି । ଶେଷରେ ଶିକ୍ଷାନୁଷ୍ଠାନର ସଭାଗୃହ ପରିସରରେ ସଭାପତି ଏମ. ନରସିଂହ ସୁବୁଦ୍ଧିଙ୍କ ପୌରୋହିତ୍ୟରେ ସମ୍ପାଦକ ପ୍ରସନ୍ନ କୁମାର ମିଶ୍ର, ମୂର୍ତ୍ତି ପ୍ରଦାନକାରୀ ବଦାନ୍ୟ ବ୍ୟକ୍ତି ଢେଙ୍କାନାଳ ଜିଲା ଧୀର ପାଟଣା ନିବାସୀ ସୁନୀଲ କୁମାର ସାହୁ, ସାମାଜିକ କର୍ମୀ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା, ପ୍ରଧାନାଚାର୍ଯ୍ୟ ଶ୍ରୀଧର ପ୍ରଧାନଙ୍କ ସମେତ ସାଧୁ ସନ୍ଥ ଉପସ୍ଥିତ ଥିଲେ ।

### ଦୂତୀପଡ଼ା ବାଳିକା ବିଦ୍ୟାଳୟରେ ବାର୍ଷିକ ଉତ୍ସବ

ଖଜୁରିପଡା, ୧୪।୨ (ବିଦୁର ବେହେରା)

ଖଜୁରିପଡ଼ା ବ୍ଲକ ଦୂତୀପଡ଼ା ପଞ୍ଚାୟତ ଅଧୀନ ବାଳିକା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳନ ହୋଇଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିତା କୁମାରୀ ତ୍ରିପାଠୀଙ୍କ ସଭାପତିତ୍ୱରେ ହୋଇଥିବା ଏହି ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦୂତୀପଡା ସରପଞ୍ଚ ଜାନକୀ ଜାନି ଯୋଗଦାନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟ ଶୁକଦେବ ସେଠୀ, ସ୍କୁଲ ସଭାପତି ବରୁଣ କହଁର, ନାଟ୍ୟଗୁରୁ ରଞ୍ଜିତ ମୁଖୀ, ଶିକ୍ଷକ ମାନସ ରଞ୍ଜନ ପ୍ରଧାନ, ମୁଖ୍ୟବକ୍ତା ଭାବେ ଡ. ଚିତ୍ତରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ବିଦ୍ୟାଳୟର ଆରମ୍ଭ ଓ ବର୍ତ୍ତମାନ ବିଦ୍ୟାଳୟର ସ୍ଥିତି ଏବଂ ସମସ୍ୟା ଉପରେ ପ୍ରଧାନ ଶିକ୍ଷୟିତ୍ରୀ ବିବରଣୀ ପ୍ରଦାନ କରିଥିଲେ ।

# ଗୁମ୍ମାରେ ହାଇଟେକ୍ ମେଡିକାଲ ତରଫରୁ ହେଲ୍‌ଥ କ୍ୟାମ୍ପ



ସ୍ୱାସ୍ଥ୍ୟ ଶିବିରରେ ଉପସ୍ଥିତ ଅତିଥି ।

ଗୁମ୍ମା, ୧୪।୨ (ପ୍ରବୀଣ କୁମାର ଲିମା)

ଗଜପତି ଜିଲା ଗୁମ୍ମା ବ୍ଲକ ନିଶାନ ସାଲୋମ କଟେଜଠାରେ ସୁସ୍ଥ ଓଡ଼ିଶା ସୁଖୀ ଓଡ଼ିଶା ପାଇଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)ରେ ଅନୁପ୍ରାଣିତ ହୋଇ ଯୁବନେତା ଇଂ. ରୂପେଶ ପାଣିଗ୍ରାହୀ, ହାଇଟେକ ମେଡିକାଲ ଅଧ୍ୟକ୍ଷ ଡା. ତିରୁପତି ପାଣିଗ୍ରାହୀଙ୍କ ଉପଦେଶ କ୍ରମେ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରିଛନ୍ତି । ଏଥିରେ ୨୦ଟି ଡାକ୍ତର ଯୋଗଦେଇଥିଲେ । ଏଠାରେ ମାଗଣା ଆଖି ଉପଚାର, ହୃଦ୍‌ରୋଗ ଉପଚାର, ଚଷମା ବଣ୍ଟନ, ପୋଷାକ ବଣ୍ଟନ ଆଦି କରାଯାଇଥିଲା । ଏହି ଶିବିରକୁ କାର୍ଯ୍ୟକାରୀ କରିବା ତଥା ନିରୀକ୍ଷଣ କରିବା ପାଇଁ ଇଂ. ରୂପେଶ ପାଣିଗ୍ରାହୀ ଉପସ୍ଥିତ ହୋଇଥିଲେ । ଏଥିସହ ଗୋଷାଣି ବ୍ଲକ ସଭାପତି ଏନ. ଭୀରରାଜୁ, କାଶୀନଗର ବ୍ଲକ ସଭାପତି ବାଲା ସାଇ ଆପ୍ପା, ଗୁମ୍ମା ବ୍ଲକ ସଭାପତି ସୁନେମି ମଣ୍ଡଳ, ଗୁମ୍ମା ବ୍ଲକ ଉପସଭାପତି ଶ୍ରୀନିବାସ ରାଓ, ଗୁମ୍ମା ବିଡିଓ, ବରିଷ୍ଠ ନେତା ବସନ୍ତ ଦାସ, ଲକ୍ଷ୍ମୀ ପରିଛା, ଅଖିଳ ପାତ୍ର, ବିଜୟ କୁମାର, ଆପ୍ପା ରାଓ, ଗଜପତି ରାଓ, ସରପଞ୍ଚ ସମିତିସଭ୍ୟ, ସ୍ଥାନୀୟ ବାସିନ୍ଦା, ହାଇଟେକ୍ କାର୍ଯ୍ୟକର୍ତ୍ତା ଦୀପୁ ପଟ୍ଟନାୟକ, ମୋଜେଶ ଶବର, ଆଦିତ୍ୟ ଘାଣ୍ଟା, ନିରୋଜ ଷଡଙ୍ଗୀ, ଅଜୟ ବଡ଼ନାୟକ, ସନ୍ତୋଷ କୁମାର, ରେବୁ ଏଡଲା, କୃଷ୍ଣ ବେହେରା ପ୍ରମୁଖ ସହଯୋଗ କରିଥିଲେ ।

# ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ଗଜପତି ଗସ୍ତ



ପାରଳାଖେମୁଣ୍ଡି, ୧୪।୨ (ଗିରିଧାରୀ ପରିଛା)

ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ଗଜପତି ଜିଲାରେ ଦିନିକିଆ ଗସ୍ତ ଅବସରରେ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ଗୁଡ଼ିକ ସମୀକ୍ଷା କରିଛନ୍ତି । ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ବ୍ରହ୍ମପୁର ରଞ୍ଜନ କୁମାର ଦାସ ଜିଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ବିଭିନ୍ନ ଯୋଜନା ଗୁଡ଼ିକ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଅବସରରେ ଯୋଜନର ପ୍ରକଳ୍ପ ଗୁଡିକର କାର୍ଯ୍ୟକାରିତା ବେଳେ ସ୍ୱଚ୍ଛତା ଅବଲମ୍ବନ କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହା ବ୍ୟତୀତ ଆଗାମୀ ସାଧାରଣ ନିର୍ବାଚନ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ସହିତ ଜିଲାରେ ରାଜସ୍ୱ ଆଦାୟ, ରେକର୍ଡ ରୁମ ପରିଚାଳନା, ଜାଗା ମିଶନ ସମେତ ବିଭିନ୍ନ ଉନ୍ନତ ମୂଳକ ଯୋଜନା ବିଷୟରେ ସମୀକ୍ଷା କରିଛନ୍ତି ।

ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ଜିଲାରେ ଚାଲୁଥିବା ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନାର ଅଗ୍ରଗତି ସମ୍ପର୍କରେ ଆୟୁକ୍ତଙ୍କୁ ଅବଗତ କରାଇଥିଲେ । ଜିଲାରେ ଚାଲୁଥିବା ବିଭିନ୍ନ ଯୋଜନା ପ୍ରକଳ୍ପ କାର୍ଯ୍ୟ ଅଗ୍ରଗତି ନେଇ ଆୟୁକ୍ତ ସନ୍ତୋଷ ପ୍ରକାଶ କରିଥିଲେ । ଏହି ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଆରକ୍ଷୀ ଅଧିକ୍ଷକ ସାତୀ ଏସ କୁମାର, ଅତିରିକ୍ତ ଜିଲାପାଳ ବୀରେନ୍ଦ୍ର କୁମାର ଦାସ (ରାଜସ୍ୱ) ଓ ରାଜେନ୍ଦ୍ର ମିଞ୍ଜ, ପ୍ରକଳ୍ପ ନିର୍ଦ୍ଦେଶକ, ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା ଅଧିକାରୀ ଗୋରାଚାନ୍ଦ ଗମାଙ୍ଗ, ଉପଜିଲାପାଳ ଆଲୋକ କୁମାର ପ୍ରଧାନ, ପ୍ରକଳ୍ପ ପ୍ରଶାସକ , ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ଫାଲଗୁନି ମାଝୀ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ ସମୀକ୍ଷା ବୈଠକରେ ଉପସ୍ଥିତ ଥିଲେ ।

# ଫାଇଲେରିଆ ମୁକ୍ତ ଅଭିଯାନରେ ସାମୂହିକ ଔଷଧ ସେବନ

ଜି.ଉଦୟଗିରି, ୧୪।୨ (ଶିଶିର ପଟ୍ଟନାୟକ)

ଫାଇଲେରିଆ ରୋଗ ନିରାକରଣ ପାଇଁ ସରକାର ତିନି ବର୍ଷ ହୋଲା ସାମୂହିକ ଔଷଧ ସେବନ କରେଇବା ସହିତ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରିଆସୁଛନ୍ତି । ଏହି କ୍ରମରେ ୧୧ ତାରିଖରୁ ଜି.ଉଦୟଗିରିରୁ ବିଭିନ୍ନ ଶିକ୍ଷାନୁଷ୍ଠାନରେ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ପରେ ଏବେ ଘରକୁ ଘର ବୁଲି ଅଙ୍ଗନୱାଡି କର୍ମୀମାନେ ଔଷଧ ଖୁଆଇବା ଆରମ୍ଭ କରିଛନ୍ତି । କେବଳ ଗର୍ଭବତୀ ମହିଳା, ଦୁଇ ବର୍ଷରୁ କମ ଶିଶୁ, ଅତିଶୟ ପିଡିତ ରୋଗୀଙ୍କୁ ବାଦ ଦେଲେ ସମସ୍ତେ ଡିଇସି ବଟିକା ଓ କୃମି ନାଶକ ବଟିକା ଖାଇ ପାରିବେ । ଏହି କାର୍ଯ୍ୟକ୍ରମ ୧୯ ତାରିଖ ଯାଏ ଚାଲିବ । ଏହି କାର୍ଯ୍ୟକ୍ରମରେ ୭ ନଂ ୱାଡ ଅଙ୍ଗନୱାଡି କର୍ମୀ ଶୁଭଶ୍ରୀ ଦଳବେହେରା ଏବଂ ୯ ନଂ ଅଙ୍ଗନୱାଡି କର୍ମୀ ସୁସ୍ମିତା ନାୟକ ଘରକୁ ଘର ବୁଲି ଔଷଧ ଖୁଆଇବାରେ ଲାଗିପଡିଛନ୍ତି ।

# ପ୍ରଧାନଶିକ୍ଷକ ବାଳକୃଷ୍ଣ ମିଶ୍ରଙ୍କ ସ୍ମୃତିଚାରଣ ସଭା



ସ୍ମୃତିଚାରଣ ସଭାରେ ଯୋଗଦେଇଥିବା ଅତିଥି ।

ପାରଳାଖେମୁଣ୍ଡି, ୧୪।୨ (ଗିରିଧାରୀ ପରିଛା): ପାରଳାଖେମୁଣ୍ଡି ସହରସ୍ଥ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟର ସୁନାମଧନ୍ୟ ପ୍ରାକ୍ତନ ପ୍ରଧାନ ଶିକ୍ଷକ ସ୍ୱର୍ଗତ ବାଳକୃଷ୍ଣ ମିଶ୍ରଙ୍କ ବିୟୋଗରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ସ୍ମୃତିଚାରଣ ସଭାରେ ଅଚାର୍ଯ୍ୟ ବିନୋଦ ଚନ୍ଦ୍ର ଜେନାଙ୍କ ସଭାପତିତ୍ୱରେ ହାଇସ୍କୁଲର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ପୁରାତନ ଛାତ୍ର, ପୁରାତନ ଶିକ୍ଷକ, ଜନସାଧାରଣ ଯୋଗଦେଇ ସ୍ୱର୍ଗତ ଆତ୍ମାର ସଦଗତି କାମନା କରିଥିଲେ । ସ୍ୱର୍ଗତ ମିଶ୍ର ଜଣେ ବହୁମୁଖୀ ପ୍ରତିଭା ସମ୍ପନ୍ନ ବ୍ୟକ୍ତି ଥିଲେ । କାର୍ଯ୍ୟକ୍ରମରେ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ସ୍ୱର୍ଗତ ବାଳକୃଷ୍ଣ ମିଶ୍ର କିଭଳି ଜଣେ ମେଳାପି, ଭଦ୍ର, ଜଣେ ନାଟୁଆ ତଥା ଅଭିନେତା, ସୁସାହିତ୍ୟକ ବ୍ୟକ୍ତି ଥିଲେ ସେନେଇ ବକ୍ତବ୍ୟ ରଖିଥିଲେ । ଏହି ସ୍ମୃତିଚାରଣ ସଭାରେ ପ୍ରଫୁଲ୍ଲ ଚନ୍ଦ୍ର ପାଣିଗ୍ରାହୀ, ବିଚିତ୍ରା ବେବର୍ତ୍ତା, ପଣ୍ଡିତ କୁମୁଦ ରଞ୍ଜନ ଦାସ, ଅର୍ଜୁନ ନାୟକ, ପ୍ରଧାନ ଶିକ୍ଷକ ୱାଇ.ଧର୍ମାରାଓ, ଶିକ୍ଷକ ଜଗନ୍ନାଥ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ । ସୂଚନାଯୋଗ୍ୟ ଯେ, ସ୍ୱର୍ଗତ ବାଳକୃଷ୍ଣ ମିଶ୍ର ପାରଳାଖେମୁଣ୍ଡି ସ୍ଥିତ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟରେ ୧୯୯୨ରୁ ୧୯୯୫ ମସିହା ପର୍ଯ୍ୟନ୍ତ ପ୍ରଧାନ ଶିକ୍ଷକ ଭାବେ ଦାୟିତ୍ୱ ତୁଲାଇଥିଲେ । ୧୯୯୪ ମସିହାରେ ରାଷ୍ଟ୍ରପତି ପୁରସ୍କାର ପାଇଥିଲେ, ଯାହାକି ଜିଲା ପାଇଁ ପ୍ରଥମ ରାଷ୍ଟ୍ରପତି ପୁରସ୍କାର ବୋଲି ବିବେଚନା କରାଯାଉଛି ।

# ପୁଲୱାମା ଶହୀଦଙ୍କ ଉଦ୍ଦେଶ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ

ଫୁଲବାଣୀ, ୧୪।୨ (ରାକେଶ କୁମାର ରାଉତ):




ରକ୍ତଦାତାଙ୍କ ସହ ଟିମ୍ ହ୍ୟୁମାନିଟି ସଦସ୍ୟ ।

ଆତଙ୍କବାଦୀଙ୍କ ବିସ୍ଫୋରଣରେ ପୁଲୱାମାରେ ଶହୀଦ ହୋଇଥିବା ଯବାନଙ୍କ ଉଦ୍ଦେଶ୍ୟରେ ଟିମ୍ ହ୍ୟୁମାନିଟି ତରଫରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସ୍ଥାନୀୟ ରକ୍ତ ଭଣ୍ଡାର ପରିସରରେ ଆୟୋଜିତ ହୋଇଯାଇଛି । ପୂର୍ବାହ୍ନରେ ଟିମ ହ୍ୟୁମାନିଟି ଆବାହକ ଭି.ଲୋକନାଥ ରାଜୁଙ୍କ ନେତୃତ୍ୱରେ ଟିମର ସଦସ୍ୟମାନେ ଏକତ୍ରିତ ହୋଇ ଶହୀଦଙ୍କୁ ଶ୍ରଦ୍ଧାଳି ଅର୍ପଣ କରିଥିଲେ । ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଏହି ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ । ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ମନୋଜ କୁମାର ଉପାଧ୍ୟାୟ, ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀ ଡା. ବିଜୟ କୁମାର ପଣ୍ଡା, ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ଶିଶିର କୁମାର ସାହୁ, ରେର ଶିବାନନ୍ଦ ଲେଙ୍କା, ଫୁଲବାଣୀ ରକ୍ତଦାନ ସମିତି ସମ୍ପାଦକ ପ୍ରଶାନ୍ତ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ରକ୍ତ ଭଣ୍ଡାର ଅଧିକାରୀ ଡା. ଜୟଦୀପ ଘୋଷଙ୍କ ନେତୃତ୍ୱରେ ଟେକ୍ନିସିଆନ୍ ଦୀନକୃଷ୍ଣ ମହନ୍ତ, ସାକେତ ରାଣୀ ନାଏକ, କର୍ମଚାରୀ ସୁକ୍ରା ଦଳଛତ୍ର, ବରୁଣ ବେହେରା ଏବଂ ପ୍ରଶାନ୍ତ କୁମାର ରହ୍ୱାଲୁ ପ୍ରମୁଖ ରକ୍ତ ସଂଗ୍ରହ କାର୍ଯ୍ୟ ସମ୍ପାଦନ କରିଥିଲେ । ଶିବିରରେ ମୋଟ ୧୫୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । ସେହିପରି କନ୍ଧମାଳ ଇନଡୋର ଷ୍ଟାଡିୟମରେ ଦିନି କିଆ ବ୍ୟାଡମିଣ୍ଟନ ପ୍ରତିଯୋଗିତା ହୋଇଥିଲା । କନ୍ଧମାଳ, ବ୍ରହ୍ମପୁର, ଭଞ୍ଜନଗର, ବୌଦ୍ଧ, ଅନୁଗୋଳ ଏବଂ ସୋନପୁର ଜିଲାର ୧୬ଟି ଟିମ୍ ଏଥିରେ ଭାଗ ନେଇଥିଲେ । ରିଜର୍ଭ ଇନ୍‌ସପେକ୍ଟର ବିରସିଂ ଶବର ଏହାକୁ ଉଦ୍‌ଘାଟନ କରିଥିଲେ । ବିଜେତା ମାନଙ୍କୁ ଜିଲାପାଳ ପାଟିଲ ପୁରସ୍କୃତ କରିଥିଲେ । ସନ୍ଧ୍ୟାରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ମାଦିକୁନ୍ଦା ଛକରୁ ବାହାରି ସହର ପରିକ୍ରମା କରିଥିଲା । ଏହାପରେ ଗୋପବନ୍ଧୁ ଛକରେ ଶହିଦ୍‌ଙ୍କୁ ଶ୍ରଦ୍ଧାଞ୍ଜଳୀ ଦିଆ ଯାଇଥିଲା ।

# ଗଳି ପୋଲ ନିର୍ମାଣ ନିଷ୍ପତ୍ତିକୁ ସ୍ୱାଗତ

ଯାଜପୁରରୋଡ୍,୧୪।୨ (ପବିତ୍ର ରଞ୍ଜନ ମହାନ୍ତି):

ପୂର୍ବତଟ ରେଳବାଇ ଖୋର୍ଦ୍ଧା ଡିଭିଜନ ତରଫରୁ ବ୍ୟାସନଗର ସହରର ଗୋପବନ୍ଧୁ ଛକଠାରେ ଗଳିପୋଲ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇଛି। ଏଥିସହିତ ବ୍ୟାସନଗର ତହସିଲ କାର୍ଯ୍ୟାଳୟ ପକ୍ଷରୁ ସର୍ବସାଧାରଣରେ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହାକୁ ବ୍ୟାସନଗର ନାଗରିକ କମିଟି, କୋରେଇ ସଂଗ୍ରାମ ସମିତି, ସିଭିଲ ସୋସାଇଟି ଏବଂ ସହରର ବିଭିନ୍ନ ସଂଗଠନ ପକ୍ଷରୁ ସ୍ୱାଗତ କରାଯିବା ସହ ଖୋର୍ଦ୍ଧା ରୋଡ୍ ଡିଭିଜନର ଅଧିକାରୀଙ୍କୁ ଧନ୍ୟବାଦ ଦିଆଯାଇଛି। ଏହା ପତିତ ଜମିରେ ହେଉଥିବାରୁ କୌଣସି ବ୍ୟକ୍ତି ବିଶେଷଙ୍କ ଜମି ଅଧିଗ୍ରହଣ ଆବଶ୍ୟକ ପଡୁନାହିଁ। ତେଣୁ ନାଗରିକ କମିଟି ବ୍ୟାସନଗରର ସମସ୍ତ ଜନସାଧାରଣ ଓ ବୁଦ୍ଧିଜୀବୀଙ୍କୁ ଏଥିରେ ସହଯୋଗ କରିବାକୁ ଅନୁରୋଧ କରିଛି। ଏହାସହ ସାଇ ମନ୍ଦିର ଲେଭୁଲ କ୍ରସିଂ ନିକଟରେ ଅନ୍ୟ ଏକ ଗଳିପୋଲ ଓ ଚୂନ ଭାଟିଠାରେ ଫ୍ଲାଏ ଓଭର ନିର୍ମାଣ ପାଇଁ ମଞ୍ଜୁର ଟଙ୍କାକୁ ଶୀଘ୍ର ବିନିଯୋଗ କରିବା ପାଇଁ ଖୋର୍ଦ୍ଧା ଡିଭିଜନ ଓ ରାଜ୍ୟ ସରକାରଙ୍କୁ କମିଟି ତରଫରୁ ଅନୁରୋଧ କରାଯାଇଛି।

# ନକଲି ଟିପିରେ ବାଲି ପରିବହନ

**ବୈତରଣୀ ନଦୀର ଦୋସିଆମୁହଁ ଘାଟ**

- ବିନା ସିଟିଓ, ଇସିରେ ବାଲି ଉତ୍ତୋଳନ
- ଖଣି ବିଭାଗକୁ ଦୋଷାରୋପ କରି ନୀରବ ତହସିଲଦାର

କୋରେଇ,୧୪।୨ (ଚନ୍ଦ୍ରକାନ୍ତ ପତି)


ଦୋସିଆମୁହଁ ଘାଟରୁ ବାଲି ପରିବହନ ହେଉଛି।

ଯାଜପୁର ଜିଲା ବ୍ୟାସନଗର ତହସିଲ ଅନ୍ତର୍ଗତ କୋରେଇ ଅଞ୍ଚଳରେ ପ୍ରବାହିତ ବୈତରଣୀ ନଦୀରୁ ବାଲିଲୁଟ ସୀମା ଲଂଘିବାରେ ଲାଗିଛି। ପ୍ରଶାସନର ନିଷ୍କ୍ରିୟତା ପାଇଁ ବାଲି ବ୍ୟବସାୟୀମାନେ ଦିନ ଦ୍ୱିପ୍ରହରରେ ମେଶିନ ଲଗାଇ ହାଇୱା, ଟ୍ରକ ଓ ଟ୍ରାକ୍ଟରରେ ଶହ ଶହ ଟ୍ରିପ ବାଲି ଉଠାଇ ନେଉଥିବା ଅଭିଯୋଗ ହେଉଛି। ଏଥିପାଇଁ ନଦୀ ତଟବର୍ତ୍ତୀ ଲୋକେ ବିପଦର ସମ୍ମୁଖୀନ ହେଉଥିବାବେଳେ ରାଜ୍ୟ ସରକାରଙ୍କ ବିପୁଳ ପରିମାଣର ରାଜସ୍ୱହାନି ହେଉଛି ବୋଲି ମତପ୍ରକାଶ ପାଇଛି।

ବ୍ୟାସନଗର ତହସିଲ ଅଧୀନ କୋରେଇ ବ୍ଲକ ରଣପୁର ପଞ୍ଚାୟତର ଦୋସିଆମୁହଁ ବାଲିଘାଟ ସମ୍ମୁଖରେ କିଛି ଲୋକଙ୍କ ବ୍ୟକ୍ତିଗତ ଜମି ରହିଛି। ଏହି କାରଣରୁ ସରକାରୀ ସ୍ତରରେ ଏହାକୁ ନିଲାମ କରାଯାଉନାହିଁ। ଏହାର ସୁଯୋଗ ନେଇ ରଣପୁର ଅଞ୍ଚଳର କେତେଜଣ ବାଲି ବ୍ୟବସାୟୀ ପ୍ରଶାସନିକ ଅଧିକାରୀଙ୍କୁ ହାତ କରି ପ୍ରାୟ ୬ବର୍ଷ ହେବ ରୀତିମତ ବାଲି ଚୋରାଚାଲାଣ କରୁଛନ୍ତି। ଏହାକୁ ରୋକିବାରେ ବ୍ୟାସନଗର ତହସିଲ ପ୍ରଶାସନ ସଫଳ ହୋଇପାରୁନାହିଁ। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି) ଠାରୁ ପରିଚାଳନା ଅନୁମତି କିମ୍ବା କନସେଣ୍ଟ ଟୁ ଅପରେଟ(ସିଟିଓ) ଏବଂ ପରିବେଶଗତ ଅନୁମତି ବା ଏନଭାଇରନମେଣ୍ଟ କ୍ଲିଅରାନ୍ସ (ଇସି) ନ ଥାଇ ଦୀର୍ଘ ବର୍ଷ ହେଲା ବେଆଇନ ଭାବେ ଏହି ଘାଟରୁ ବାଲି ଉତ୍ତୋଳନ ହେଉଛି। ଗତ ଏକ ବର୍ଷ ଲଘୁ ଖଣି ପରିଚାଳନା ଦାୟିତ୍ୱ ନେଇଥିବା ଖଣି ବିଭାଗ ଏହି ଚୋରାଚାଲାଣ ବିରୋଧରେ କୌଣସି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନେଉନାହିଁ। ସବୁଠାରୁ ବଡ଼କଥା ଏହି ବାଲି ଗାଡ଼ିଗୁଡ଼ିକ ଚଳପ୍ରଚଳ ପାଇଁ ନକଲି ଟ୍ରାନଜିଟ ପାସ୍ (ଟିପି) ବ୍ୟବହାର ହେଉଛି। ଉକ୍ତ ଚୋରାବାଲି ରେଙ୍ଗାଲି ବହୁମୁଖୀ ବାମପାର୍ଶ୍ୱ କେନାଲ କାର୍ଯ୍ୟ ପାଇଁ ବ୍ୟବହାର କରାଯାଉଛି। ଏହି କେନାଲ ନିର୍ମାଣ ଦାୟିତ୍ୱରେ ଥିବା ଠିକାସଂସ୍ଥା ପକ୍ଷରୁ ମଧ ଏହାର କୌଣସି ତଦନ୍ତ କରାଯାଉନାହିଁ। ଏଥିରେ କୋରେଇ ବ୍ଲକ ଅସନଝର ପଞ୍ଚାୟତର କେତେଜଣ ବ୍ୟକ୍ତିଙ୍କ ହାତ ଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକ ବାଲି ମାଫିଆଙ୍କ ସହଯୋଗୀ ହୋଇଛନ୍ତି ବୋଲି ଅଞ୍ଚଳବାସୀ କହୁଛନ୍ତି। ଅନ୍ୟପକ୍ଷରେ ତହସିଲଦାରଙ୍କୁ ଏନେଇ ଯୋଗାଯୋଗ କଲେ ବାଲି ଖାଦାନ ଖଣି ବିଭାଗ ହାତକୁ ଚାଲିଯାଇଥିବା କହି ନିରବ ରହୁଛନ୍ତି। ବିଡମ୍ବନା ଯେ, ନଦୀବନ୍ଧକୁ ହାଣି ବାଲି ଚାଲାଣ ହେଉଥିବାରୁ ନଦୀର ପ୍ରାକୃତିକ ସମତୁଲ ପ୍ରକ୍ରିୟା ବ୍ୟାହତ ହେବା ସହିତ ଲୋକଙ୍କ ଜୀବନ ଜୀବିକା ଉପରେ ମଧ ନକାରାତ୍ମକ ପ୍ରଭାବ ପଡୁଛି। ଏହି କାରଣରୁ ପ୍ରବଳ ବର୍ଷା ହେଲେ ବୈତରଣୀ ନଦୀ ଫୁଲି ଉଠି ଘାଇ ସୃଷ୍ଟି ହୋଇ ନଦୀବନ୍ଧ କ୍ରମଶଃ ଦୁର୍ବଳ ହେବାରେ ଲାଗିଛି। ଏନେଇ ଯାଜପୁର ରୋଡ଼ ଖଣି ଉପନିର୍ଦ୍ଦେଶକ ଜୟପ୍ରକାଶ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ଖୁବ୍‌ଶୀଘ୍ର ଏଥିପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ନିର୍ବାଚନ ପରିଚାଳନା ଉପରେ ଗୁରୁତ୍ୱ


ବୈଠକରେ ଜିଲାପାଳଙ୍କ ସମତେ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ।

**ପ୍ରଶାସନ, ରାଜନୈତିକ ଦଳର ବୈଠକ**

ଯାଜପୁର,୧୪।୨(ହର୍ଷବର୍ଦ୍ଧନ ବେହେରା) :

ସାଧାରଣ ନିର୍ବାଚନ ୨୦୨୪ ପରିପ୍ରେକ୍ଷୀରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବୁଧବାର ଜିଲା ପ୍ରଶାସନ ଏବଂ ରାଜନୈତିକ ଦଳ ସହ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଶୁଭଙ୍କର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରାର୍ଥୀମାନଙ୍କ ନିମନ୍ତେ ବ୍ୟବହୃତ ଜିନିଷ ପତ୍ର ତଥା ଅନ୍ୟାନ୍ୟ ଦ୍ରବ୍ୟ, ସରଞ୍ଜାମ ପ୍ରତି ଧାର୍ଯ୍ୟ ମୂଲ୍ୟ ନିର୍ଦ୍ଧାରଣ ଉପରେ ଆଲୋଚନା ହୋଇଥିଲା। ଉକ୍ତ ବୈଠକରେ ଟେଣ୍ଟ, ଯାନ, ସିଲିଂ ଫ୍ୟାନ, ପ୍ଲାଷ୍ଟିକ ଚେୟାର, ଟେବୁଲ, ପୋଡ଼ିଅମ୍, ଜେନେରେଟର, ଲାଉଡ୍ ସ୍ପିକର, ଖାଦ୍ୟ ପଦାର୍ଥ, ବସ, ପାଣି ଟାଙ୍କି, ବାଉଁଶ, ଗେଟ, କାର୍ପେଟ, ଷ୍ଟାର କ୍ୟାମ୍ପନର, ଡିଜି ସେଟ୍, ବ୍ୟାନର, କ୍ୟାପ, ହୋଡ଼ିଂ, ପୋଷ୍ଟର, ଭିଡିଓଗ୍ରାଫି, ପାଣି ବୋତଲ, ଡ୍ରମ ପାର୍ଟି, ରିଷ୍ଟ ବ୍ୟାଣ୍ଡ, ଅଡିଓ, ଭିଡିଓ, କେବୁଲ ଟିଭି, ଖବରକାଗଜ, ଫେସବୁକ୍, ୟୁଟ୍ୟୁବରେ ବିଜ୍ଞାପନ ଇତ୍ୟାଦି ବିଭିନ୍ନ ପ୍ରକାର ସାମଗ୍ରୀଗୁଡ଼ିକର ମୂଲ୍ୟ ନିର୍ଦ୍ଧାରଣ କରାଯାଇଛି । ଏହି ବୈଠକରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ଶୁଭେନ୍ଦ୍ର କୁମାର ସାମଲ, ଅତିରିକ୍ତ ଜିଲାପାଳ (ପ୍ରଶାସନ) ନବକୃଷ୍ଣ ଜେନା, ଜିଲା ପରିଷଦ ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ ଏବଂ ରାଜନୈତିକ ଦଳ ପକ୍ଷରୁ ଭାରତୀୟ ଜାତୀୟ କଂଗ୍ରେସ ପାର୍ଟିର ପ୍ରତିନିଧି ଦୁର୍ଯ୍ୟୋଧନ ବେହେରା, ବିଜୁ ଜନତା ଦଳର ପ୍ରତିନିଧି ରମଣୀ ରଞ୍ଜନ ରାଉତରାୟ, ଭାରତୀୟ ଜନତା ପାର୍ଟି ପ୍ରତିନିଧି ସୁଦୀପ୍ତ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଲାୟନ୍ସ କ୍ଲବ୍‌ର ଇନ୍‌ଷ୍ଟାଲେଶନ ସେରିମନି



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଲାୟନ୍ସ କ୍ଲବ୍‌ର କର୍ମକର୍ତ୍ତା।

କାଏମା,୧୪।୨(ଶିବପ୍ରସାଦ ମହାନ୍ତି):

ଧର୍ମଶାଳା ବ୍ଲକ ଶାନ୍ତିବଜାରସ୍ଥିତ ସମ୍ରାଟ ମଣ୍ଡପଠାରେ ଧର୍ମଶାଳା ଲାୟନ୍ସ କ୍ଲବ୍‌ର ଚାର୍ଟର କମ ଇନଷ୍ଟଲେଶନ ସେରିମନି ଅନୁଷ୍ଠିତ ହୋଇଯାଇଛି। କ୍ଲବ୍ ସଭାପତି ଲାୟନ ଡ. ଚିତ୍ତରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ମୁଖ୍ୟଅତିଥିଭାବେ ଡିଷ୍ଟ୍ରିକ୍ଟ ଗଭର୍ନର ଲାୟନ ଶରତ ଚନ୍ଦ୍ର ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ କ୍ଲବର କାର୍ଯ୍ୟଧାରା ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଇନଷ୍ଟାଲେଶନ ଅଫିସର ପ୍ରଫୁଲ ସାମଲ ସମସ୍ତ ସଦସ୍ୟଙ୍କୁ ଶପଥ ପାଠ କରାଇବା ସହ କ୍ଲବର ନିୟମ ସମ୍ପର୍କରେ ଅବଗତ କରାଇଥିଲେ। ଲାୟନ ପ୍ରଦୀପ୍ତ ରାୟ ଓ ଦେବଜାନୀ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଲାୟନ୍ସ କ୍ଲବ ଏକ ଅଞ୍ଚଳର ସାମୂହିକ ବିକାଶରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ। ଉପସ୍ଥିତ ଅତିଥିଙ୍କ ମଧ୍ୟରୁ ଖବରଦାତା ରମାକାନ୍ତ ଜେନା, ସାହିତ୍ୟିକ ଡ. ରାଜକିଶୋର ପାଢ଼ୀ, ସାମାଜିକ କର୍ମୀ କାହ୍ନୁଚରଣ ଦାସ, ବୁଦ୍ଧିଜୀବୀ କରୁଣାକର ବରାଳ, ଜାରକା ରୋଟାରି କ୍ଲବର ସଭାପତି ବିପିନ ଷଡ଼ଙ୍ଗୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ସେବା ପ୍ରତ୍ୟେକ ମଣିଷର ଧର୍ମ ହେବା ଦରକାର ବୋଲି ମତବ୍ୟକ୍ତ କରିଥିଲେ। ଲାୟନ୍ସ କ୍ଲବ ସେବାରେ ବିଶ୍ୱାସ କରେ। ଏହି ଆଧାରରେ କ୍ଲବ ଅଞ୍ଚଳର ସମସ୍ତ ସଙ୍ଗଠନକୁ ସାଥିରେ ନେଇ କାର୍ଯ୍ୟ କରିବ ବୋଲି ସଭାପତି ଡ. ମହାନ୍ତି ଆଶାବ୍ୟକ୍ତ କରିଥିଲେ। ଧର୍ମଶାଳା ଅଞ୍ଚଳର ବୁଦ୍ଧିଜୀବୀ ଓ ଯୁବପିଢି ଏଥିରେ ସାମିଲ ହେବା ପାଇଁ ସମ୍ପାଦକ ଡ. କୃଷ୍ଣଚନ୍ଦ୍ର ପାତ୍ର ନିବେଦନ କରିଥିଲେ। କାର୍ଯ୍ୟକ୍ରମକୁ କୋଷାଧ୍ୟକ୍ଷ ଲାୟନ ଇଂ. ସିଦ୍ଧାର୍ଥ ସ୍ୱୟଂଦୀପ୍ତ ମହାନ୍ତି ପରିଚାଳନା କରିଥିଲେ। ଲାୟନ ସୁଜାତା ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଲାୟନ ଲୁପ୍ତେନ୍ଦୁ ବିଶ୍ୱାଳ, ପ୍ରକାଶ ସାହୁ, ବିନୋଦ ଚିନାରା, ମଧୁସ୍ମିତା ପଣ୍ଡା, ଟି.ପ୍ରିୟଦର୍ଶିନୀ ଓ ଅର୍ପିତା ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଖବରଦାତା ସୁରେଶ କର ଧନ୍ୟବାଦ ଦେଇଥିଲେ।

# ଧର୍ମଶାଳା ବ୍ଲକ୍‌ରେ ପରୀକ୍ଷା ଦେବେ ୨୦୭୧ ଛାତ୍ରୀଛାତ୍ର

ଧର୍ମଶାଳା,୧୪।୨ (ବଟକୃଷ୍ଣ ପରିଡ଼ା):

**୧୬ରୁ ଯୁକ୍ତ ୨ କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକ ପରୀକ୍ଷା**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ୨ କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକ ବାର୍ଷିକ ପରୀକ୍ଷା ଆସନ୍ତା ୧୬ ତାରିଖଠାରୁ ଆରମ୍ଭ ହେବ। ଏହି ପରୀକ୍ଷା ମାର୍ଚ୍ଚ ୨୦ରେ ଶେଷ ହେବ। ଧର୍ମଶାଳା ବ୍ଲକର ୮ ଯୁକ୍ତ ୨ କଲେଜର ୨୦୭୧ ଛାତ୍ରୀଛାତ୍ର ୬ ପରୀକ୍ଷା କେନ୍ଦ୍ରରେ କଳା, ବିଜ୍ଞାନ ଓ ବାଣିଜ୍ୟରେ ପରୀକ୍ଷା ଦେବା ପାଇଁ ଫର୍ମ ପୂରଣ କରିଛନ୍ତି। ଧର୍ମଶାଳା ମହାବିଦ୍ୟାଳୟକୁ ହବ ସେଣ୍ଟର କରାଯାଇଛି। ଏଠାରୁ ୬ଟି ପରୀକ୍ଷାକେନ୍ଦ୍ରକୁ ପରୀକ୍ଷା ଦିନ ସକାଳ ୭ଟାରୁ ପ୍ରଶ୍ନପତ୍ର ପୋଲିସ ସୁରକ୍ଷାରେ ପଠାଯିବ। ପ୍ରଶ୍ନପତ୍ର ନେଇ ଯାଇଥିବା ଅଧ୍ୟାପକମାନେ ସେଠାରେ ପରୀକ୍ଷା ପରିଚାଳନା କରିବା ସହିତ ଉତ୍ତରଖାତା ସଂଗ୍ରହ କରି ହବ ସେଣ୍ଟରକୁ ଆଣିବେ। ବ୍ଲକରେ କଳାରେ ୧୪୧୬, ବିଜ୍ଞାନରେ ୬୩୮ ଓ ବାଣିଜ୍ୟରେ୧୭ ଜଣ ପରୀକ୍ଷାଦେବେ।

ଏଥିରେ ଧର୍ମଶାଳା କଲେଜର ଯୁକ୍ତ ୨ କଳାରେ ୨୧୮ରେଗୁଲାର, ୯ ଏକ୍ସ ରେଗୁଲାର, ବିଜ୍ଞାନରେ ୧୫୭ ରେଗୁଲାର, ୪ ଏକ୍ସ ରେଗୁଲାର, ବାଣିଜ୍ୟରେ ୧୭ ରେଗୁଲାର, ମୁକୁନ୍ଦପାତ୍ର ଜୁନିୟର କଲେଜରେ କଳାରେ ୨୩୩ ରେଗୁଲାର, ୨୨ ଏକ୍ସ ରେଗୁଲାର, ବିଜ୍ଞାନରେ ୮୮ ରେଗୁଲାର, ୧୨ ଏକ୍ସ ରେଗୁଲାର, ଜେନାପୁର ଜୁନିୟର କଲେଜରେ କଳାରେ ୨୩୦ ରେଗୁଲାର ଓ ୨୪ ଏକ୍ସ ରେଗୁଲାର ଛାତ୍ରୀଛାତ୍ର ପରୀକ୍ଷାଦେବେ। ଧର୍ମଶାଳା ମହିଳା କଲେଜରେ କଳାରେ ୧୦୯ ରେଗୁଲାର, ୮ ଏକ୍ସ ରେଗୁଲାର, କୋଟପୁର ବଜ୍ରଗିରି ଜୁନିୟର କଲେଜରେ କଳାରେ ୨୭୫ ରେଗୁଲାର, ୨୧ ଏକ୍ସ ରେଗୁଲାର, ବିଜ୍ଞାନରେ ୯୫ ରେଗୁଲାର ଓ ଜଣେ ଏକ୍ସ ରେଗୁଲାର, ଜଗନ୍ନାଥଜୀଉ ଜୁନିୟର କଲେଜରେ କଳାରେ ୨୧୯ ରେଗୁଲାର, ୨୩ ଏକ୍ସ ରେଗୁଲାର, ବିଜ୍ଞାନରେ ୬୨ ରେଗୁଲାର ଓ ୭ ଏକ୍ସ ରେଗୁଲାର ଛାତ୍ରୀଛାତ୍ର ପରୀକ୍ଷା ଦେବେ। ସେହିପରି ରେନେସାଁ ଜୁନିୟର କଲେଜରେ କଳାରେ ୨୫ ରେଗୁଲାର, ବିଜ୍ଞାନରେ ୧୬୦ ରେଗୁଲାର, ଗୋକର୍ଣ୍ଣିକା କଲେଜରେ ବିଜ୍ଞାନରେ ୫୧ ରେଗୁଲାର ପରୀକ୍ଷାର୍ଥୀ ପରୀକ୍ଷା ଦେବେ ବୋଲି କଲେଜ ଅଧକ୍ଷମାନେ ସୂଚନା ଦେଇଛନ୍ତି।

ଧର୍ମଶାଳା ମହାବିଦ୍ୟାଳୟ ଷ୍ଟ୍ରଙ୍ଗ ରୁମରେ ୧୦ ତାରିଖଠାରୁ ପ୍ରଶ୍ନପତ୍ର କଡ଼ା ସୁରକ୍ଷା ବ୍ୟବସ୍ଥାରେ ରଖାଯାଇଛି। ସେଠାରେ ସିସି ଟିଭି କ୍ୟାମେରା ଲଗାଯିବା ସହ ପୋଲିସ ଫୋର୍ସ ମୁତୟନ କରାଯାଇଛି। ପରୀକ୍ଷାକୁ ସମ୍ପୂର୍ଣ୍ଣ ସ୍ୱଚ୍ଛ ଓ କପିମୁକ୍ତ କରିବା ପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ତ୍ରିସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା କରାଯାଇଛି। ୧୬ରେ ବିଜ୍ଞାନର ମାତୃଭାଷା ଓ ୧୭ ତାରିଖରେ କଳା ଓ ବାଣିଜ୍ୟର ମାତୃଭାଷା ପରୀକ୍ଷା ହେବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଛି।

# ବିଦ୍ୟାଳୟ ପ୍ରତିଷ୍ଠାତା ସଦସ୍ୟଙ୍କୁ ସମ୍ବର୍ଦ୍ଧନା


ହିଙ୍ଗୁଳା ବିଦ୍ୟାପୀଠ ପ୍ରତିଷ୍ଠାତା ସଦସ୍ୟ ମଦନ ମୋହନ ଖୁଣ୍ଟିଆଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ରସୁଲପୁର,୧୪।୨(ରଞ୍ଜିତ ରାଉତ):

ରସୁଲପୁର ବ୍ଲକ ଭୋଟକା ପଞ୍ଚାୟତ ଅଧୀନ ହିଙ୍ଗୁଳା ବିଦ୍ୟାପୀଠ ପ୍ରତିଷ୍ଠାତା ସଦସ୍ୟ ତଥା ୪ର୍ଥ ଶ୍ରେଣୀ କର୍ମଚାରୀ ମଦନ ମୋହନ ଖୁଣ୍ଟିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବିଦ୍ୟାଳୟ ଗଠନ ଦିଗରେ ମଦନ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ୧୯୯୨ରେ ବିଦ୍ୟାପୀଠ ସ୍ଥାପିତ ହୋଇଥିଲା। ତାଙ୍କର ଶିକ୍ଷାଗତ୍ ଯୋଗ୍ୟତା କମ୍ ଯୋଗୁ ସେ ବିଦ୍ୟାଳୟରେ ପିଅନ ଚାକିରି କରିଥିଲେ। ମାତ୍ର ସେ ବିଦ୍ୟାଳୟ ପାଇଁ ରତ୍ନ ସଦୃଶ ଥିଲେ ବୋଲି ତାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ଯୋଗଦେଇଥିବା ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବିଦ୍ୟାଳୟ ଗଠନ ଦିଗରେ ବିଶେଷ ଅବଦାନ ପାଇଁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଶ୍ୱିନୀ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ତଥା ବିଦ୍ୟାଳୟର ପ୍ରଥମ ପ୍ରଧାନଶିକ୍ଷକ ବେଣୁଧର ଦ୍ୱିବେଦୀ, ମୁଖ୍ୟବକ୍ତା ଯାଜପୁର ଜିଲା ଓଷ୍ଟା ସଂଘ ସମ୍ପାଦକ ଅମୂଲ୍ୟ ଦାସ, ସମ୍ମାନିତ ଅତିଥି ସରପଞ୍ଚ ସ୍ମୃତିରେଖା ରାଉତ, ଶିକ୍ଷାବିତ୍ ବିନୋଦ ବିହାରୀ ବେହେରା, ସୁରେନ୍ଦ୍ର ରାଉତ, ବାସୁ ଦାଶ, ଦିବାକର ବିଶ୍ୱାଳ, ନଗେନ୍ଦ୍ର ପତି, ମଦନ ମୋହନ ପତି, ଧନେଶ୍ୱର ସାହୁ, ମୋ ସ୍କୁଲ ଅଭିଯାନ କମିଟି ଉପସଭାପତି ଦୁର୍ଗାମାଧବ ଦାସ, ଶିକ୍ଷକ ତୁଷାରକାନ୍ତି ଦତ୍ତ, ନବଘନ ସାହୁ ଓ ଅନନ୍ତ ନାରାୟଣ ମିଶ୍ର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ଖୁଣ୍ଟିଆ ସଭା ପରିଚାଳନା କରିଥିଲେ। ସହକାରୀ ଶିକ୍ଷକ ରଞ୍ଜନ ମିଶ୍ର ଅତିଥି ପରିଚୟ ପ୍ରଦାନ କରିବା ସହ ଧନ୍ୟବାଦ ଦେଇଥିଲେ।

# ଇଜାପୁର ପଞ୍ଚାୟତରେ ଆମ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ

ଝୁମ୍ପୁରୀ,୧୪।୨(ସରୋଜ ନାୟକ)


ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଦଶରଥପୁର ବ୍ଲକ୍ ଇଜାପୁର ପଞ୍ଚାୟତରେ ସୋମବାର ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ବିରଜା ପ୍ରସାଦ ବଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟ କେଶରୀ ଦାସ ଯୋଗଦେଇ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ ରାଜ୍ୟ ସରକାରଙ୍କ ଦ୍ୱାରା ବିଭିନ୍ନ ଜନହିତକର ଯୋଜନାର ସଫଳ ରୂପାୟନ ଉପରେ ଗୁରୁତ୍ୱାରୋପ କରିଥିଲେ । ସମ୍ମାନୀତ ଅତିଥିଭାବେ ଜିଲା ପରିଷଦ ସଭ୍ୟ ପାର୍ଥସାରଥୀ ମହାପାତ୍ର, ସଭ୍ୟା ମାମିନା ମଲିକ, ବିଡ଼ିଓ ଆକାଶ ପଟ୍ଟନାୟକ, ସରପଞ୍ଚ ରାଜଶ୍ରୀ ସାମଲ, ସମିତି ସଭ୍ୟ ବ୍ରଜରାଜ ସାହୁ, କାର୍ଯ୍ୟକ୍ରମର ଆୟୋଜକ ତଥା ସରପଞ୍ଚଙ୍କ ପ୍ରତିନିଧି ଅମୀୟ କୁମାର ଜେନା ପ୍ରମୁଖ ଯୋଗଦେଇ ଗ୍ରାମାଞ୍ଚଳ ଭିତ୍ତିଭୂମିର ସୁଦୃଢ଼ୀକରଣ ନିମନ୍ତେ ସରକାରଙ୍କର ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ପରିପ୍ରେକ୍ଷୀରେ ପଞ୍ଚାୟତର ବିଭିନ୍ନ ବିକାଶ କାର୍ଯ୍ୟ ସମ୍ପର୍କୀୟ ଏକ ପୁସ୍ତିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ ।

# ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

ରସୁଲପୁର,୧୪।୨(ରଞ୍ଜିତ ରାଉତ)

ରସୁଲପୁର ବ୍ଲକ ବାରବାଟୀ ପଞ୍ଚାୟତ ଓଡଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୮୫ ମାଟ୍ରିକ୍ ବ୍ୟାଚ୍‌ର ପୁରାତନ ବିଦ୍ୟାର୍ଥୀମାନଙ୍କୁ ନେଇ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ୧୬ନଂ. ଜାତୀୟ ରାଜପଥ ପାର୍ଶ୍ୱ ମା'ଦୁର୍ଗାଦେବୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ୪୦ବର୍ଷ ପରେ ଆୟୋଜିତ ବନ୍ଧୁମିଳନ ଉତ୍ସବରେ ଉପସ୍ଥିତ ପୁରୁଣା ବନ୍ଧୁମାନେ ସେମାନଙ୍କ ପିଲାଦିନର ସ୍ମୃତିକୁ ବଖାଣି ଭାବବିହ୍ୱଳ ହୋଇଉଠିଥିଲେ । ପୁରାତନ ଛାତ୍ର ତଥା ଶିକ୍ଷକ ପ୍ରଣୟ ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସହପାଠୀ ସତ୍ୟରଞ୍ଜନ ଦେବତା, ଅମୂଲ୍ୟ ଦାଶ, ଶତ୍ରୁଘ୍ନ ସାହୁ, ଜଗଦୀଶ ବାରିକ, ମଦନମୋହନ ନାୟକ, ଭିକାରୀ ଧିର, ଜଗତ ମୁଦୁଲି, ଅଶ୍ୱିନୀ ମହାପାତ୍ର, ଅଜୟ ଜେନା, ଦୁର୍ଯ୍ୟୋଧନ ଆଚାର୍ଯ୍ୟ, ସନ୍ତୋଷ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଥିଲେ। ଜଗଦୀଶ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ସତ୍ୟନାରାୟଣ ଦେବତା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।


ବନ୍ଧୁମିଳନରେ ସାମିଲ ହୋଇଥିବା ପୁରାତନ ଛାତ୍ରୀଛାତ୍ର।

# ବିଞ୍ଝାରପୁର ଅଞ୍ଚଳରେ ହୋଇପାରିଲାନି ପ୍ରତିମୂର୍ତ୍ତି

ପ୍ରୀତିପୁର,୧୪।୨(ସୁଶାନ୍ତ ବେହୁରିଆ):

**ଯବାନ ପ୍ରମୋଦ ଶତପଥୀଙ୍କ ଆଜି ଶହୀଦ ଦିବସ**



ବିଞ୍ଝାରପୁର ଅନ୍ତର୍ଗତ ମାଂସଡା ପଞ୍ଚାୟତ ଅଲାରପୁର ଗ୍ରାମର ମୂଳ ଅଧିବାସୀ ହେଉଛନ୍ତି ଶହୀଦ ପ୍ରମୋଦ ଶତପଥୀ। ୧୫।୦୨।୨୦୦୮ ରାତିରେ ୫୦୦ ଉର୍ଦ୍ଧ୍ୱ ମାଓବାଦୀ ନୟାଗଡ଼ ଜିଲା, ପୋଲିସ ଟ୍ରେନିଂ ସ୍କୁଲ ସମେତ ନୟାଗଡର ଅସ୍ତ୍ରାଗାର ଓ ବିଭିନ୍ନ ଥାନା, ଫାଣ୍ଡିରେ ପଶି ୧୪ ପୋଲିସ କର୍ମଚାରୀଙ୍କୁ ହତ୍ୟା କରିବା ସହିତ ଅସ୍ତ୍ରଶସ୍ତ୍ର ଲୁଟ କରିଥିଲେ। ସେମାନେ ଘଞ୍ଚ ଜଙ୍ଗଲ ଦେଇ ପଳାୟନ କରୁଥିବା ସମୟରେ ଶତପଥୀ ନିଜର ଏସ୍‌ଓଜି ୟୁନିଟକୁ ନେଇ ଗୋସାମା ଜଙ୍ଗଲ ରେଞ୍ଜରେ ସେମାନଙ୍କ ସହ ଲଢେଇ କରି ଅଦମ୍ୟ ସାହସିକତା ଓ କର୍ତ୍ତବ୍ୟନିଷ୍ଠା ପ୍ରଦର୍ଶନ କରି ଶହୀଦ ହୋଇଥିଲେ। ୨୦୦୮ ସ୍ୱାଧୀନତା ଦିବସରେ ତାଙ୍କ ବୀରତ୍ୱ ପାଇଁ ତତ୍କାଳୀନ ରାଷ୍ଟ୍ରପତି ପ୍ରତିଭା ଦେବୀ ସିଂ ପାଟିଲ ତାଙ୍କ ସ୍ତ୍ରୀ ଅମିତା ଶତପଥୀଙ୍କୁ ମରୋଣତ୍ତର ଅଶୋକ ଚକ୍ର ସମ୍ମାନରେ ସମ୍ମାନିତ କରିଥିଲେ। ଭଦ୍ରକ ଜିଲା ତିହିଡି ଅଞ୍ଚଳରେ ତାଙ୍କ ନାମରେ ଏକ ସଡକ ଶହୀଦ ପ୍ରମୋଦ ଶତପଥୀ ମାର୍ଗ ନାମରେ ନାମିତ ହେବା ସହିତ ଏକ ପ୍ରତିମୂର୍ତ୍ତି ମଧ ଅଛି। ପୁରୀ ରିଜର୍ଭ ପୋଲିସର ଅସ୍ତ୍ରାଗାର ତାଙ୍କ ନାମରେ ନାମିତ ହେବା ସହିତ ଭୁବନେଶ୍ୱର କମିଶନରେଟ ପୋଲିସର ସଭାଗୃହ ମଧ ତାଙ୍କ ନାମରେ ନାମିତ କରାଯାଇଛି। ମାତ୍ର ଦୁଃଖ ପରିତାପର ବିଷୟ ତାଙ୍କ ଜନ୍ମସ୍ଥାନ ବିଞ୍ଝାରପୁରରେ ତାଙ୍କର ଏକ ପ୍ରତିମୂର୍ତ୍ତି ମଧନାହିଁ। ନିକଟ ଅତୀତରେ ବିଞ୍ଝାରପୁର ଅଞ୍ଚଳରେ ଶହୀଦ ପ୍ରମୋଦ ଶତପଥୀ ସ୍ମୃତି ପରିଷଦ ଗଠନ କରାଯାଇଛି। ବିଞ୍ଝାରପୁର ଅଞ୍ଚଳ କଲ୍ୟାଣେଶ୍ୱର ଛକଠାରୁ ବରୀ କଳାମାଟିଆ ପର୍ଯ୍ୟନ୍ତ ପ୍ରସ୍ତାବିତ ରାସ୍ତାକୁ ଶହୀଦ ପ୍ରମୋଦ ଶତପଥୀ ମାର୍ଗ ନାମରେ ନାମିତ ସହିତ ତାଙ୍କର ଏକ ପ୍ରତିମୂର୍ତ୍ତି ବିଞ୍ଝାରପୁର ଅଞ୍ଚଳରେ ପ୍ରତିଷ୍ଠା ପାଇଁ ସ୍ମୃତି ପରିଷଦ ପକ୍ଷରୁ ବିଞ୍ଝାରପୁର ବିଧାୟିକା ତଥା ବାଚସ୍ପତି ପ୍ରମିଳା ମଲିକଙ୍କ ନିକଟରେ ଦାବି କରାଯିବାକୁ ନିଷ୍ପତ୍ତି ନିଆଯାଇଛି।

# ଆରକ୍ଷୀ ଅଧୀକ୍ଷକଙ୍କ ଦ୍ୱାରସ୍ଥ ଦମ୍ପତି

ପାଣିକୋଇଲି,୧୪।୨(ବିକାଶ ମଲ୍ଲିକ):

**ଥାନାରୁ ନ୍ୟାୟ ମିଳିଲାନି**


ଏସ୍‌ପିଙ୍କୁ ଭେଟିବାକୁ ଆସିଥିବା ଦମ୍ପତି।

ଯାଜପୁର ଜିଲା ପୋଲିସରେ କାର୍ଯ୍ୟରତ କେତେଜଣ ଅଧିକାରୀ ଓ କର୍ମଚାରୀଙ୍କ ଯୋଗୁ ଥାନା ଗୁଡ଼ିକରୁ ସାଧାରଣ ଜନତା ନ୍ୟାୟ ପାଉନାହାନ୍ତି। ଫଳରେ ସେମାନେ ଜିଲା ଆରକ୍ଷୀ ଅଧୀକ୍ଷକ(ଏସ୍‌ପି)ଙ୍କୁ ଭେଟି ନ୍ୟାୟ ଭିକ୍ଷା କରୁଛନ୍ତି। ମୁଣ୍ଡକୁ କୁରାଢ଼ୀରେ ହାଣିଦେବା ଭଳି ସଙ୍ଗୀନ ଘଟଣାରେ ପୋଲିସ ସାଧାରଣ ଦଫା ଲଗାଇ ଥିବାରୁ ଅଭିଯୁକ୍ତ ଖୁଲମ ଖୁଲା ବୁଲୁଛନ୍ତି। ଏଭଳି ଏକ ଘଟଣା ଘଟିଛି କୋରେଇ ଥାନା ଅନ୍ଧାରୀ ଗ୍ରାମର କୁଶଧ୍ୱଜ ବେହେରାଙ୍କ କ୍ଷେତ୍ରରେ। ନିଜ ଯାଆଁଳା ବଡ଼ଭାଇ ନବଘନ ବେହେରା ଓ ତାଙ୍କ ସ୍ତ୍ରୀ ଲକ୍ଷ୍ମୀପ୍ରିୟା ମିଶି କଶଧ୍ୱଜଙ୍କ ମୁଣ୍ଡ ଓ ଆଖିପତାକୁ ହାଣିଥିଲେ। ଏନେଇ କୁଶଧ୍ୱଜଙ୍କ ସ୍ତ୍ରୀ ଚାରୁଲତା ଗତ ୧୧ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ହେଲେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରୁ ନ ଥିବାରୁ ସେମାନେ ଜୀବନରୁ ମାରି ଦେବାର ଧମକ ଦେଉଛନ୍ତି।

ଦୁଇ ଯାଆଁଳା ଭାଇଙ୍କ ମଧ୍ୟରୁ ସାନ କୁଶଧ୍ୱଜ ମାନସିକ ବିକାରଗ୍ରସ୍ତ। ପରିବାର ପ୍ରତିପୋଷଣ ଲାଗି ତାଙ୍କ ସ୍ତ୍ରୀ ଚାରୁଲତା ଏକ ଡାକ୍ତରଖାନାରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବେ କାର୍ଯ୍ୟ କରୁଛନ୍ତି। ତେଣୁ କୁଶଧ୍ୱଜ ନିଜ ଗ୍ରାମରେ ଏକାକୀ ରହୁଛନ୍ତି। କୁଶଧ୍ୱଜଙ୍କ ଭାଗରେ ଥିବା ସମ୍ପତ୍ତିକୁ କବଜା କରିବା ଲାଗି ବଡ଼ଭାଇ ନବଘନ ଓ ଭାଉଜ ଲକ୍ଷ୍ମୀପ୍ରିୟା ତାଙ୍କୁ ବିଭିନ୍ନ ସମୟରେ ଅଶାଳୀନ ଭାଷାରେ ଗାଳି ଗୁଲଜ କରିବା ସହ ଆକ୍ରମଣ କରନ୍ତି। ଗତ ୧୧ ତାରିଖ ସକାଳେ ନବଘନ ଓ ଲକ୍ଷ୍ମୀପ୍ରିୟା ଯୋଜନାବଦ୍ଧ ଭାବେ କୁଶଧ୍ୱଜଙ୍କୁ ତଳେ ପକାଇ ମାଡ଼ ମାରିବା ସହିତ ଏକ କୁରାଢୀରେ ତାଙ୍କ ମୁଣ୍ଡକୁ ପ୍ରହାର କରିଥିଲେ। ସୌଭାଗ୍ୟବଶତଃ ସେ ଉଠି ଦୌଡ଼ି ପଳାଇଯିବାରୁ ବଞ୍ଚି ଯାଇଥିଲେ। ଆକ୍ରମଣରେ ତାଙ୍କ ମୁଣ୍ଡ ଫାଟିଯିବା ସିତ ବାମପଟ ଆଖିକୁ ଦିଶୁନାହିଁ ବୋଲି କୁଶଧ୍ୱଜ ଓ ତାଙ୍କ ସ୍ତ୍ରୀ ଏସ୍‌ପିଙ୍କୁ ଜଣାଇଛନ୍ତି। ଏସ୍‌ପି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଥାନାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ କୋରେଇ ପୋଲିସର ପ୍ରତିକ୍ରିୟା ମିଳିପାରିନି।

# ସ୍କୁଲରେ ଶାସ୍ତ୍ରୀୟ ଶିକ୍ଷୟିତ୍ରୀ ଜଣେ, ନାମ ୨ଟା

ପାରାଦୀପ,୧୪।୨(ଶରତ ରାଉତ)

ଜଗତ୍‌ସିଂହପୁର ଜିଲା ପାରାଦୀପ ପୌରାଞ୍ଚଳରେ ଥିବା ୧୨ ସରକାରୀ ବିଦ୍ୟାଳୟରେ ଯାବତୀୟ ବ୍ୟତିକ୍ରମ ଥିବା ଜନସୂଚନା ଅଧିକାରୀ ଆଇନ ତଥ୍ୟରେ ଜଣାପଡ଼ିଛି। କେଉଁଠାରେ ବିଦ୍ୟାଳୟ ପାଇଁ ସରକାରଙ୍କ ନିଜସ୍ୱ ଘର ନାହିଁ। ସେଠାରେ ପୌର ପରିଷଦ ଗୋଷ୍ଠୀ କେନ୍ଦ୍ର, ପୋର୍ଟ ଘର, ବାତ୍ୟା ଆଶ୍ରୟସ୍ଥଳରେ ପାଠପଢ଼ା ହେଉଛି। କିନ୍ତୁ ସେହି ଘର ପାଇଁ ଶିକ୍ଷା ବିଭାଗ ପ୍ରତିବର୍ଷ ଲକ୍ଷାଧିକ ଟଙ୍କା ବ୍ୟୟ କରୁଛନ୍ତି। ଏମିତି ଅନେକ ତଥ୍ୟ ହସ୍ତଗତ ହୋଇଛି। ତାକୁ ତର୍ଜମା କଲେ ଅନେକ ଦୁର୍ନୀତି, ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଥଇଥାନ ଭଳି ବ୍ୟତିକ୍ରମ ରହିଛି। ଏପରିକି ଗୋଟିଏ ବିଦ୍ୟାଳୟରେ ଥିବା ସହକାରୀ ଶାସ୍ତ୍ରୀୟ ଶିକ୍ଷୟିତ୍ରୀଙ୍କ ନାମ ୨ ପ୍ରକାର ରହିଛି। ନୂଆବଜାର କ୍ଲଷ୍ଟର ସରକାରୀ ସଞ୍ଜୟ ଗାନ୍ଧୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୫ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଅଛନ୍ତି। ସେଥିରେ ସହକାରୀ ଶାସ୍ତ୍ରୀୟ ଶିକ୍ଷୟିତ୍ରୀଙ୍କ ନାମ ସମଗ୍ର ଶିକ୍ଷା ତଥା ଜିଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଚିଠି ନଂ. ୨୩୦୧/୧୯।୧୨।୨୦୨୩ରେ ଦର୍ଶାଯାଇଛି ଶାସ୍ତ୍ରୀୟ ଶିକ୍ଷୟିତ୍ରୀଙ୍କ ନାମ ଗୀତାଞ୍ଜଳି ସିଂ। ସମାନ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ତାଲିକାରେ କୁଜଙ୍ଗ ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଜନସୂଚନା ଅଧିକାରୀ କୈଳାସ ଚନ୍ଦ୍ର ସ୍ୱାଇଁ ଚିଠି ନଂ. ୧୯୧୭/୨୧।୧୧।୨୦୨୩ ଦେଇଛନ୍ତି। ସେଥିରେ ଦର୍ଶାଯାଇଛି ଶାସ୍ତ୍ରୀୟ ଶିକ୍ଷୟିତ୍ରୀଙ୍କ ନାମ ଉଷାରାଣୀ ସିହ୍ନା। ଏ ସମ୍ପର୍କରେ ସଞ୍ଜୟ ଗାନ୍ଧୀ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସବିତା ପରିଡାଙ୍କୁ ପଚାରିବାରେ ଶାସ୍ତ୍ରୀୟ ଶିକ୍ଷୟିତ୍ରୀ ହେଉଛନ୍ତି ଉଷାରାଣୀ ସିହ୍ନା ବୋଲି କହିଛନ୍ତି।

ସୂଚନାଯୋଗ୍ୟ, ପାରାଦୀପର ସରକାରୀ ବିଦ୍ୟାଳୟ ସମ୍ପର୍କରେ ୮ଟି ପ୍ରଶ୍ନ ସହ ଶିକ୍ଷା ଆୟୁକ୍ତଙ୍କୁ ୧୩।୯।୨୦୨୩ରେ ଜନସୂଚନା ଅଧିକାର ଆଇନ ଅନୁସାରେ ତଥ୍ୟ ମଗାଯାଇଥିଲା। ସେଗୁଡ଼ିକ ହେଲା କେତେଜଣ ଶିକ୍ଷକ, ଛାତ୍ରୀଛାତ୍ର ସଂଖ୍ୟା, ସିଆର୍‌ସିସି ନିଯୁକ୍ତି, କେଉଁ ବିଦ୍ୟାଳୟକୁ କେତେ ଟଙ୍କା ପ୍ରତିବର୍ଷ ସରକାର ଦେଉଛନ୍ତି, କ୍ରୀଡା ବାବଦରେ ଖର୍ଚ୍ଚ ଆଦି ସମ୍ପର୍କରେ ତଥ୍ୟ ଥିଲା। ଧାର୍ଯ୍ୟ ସମୟ ମଧ୍ୟରେ ଆୟୁକ୍ତଙ୍କ କାର୍ଯ୍ୟାଳୟ ଶିକ୍ଷା ବିଭାଗର ଡାଇରେକ୍ଟର, ସମଗ୍ର ଶିକ୍ଷା, ଓଏସ୍‌ଇପିଏ, ଜଗତ୍‌ସିଂହପୁର ଜିଲା ଶିକ୍ଷାଧିକାରୀ, ଡିପିସିଙ୍କୁ ଅବଗତ କରି ସୂଚନା ଦେବା ପାଇଁ ଚିଠି ନଂ.୨୨୬୨୬ କରିଥିଲେ। ପରବର୍ତ୍ତୀ ସମୟରେ ୬ଟି ଉତ୍ତର ଭିନ୍ନ ଭିନ୍ନ ବିଭାଗ ପକ୍ଷରୁ ମିଳିଥିଲା। ୧୦।୧୦।୨୦୨୩ରେ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଚିଠି ନଂ.୧୮୫୪ରେ ଜଣାଇଥିଲେ ଯେ, ୮ଟି ପ୍ରଶ୍ନ ସମ୍ପର୍କରେ ଉକ୍ତ ଅଫିସରେ ଉପଲବ୍ଧ ନାହିଁ। ପରେ ଅପିଲ କରାଯିବାରେ କେତେକ ତଥ୍ୟ ସମ୍ପର୍କରେ ସୂଚନା ମିଳିଛି। ଏବେ ସୁଦ୍ଧା ଜଗତ୍‌ସିଂହପୁର ଜିଲାର ବିଭିନ୍ନ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ, ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ୧୨ଟି ଚିଠି ହସ୍ତଗତ ହୋଇଛି। ସେଥିରେ ଯଦିଓ ସମ୍ପୂର୍ଣ୍ଣ ସୂଚନା ଏ ପର୍ଯ୍ୟନ୍ତ ମିଳିନାହିଁ, କିନ୍ତୁ ପ୍ରାୟ ୭୦ ପୃଷ୍ଠାର ସୂଚନା ମିଳିଛି। ସେଥିରେ ୧୨ଟି ବିଦ୍ୟାଳୟ ପାଇଁ ବାର୍ଷିକ ୧୭ ଯୋଜନା ଅର୍ଥ ମିଳିବା ଏବଂ ଖର୍ଚ୍ଚ ସମ୍ପର୍କରେ ତଥ୍ୟ ଅଛି। ୨୦୧୮ରୁ ୨୦୨୩ ଆର୍ଥିକ ବର୍ଷ ମଧ୍ୟରେ କୋଟିଏରୁ ଅଧିକ ଟଙ୍କା ବ୍ୟୟ ହୋଇଛି। ପ୍ରତ୍ୟେକ ସରକାରୀ ବିଦ୍ୟାଳୟକୁ ଯେଉଁ ୧୭ ଯୋଜନାରେ ଅର୍ଥ ଦିଆଯାଉଛି, ସେଗୁଡ଼ିକ ହେଲା ଏସ୍‌ସି, ଏସ୍‌ଟି, ବିପିଏଲ୍, ବାଳିକା ପାଇଁ ପୋଷାକ, ଏପିଏଲ୍ ଛାତ୍ରୀଛାତ୍ରଙ୍କ ପାଇଁ ସ୍କୁଲ ପୋଷାକ, କମ୍ପୋଜିଟ୍ ଗ୍ରାଣ୍ଟ, ସ୍ପୋର୍ଟ୍ସ, ଯୁବ ଓ ଜାତୀୟ ସବୁଜ ବାହିନୀ, ସୁରକ୍ଷା ନିରାପତ୍ତା, ଶାଳା ସିଦ୍ଧି, କମ୍ୟୁନିଟି ମୋବିଲାଇଜେଶନ, ଏସ୍‌ଏମ୍‌ସି ତାଲିମ, ଝାନ୍ସିରାଣୀ ବାଳିକା ଆତ୍ମସୁରକ୍ଷା, ଲାଇଫ ସ୍କିଲ୍, ଷ୍ଟୁଡେଣ୍ଟ ରିପୋର୍ଟ କାର୍ଡ, ପାଠାଗାର, କୋଭିଡ୍, ସୃଜନୀ ଓ ଲୋଗୋ। ଏହାବାଦ୍ ମୋ ସ୍କୁଲ ଯୋଜନା ଅର୍ଥ ଅଲଗା ଆସିଛି। ପାରାଦୀପର ୧୨ ସରକାରୀ ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ମଧ୍ୟରେ ୨୦୨୩-୨୪ ବର୍ଷରେ ୨୩୧୫ ଛାତ୍ରୀଛାତ୍ର ଥିବା ବେଳେ ଶିକ୍ଷୟିତ୍ରୀ ଶିକ୍ଷକ ସଂଖ୍ୟା ୯୩ ରହିଛି। ସଞ୍ଜୟ ଗାନ୍ଧୀ ବିଦ୍ୟାଳୟରେ ଶାସ୍ତ୍ରୀୟ ଶିକ୍ଷୟିତ୍ରୀ ରିପୋର୍ଟ ଶିକ୍ଷାଧିକାରୀଙ୍କୁ ଦେଇଥିବା ସମ୍ପର୍କରେ ସିଆର୍‌ସିସି ସୁକାନ୍ତ ସ୍ୱାଇଁଙ୍କୁ ପଚାରିବାରେ ସେ କଥା ମୁଁ ଜାଣିନି, ତୁମେ ଡିଇଓଙ୍କୁ ପଚାର ବୋଲି କହିଥିଲେ।

## ଶିକ୍ଷା ବିଭାଗର ବିଚିତ୍ର ତଥ୍ୟ




# କାର୍ଯ୍ୟରତ ଡାକ୍ତରଙ୍କୁ ଦୁର୍ବ୍ୟବହାର, ଥାନାରେ ଅଭିଯୋଗ

## ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

ନାଉଗାଁ,୧୪।୨(ସୁଧା ବେହୁରା)

ନାଉଗାଁ ଥାନା ଅନ୍ତର୍ଗତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କାର୍ଯ୍ୟରତ ଡାକ୍ତରଙ୍କୁ ଜଣେ ବ୍ୟକ୍ତି ଦୁର୍ବ୍ୟବହାର କରିଥିବା ମଙ୍ଗଳବାର ବିଳମ୍ବିତ ରାତିରେ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଡାକ୍ତର ସଂଗ୍ରାମ କିଶୋର ମହାନ୍ତିଙ୍କ ଅଭିଯୋଗ ମୁତାବକ ସେ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ସେବା କରୁଥିବା ବେଳେ ରୋହିଆ ପଞ୍ଚାୟତ ଅରଖକୁଦ ଗ୍ରାମର ରବି ନାରାୟଣ ମହାନ୍ତି ରାତ୍ର ପ୍ରାୟ ସାଢେ ୧୦ଟାରେ ଚିକିତ୍ସିତ ହେବାକୁ ଯାଇଥିଲେ। ଚିକିତ୍ସା କରିବା ସମୟରେ ସମ୍ପୃକ୍ତ ବ୍ୟକ୍ତି ନିଶାଶକ୍ତ ଅବସ୍ଥାରେ ଡାକ୍ତର ମହାନ୍ତିଙ୍କୁ ଦୁର୍ବ୍ୟବହାର କରିବା ସହିତ ମୋବାଇଲ ଛଡ଼ାଇ ନେଇଥିବା ଅଭିଯୋଗରେ ଦର୍ଶାଯାଇଛି। ଅଭିଯୋଗକୁ ଭିତ୍ତିକରି ଥାନାରେ ନଂ.୩୭/୨୪ରେ ମାମଲା ରୁଜୁ ହେବା ସହ ତଦନ୍ତ ଜାରି ରହିଥିବା ଆଇଆଇସି ସଂଘମିତ୍ରା ନାୟକ କହିଛନ୍ତି।

# ତଦନ୍ତ କଲେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସଂଯୋଜକ

## ରୋହିଆ ପଞ୍ଚାୟତ ଅର୍ଥ ବାଂଶ ଗାଁ ସାଥୀଙ୍କୁ ପ୍ରଦାନ ପ୍ରସଙ୍ଗ

ନାଉଗାଁ,୧୪।୨(ସୁଧା ବେହୁରା)

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ନାଉଗାଁ ବ୍ଲକ ରୋହିଆ ପଞ୍ଚାୟତର ଅର୍ଥ ବାଂଶ ଗାଁ ସାଥୀଙ୍କୁ ପ୍ରଦାନ କରିବା ପ୍ରସଙ୍ଗରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଜିଲା ଏମ୍‌ଜିଏନ୍‌ଆରଇଜିଏସ୍ ସଂଯୋଜିକା ପ୍ରାଚୀ ମିଶ୍ର ତଦନ୍ତ କରିଛନ୍ତି। ସଂଯୋଜିକା ମିଶ୍ରଙ୍କ କହିବାନୁସାରେ, ଉକ୍ତ ପଞ୍ଚାୟତର ଯନ୍ତ୍ରୀଙ୍କ ବିଲ୍ ଅନୁସାରେ ସାମଗ୍ରୀ (ମ୍ୟାଟେରିଆଲ)ବାବଦକୁ ଭେଣ୍ଡରଙ୍କୁ ଅର୍ଥ ପ୍ରଦାନ କରାଯାଇଛି। ହେଲେ ଏହି ପଞ୍ଚାୟତରେ ଉକ୍ତ ଯୋଜନାରେ ଯେଉଁସବୁ ପ୍ରକଳ୍ପ କରାଯାଇଛି ସେହି ପ୍ରକଳ୍ପରେ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କ ଉପସ୍ଥାନର ଏମ୍‌ଏନ୍‌ଏମ୍‌ଏସ୍ ଫଟୋ ଅପଲୋଡ ସମ୍ପୃକ୍ତ ପଞ୍ଚାୟତର ଜିଆର୍‌ଏସ୍ ଦ୍ୱାରା କରାଯାଇଛି। ଏଠାରେ ପ୍ରଶ୍ନ ଉଠୁଛି କେମିତି ଏମ୍‌ଏନ୍‌ଏମ୍‌ଏସ୍ ଆପ୍‌ରେ ଶ୍ରମିକମାନଙ୍କ ଉପସ୍ଥାନ ଜିଆରଏସ୍‌ଙ୍କ ଦ୍ୱାରା କରାଗଲା। ତେବେ ଗାଁ ସାଥୀଙ୍କ ଦୈନିକ ପ୍ରାପ୍ୟ ପାଇଁ କିପରି ସାମଗ୍ରୀ (ମ୍ୟାଟେରିଆଲ)ବାବଦକୁ ଅର୍ଥ ପ୍ରଦାନ କରାଯିବା ପାଇଁ ଯନ୍ତ୍ରୀଙ୍କ ଦ୍ୱାରା ବିଲ୍‌ରେ ଦର୍ଶାଗଲା। ଗୁରୁତ୍ୱପୂର୍ଣ୍ଣ କଥା ଯଦି ଯନ୍ତ୍ରୀଙ୍କ ବିଲ୍ ଫର୍ମରେ ଗାଁ ସାଥୀଙ୍କ ମ୍ୟାଟେରିଆଲ ବାବଦକୁ ଅର୍ଥ ପ୍ରଦାନ କରାଯିବା ପାଇଁ ଦର୍ଶାଗଲା, ସେହି ମଞ୍ଜୁର ଅର୍ଥ ସମ୍ପୃକ୍ତ ପଞ୍ଚାୟତର ଗାଁ ସାଥୀଙ୍କ ବ୍ୟାଙ୍କ ଖାତାକୁ ପ୍ରଦାନ କରା ନ ଯାଇ କେଉଁ ନିୟମ ବଳରେ ବାଂଶ ପଞ୍ଚାୟତର ଗାଁ ସାଥୀଙ୍କ ବ୍ୟାଙ୍କ ଜମାଖାତାକୁ ଅର୍ଥ ପ୍ରଦାନ କରାଗଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଏମ୍‌ଜିଏନ୍‌ଆର୍‌ଇଜିଏସରେ କାର୍ଯ୍ୟ ହେଉଥିବା ପ୍ରକଳ୍ପରେ ଯେକୌଣସି ସାମଗ୍ରୀ ବ୍ୟବହାର ହେବା ପାଇଁ କିଣା ଯିବ ତାହା ପଞ୍ଜୀକୃତ ଭେଣ୍ଡର ଯୋଗାଇବେ। ଯାହାକି ଟିଆଇଏନ୍ ନମ୍ବରଧାରୀ ଭେଣ୍ଡର ହୋଇଥିବେ। କିନ୍ତୁ ସମ୍ପୃକ୍ତ ଭେଣ୍ଡର ଗାଁ ସାଥୀ ହୋଇ ନ ଥିବା ସରକାରୀ ନିୟମ ରହିଛି। ହେଲେ ରୋହିଆ ପଞ୍ଚାୟତରେ ହୋଇଥିବା କାର୍ଯ୍ୟର ସମସ୍ତ ସାମଗ୍ରୀ(ମ୍ୟାଟେରିଆଲ)ବାବଦକୁ ଅର୍ଥ ବାଂଶ ପଞ୍ଚାୟତର ଗାଁ ସାଥୀଙ୍କ ବ୍ୟାଙ୍କ ଜମା ଖାତାକୁ କେଉଁ ନିୟମ ବଳରେ ପ୍ରଦାନ କରାଗଲା ତାହା ତଦନ୍ତ ସାପେକ୍ଷ। ସୂଚନା ଥାଉ କି ରୋହିଆ ପଞ୍ଚାୟତ ଅରଖକୁଦର ବଡଦଣ୍ଡା ଖେଳପଡ଼ିଆ ପାଇଁ ୫,୨୧୭ ଟଙ୍କା ଓ ୧୬ ହଜାର ଟଙ୍କା, ଅନନ୍ତପୁରା ମିନିଷ୍ଟାଡିୟମର ଉନ୍ନତୀକରଣ ପାଇଁ ୫,୦୪୭ ଓ ୧୬,୪୭୦ ଟଙ୍କା, ମୋ ଉପକାରୀ ବଗିଚା ବାବଦକୁ ୨୫,୫୧୦ ଟଙ୍କା,୨୨,୯୫୯ ଟଙ୍କା, କମ୍ପୋଜିଟ ପିଟ ନିର୍ମାଣ ବାବଦକୁ ୧୮,୪୪୦ ଟଙ୍କା ସମୁଦାୟ ୧ ଲକ୍ଷ ୯ ହଜାର ୬୪୩ ଟଙ୍କା ପ୍ରଦାନ କରାଯାଇଛି।

# ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସଫଳ ପାଇଁ ଡିଙ୍କିଆ ଚାରିଦେଶବାସୀଙ୍କ ନିଷ୍ପତ୍ତି



ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସହ ଆଲୋଚନା କରି ଡିଙ୍କିଆ ଚାରିଦେଶରୁ ଆସିଥିବା ନେତୃମଣ୍ଡଳୀ ଫେରୁଛନ୍ତି।

କୁଜଙ୍ଗ,୧୪।୨ (ମନୋଜ ପ୍ରଧାନ)

ପ୍ରସ୍ତାବିତ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ଏରସମା ବ୍ଲକ ଅଞ୍ଚଳର ଡିଙ୍କିଆ, ନୂଆଗାଁ ଓ ଗଡକୁଜଙ୍ଗ ପଞ୍ଚାୟତ ହେବ। ୧୬ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ପ୍ରକଳ୍ପର ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହେବ। ହେଲେ କେତେଜଣ ଜନପ୍ରତିନିଧି ଓ ମୁରବୀ ଶ୍ରେଣୀୟ ଲୋକ ଏରସମାଠାରେ ଆୟୋଜିତ ପ୍ରସ୍ତୁତି ବୈଠକରେ ବିଭିନ୍ନ ସମସ୍ୟାକୁ ନେଇ ଅଭିମାନ କରିଥିଲେ। ଏ ନେଇ ମଙ୍ଗଳବାର ବିଜେଡି ନେତୃମଣ୍ଡଳୀ ଗଡ଼କୁଜଙ୍ଗଠାରେ ପହଞ୍ଚି ସ୍ଥାନୀୟ ନେତୃମଣ୍ଡଳୀଙ୍କ ସହ ଆଲୋଚନା କରିଥିଲେ। ବିଭିନ୍ନ ସମସ୍ୟାକୁ ନେଇ ଏକ ଦାବିପତ୍ର ପ୍ରଦାନ କରିଥିଲେ। ନେତୃମଣ୍ଡଳୀ ପ୍ରତିଶ୍ରୁତି ଦେଇଯାଇଥିଲେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସହ ଆଲୋଚନା କରି ତାର ଆସୁ ସମାଧାନ କରିବେ। ସେହିକ୍ରମରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଡକରା ପାଇ ବୁଧବାର ଏରସମା-ବାଲିକୁଦା ବିଧାୟକ ରଘୁନନ୍ଦନ ଦାସଙ୍କ ନେତୃତ୍ୱରେ ଡିଙ୍କିଆ ସରପଞ୍ଚ କିଶୋର ପରିଡା, ଗଡ଼କୁଜଙ୍ଗ ସରପଞ୍ଚଙ୍କ ପ୍ରତିନିଧି ଯଦୁନାଥ ଖଟୁଆ, ଏରସମା ପଞ୍ଚାୟତ ସମିତି ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ଏରସମା ବ୍ଲକ ବିଜେଡି ସଭାପତି ପୀତବାସ ଗୋଛାୟତ, ପୂର୍ବତନ ଜିଲାପରିଷଦ ସଭ୍ୟା ଇତିଶ୍ରୀ ଭୂୟାଁ, ନୂଆଗାଁର ବିଜେଡି ଯୁବନେତା ଡ. ତମିଲ ପ୍ରଧାନ, ପୂର୍ବତନ ସରପଞ୍ଚ ରାଜେନ୍ଦ୍ର ବେହେରା, ସମ୍ପଦ ବାରିକ, ଏରସମା-ବାଲିକୁଦା ନିର୍ବାଚନମଣ୍ଡଳୀ ବିଜେଡି ପର୍ଯ୍ୟବେକ୍ଷକ ମୀନକେତନ ଅମାତ, ଜଗତ୍‌ସିଂହପୁର ଜିଲା ବିଜେଡି ସହପର୍ଯ୍ୟବେକ୍ଷକ ଗିରିସ ଦାସ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ବିଜେଡି ରାଜ୍ୟ ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡି.ଏସ. କୁଟ୍ଟେଙ୍କ ସହ ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଶୁଣିଲା ପରେ ସମସ୍ତ ସମସ୍ୟାର ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦିଆଯାଇଛି। ଏଣୁ ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ସଫଳ କରିବା ପାଇଁ ସେମାନେ ନିଷ୍ପତ୍ତି ନେଇଥିବା ଡିଙ୍କିଆ ସରକଞ୍ଚ ପରିଡା କହିଛନ୍ତି।

# ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ, ପ୍ରେମ ହେଉଛି କାଳଜୟୀ

କୁଜଙ୍ଗ, ୧୪।୨ (ମନୋଜ ପ୍ରଧାନ)

କୁଜଙ୍ଗ ଅନ୍ତର୍ଗତ ୧୫ ନମ୍ବର ସ୍ଥିତ ଅବଳା ସଂସ୍କୃତି ମଣ୍ଡପଠାରେ ଅନୁଷ୍ଠିତ ପତିପତ୍ନୀ ପରସ୍ପରର ପରିପୂରକ ଶୀର୍ଷକ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହରେ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ପ୍ରେମ ହେଉଛି କାଳଜୟୀ ବୋଲି ମତବ୍ୟକ୍ତ କରିଥିଲେ। ବର୍ଷିୟାନ କବି ତୁଳସୀ ଦାସ ଉକ୍ତ ସାରସ୍ୱତ ସମାରୋହକୁ ଉଦ୍‌ଘାଟନ କରିଥିବାବେଳେ, ମୁଖ୍ୟ ଅତିଥି ଭାବେ ରାଜ୍ୟ ଓ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ବିଶିଷ୍ଟ ସାହିତ୍ୟିକା ଡ. ଶକୁନ୍ତଳା ବଳିୟାରସିଂହ ଯୋଗଦେଇ କହିଥିଲେ ପତିପତ୍ନୀ ପରସ୍ପର ଅବିଚ୍ଛେଦ୍ୟ ଅଙ୍ଗ।

ଜଣେ ପୁରୁଷ ସଦାସର୍ବଦା ଏକ ପତ୍ନୀ ପାଇଁ ଉତ୍ସର୍ଗୀକୃତ ହେବା ହିଁ ପ୍ରକୃତ ପ୍ରେମ। ସେ ରାମାୟଣରୁ ଉଦାହରଣ ଦେଇ କହିଥିଲେ, ପ୍ରଭୁ ରାମଚନ୍ଦ୍ର ପ୍ରଥମ ରାତିରେ ମା' ସୀତାଙ୍କୁ ଯେଉଁ ଉପହାର ଦେଇଥିଲେ ସେଥିରେ ଲେଖାଥିଲା ଏକ ପତ୍ନୀକ ହୋଇ ରହିବା ପାଇଁ। ତେଣୁ ପ୍ରକୃତ ପ୍ରେମ ହେଉଛି କାଳଜୟୀ। ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ସାରସ୍ୱତ ସ୍ରଷ୍ଟା ଡ. ସୁଲୋଚନା ଦାସ ଯୋଗଦେଇ ଏ ଦୁନିଆର ସବୁଠାରୁ ଶ୍ରେଷ୍ଠ ତତ୍ତ୍ୱ ହେଉଛି ପ୍ରେମ। ଯାହା ହୃଦୟରେ ପ୍ରେମନାହିଁ ତାହା ଜୀବନରେ କେବେ ସୁଖନାହିଁ। ତେଣୁ ପ୍ରେମ ପାଇଁ ଯିଏ ଯେତେ ଆତୁର ହୁଏ ସେ ସେତେ ସୁଖଦ ଅନୁଭୂତିର ଅଧିକାରୀ ହୁଏ। ଉକ୍ତ ସାରସ୍ୱତ ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଡ. ଅଞ୍ଜଳି ତ୍ରିପାଠୀ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ କବି ପୀତାମ୍ବର ତରାଇ ଯୋଗ ଦେଇଥିଲେ। ବିଶିଷ୍ଟ ସାରସ୍ୱତ ସାଧିକା ଅବଳା କୁମାରୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଗଠିତ ଅବଳା ସାହିତ୍ୟ ସଂସଦର ଆବାହକ ଅନଙ୍ଗ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ସମ୍ପାଦକ ସୁରେଶ ପ୍ରଧାନ ସଭାର ଆଭିମୁଖ୍ୟ ପ୍ରଦାନ କରିଥିଲେ।

ପ୍ରାରମ୍ଭରେ ସର୍ବଂସହା ନାରୀ ଶୀର୍ଷକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ କୁଜଙ୍ଗ ଅଞ୍ଚଳ ସମେତ ରାଜ୍ୟର ବିଭିନ୍ନ ସ୍ଥାନରୁ ବହୁ କବୟିତ୍ରୀ ଓ କବି ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ଅବଳା କୁମାରୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ନିର୍ମିତ ଅବଳା ସଂସ୍କୃତି ମଣ୍ଡପକୁ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ କରାଯାଇଥିଲା। ଉକ୍ତ ସଂସ୍କୃତି ମଣ୍ଡପରେ କେବଳ ଅଞ୍ଚଳର ସାଂସ୍କୃତିକ ଓ ସାରସ୍ୱତ ସଙ୍ଗଠନମାନେ ବିନା ଶୁଳ୍କରେ ବ୍ୟବହାର କରିପାରିବେ ବୋଲି ସଂସଦର ସମ୍ପାଦକ କହିଥିଲେ।




ସମ୍ମିଳନୀରେ ଯୋଗ ଦେଇଥିବା ଅତିଥିମାନେ।

# ବଳଭଦ୍ରପୁରରେ ବିଶ୍ୱଶାନ୍ତି ମହାଯଜ୍ଞ ଶେଷ

ଡେରାବିଶ, ୧୪।୨(ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ବଳଭଦ୍ରପୁରସ୍ଥିତ ମାନାହୁରା ମଠରେ ଶନିବାରଠାରୁ ଆରମ୍ଭ ହୋଇଥିବା ବିଶ୍ୱଶାନ୍ତି ମହାଯଜ୍ଞ ମଙ୍ଗଳବାର ସନ୍ଧ୍ୟାରେ ଶେଷ ହୋଇଛି। ଶନିବାର ଯଜ୍ଞର ଅଙ୍କୁରାରୋପଣ ପରେ ରବିବାର ଗ୍ରାମର ମହିଳାମାନଙ୍କ ଦ୍ୱାରା କଳସ ଯାତ୍ରା କରାଯାଇ ଯଜ୍ଞମଣ୍ଡପରେ ସ୍ଥାପନ କରାଯିବା ପରେ ଯଜ୍ଞାଗ୍ନି ସଂଯୋଗ କରାଯାଇଥିଲା। ସୋମବାର ଆହୁତି ପ୍ରଦାନ ଓ ବୈଦିକ ପୂଜାପାଠ ରୀତିନୀତି ଦ୍ୱାରା ସମ୍ପନ୍ନ ହୋଇଥିଲ। ମଙ୍ଗଳବାର ସନ୍ଧ୍ୟାରେ ପୂର୍ଣ୍ଣାହୁତି କରାଯାଇଥିଲା। ଯଜ୍ଞର ମୁଖ୍ୟ ପୁରୋଧା ଭାବେ ପ୍ରତାପ ପଣ୍ଡା ଦାୟିତ୍ୱ ନିର୍ବାହ କରିଥିବା ବେଳେ ଏହି କାର୍ଯ୍ୟକ୍ରମକୁ କୃଷ୍ଣଚନ୍ଦ୍ର ମିଶ୍ର, ପ୍ରସନ୍ନ ମିଶ୍ର, ବାନାମ୍ବର ସ୍ୱାଇଁ, ଗୋପାଳ ଚନ୍ଦ୍ର ନୟକ ପ୍ରମୁଖ ପରିଚାଳନା କରିଥିଲେ।

# ନବମ ଶ୍ରେଣୀର ଛାତ୍ରୀ ୫ ମାସର ଗର୍ଭବତୀ: ବୃଦ୍ଧ ଅଟକ, ଜଣେ ଫେରାର

ବାଲିକୁଦା,୧୪।୨(ତାପସ ସ୍ୱାଇଁ)

ବାଲିକୁଦା ଥାନା ଅଞ୍ଚଳରେ ଜଣେ ନବମ ଶ୍ରେଣୀର ଛାତ୍ରୀ ୫ ମାସର ଗର୍ଭବତୀ ହୋଇଛନ୍ତି। ଏଥିରେ ଗାଁର ୨ ଜଣ ବୃଦ୍ଧ ବ୍ୟକ୍ତିଙ୍କୁ ଦାୟୀ କରି ପରିବାର ଲୋକେ ଥାନାରେ ଏତଲା ଦେଇଛନ୍ତି। ବୃଦ୍ଧ ଦୁହେଁ ଏହି ନାବାଳିକାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ତାଙ୍କ ସହ ଅନୈତିକ ସମ୍ପର୍କ ସ୍ଥାପନ କରିଥିବା ଜାଣିବାକୁ ମିଳିଛି। ପରିବାର ଲୋକଙ୍କ ଏତଲାକୁ ଭିତ୍ତିକରି ପୋଲିସ ଉକ୍ତ ଘଟଣାରେ ଜଣେ ୬୫ ବର୍ଷୀୟ ବୃଦ୍ଧଙ୍କୁ ଅଟକ ରଖିଛି। ହେଲେ ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଜଣେ ବୃଦ୍ଧ ଫେରାର୍ ହୋଇଯାଇଥିବା କୁହାଯାଉଛି।

ମିଳିଥିବା ସୂଚନା ମୁତାବକ ଥାନା ଅଞ୍ଚଳର ଏକ ଗାଁର ଜନୈକା ନାବାଳିକାଙ୍କୁ ଅନେକ ସମୟରେ ସେହି ଗାଁର ଦୁଇ ବୃଦ୍ଧ ପାଖକୁ ଡାକି ବିଭିନ୍ନ ସ୍ପର୍ଶକାତର ପୂର୍ଣ୍ଣ ବାର୍ତ୍ତାଳାପ କରିଥାନ୍ତି। ସ୍କୁଲରୁ ଫେରିବା ବାଟରେ ଅପେକ୍ଷା କରି ରହି ଚକୋଲେଟ ଦେବା ସହ ଫାଷ୍ଟଫୁଡ୍ ମଧ ଖାଇବାକୁ ଦେଇଥିବା ଖବର ମିଳୁଛି। ପରେ ତାଙ୍କୁ ପ୍ରଲୋଭନ ଦେଖାଇ ତାଙ୍କ ସହ ଶାରୀରିକ ସମ୍ପର୍କ ମଧ ରଖିବାକୁ ପଛେଇ ନ ଥିଲେ। ଫଳରେ ଛାତ୍ରୀ ଜଣକ ଗର୍ଭବତୀ ହୋଇଥିଲେ। ଛାତ୍ରୀ ଜଣକଙ୍କ ହାବଭାବକୁ ନେଇ ପରିବାର ଲୋକଙ୍କର ସନ୍ଦେହ ଜାତ ହୋଇଥିଲା। ଝିଅକୁ ପଚରାଉଚରା ପରେ ସବୁ କଥା ପଦାକୁ ଆସିଥିଲା। ଝିଅଠାରୁ ସବୁ କଥା ଶୁଣିବା ପରେ ପରିବାର ଲୋକେ ଥାନାର ଦ୍ୱାରସ୍ଥ ହୋଇଥିଲେ। ପୀଡ଼ିତା ଜଣେ ନାବାଳିକା ହୋଇଥିବାରୁ ପୋକ୍ସୋ ଆକ୍ଟରେ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ନାଇଜରରେ ବିଜ୍ଞାନଭିତ୍ତିକ ଜ୍ଞାନ ଆହରଣ କଲେ ଛାତ୍ରୀଛାତ୍ର



ନାଇଜରରେ ବିଜ୍ଞାନ ସମ୍ବନ୍ଧୀୟ ଜ୍ଞାନ ଆହରଣ କରି ପିଲାମାନେ ଫଟୋ ଉଠାଉଛନ୍ତି।

## ରେଢୁଆ ବିସି ସରକାରୀ ଉଚ୍ଚ ବିଦ୍ୟାଳୟ

ରଘୁନାଥପୁର, ୧୪।୨ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ରେଢୁଆସ୍ଥିତ ବୃନ୍ଦାବନ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଭୁବନେଶ୍ୱର ନାଇଜରକୁ (ଜାତୀୟ ବିଜ୍ଞାନ ଶିକ୍ଷା ଏବଂ ଗବେଷଣା ପ୍ରତିଷ୍ଠାନ) ପରିଦର୍ଶନରେ ଯାଇ ବିଜ୍ଞାନଭିତ୍ତିକ ଜ୍ଞାନ ଆହରଣ କରି ଫେରିଛନ୍ତି। ବିଦ୍ୟାଳୟ ମୋ ସ୍କୁଲ ଅଭିଯାନ ସଭାପତି ବ୍ରଜକିଶୋର ସ୍ୱାଇଁଙ୍କ ଉଦ୍ୟମ ତଥା ପ୍ରଧାନ ଶିକ୍ଷୟିତ୍ରୀ ରିତା ରାଉତ ଓ ସହକାରୀ ଶିକ୍ଷକଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ ସେଠାରେ ପହଞ୍ଚି ଥିଲେ। ନାଇଜରରେ ଥିବା ବିଜ୍ଞାନ ଶିକ୍ଷକ ଛାତ୍ରୀଛାତ୍ରଙ୍କୁ ଜୀବ ବିଜ୍ଞାନ, ପଦାର୍ଥ ବିଜ୍ଞାନ ଓ ରସାୟନ ବିଜ୍ଞାନ ସମ୍ପର୍କରେ ଶିକ୍ଷା ପ୍ରଦାନ କରିଥିଲେ। ଏହାଛଡ଼ା ପିଲାମାନେ ଶିକ୍ଷକଙ୍କୁ ବିଭିନ୍ନ ପ୍ରସଙ୍ଗରେ ପଚାରି ବୁଝିଥିଲେ।

ନାଇଜର କୁଳସଚିବ ଡ. ଅଭୟ ନାୟକ ଛାତ୍ରୀଛାତ୍ରମାନଙ୍କୁ ଜୀବନ ଗଠନରେ ବିଜ୍ଞାନର ଭୂମିକା ଓ ଉଚ୍ଚଶିକ୍ଷା ପାଇଁ କେଉଁ ବିଭାଗରେ ଅଧ୍ୟୟନ କରିବା ଆବଶ୍ୟକ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। ଏହାଛଡା ଆଧ୍ୟାତ୍ମିକ ଚେତନାରେ ଜୀବନ ଗଠନ ଶୈଳୀ ସମ୍ପର୍କରେ ଜ୍ଞାନ ପ୍ରଦାନ କରିଥିଲେ। ଏହି ଗସ୍ତ କାର୍ଯ୍ୟକ୍ରମରେ ପରିଚାଳନା କମିଟି ସଭାପତି ମିନାମଞ୍ଜରୀ ବିଶ୍ୱାଳ, ଆଲମୁନି ସଭାପତି ଆଶୁତୋଷ ସାହୁ, ସମ୍ପାଦକ ସୁରେନ୍ଦ୍ର ସାହୁ, ବିଜନ ମହାପାତ୍ର, ସୌଭାଗ୍ୟ ରଞ୍ଜନ ସ୍ୱାଇଁ, ସୀତାଂଶୁ ଆଚାର୍ଯ୍ୟ, ଦୀପକ ରାଉତ, ଶାରଦା ପ୍ରସନ୍ନ ରାଉତ, ସମୀର ରଞ୍ଜନ ସ୍ୱାଇଁ, ପ୍ରଶାନ୍ତ ବେହେରା, ରାହୁଲ ମଲ୍ଲିକ, ବିଭୂତି ଭୂଷଣ ବେହେରା, ଅଜୟ ବରାଳ, ସୁଚିତ୍ରା ସିଂ ଓ ଭାରତୀ ସ୍ୱାଇଁ ସାମିଲ ହୋଇଥିଲେ।

# ପୂର୍ବତନ ସରପଞ୍ଚଙ୍କ ପରଲୋକ

ରାଜନଗର, ୧୪।୨(ଭାସ୍କର ରାଉତରାୟ)

ରାଜନଗର ବ୍ଲକ ଓସ୍ତିଆ ପଞ୍ଚାୟତର ପୂର୍ବତନ ସରପଞ୍ଚ ଚକ୍ରଧର ନନ୍ଦ(୯୫)ଙ୍କର ସୋମବାର ପରଲୋକ ହୋଇଯାଇଛି। ସ୍ୱର୍ଗତ ନନ୍ଦଙ୍କ ଘର ରାଜପୁର ପଞ୍ଚାୟତର ବଳଭଦ୍ରପ୍ରସାଦ ଗାଁରେ। ଘରେ ସେ ଶୋଇଥିବା ଅବସ୍ଥାରେ ତାଙ୍କ ମୃତ୍ୟୁ ହୋଇଥିଲା। ସେ ଅବିଭକ୍ତ ଓସ୍ତିଆ ପଞ୍ଚାୟତର ସରପଞ୍ଚ ଥିଲେ। ସେ ୧୯୬୩ରୁ ୧୯୮୫ମସିହା ଯାଏ ଓସ୍ତିଆ ପଞ୍ଚାୟତର ସରପଞ୍ଚ ହୋଇଥିଲେ। ସେ ସମୟରେ ଜଣେ ପ୍ରଭାବଶାଳୀ ଲୋକ ପ୍ରତିନିଧି ଭାବେ ନିଜର ପରିଚୟ ସୃଷ୍ଟି କରିଥିଲେ। ତାଙ୍କ ମୃତ୍ୟୁରେ ଓସ୍ତିଆ, ରାଜପୁର, ବେଲପାଳ ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମୃତ୍ୟୁ ଖବର ପାଇ ଓସ୍ତିଆର ପୂର୍ବତନ ସରପଞ୍ଚ ପତିତ ପାବନ ପଣ୍ଡା, ରାଜପୁରର ପୂର୍ବତନ ସରପଞ୍ଚ ନିମାଇଁ ଚରଣ ରାଉତ, ପ୍ରକାଶ ଚନ୍ଦ୍ର ବଳ, ପଞ୍ଚାନନ ଜେନା, ସରୋଜ କୁମାର ରାଉତ ପ୍ରମୁଖ ତାଙ୍କର ଶେଷ ଦର୍ଶନ କରିଥିଲେ। ରାଜନଗର ବିଧାୟକ ଧ୍ରୁବ ସାହୁ ତାଙ୍କ ମୃତ୍ୟୁରେ ଗଭୀର ଶୋକବ୍ୟକ୍ତ କରିଛନ୍ତି। ଗାଁ ଶ୍ମଶାନରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ପୁତ୍ର ବିଶ୍ୱପ୍ରକାଶ ମୁଖାଗ୍ନି ଦେଇଥିଲେ।

# ଭିନ୍ନକ୍ଷମ ହୋଇ ମଧ୍ୟ ସକ୍ଷମ ବସନ୍ତ

ଆଳି, ୧୪।୨(ବନମାଳୀ ସେନାପତି)

- ପାନଦୋକାନ ଦେଇଛି ରୋଜଗାର
- ମିଳୁନି ଭିନ୍ନକ୍ଷମ ଭତ୍ତା

ଦିନେ ସେ ସୁନା କାରିଗର ଭାବେ ରାଜଧାନୀ ଭୁବନେଶ୍ୱରର ଏକ ସୁନା ଦୋକାନରେ କାମ କରି ପରିବାର ପ୍ରତିପୋଷଣ କରୁଥିଲେ। କିନ୍ତୁ ଏକ ସଡ଼କ ଦୁର୍ଘଟଣାରେ ସେ ତାଙ୍କ ବାମ ଗୋଡ଼ ହରାଇବା ପରେ ଏବେ ତାଙ୍କ ଜୀବନର ଗତିପଥ ବଦଳି ଯାଇଛି। ସୁନା ଦୋକାନରେ କାରିଗର ବଦଳରେ ଏବେ ଗାଁରେ ଏକ ପାନ ଦୋକାନ ପାଲଟିଛି ରୋଜଗାରର ମାଧ୍ୟମ। ଏଭଳି ଏକ ବ୍ୟକ୍ତି ହେଉଛନ୍ତି କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ମେଣ୍ଟପୁର ପଞ୍ଚାୟତ କଣ୍ଟିପୁର ଗାଁର ବସନ୍ତ ସାହୁ। ବସନ୍ତଙ୍କ ପରିବାର କହିଲେ ସେ ତାଙ୍କ ସ୍ତ୍ରୀ ମିଲିରାଣୀ ଝିଅ ଶୁଭଲକ୍ଷ୍ମୀ ଓ ପୁଅ ରାମଚନ୍ଦ୍ରଙ୍କୁ ନେଇ ତାଙ୍କର ହସଖୁସିର ସଂସାର। ବସନ୍ତ ଭୁବନେଶ୍ୱରର ଏକ ସୁନା ଦୋକାନରେ ସୁନା କାରିଗର ଭାବେ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଥିଲେ। ୨୦୨୩ ଫେବୃଆରୀ ୨୧ରେ ବନ୍ଧୁ ଘରର ଏକ ବିବାହ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଭୁବନେଶ୍ୱରରୁ ଆଳିକୁ ଫେରୁଥିଲେ। କଟକ-ଚାନ୍ଦବାଲି ରାସ୍ତାର ଜଜାଙ୍ଗ ନିକଟରେ ଏକ ସଡ଼କ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଦୁର୍ଘଟଣାରେ ତାଙ୍କ ବାମ ଗୋଡ଼ ପାଦ କଟି ଯାଇଥିଲା। ସ୍ଥାନୀୟ ଲୋକମାନେ ବସନ୍ତଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ନେଇଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ବସନ୍ତଙ୍କୁ କଟା ପାଦ ସହିତ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। କଟକ ବଡ଼ ମେଡିକାଲରେ ଡାକ୍ତରମାନେ ଅସ୍ତ୍ରୋପଚାର କରି ପାଦ ଯୋଡି ଥିଲେ। ମାତ୍ର ତାହା ସଫଳ ନ ହେବାରୁ ୩ ଦିନ ପରେ ଆଣ୍ଠୁ ପର୍ଯ୍ୟନ୍ତ କାଟି ଦେଇଥିଲେ। ବସନ୍ତ ଅପରେଶନର ମାସେ ପର୍ଯ୍ୟନ୍ତ ମେଡିକାଲରେ ରହିବା ପରେ ଘରକୁ ଫେରିଥିଲେ। ଘରକୁ ଫେରିବା ପରେ ତାଙ୍କ ଦୁଃଖ ବଢ଼ି ଯାଇଥିଲା। ଗୋଟିଏ ଗୋଡ଼ କଟା ଯାଇଥିବାରୁ ଭିନ୍ନକ୍ଷମ ଅବସ୍ଥାରେ ସେ କ'ଣ କରିବେ କେମିତି ପରିବାର ପ୍ରତିପୋଷଣ କରିବା ସହ ଝିଅପୁଅଙ୍କ ପାଠ ପଢା ଖର୍ଚ୍ଚକୁ ନେଇ ସେ ଚିନ୍ତାରେ ପଡି ଯାଇଥିଲେ। ପରେ ଅନେକ ଚିନ୍ତାକରି ଜୁନ ମାସରେ ଘର ନିକଟରେ ଏକ ପାନ ଦୋକାନ କରି ଗୁଜୁରାଣ ମେଣ୍ଟାଉଛନ୍ତି। ଗୋଟିଏ ଗୋଡ଼ ହରାଇଥିବାରୁ ସେ ଭିନ୍ନକ୍ଷମ ସାର୍ଟିଫିକେଟ କରାଇଛନ୍ତି। ତାଙ୍କ ନିକଟରେ ୭୦ % ଭିନ୍ନକ୍ଷମ ସାର୍ଟିଫିକେଟ ଅଛି। ମାତ୍ର ସେ ଭିନ୍ନକ୍ଷମ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ଆଜକୁ ପ୍ରାୟ ୮ ମାସ ହେବ ଭତ୍ତା ନିମନ୍ତେ ଆବେଦନ କରିଥିବା ବେଳେ ଏପର୍ଯ୍ୟନ୍ତ ମିଳୁନି। ତେବେ ପ୍ରଶାସନ ପକ୍ଷରୁ ତୁରନ୍ତ ତାଙ୍କୁ ଭିନ୍ନକ୍ଷମ ଭତ୍ତା ପ୍ରଦାନ କରିବାକୁ ସେ ଗୁହାରି କରିଛନ୍ତି।



ପାନ ଦୋକାନରେ ବସିଥିବା ଭିନ୍ନକ୍ଷମ ବସନ୍ତ ସାହୁ।

## ସଂକ୍ଷେପରେ

### ଡିଭାଇଡର କାଟି ଜାତୀୟ ରାଜପଥରେ ସବ୍‌ରୋଡ୍
### ଡିଏଚ୍‌ଏଚ୍ ସମ୍ମୁଖରେ ବଢ଼ିଲା ଦୁର୍ଘଟଣାର ଭୟ

ନୟାଗଡ଼,୧୪।୨(ଲୋକନାଥ ମିଶ୍ର):ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍‌ଏଚ୍) ସମ୍ମୁଖରେ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ.ଜାତୀୟ ରାଜପଥ ଯାଇଛି । ଜାତୀୟ ରାଜପଥରେ ୨ଲେନ ବିଶିଷ୍ଟ ରାସ୍ତା ରହିଛି । ଗତ ସୋମବାର କେହି ଡିଭାଇଡର ଭାଙ୍ଗି ଡିଭାଇଡରରେ ଥିବା ଜିଆଇ ପାଇପକୁ କାଟି ସବ୍‌ରୋଡ୍ ନିର୍ମାଣ କରିଛନ୍ତି । ସବ୍‌ରୋଡ୍ ନିର୍ମାଣ ପରେ ଜିଲା ମୁଖ୍ୟ ଚିକିତ୍ସାଳୟ ରାସ୍ତାରେ ରୋଗୀ ଓ ରୋଗୀଙ୍କ ସମ୍ପର୍କୀୟଙ୍କ ଯାତାୟତ ବଢ଼ିଛି । ପ୍ରତି ସମୟରେ ଏଠାରେ ଯିବା ଆସିବାର ଗହଳି ବଢୁଥିବାରୁ ଦୁର୍ଘଟଣାର ଭୟ ଘାରିଲାଣି । ଜାତୀୟ ରାଜପଥ ଓ ଜିଲା ସଦର ମହକୁମା ରାସ୍ତା ଯୋଗୁ ସବୁବେଳେ ଯାନବାହାନ ଯାତାୟତ କରୁଥିବାବେଳେ ବେଆଇନ ଭାବେ ରାସ୍ତା ନିର୍ମାଣ ଏବେ ଚିନ୍ତା ବଢ଼ାଇଛି । ଏଭଳି ସ୍ଥଳେ କେତେଜଣ ଲୋକ ସବ୍‌ରୋଡ୍ ନେଇ ନୟାଗଡ଼ ବିଧାୟକ ଅରୁଣ ସାହୁଙ୍କୁ ଭେଟି ସେହ ରାସ୍ତାକୁ ବନ୍ଦ କରିବାକୁ ଅନୁରୋଧ କରିଛନ୍ତି । ବିଧାୟକ ମଧ୍ୟ ସବ୍ ରୋଡ୍‌କୁ ବନ୍ଦ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି ।

### ବରପଲ୍ଲୀରେ ବିଶ୍ୱଶାନ୍ତି ଶୈବ ମହାଯଜ୍ଞ

ନୟାଗଡ଼,୧୪।୨(ଲୋକନାଥ ମିଶ୍ର):ନୟାଗଡ଼ ବ୍ଲକ ପୁରୁଷୋତ୍ତମପୁର ଶାସନ ବରପଲ୍ଲୀରେ ବିଶ୍ୱଶାନ୍ତି ଶୈବ ମହାଯଜ୍ଞ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ଗତ ୯ ତାରିଖରେ ଅଙ୍କୁରାରୋପଣ ହେବା ପରେ ୧୦ ତାରିଖରେ କଳସ ଯାତ୍ରା, ଆହୁତି ପ୍ରଦାନ କରାଯାଇଥିଲା । ଗତ ୧୨ ତାରିଖରେ ଯଜ୍ଞର ପୂର୍ଣ୍ଣାହୁତି ଅନୁଷ୍ଠିତି ହୋଇ ଯାଇଛି । ସେହିପରି ନୟାଗଡ଼ ପୁରୁଣା ସହର କରଣସାହି ବାବା ବିଶ୍ୱନାଥ ମନ୍ଦିରରେ ୭ମ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହଯଜ୍ଞ ଅନୁଷ୍ଠିତ ହୋଇ ଯାଇଛି । ଗତ ୧୧ ତାରିଖରେ ଏଠାରେ ଅଙ୍କୁରାରୋପଣ ହୋଇଥିବାବେଳେ ୧୪ ତାରିଖରେ ପୂର୍ଣ୍ଣାହୁତି ହୋଇ ଯାଇଛି ।

### କେରଳରେ ସଡ଼କ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ରାଇକିଆ,୧୪।୨ (ପ୍ରଦୀପ ବେହେରା)
ରାଇକିଆ ବ୍ଲକ ପେଟାପାଙ୍ଗା ପଞ୍ଚାୟତର ଡାମ୍ବାକିଆ ଗ୍ରାମର ଯାଦବ ନାୟକ (୨୭)ଙ୍କର କେରଳରେ ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସେ ୮ ବର୍ଷ ହେଲା କେରଳର ଏର୍ନାକୁଲୋମ ଜିଲା ପେରୁମବାବର୍ ଅଞ୍ଚଳରେ ପ୍ଲାଏ କମ୍ପାନୀରେ କାମ କରୁଥିଲେ। ଗତ ୧୨ ତାରିଖରେ ରାସ୍ତା ପାର ହେଉଥିବା ବେଳେ ଯାଦବ ଦୁର୍ଘଟଣାର ଶିକାର ହୋଇଥିବା ପରିବାର ଲୋକମାନଙ୍କୁ ସୂଚନା ଦିଆଯାଇଥିଲା। ଯେଉଁ କମ୍ପାନୀରେ ଯାଦବ କାମ କରୁଥିଲେ ତାହାର ମାଲିକ ଘଟଣା ବିଷୟରେ ଜାଣିବା ପରେ ମୃତଦେହକୁ ଓଡ଼ିଶାକୁ ପଠାଇବା ପାଇଁ ବ୍ୟବସ୍ଥା କରିଥିଲେ। ପେଟାପାଙ୍ଗା ସରପଞ୍ଚଙ୍କ ସହଯୋଗରେ ତାଙ୍କର ମୃତଦେହ ସତ୍କାର କରାଯାଇଥିଲା।

### ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ଘଟଣା:ପିସିଆର ଭ୍ୟାନ୍ ଡ୍ରାଇଭର କୋର୍ଟ ଚାଲାଣ

ପୁରୁଷୋତ୍ତମପୁର,୧୪।୨(ସୀମାଞ୍ଚଳ ମିଶ୍ର): ଜଣେ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗରେ ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ପିସିଆର ଭ୍ୟାନ୍ ଡ୍ରାଇଭର କୁନାଲ ବେହେରାଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି। ସୂଚନାଯୋଗ୍ୟ, ରବିବାର ନାବାଳିକାଙ୍କ ବାରିପଟ କବାଟ ବାଡ଼େଇବାର ଶବ୍ଦ ହୋଇଥିଲା। କେହି ଡାକୁଥିବାର ନେଇ ନାବାଳିକା ଜଣକ ଯାଇ କବାଟ ଖୋଲିବା ବେଳେ କୁନାଲ ଜୋରଜବରଦସ୍ତ ତାଙ୍କୁ ବାହାରକୁ ଟାଣି ନେଇଥିଲେ ଓ ତାଙ୍କ ପାଟିକୁ ଚାପିଧରି ଧମକ ଦେଇ ବଳାତ୍କାର ଉଦ୍ୟମ କରିଥିଲେ। ଏପରିକି ପୂର୍ବରୁ ମଧ ଏହି ନାବାଳିକା ଜଣକ କଲେଜରୁ ଫେରିବା ବେଳେ ଘରେ ଛାଡ଼ିଦେବାର କହି ବାଇକରେ ଏକ ସ୍ଥାନକୁ ନେଇ ଧମକଦେଇ ବଳାତ୍କାର କରିଥିଲେ। ଏହାକୁ ନେଇ ମଙ୍ଗଳବାର ନାବାଳିକା ଜଣକ ପୁରୁଷୋତ୍ତମପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ. ୮୧/୨୪ରେ ମାମଲା ରୁଜୁ କରିଛି।

# ଧାନମଣ୍ଡିରେ ଅବ୍ୟବସ୍ଥାକୁ ନେଇ ତାତିଲେ ଚାଷୀ

ଖଣ୍ଡପଡ଼ା,୧୪।୨(ଅଜୟ କୁମାର ମହାରଣା)

ଚାଷୀମାନଙ୍କ ଠାରୁ ଉଚିତ ମୂଲ୍ୟରେ ଧାନ କ୍ରୟ କରିବା ନିମନ୍ତେ ସରକାରଙ୍କ ପକ୍ଷରୁ ବିଭିନ୍ନ ସେବା ସମବାୟ ସମିତିରେ ଧାନମଣ୍ଡି ଖୋଲାଯାଇଛି । ମାତ୍ର ଧାନମଣ୍ଡିରେ ବ୍ୟାପକ ଅବ୍ୟବସ୍ଥା ସାଙ୍ଗକୁ ଧାନକ୍ରୟ କରୁଥିବା ମିଲରଙ୍କ ମନମାନୀ ଯୋଗୁ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଧାନମଣ୍ଡିରେ କୁଇଣ୍ଟାଲ ପିଛା ୫ରୁ ୭ କେଜି ଧାନ କଟା ଯାଉଥିବା ଅଭିଯୋଗ ହେଉଛି । ଏପରି କି କୌଣସି ଚାଷୀ ପ୍ରତିବାଦର ସ୍ୱର ଉଠାଇଲେ ତାଙ୍କ ଠାରୁ ଧାନ କ୍ରୟ ନ କରିବା ପାଇଁ ଧମକ ଦିଆଯାଉଥିବା ଖଣ୍ଡପଡା ଅଞ୍ଚଳର ଚାଷୀମାନେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ବ୍ଲକ୍ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲା । ହେଲେ କୌଣସି ସୁଫଳ ମିଳୁ ନ ଥିବାରୁ ଚାଷୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ।

ପ୍ରତି ମଣ୍ଡିରେ ଚାଷୀମାନଙ୍କ ନିମନ୍ତେ ପାନୀୟ ଜଳ, ଛାମୁଣ୍ଡିଆ ଓ ଧାନ ମହଜୁଦ ରଖିବା ନିମନ୍ତେ ଆନୁସଙ୍ଗିକ ବ୍ୟବସ୍ଥା କରିବାକୁ ସରକାର ନିର୍ଦ୍ଦେଶ ଦେଇଥିଲେ ହେଁ ଅଧିକାଂଶ ମଣ୍ଡିରେ ଏ ସବୁ ସୁବିଧା ନାହିଁ । ମଣ୍ଡିରେ କିଭଳି ଧାନ କ୍ରୟ କରାଯାଉଛି ତାହା ତଦାରଖ କରିବା ନିମନ୍ତେ ଯୋଗାଣ ବିଭାଗ ପକ୍ଷରୁ ଗଠିତ ସ୍ୱତନ୍ତ୍ର ଟିମ ଠିକ୍ ରୁପେ କାର୍ଯ୍ୟ କରୁ ନ ଥିବା ଅଭିଯୋଗ ହେଉଛି । ଏହାର ସୁଯୋଗ ନେଇ ଚାଷୀଙ୍କ ନାମରେ ପ୍ରଦାନ କରାଯାଇଥିବା ଟୋକନରେ ଦଲାଲମାନେ ଧାନ ବିକ୍ରୀ କରି ବେଶ ଫାଇଦା ଉଠାଉଥିବା ସାଧାରଣରେ ଆଲୋଚନା ହେଉଛି । ଧାନମଣ୍ଡିରେ ସ୍ୱଚ୍ଛତା ବଜାୟ ରଖିବା ନିମନ୍ତେ ସରକାର ଲାଗୁ କରିଥିବା ନୀତ ନିୟମକୁ ମିଲର ଓ ସେବା ସମବାୟ ସମିତିର ସମ୍ପାଦକମାନେ ଅଣଦେଖା କରୁଥିବା ବେଳେ ପ୍ରଶାସନିକ ସ୍ଥାଣୁତା ଯୋଗୁ ଧାନମଣ୍ଡି ଉପରୁ ଚାଷୀମାନଙ୍କ ଭରସା ତୁଟିବାରେ ଲାଗିଛି । ଅପରପକ୍ଷେ ଗାଁ ଗାଁ ରେ ମିଲରମାନେ ଚାଷୀଙ୍କୁ ପ୍ରଲୋଭିତ କରି ଧାନ କୁଇଣ୍ଟାଲ ପିଛା ୧୮୦୦ରୁ ୧୯୦୦ ଟଙ୍କାରେ କ୍ରୟ କରୁଥିବା ଅଭିଯୋଗ ହେଉଛି । ଫଳରେ ଚାଷୀମାନେ ଶୋଷଣର ଶିକାର ହେବା ସହ ରାଜ୍ୟ ସରକାର ଧାନ କୁଇଣ୍ଟାଲ ପିଛା ଧାର୍ଯ୍ୟ କରିଥିବା ଉଚିତ ପ୍ରାପ୍ୟ ପାଇବାରୁ ବଞ୍ଚିତ ହୋଇଛନ୍ତି । ମଣ୍ଡିରେ ଧାନ କାଟ ସମ୍ପୂର୍ଣ୍ଣ ବନ୍ଦ କରିବା ନିମନ୍ତେ ନବ ନିର୍ମାଣ କୃଷକ ସଙ୍ଗଠନର ସଦସ୍ୟମାନେ ଦାବି କରିଛନ୍ତି । ଏ ସମ୍ପର୍କରେ ଜିଲାପାଳ ଓ ଜିଲା ଯୋଗାଣ ଅଧିକାରୀଙ୍କୁ ଭେଟି ସଙ୍ଗଠନର କର୍ମକର୍ତ୍ତା ଆଲୋଚନା କରିଛନ୍ତି । ପ୍ରଶାସନିକ ପକ୍ଷରୁ ଅଦ୍ୟାବଧି ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ଖଣ୍ଡପଡ଼ା ଅଞ୍ଚଳର ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏଥିରେ ବ୍ୟତିକ୍ରମ ହେଲେ ଓ ଧାନ କାଟ ବନ୍ଦ କରା ନ ଗଲେ ନବ ନିର୍ମାଣ କୃଷକ ସଙ୍ଗଠନ ରାଜରାସ୍ତାକୁ ଓହ୍ଲାଇବ ବୋଲି ସଙ୍ଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ଚେତାବନୀ ଦେଇଛନ୍ତି ।

## ପୁଲୱାମା ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି




ଓଡ଼ଗାଁ,୧୪।୨(ଆଦର୍ଶ କୁମାର ପଟ୍ଟନାୟକ )ଅବସର ପ୍ରାପ୍ତ ସାମରିକ କର୍ମଚାରୀ,ସାମାଜିକ କର୍ମୀ ଏବଂ ରାଷ୍ଟ୍ରୀୟ ହିନ୍ଦୁସେନା,ଓଡ଼ଗାଁ ପକ୍ଷରୁ ପୁଲୱମା ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଛି ।୨୦୧୯ ଫେବୃଆରୀ ୧୪ରେ ଜମ୍ମୁକାଶ୍ମୀର ପୁଲୱାମାଠାରେ ଆତଙ୍କବାଦୀଙ୍କ ଆକ୍ରମଣରେ ଯେଉଁ ୪୦ଜଣ ଯବାନ ଶହୀଦ ହୋଇଥିଲେ ତନ୍ମଧ୍ୟରୁ ଓଡ଼ିଶାର ୨ଜଣ ଥିଲେ। ଆଜି ସମଗ୍ରଦେଶ ସେମାନଙ୍କ ବଳିଦାନକୁ ମନେପକାଇ ଶ୍ରଦ୍ଧାଞ୍ଜଳି ଜଣାଇଥିବା ବେଳେ ଓଡ଼ଗାଁ ଏନଏସିର ରାଷ୍ଟ୍ରୀୟ ହିନ୍ଦୁସେନା ପକ୍ଷରୁ ସୁଶାନ୍ତ କୁମାର୍ ସାହୁଙ୍କ ତତ୍ତ୍ୱାବଧାନରେ ଏକ କ୍ୟାଣ୍ଡଲ ଶୋଭାଯାତ୍ରାରେ ରଘୁନାଥ ମନ୍ଦିରଠାରୁ ବାହାରି ନଗର ପରିକ୍ରମାକରି ବ୍ଲକ ରୋଡ଼ସ୍ଥିତ ଗାନ୍ଧୀ ସ୍ମୃତିପୀଠରେ ପହଞ୍ଚିଥିଲା। ସେହିପରି କୁରାଳ ଯୁବଗୋଷ୍ଠୀ ପକ୍ଷରୁ କ୍ୟାଣ୍ଡଲ ଶୋଭାଯାତ୍ରା ଗ୍ରାମପରିକ୍ରମା ପରେ ସ୍ଥାନୀୟ ବାଲୁଙ୍କେଶ୍ୱର ମହାଦେବଙ୍କ ପୀଠରେ ନୀରବ ପ୍ରାର୍ଥନା କରାଯାଇଥିଲା । ଅନୁରୂପ ଭାବେ ଗିରିଡିପଲ୍ଲୀ, ସୁନାମୁହଁ, କୋମଣ୍ଡ, ରୋହିବାଙ୍କ, ପାଣ୍ଡେରିପଡ଼ା ଓ ରଙ୍ଗଣୀପାଟଣା ଯୁବଗୋଷ୍ଠୀଙ୍କ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଓ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଓଡଗାଁ ଆଞ୍ଚଳିକ ପୂର୍ବତନ ସାମରିକ କର୍ମଚାରୀ ସଙ୍ଗଠନ ସଭାପତି ସୁବେଦାର ବିଜୟ କୁମାର ଦାଶ ଓ ସମ୍ପାଦକ ଆଦର୍ଶ କୁମାର ପଟ୍ଟନାୟକଙ୍କ ଆବାହକତ୍ୱରେ ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଛି ।

# ବିଜେଡି ପକ୍ଷରୁ ଗୃହ ଟ୍ୟାଗିଂ କାର୍ଯ୍ୟକ୍ରମ


କର୍ମୀ ସମ୍ମିଳନୀରେ ବିଜେଡି ନେତା ଓ ସମର୍ଥକ।

ଖଣ୍ଡପଡ଼ା,୧୪।୨(ଅଜୟ କୁମାର ମହାରଣା)

ବିଜେଡି ପକ୍ଷରୁ ଗୃହ ଟ୍ୟାଗିଂ କାର୍ଯ୍ୟକ୍ରମ ସହ କର୍ମୀ ସମ୍ମିଳନୀ ବୁଧବାର ଖଣ୍ଡପଡ଼ା ସହରର ଅରୁଣ ନିବାସ ପରିସରରେ ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ସହରର ବିଭିନ୍ନ ୱାର୍ଡ ଓ ପଞ୍ଚାୟତସ୍ତରରୁ ଦଳର ବହୁ ପୁରୁଣା ନେତା, ସଙ୍ଗଠକ ଓ କର୍ମୀମାନେ ଯୋଗ ଦେଇଥିଲେ । ଖଣ୍ଡପଡ଼ା ବ୍ଲକ୍ ଅଧୀନ ୨୨ ପଞ୍ଚାୟତର ପ୍ରତ୍ୟେକ ବୁଥରେ ବିଜେଡି ସଙ୍ଗଠନକୁ ସୁଦୃଢ଼ କରିବା ସହ ପ୍ରତ୍ୟେକ ଭୋଟରଙ୍କୁ ବିଜୁ ଜନତା ଦଳ ସହ ଯୋଡିବା ନେଇ କାର୍ଯ୍ୟକ୍ରମରେ ଗୁରୁତ୍ୱାରୋପ କରାଯାଇଥିଲା । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି, ଆଦର୍ଶ ଓ କାର୍ଯ୍ୟଶୈଳୀକୁ ପାଥେୟ କରି ଦଳୀୟ କର୍ମୀମାନେ ଏକ ହୋଇ ତୃଣମୂଳସ୍ତରରୁ କାର୍ଯ୍ୟ କରିବାକୁ ଦଳର ବହୁ ବରିଷ୍ଠ ନେତାମାନେ ପରାମର୍ଶ ଦେଇଥିଲେ ।

ଆୟୋଜିତ କାର୍ଯ୍ୟକ୍ରମରେ ଏମ୍‌ପିଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିୟାରସିଂ, ବରିଷ୍ଠ ବିଜେଡି ନେତା ଅଖିଳ କୁମାର ମହାରଣା, ପୂର୍ବତନ ସରପଞ୍ଚ ବିପିନ ସାମଲ, ପରିକ୍ଷିତ ମାଝି, ନବ କିଶୋର ସାହୁ, ଶରତ ଚନ୍ଦ୍ର ସାହୁ, ସର୍ବେଶ୍ୱର ସ୍ୱାଇଁ, ପୂର୍ବତନ ଜିଲା ପରିଷଦ ସଭ୍ୟ ରମାକାନ୍ତ ସେଠୀ, ଶିକ୍ଷାବିତ୍ ଜନ୍ମେଜୟ ନାୟକ, ରମେଶ କୁମାର ମିଶ୍ର, ଆଇନଜୀବୀ ବାବୁଲି ପ୍ରଧାନ, ସଜିତ ପଟ୍ଟନାୟକ, ନିହାର ରଞ୍ଜନ ମିଶ୍ର ପ୍ରମୁଖ ଯୋଗଦେଇଥିଲେ । ଖଣ୍ଡପଡା ସହରର ୧୩ ୱାର୍ଡ ଓ ଖଣ୍ଡପଡ଼ା ବ୍ଲକ ଅଧୀନ ୨୨ ପଞ୍ଚାୟତର ସର୍ବମୋଟ ୧୧୦ ୱାର୍ଡରେ ବିଜେଡି ପକ୍ଷରୁ ଗୃହ ଟ୍ୟାଗିଂ କାର୍ଯ୍ୟ କରାଯାଇଥିବା ବେଳେ ୮୦ ପ୍ରତିଶତ ଭୋଟର ଶାସକ ଦଳକୁ ସମର୍ଥନ ଦେଇଥିବା ନେଇ ପୂର୍ବତନ ବିଧାୟକ ପଟ୍ଟନାୟକ ସୂଚନା ଦେଇଥିଲେ ।

## ଯଦୁପୁର ଗାଁର ୨ଘରୁ ଚୋରି
### ଧାନବିକ୍ରି ଟଙ୍କା ସହ ସୁନା ରୁପା ଅଳଙ୍କାର ନେଇଗଲେ

ନୟାଗଡ଼/ରଣପୁର,୧୪।୨(ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ):ନୟାଗଡ଼ ଜିଲାର ଚାନ୍ଦପୁର ଥାନା ଅନ୍ତର୍ଗତ ଯଦୁପୁର ଗାଁର ପ୍ରମୋଦ କୁମାର ମୁଖୀ ଓ ବିଜୟ କୁମାର ନାୟକଙ୍କ ଘରୁ ମଙ୍ଗଳବାର ରାତିରେ ଚୋରି ହୋଇଛି । ଚୋରମାନେ ପ୍ରମୋଦ କୁମାର ମୁଖୀଙ୍କ ଘରର ଛାତ ଉପର ସିଡି ଦେଇ ପ୍ରବେଶ କରିଥିଲେ । ସିଡିର ଗ୍ରୀଲ ଖୋଲି କବାଟ ଭାଙ୍ଗି ଘରେ ପଶି ୮୪ ହଜାର ଟଙ୍କା, ୩ ଲକ୍ଷ ୬୬ ହଜାର ଟଙ୍କାର ସୁନା ଓ ରୁପା ଅଳଙ୍କାର, ନୂଆ ଶାଢ଼ି ଓ ବ୍ଲାଉଜ୍, ୩ଟି ଶାଲ, ଦରକାରୀ କାଗଜପତ୍ର ନେଇ ଯାଇଛନ୍ତି । ପ୍ରମୋଦ ମଣ୍ଡିରେ ଧାନ ବିକ୍ରି କରି ଘରେ ଟଙ୍କା ରଖିଥିଲେ । ସେହିପରି ବିଜୟ କୁମାର ନାୟକଙ୍କ ବାରିପଟ କବାଟ ଭାଙ୍ଗି ୧୫ ହଜାର ଟଙ୍କା, ୧ଲକ୍ଷ ଟଙ୍କାର ସୁନା ଅଳଙ୍କାର ଲୁଟି ନେଇଛନ୍ତି । ଦୁଇ ପରିବାର ସଦସ୍ୟମାନେ ଅନ୍ୟ ଘରେ ଶୋଇଥିବାବେଳେ ଚୋରି ହୋଇଛି । ଚୋରଙ୍କ ତରିକାକୁ ଦେଖିଲେ ସ୍ଥାନୀୟ କେହି ଲୋକ ଚୋରି କରିଥିବା ସନ୍ଦେହ କରାଯାଉଛି । ଚୋରି ନେଇ ପ୍ରମୋଦ କୁମାର ମୁଖୀ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି ।

## ବିଦ୍ୟୁତ୍ ଆଘାତରେ ଆହତ ଛାତ୍ରଙ୍କୁ ସହାୟତା


ଆହତ ଛାତ୍ରଙ୍କୁ ସହାୟତା ପ୍ରଦାନ।

ଗଞ୍ଜାମ,୧୪।୨(ବିଦ୍ୟାଧର ସାହୁ)
ଗଞ୍ଜାମ ବ୍ଲକ ହୁମା ପଞ୍ଚାୟତ ବୋରିଗାଁ ଗ୍ରାମର ଭ୍ରମର ପଲାଇଙ୍କ ପୁଅ ରୁଦ୍ର ପଲାଇ ନିଜ ଘର ଆଗରେ ଛିଡା ହୋଇଥିବା ବେଳେ ଘର ନିକଟରେ ଥିବା ବିଦ୍ୟୁତ ପୋଲରୁ ତାର ଛିଣ୍ଡି ରୁଦ୍ର ଉପରେ ପଡିଯାଇଥିଲା। ଫଳରେ ରୁଦ୍ର ଗୁରୁତର ଆହତ ହେବା ସହ ଡାହାଣ ହାତର ଗୋଟିଏ ଆଙ୍ଗୁଠି ନଷ୍ଟ ହୋଇଯାଇଥିଲା। ମେଡିକାଲରେ ତାଙ୍କର ଗୋଟିଏ ଆଙ୍ଗୁଠି କଟାଯାଇଥିଲା। ଘଟଣାକୁ ଦେଢ଼ ବର୍ଷରୁ ଊର୍ଦ୍ଧ୍ୱ ବିତି ଯାଇଥିଲେ ମଧ ଏଯାବତ ତାଙ୍କୁ କୌଣସି ସହାୟତା ମିଳିନ ଥିବା ବେଳେ ରୁଦ୍ରଙ୍କୁ ସହାୟତାର ହାତ ବଢ଼ାଇଛନ୍ତି ଗଞ୍ଜାମ ଏନଏସି ବିଜେଡି ନଗର ସଭାପତି ସୁଧୀର କୁମାର ପାଢ଼ୀ ଏବଂ ଛାତ୍ର ସଭାପତି ରାକେଶ ରଞ୍ଜନ ଦାସ। ସୋମବାର ଉକ୍ତ ଗ୍ରାମକୁ ଯାଇ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବୁଝିବା ସହ ରାଶନ ସାମଗ୍ରୀ ଓ କିଛି ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ବିଜେଡି ଜିଲା ଛାତ୍ର ଉପସଭାପତି ଲିଙ୍ଗରାଜ ମହାପାତ୍ର, ପୂର୍ବତନ ଜିଲା ପରିଷଦ ଗଗନ ସ୍ୱାଇଁ, ବ୍ଲକ ଛାତ୍ର ସଭାପତି ବାଦଲ କୁମାର ପ୍ରଧାନ, ବିଜେଡି ଯୁବ ନେତା ବିଭୁତି ପଲାଇ, ଛାତ୍ର ନେତା ମନୋଜ ପ୍ରଧାନ, ଟୋନି ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ତାଙ୍କୁ ଭିନ୍ନକ୍ଷମ ଭତ୍ତା ଏବଂ ଆଦର୍ଶ ବିଦ୍ୟାଳୟରେ ପାଠ ପଢ଼ିବା ପାଇଁ ସହଯୋଗ କରିବାକୁ ନିବେଦନ କରିଛନ୍ତି ରୁଦ୍ରଙ୍କ ପରିବାର। ରୁଦ୍ର ଏବେ ପଞ୍ଚମ ଶ୍ରେଣୀରେ ପଢୁଛନ୍ତି।

# ଜିଲାସ୍ତରୀୟ ଜନଜାତି ସାଂସ୍କୃତିକ, କ୍ରୀଡ଼ା ମହୋତ୍ସବ ଉଦ୍‌ଯାପିତ

ଫୁଲବାଣୀ, ୧୪।୨(ରାକେଶ କୁମାର ରାଉତ)



ଫୁଲବାଣୀ ସ୍ଥିତ କରୋନେଶନ ପଡ଼ିଆ ଓ କନ୍ଧମାଳ ଷ୍ଟାଡିୟମରେ ୩ ଦିନ ଧରି ଚାଲିଥିବା ଜିଲାସ୍ତରୀୟ ଜନଜାତି ସାଂସ୍କୃତିକ ଓ କ୍ରୀଡ଼ା ମହୋତ୍ସବ ବୁଧବାର ଉଦ୍‌ଯାପିତ ହୋଇଛି । ଉପ ବାଚସ୍ପତି ସାଲୁଗା ପ୍ରଧାନ, ସ୍ୱାତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ରୋଦନ ମଲ୍ଲିକ, ଜିଲା ସ୍ୱତନ୍ତ୍ର ଉନୟନ ପରିଷଦ ଉପାଧ୍ୟକ୍ଷା ନଳିନୀ କହଁର, ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ଜେନା, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ନୀଳମାଧବ ଭୋଇ, ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ପ୍ରବୀଣ କୁମାର ବାଣୁଆ ଓ ବାଲିଗୁଡ଼ା ପ୍ରକଳ୍ପ ପ୍ରଶାସକ କୃପାସିନ୍ଧୁ ବେହେରା ଯୋଗଦେଇ ଏହି କ୍ରୀଡ଼ା ମହୋତ୍ସବର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ଜନଜାତି ପିଲାମାନେ ଆଉ ପଛରେ ନାହାନ୍ତି। ସେମାନେ ସବୁଥିରେ ପାରଙ୍ଗମ ହେଲେଣି ବୋଲି କହିଥିଲେ। ଏହାପରେ ରଂଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । କୋରାପୁଟର ପରଜା ଓ ଗଡବା ନୃତ୍ୟ, ମାଲକାନଗିରିର ବଣ୍ଡା ନୃତ୍ୟ, କୋରାପୁଟର ଭରବଭଆ ନୃତ୍ୟ ସମସ୍ତଙ୍କ ମନ ମୋହିଥିଲା। ସେହିପରି ଜିଲାର ବିଭିନ୍ନ ଅଞ୍ଚଳର ଆଦିବାସୀ ଦଳମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ ହୋଇଥିଲା।

## ବନ୍ଧପଲ୍ଲୀରେ ହନୁମାନ ମନ୍ଦିର ପ୍ରତିଷ୍ଠାର ପ୍ରଥମ ବାର୍ଷିକୋତ୍ସବ

ବେଲଗୁଣ୍ଠା,୧୪।୨(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)
ଗାଙ୍ଗପୁର ଥାନା ଅନ୍ତର୍ଗତ ମୁନିଗାଡ଼ି ପଞ୍ଚାୟତ ବନ୍ଧପଲ୍ଲୀ ସ୍ଥିତ ହନୁମାନ ମନ୍ଦିରର ପ୍ରତିଷ୍ଠାର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗ୍ରାମରେ ଦିନ ତମାମ ସ୍ୱତନ୍ତ୍ର ପୂଜାପାଠ, ହନୁମାନ ଚାଳିଶା ପାଠ, ହୋମଯଜ୍ଞ, ଭଜନ, ସଂକୀର୍ତ୍ତନ, ନଗର ଭ୍ରମଣ ଏବଂ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଗ୍ରାମର ବିଶିଷ୍ଟ ବ୍ୟକ୍ତି ରାଜ କିଶୋର ଗୌଡ଼ ଶୁଭାରମ୍ଭ କରିଥିବା ବେଳେ ଶରତ ଚନ୍ଦ୍ର ମହାନ୍ତି, କୃଷ୍ଣ ଚନ୍ଦ୍ର ମହାନ୍ତି, ବାଜିରାମ୍ ବେହେରା, ଶ୍ୟାମସୁନ୍ଦରପୁର ଗୌଡ଼, ବିପ୍ର ଗୌଡ, ତ୍ରୀପତୀ ପାତ୍ର, ପ୍ରଫୁଲ୍ଲ ସାବତ, ବିରୋଜ ସାବତ, ଅବସରପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ରାଜ୍‌କିଶୋର ମହାନ୍ତି, ଅବସରପ୍ରାପ୍ତ ଶିକ୍ଷକ ବାଳକୃଷ୍ଣ ସାବତ, ଅକ୍ଷୟ ମହାନ୍ତି, ମୃତ୍ୟୁଞ୍ଜୟ ପାତ୍ର, ଭଗବାନ ଗୌଡ଼, ବିଜୟ ଗୌଡ଼ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କବିସୂର୍ଯ୍ୟ ଜୟନ୍ତୀ ପାଳିତ

କବିସୂର୍ଯ୍ୟନଗର, ୧୪।୨ (କୃପାସିନ୍ଧୁ ସ୍ୱାଇଁ): କବିସୂର୍ଯ୍ୟ ବଳଦେବ ସ୍ମୃତି ସଂସଦଠାରେ ସମାଜସେବୀ ଇ. ମାହେଶ୍ୱରୀ ଦୋରାଙ୍କ ଅଧ୍ୟକ୍ଷତାରେ କବିସୂର୍ଯ୍ୟ ବଳଦେବ ଜୟନ୍ତୀ ପାଳିତ ହୋଇଯାଇଛି। ଉତ୍ସବରେ ଦେବରାଜ ସ୍ୱାଇଁ, ସନ୍ତୋଷ ସାମଲ, ଶରତ ଚନ୍ଦ୍ର ଡାକୁଆ, ନିତ୍ୟାନନ୍ଦ ଦଳାଇ, ବିଶ୍ୱନାଥ ରାଉତ, ଗୁରୁନାଥ ଗୌଡ଼, ଯଦୁକୁଳମଣୀ ପଟ୍ଟନାୟକ, ବିଜୟ ଚନ୍ଦ୍ର ନାୟକ, ବଳରାମ ଗୌଡ଼, ଜ୍ଞାନେନ୍ଦ୍ର ରାଉତ, ସୁଶାନ୍ତ ପ୍ରଧାନ, ରାଜେଶ ପରିଡ଼ା, ଦୀପକ ଦଳାଇ, ହରପ୍ରସାଦ ସାହୁ, ମିଟୁ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ। କବିସୂର୍ଯ୍ୟ ପ୍ରତିଭା ପରିଷଦ ପକ୍ଷରୁ କବିସୂର୍ଯ୍ୟ ଜୟନ୍ତୀ ବିଡ଼ିଓ ଅଧିକାରୀ ବି. ଚିରଞ୍ଜିବୀ ପାତ୍ରଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି । ଏହି କ୍ରମରେ ପ୍ରତିଭା ପରିଷଦସ୍ଥ କବିସୂର୍ଯ୍ୟ ବଳଦେବ ପ୍ରତିମୂର୍ତ୍ତି, ଆଇବି ଛକ ଓ ଏନଏସି ପରିସର ମଧ୍ୟରେ ଥିବା କବିସୂର୍ଯ୍ୟ ବଳଦେବ ପ୍ରତିମୂର୍ତ୍ତିଠାରେ ପୂଜାର୍ଚ୍ଚନା କରାଯାଇଥିଲା। ଅନୁଷ୍ଠିତ ସାହିତ୍ୟ ଆଲୋଚନାରେ ରାମନାଥ ମାଝୀ, ବିପିନ ବିହାରୀ ଶତପଥୀ, ନିରଞ୍ଜନ ମହାପାତ୍ର, ସୁବାସ ଚନ୍ଦ୍ର ତ୍ରିପାଠୀ, ବିଶ୍ୱନାଥ ସ୍ୱାଇଁ, ଭାସ୍କର ରଥ, ଉତ୍ତମ ରଥ, ମହେଶ୍ୱର ଦଳାଇ, ପରମାନନ୍ଦ ଖଣ୍ଡୁଆଳ ପ୍ରମୁଖ ଉପସ୍ଥିତ ଥିଲେ।

## ଭଞ୍ଜ ଜୟନ୍ତୀ ଓ ଭଞ୍ଜ ସାହିତ୍ୟ ଆଲୋଚନାଚକ୍ର



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି।

ବୁଗୁଡ଼ା,୧୪।୨(କାଳିଚରଣ ଦାଶ)
କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସ୍ମୃତି ସଂସଦ ପକ୍ଷରୁ ଖୋଳଖାଳି ଗ୍ରାମସ୍ଥ ସ୍ୱକାର୍ଯ୍ୟାଳୟ ପରିସରରେ ଭଞ୍ଜ ଜୟନ୍ତୀ ଓ ଭଞ୍ଜ ସାହିତ୍ୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ସଂସଦର ସମ୍ପାଦକ କାମରାଜୁ ସାହାଣୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମକୁ ସାହିତ୍ୟିକ ଅନନ୍ତ କର ଉଦ୍‌ଘାଟନ କରିଥିବା ବେଳେ ଏଥିରେ ଅଧ୍ୟାପକ ଲୋକନାଥ ମହାନ୍ତି, ଡଃ. ଗୁରୁମୂର୍ତ୍ତି ନାୟକ, ଅଶୋକ କୁମାର ସ୍ୱାଇଁ, ଶିକ୍ଷାବିତ ରଘୁନାଥ ସାହୁ ପ୍ରମୁଖ ଯୋଗଦେଇ ଭଞ୍ଜ ସାହିତ୍ୟ ସମ୍ପର୍କରେ ସାରଗର୍ଭକ ଆଲୋଚନା କରିଥିଲେ। ଏଥି ସହ ସଙ୍ଗୀତ ବିଶାରଦ ସୁରେନ୍ଦ୍ର ନାଥ ଦାସ, କାଳୁ ଚରଣ ଘଡେଇ, ବିପ୍ର ଚରଣ ସ୍ୱାଇଁ ପ୍ରମୁଖ ଭଞ୍ଜ ସଙ୍ଗୀତ ପରିବେଷଣ କରିଥିଲା ବେଳେ ମଧୁ ମଙ୍ଗଳ ମହାରଣା ଓ ଧୋବା ଗୌଡ ବାଦ୍ୟଯନ୍ତ୍ର ଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହେଶ୍ୱର ସ୍ୱାଇଁ, ଭଗବାନ ଗୌଡ଼, ବୃନ୍ଦାବନ ସ୍ୱାଇଁ ପ୍ରମୁଖ ଏଥିରେ ଯୋଗଦେଇ ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

# ୪ ବର୍ଷରେ ୨୩୧ ଦୁର୍ଘଟଣା, ୯୮ ଜଣଙ୍କ ମୃତ୍ୟୁ

### ମରଣଜନ୍ତା ପାଲଟିଛି ୧୦ ବ୍ଲାକ୍‌ସ୍ପଟ

ବ୍ରହ୍ମପୁର, ୧୪।୨ (ସୁବାସ ଚନ୍ଦ୍ର ପାଢ଼ୀ): ବ୍ରହ୍ମପୁର ସହର ଓ ସନ୍ନିକଟ ଦେଇ ଯାଇଥିବା ଜାତୀୟ ରାଜପଥ ୧୬ ଓ ୫୯ ଏବଂ ରାଜ୍ୟ ରାଜପଥ ଏବେ ଦୁର୍ଘଟଣାପ୍ରବଣ ହୋଇପଡ଼ିଛି। ଏହାକୁ ରୋକିବା ପାଇଁ ଅନେକ ଯୋଜନା ହୋଇଥିଲେ ମଧ ବ୍ରହ୍ମପୁର ପୋଲିସ ଜିଲାରେ ଚିହ୍ନଟ ହୋଇଥିବା ୧୦ ବ୍ଲାକସ୍ପଟ ଏବେ ମରଣଯନ୍ତା ପାଲଟିଛି। ଅସଜଡ଼ା ରାସ୍ତା, ଜାତୀୟ ରାଜପଥରେ ସଠିକ ସୂଚନା ନଥିବା ଏବଂ ସ୍ଥିତି ଖରାପ ଏହାର କାରଣ ହୋଇଛି। କୌଣସି ସ୍ଥାନରେ ୫ରୁ ଅଧିକ ଦୁର୍ଘଟଣା ଓ ୩ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିଲେ ସେହି ସ୍ଥାନଗୁଡ଼ିକୁ ବ୍ଲାକସ୍ପଟ ରୂପେ ଚିହ୍ନଟ କରାଯାଇଛି। କିନ୍ତୁ ବ୍ରହ୍ମପୁର ପୋଲିସ ଜିଲାରେ ଥିବା ୧୦ ବ୍ଲାକସ୍ପଟ ମଧ୍ୟରୁ ବ୍ରହ୍ମପୁର ସହର ଭିତରେ ୭ଟି ଥିବା ଜିଲା ପୋଲିସ କାର୍ଯ୍ୟାଳୟରୁ ସୂଚନା ମିଳିଛି। କେବଳ କାଗଜ କଲମରେ ଏହା ଚାଲିଥିବାବେଳେ ପରିବହନ ବିଭାଗ ଓ ବିଭାଗୀୟ କର୍ତ୍ତୃପକ୍ଷ ଦୁର୍ଘଟଣା ହ୍ରାସ ପାଇଁ ପଦକ୍ଷେପ ନେଇନାହାନ୍ତି । ଫଳରେ ପ୍ରତ୍ୟହ ସବୁ ବ୍ଲାକସ୍ପଟରେ ଛୋଟମୋଟ ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳୁଛି। ଜିଲା ପରିବହନ ବିଭାଗ ପକ୍ଷରୁ ବ୍ରହ୍ମପୁର ପୋଲିସ ଜିଲାରେ ୧୦ ବ୍ଲାକସ୍ପଟ ଚିହ୍ନଟ କରାଯାଇଛି । ଜାତୀୟ ରାଜପଥ -୧୬ରେ ରହିଛି ହଳଦିଆପଦର ଠାରୁ ଖଜୁରିଆ ଓଭରବ୍ରିଜ, ଲାଞ୍ଜିପଲ୍ଲୀ ବାଇପାସଠାରୁ ଆଙ୍କୁଲି ଓଭରବ୍ରିଜ, କନିଷି-ଗୋଳନ୍ଥରା ଜାତୀୟ ରାଜପଥ, ହଳଦିଆପଦର-ଗୋଳନ୍ଥରା, ପୋକଡ଼ିବନ୍ଧ ଛକ। ସେହିପରି ଜାତୀୟ ରାଜପଥ-୫୯ରେ ରହିଛି ନୂଆବସଷ୍ଟାଣ୍ଡ ରୋଡ, କମାପଲ୍ଲୀରୁ କୁକୁଡ଼ାଖଣ୍ଡି ଛକ। ସଦର ଥାନା ବାଲିପଡ଼ା ଛକ ଓ ଦିଗପହଣ୍ଡି ଥାନା ରାଜନଗର ଛକ ବ୍ଲାକସ୍ପଟ ଭାବେ ଚିହ୍ନଟ ହୋଇଛି। ଏହିସବୁ ଅଞ୍ଚଳରେ ନିୟମିତ ଦୁର୍ଘଟଣା ଘଟୁଛି। ଗତ ୨୦୨୦ ରୁ ୨୦୨୩ ଡିସେମ୍ବର ମାସ ସୁଦ୍ଧା ୨୩୧ ଦୁର୍ଘଟଣା ଘଟିଛି। ଏଥିରେ ୮୭ ପୁରୁଷ ଓ ୧୧ ମହିଳାଙ୍କ ମୃତ୍ୟୁ ହୋଇଛି। ସେହିଭଳି ୧୨୪ ଗୁରୁତର ହୋଇଥିବା ଟ୍ରାଫିକ ପୋଲିସ କହିଛି। ୨୦୨୦ରେ ଉକ୍ତ ୧୦ ଦୁର୍ଘଟଣା ପ୍ରବଣ ଅଞ୍ଚଳରେ ୪୩ ଦୁର୍ଘଟଣାରେ ୨୧ ପୁରୁଷ ଓ ୩ ମହିଳାଙ୍କ ମୃତ୍ୟୁ ହୋଇଛି। ୨୩ ଗୁରୁତର ହୋଇଛନ୍ତି। ୨୦୨୧ରେ ୪୯ ଦୁର୍ଘଟଣାରେ ୨୦ ପୁରୁଷ ଓ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ୩୧ ଗୁରୁତର ହୋଇଛନ୍ତି। ୨୦୨୨ରେ ୭୪ ଦୁର୍ଘଟଣାରେ ୧୬ ପୁରୁଷ ଓ ୫ ମହିଳାଙ୍କ ମୃତ୍ୟୁ ହୋଇଛି। ୨୯ ଗୁରୁତର ହୋଇଛନ୍ତି। ୨୦୨୩ରେ ୬୫ ଦୁର୍ଘଟଣାରେ ୩୦ ପୁରୁଷ ଓ ୨ ମହିଳାଙ୍କ ମୃତ୍ୟୁ ହୋଇଛି। ୩୨ ଗୁରୁତର ହୋଇଥିବା ଟ୍ରାଫିକ ପୋଲିସ କହିଛି। ସଡ଼କ ଦୁର୍ଘଟଣା ରୋକିବା ପାଇଁ ଟ୍ରାଫିକ ଥାନା ପୋଲିସ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଥିବା ବେଳେ ଲୋକଙ୍କୁ ସଚେତନ ମଧ କରାଯାଉଛି। ସେହିପରି ଟ୍ରାଫିକ ନିୟମ ଉଲଂଘନ କରିଥିବା ଚାଳକଙ୍କ ଠାରୁ ଜରିମାନା ଆଦାୟ ହେଉଛି। ସହରର ସବୁ ଛକରେ ଗାଡ଼ି ଧିରେ ଚଳାଇବାକୁ ସିଗ୍ନାଲ ଦିଆଯାଉଛି । ତଥାପି ବିଭିନ୍ନ କାରଣରୁ କେତେକ ଜାଗାରେ ଦୁର୍ଘଟଣା ଘଟୁଛି ଏବଂ ଜୀବନ ହାନି ହେଉଛି । ଏହାସତ୍ତ୍ୱେ ଦୁର୍ଘଟଣା ରୋକିବା ପୋଲିସ ପକ୍ଷରୁ ପ୍ରୟାସ କରାଯାଉଛି ବୋଲି ଥାନାଧିକାରୀ ରାମ ସୁବ୍ରମଣ୍ୟମ ପ୍ରଧାନ କହିଛନ୍ତି। ଅନ୍ୟପଟେ ଆଞ୍ଚଳିକ ପରିବହନ ଅଧିକାରୀ ମାନସ ରଞ୍ଜନ ସାହୁ କହିଛନ୍ତି ଯେ, ଯେଉଁ ରାସ୍ତାଗୁଡ଼ିକ ବ୍ଲାକସ୍ପଟ ରୂପେ ଚିହ୍ନଟ ହୋଇଛି ସେଠାରେ ସାଇନ ବୋର୍ଡ ଲଗାଯିବ। ଏହାସହିତ ଚାଳକଙ୍କ ଯାତାୟାତ ବେଳେ ସେମାନଙ୍କ ସୁରକ୍ଷା ପାଇଁ ରାସ୍ତାରେ ବିଭିନ୍ନ ସ୍ଥାନରେ ସତର୍କ ସୂଚନା ବୋର୍ଡ଼ ମଧ ଲଗାଯିବ ବୋଲି ସେ କହିଛନ୍ତି।

# ଜିଦ୍‌ରେ ଅଟଳ ଚାଷୀ



ଦିଲ୍ଲୀ ଅଭିମୁଖେ ଯାଉଥିବା ଚାଷୀମାନଙ୍କ ଉପରେ ପଞ୍ଜାବ-ହରିୟାଣା ଶମ୍ଭୁ ସୀମାରେ ପଟିଆଲା ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରିଛି।

ଚଣ୍ଡିଗଡ଼/ନୂଆଦିଲ୍ଲୀ,୧୪।୨

ନିଜ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍‌ପି) ସୁନିଶ୍ଚିତ କରିବା ପାଇଁ ଆଇନ ପ୍ରଣୟନ ଦାବିରେ ଚାଷୀମାନେ ଅଟଳ ରହିଛନ୍ତି। ସଂଯୁକ୍ତ କିଷାନ ମୋର୍ଚ୍ଚା (ଅଣରାଜନୈତିକ) ଏବଂ କିଷାନ ମଜଦୁର ମୋର୍ଚ୍ଚା ପକ୍ଷରୁ ଦିଆଯାଇଥିବା 'ଦିଲ୍ଲୀ ଚଲୋ' ଡାକରାରେ ଅନେକ ହଜାର କୃଷକ ସାମିଲ ହୋଇଛନ୍ତି। ପଞ୍ଜାବ, ହରିୟାଣା, ରାଜସ୍ଥାନ, ଉତ୍ତର ପ୍ରଦେଶ, ଉତ୍ତରାଖଣ୍ଡ ଓ ମଧ୍ୟପ୍ରଦେଶରୁ ଟ୍ରାକ୍ଟର ଟ୍ରଲିରେ ବିକ୍ଷୋଭ ପାଇଁ ଯାଉଥିବା ଚାଷୀଙ୍କୁ ଦିଲ୍ଲୀ ସୀମାରେ ବ୍ୟାରିକେଡିଂ କରି ଅଟକାଯାଇଛି। ଅନେକ ସ୍ଥାନରେ ଆନ୍ଦୋଳନକାରୀଙ୍କୁ ଘଉଡ଼ାଇବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ଲୁହବୁହା ବାଷ୍ପ ଓ ୱାଟର କେନନ୍‌ରୁ ପାଣି ବର୍ଷା କରାଯାଉଛି। କୃଷକ ଓ ପୋଲିସ କେତେକ ସ୍ଥାନରେ ମୁହାଁମୁହିଁ ହୋଇଛନ୍ତି। କୃଷକ ସଙ୍ଗଠନଗୁଡ଼ିକ ସହ କେନ୍ଦ୍ରର ଆଲୋଚନାରୁ କିଛି ସୁଫଳ ମିଳିପାରି ନାହିଁ। ତେଣୁ ଚଣ୍ଡିଗଡ଼ରେ ଗୁରୁବାର ଚାଷୀଙ୍କ ଦାବି ଉପରେ ୩ କେନ୍ଦ୍ରମନ୍ତ୍ରୀ ଆଲୋଚନା କରିବେ। କୃଷିମନ୍ତ୍ରୀ ଅର୍ଜୁନ ମୁଣ୍ଡା, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରୀ

### ଆଜି କୃଷକ ସଙ୍ଗଠନ ସହ କେନ୍ଦ୍ରର ତୃତୀୟ ପର୍ଯ୍ୟାୟ ଆଲୋଚନା

ପୀୟୁଷ ଗୋୟଲ ଏବଂ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାଏଙ୍କ ସହ ଗୁରୁବାର ଅପରାହ୍ନ ୫ଟାରେ ତୃତୀୟ ପର୍ଯ୍ୟାୟ ଆଲୋଚନା ହେବ ବୋଲି କୃଷକ ନେତା ସରୱନ ସିଂ ପାନ୍ଧେର ସୂଚନା ଦେଇଛନ୍ତି।


ଶମ୍ଭୁ ସୀମାରେ ପୋଲିସ ବର୍ବରତାର ଶିକାର ହୋଇ ଆହତ ହୋଇଥିବା ଜଣେ ଆନ୍ଦୋଳନକାରୀ।

ଉତ୍ପାଦିତ ସାମଗ୍ରୀର ଏମ୍ଏସ୍‌ପି, କୃଷିଋଣ ଛାଡ଼, ଚାଷୀଙ୍କ ଉପରୁ ମାମଲା ପ୍ରତ୍ୟାହାର, ପେନ୍‌ସନ୍ ଆଦି ଦାବିରେ ମଙ୍ଗଳବାରଠାରୁ କୃଷକମାନେ ଆନ୍ଦୋଳନ ଚଳାଇଛନ୍ତି। ଆନ୍ଦୋଳନର ଦ୍ୱିତୀୟ ଦିନରେ ଉଭୟ କେନ୍ଦ୍ର ଓ ଚାଷୀ ନେତାଙ୍କ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ହୋଇଥିଲା। କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂ ଓ ଅର୍ଜୁନ ମୁଣ୍ଡା ଦିଲ୍ଲୀରେ ସେମାନଙ୍କ ସହ ଆଲୋଚନା କରିଥିଲେ। ତେବେ ଏଥିରୁ କୌଣସି ନିଷ୍କର୍ଷ ବାହାରିପାରି ନାହିଁ। ତେଣୁ କୃଷକମାନେ ବିଭିନ୍ନ ସ୍ଥାନରେ ପୋଲିସର ବ୍ୟାରିକେଡ୍ ଭାଙ୍ଗିବାକୁ ଉଦ୍ୟମ କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ଦିଲ୍ଲୀ ପୋଲିସ ସର୍ବାଧିକ ସତର୍କତା'ଅବଲମ୍ବନ କରିଛି। ଜାତୀୟ ରାଜଧାନୀ ଏକପ୍ରକାର ସୁରକ୍ଷା ଛାଉଣିରେ ପରିଣତ ହୋଇଛି। ଇତିମଧ୍ୟରେ ପୋଲିସର ଲାଠିମାଡ଼ରେ ଆହତ ହୋଇଥିବା ଜଣେ ଚାଷୀଙ୍କ ସହ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଫୋନ୍‌ରେ ଆଲୋଚନା କରିଛନ୍ତି। ଅନ୍ନଦାତାଙ୍କ ପ୍ରତି ମୋଦି ସରକାର ଏକଚ୍ଛତ୍ରବାଦୀ ଆଚରଣ କରୁଥିବା ରାହୁଲ ସମାଲୋଚନା କରିଛନ୍ତି।

### ଚାଷୀ ଆନ୍ଦୋଳନ: ପରୀକ୍ଷାର୍ଥୀଙ୍କ ପାଇଁ ନିର୍ଦ୍ଦେଶାବଳୀ ଜାରିକଲା ସିବିଏସ୍‌ଇ

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ)ର ବୋର୍ଡ ପରୀକ୍ଷା ଗୁରୁବାର ଆରମ୍ଭ ହେବ। ଦଶମ ବୋର୍ଡ ମାର୍ଚ୍ଚ ୧୩ ପର୍ଯ୍ୟନ୍ତ ଚାଲିବାକୁ ଥିବାବେଳେ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ଏପ୍ରିଲ ୨ରେ ଶେଷ ହେବ। ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍)ରେ କୃଷକ ଆନ୍ଦୋଳନକୁ ଦୃଷ୍ଟିରେ ରଖି ଦଶମ ଓ ଦ୍ୱାଦଶ ବୋର୍ଡ ପରୀକ୍ଷା ଦେବାକୁ ଥିବା ପିଲାଙ୍କ ପାଇଁ ସିବିଏସ୍‌ଇ ପକ୍ଷରୁ ବୁଧବାର ଆଡ୍‌ଭାଇଜରି ଜାରି କରାଯାଇଛି। ଚାଷୀ ଆନ୍ଦୋଳନ ଯୋଗୁ ଟ୍ରାଫିକ୍ ଜାମ୍ ସମସ୍ୟା ଦେଖାଦେଇପାରେ। ଏପରି ହେଲେ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବାରେ ବିଳମ୍ବ ହୋଇପାରେ। ତେଣୁ ପୂର୍ବାହ୍ନ ୧୦ଟା ୩୦ ପରିବର୍ତ୍ତେ ୧୦ଟା ସୁଦ୍ଧା ପରୀକ୍ଷା କେନ୍ଦ୍ରରେ ପହଞ୍ଚିବା ପାଇଁ ସିବିଏସ୍‌ଇ କର୍ତ୍ତୃପକ୍ଷ ପରୀକ୍ଷାର୍ଥୀମାନଙ୍କୁ ପରାମର୍ଶ ଦେଇଛନ୍ତି। ବିଳମ୍ବ ଏଡ଼ାଇବା ଲାଗି ଛାତ୍ରୀଛାତ୍ରଙ୍କୁ ମେଟ୍ରୋ ସେବାର ସୁବିଧା ନେବାକୁ କୁହାଯାଇଛି। ପ୍ରକାଶ ଯେ, ଭାରତ ଓ ଅନ୍ୟ ୨୬ ଦେଶର ପ୍ରାୟ ୩୯ ଲକ୍ଷ ପିଲା ଏଥର ପରୀକ୍ଷା ଦେଉଛନ୍ତି। ଦିଲ୍ଲୀର ୮୭୭ ସେଣ୍ଟରରେ ୫,୮୦,୧୯୨ ଛାତ୍ରୀଛାତ୍ର ପରୀକ୍ଷା ଦେବେ।

## ସଂକ୍ଷେପରେ

### କେଜ୍‌ରିୱାଲଙ୍କୁ ୬ଷ୍ଠ ଇଡି ସମନ

**ନୂଆଦିଲ୍ଲୀ, ୧୪।୨ (ପିଟି):** ଅବକାରୀ ଦୁର୍ନୀତି ମାମଲାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ଷଷ୍ଠ ଥର ପାଇଁ ସମନ ଜାରି କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)। ଚଳିତ ମାସ ୧୯ରେ ଅଧିକ ପଚରାଉଚରା ପାଇଁ ଦିଲ୍ଲୀସ୍ଥିତ ଇଡି କାର୍ଯ୍ୟାଳୟରେ ହାଜର ହେବା ଲାଗି କେଜରିୱାଲଙ୍କୁ ସମନ ହୋଇଛି। ଏହା ପୂର୍ବରୁ ଏହି ମାମଲାରେ କେଜ୍‌ରିୱାଲଙ୍କୁ ୫ ଥର ପାଇଁ ସମନ କରାଯାଇଥିଲେ ମଧ୍ୟ ସେ ଏଯାବତ ଇଡି ନିକଟରେ ହାଜର ହୋଇନାହାନ୍ତି। ତେବେ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ପକ୍ଷରୁ ଏହି ସମନକୁ ବେଆଇନ ଓ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି କୁହାଯାଇଛି। ସୂଚନାଯୋଗ୍ୟ, ଗତ ୭ ତାରିଖରେ ମଦ ଦୁର୍ନୀତି ନେଇ ହେଉଥିବା ଯାଞ୍ଚରେ କେଜ୍‌ରିୱାଲ ସହଯୋଗ କରୁ ନ ଥିବା ଅଭିଯୋଗ କରି ଦିଲ୍ଲୀର ରାଉଜ୍ ଏଭେନ୍ୟୁ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା ଇଡି।

### ଆମେରିକାରେ ଭାରତୀୟ ପରିବାରର ୪ ମୃତ



**ସାନ୍‌ମେଟୋ(ଆମେରିକା),୧୪।୨:** କାଲିଫର୍ନିଆର ସାନ୍‌ମେଟୋରେ ରହୁଥିବା ଏକ ଭାରତୀୟ ବଂଶୋଦ୍ଭବ ପରିବାରର ୪ ଜଣ ସଦସ୍ୟଙ୍କର ସନ୍ଦିଗ୍ଧ ମୃତ୍ୟୁ ଘଟିଛି। କେରଳର ମୂଳ ନିବାସୀ ହୋଇଥିବା ଆନନ୍ଦ ସୁଜିତ ହେନରୀ ତାଙ୍କ ସ୍ତ୍ରୀ ଏଲିସ୍ ପ୍ରିୟଙ୍କା ଓ ତାଙ୍କର ଦୁଇ ଯାଆଁଳା ଶିଶୁଙ୍କର ମୃତ୍ୟୁ ଘଟିଥିବା ସୂଚନା ଦେଇଛି ସାନ୍‌ମେଟୋ ପୋଲିସ। ଘଟଣା ସ୍ଥଳରେ ପୋଲିସର ତଦନ୍ତ ଜାରି ରହିଥିବାବେଳେ ଏହା ହତ୍ୟା ନା ଆତ୍ମହତ୍ୟା ତାହା ସ୍ପଷ୍ଟ ହୋଇନାହିଁ। ତେବେ ମିଳିଥିବା ୪ ମୃତଦେହ ମଧ୍ୟରୁ ୨ଟି ମୃତଦେହରେ ଗୁଳି ବାଜିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଉସେହିପରି ଘର ମଧ୍ୟରୁ ଏକ ବନ୍ଧୁକକୁ ପୋଲିସ ଜବତ କରିଥିବାବେଳେ କୌଣସି ସୁଇସାଇଡ୍ ନୋଟ ହସ୍ତଗତ ହୋଇପାରିନାହିଁ। ସୂଚନାଯୋଗ୍ୟ, ଉଭୟ ଆନନ୍ଦ ଓ ଏଲିସ୍ ଗତ ୯ ବର୍ଷ ଧରି ଆମେରିକାରେ ରହି ଆସୁଥିଲେ। ଆନନ୍ଦ ଜଣେ ସଫ୍ଟୱେୟାର ଇଞ୍ଜିନିୟର ହୋଇଥିବା ବେଳେ ଏଲିସ୍ ଜଣେ ସିନିଅର ଆନାଲିଷ୍ଟ ଭାବେ କାର୍ଯ୍ୟ କରୁଥିଲେ।

### ଲାଲ ବାହାଦୁର ଶାସ୍ତ୍ରୀଙ୍କ ନାତି କଂଗ୍ରେସ ଛାଡ଼ି ଭାଜପାରେ


ବିଭାକର ଶାସ୍ତ୍ରୀ

**ନୂଆଦିଲ୍ଲୀ/ଲକ୍ଷ୍ନୌ,୧୪।୨:** ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କ ନାତି ବିଭାକର ଶାସ୍ତ୍ରୀ ବୁଧବାର କଂଗ୍ରେସରୁ ଇସ୍ତଫା ଦେଇ ଭାଜପାରେ ସାମିଲ ହୋଇଛନ୍ତି। ଲକ୍ଷ୍ନୌରେ ଉତ୍ତର ପ୍ରଦେଶ ଭାଜପା ସଭାପତି ଭୂପିନ୍ଦର ସିଂ ଓ ଉପମୁଖ୍ୟମନ୍ତ୍ରୀ ବ୍ରଜେଶ ପାଠକଙ୍କ ଉପସ୍ଥିତିରେ ସେ ଦଳରେ ଯୋଗଦେଇଛନ୍ତି। ବିଭାକର ହେଉଛନ୍ତି ଲାଲ ବାହାଦୁରଙ୍କ ପୁଅ ହରିକ୍ରିଷ୍ଣା ଶାସ୍ତ୍ରୀଙ୍କ ପୁଅ। ସେ ଅତୀତରେ ଫତେପୁର ଆସନରୁ ଲୋକ ସଭା ନିର୍ବାଚନ ଲଢ଼ି ହାରିଯାଇଥିଲେ।

## ଗୁଜରାଟରୁ ନଡ୍ଡା, ମହାରାଷ୍ଟ୍ରରୁ ଅଶୋକ ଚଭନ୍


ଜେ.ପି. ନଡ୍ଡା | ଅଶୋକ ଚଭନ୍ | ମିଲିନ୍ଦ ଦେଓରା

ନୂଆଦିଲ୍ଲୀ,୧୪।୨

ଭାଜପା ଏହାର ଅନେକ ବରିଷ୍ଠ ନେତା, ବିଦାୟୀ ରାଜ୍ୟ ସଭା ସଦସ୍ୟଙ୍କୁ ୨୭ରେ ହେବାକୁ ଥିବା ରାଜ୍ୟ ସଭା ନିର୍ବାଚନରେ ପ୍ରାର୍ଥୀ କରିନାହିଁ। ସେମାନଙ୍କ ମଧ୍ୟରେ ଧର୍ମେନ୍ଦ୍ର ପ୍ରଧାନ ଓ ଭୂପେନ୍ଦର ଯାଦବଙ୍କ ସମେତ ୭ କେନ୍ଦ୍ରମନ୍ତ୍ରୀ ରହିଛନ୍ତି । ଲୋକ ସଭା ନିର୍ବାଚନରେ ଭାଜପାର ମଜଭୁତ ପ୍ରତ୍ୟାବର୍ତ୍ତନ ସମ୍ଭାବନା ଥିବାରୁ ଏହି ନେତାମାନଙ୍କୁ ରାଜ୍ୟ ସଭା ପରିବର୍ତ୍ତେ ନିମ୍ନ ସଦନ ପାଇଁ ଦୁଇମାସ ପରେ ହେବାକୁ ଥିବା ନିର୍ବାଚନରେ ପ୍ରାର୍ଥୀ କରାଯାଇପାରେ।

ରାଜ୍ୟ ସଭାରେ ଖାଲି ହେବାକୁ ଥିବା ୫୬ ଆସନ ମଧ୍ୟରୁ ୨୮ ଆସନ ପାଇଁ ଭାଜପା ପ୍ରାର୍ଥୀ ଦେଉଛି। ଶାସକ ଦଳ ଏହାର ୨୮ ବିଦାୟୀ ସଦସ୍ୟଙ୍କ ମଧ୍ୟରୁ ମାତ୍ର ୪ ଜଣଙ୍କୁ ରାଜ୍ୟ ସଭାକୁ ପୁନଃ ମନୋନୀତ କରିଛି। ସେମାନେ ହେଲେ ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଜେ.ପି. ନଡ୍ଡା(ଗୁଜରାଟ), ଦୁଇ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ(ଓଡ଼ିଶା), ଏଲ୍. ମୁରୁଗାନ୍(ମଧ୍ୟପ୍ରଦେଶ) ଏବଂ ମୁଖପାତ୍ର ସୁଧାଂଶୁ ତ୍ରିବେଦୀ। ନଡ୍ଡା ଗୁଜରାଟରୁ ରାଜ୍ୟ ସଭାକୁ ଯିବେ। ଉଚ୍ଚ ସଦନରେ ଏହା ତାଙ୍କର ତୃତୀୟ ଥର ପ୍ରତିନିଧିତ୍ୱ ହେବ। ତେବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର, ଭୂପେନ୍ଦର ଯାଦବ ଓ ରାଜୀବ ଚନ୍ଦ୍ରଶେଖର ଏଥର ଲୋକ ସଭା ନିର୍ବାଚନ ଲଢ଼ିବେ ବୋଲି ଜଣାପଡ଼ିଛି। ପ୍ରକାଶ ଯେ, ରାଜ୍ୟ ସଭା ସଦସ୍ୟମାନେ ଅନ୍ୟୂନ ଥରେ ପ୍ରତ୍ୟକ୍ଷ ନିର୍ବାଚନ ଲଢ଼ିବା ନେଇ ଅନୁଭୂତି ହାସଲ କରିବା ଉଚିତ ବୋଲି ଅତୀତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପରାମର୍ଶ ଦେଇଥିଲେ। କେନ୍ଦ୍ରମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଓ ପୁରୁଷୋତ୍ତମ ରୁପାଲା(ଗୁଜରାଟ) ଏବଂ ନାରାୟଣ ରାଣେ (ମହାରାଷ୍ଟ୍ର) ମଧ୍ୟ ଏଥର ରାଜ୍ୟ ସଭାରୁ ଅବସର ନେଉଛନ୍ତି। ମହାରାଷ୍ଟ୍ରରେ ଖାଲି ହେବାକୁ ଥିବା ରାଜ୍ୟ ସଭା ଆସନ ପାଇଁ ନିକଟରେ କଂଗ୍ରେସ ଛାଡ଼ି ଭାଜପାରେ ଯୋଗଦେଇଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଚଭନଙ୍କୁ ଦଳ ପ୍ରାର୍ଥୀ କରିଛି। ସେହିପରି କଂଗ୍ରେସ ଛାଡ଼ି ଶିବସେନା (ଶିନ୍ଦେ ଗୋଷ୍ଠୀ)ରେ ସାମିଲ ହୋଇଥିବା ମିଲିନ୍ଦ ଦେଓରାଙ୍କୁ ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ରାଜ୍ୟ ସଭାକୁ ପଠାଇବାକୁ ନିଷ୍ପତ୍ତି ନେଇଛନ୍ତି।

ଉତ୍ତର ପ୍ରଦେଶରୁ ବୁଧବାର ଭାଜପାର ୭ ଜଣ ନାମାଙ୍କନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଉପସ୍ଥିତିରେ ନାମାଙ୍କନପତ୍ର ଦାଖଲ କରିଥିବା ପ୍ରାର୍ଥୀମାନେ ହେଲେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଆର୍.ପି.ଏନ୍. ସିଂ, ପୂର୍ବତନ ଏମ୍‌ପି ଚୌଧରୀ ତେଜବୀର ସିଂ, ଦଳର ରାଜ୍ୟ ଶାଖା ସାଧାରଣ ସମ୍ପାଦକ ଅମରପାଲ ମୌର୍ଯ୍ୟ, ପୂର୍ବତନ ରାଜ୍ୟମନ୍ତ୍ରୀ ସଙ୍ଗୀତା ବଲୱନ୍ତ, ମୁଖପାତ୍ର ସୁଧାଂଶୁ ତ୍ରିବେଦୀ। ସେହିପରି ପୂର୍ବତନ ବିଧାୟିକା ସାଧନା ସିଂ ଓ ଆଗ୍ରାର ପୂର୍ବତନ ମେୟର ନବୀନ ଜୈନ ମଧ୍ୟ ନାମାଙ୍କନ ଭରିଛନ୍ତି ।

### ଭାଜପାର ରାଜ୍ୟ ସଭା ପ୍ରାର୍ଥୀ

୨୮ ବିଦାୟୀଙ୍କ ମଧ୍ୟରୁ ମାତ୍ର ୪ ଜଣ ପୁନଃ ମନୋନୀତ

## ସନ୍ଦେଶଖାଲିରେ ବିଶୃଙ୍ଖଳା କରାଉଛି ଭାଜପା: ମମତା

### କାର୍‌ରୁ ଖସି ରାଜ୍ୟ ଭାଜପା ସଭାପତି ସୁକାନ୍ତ ମଜୁମ୍‌ଦାର ଆହତ



କୋଲକାତା, ୧୪।୨

ପଶ୍ଚିମବଙ୍ଗର ବସିରହାଟଠାରେ ସନ୍ଦେଶଖାଲି ପ୍ରସଙ୍ଗକୁ ନେଇ ପୋଲିସ ଓ ଭାଜପା କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଥିବାବେଳେ ରାଜ୍ୟ ଭାଜପା ସଭାପତି ସୁକାନ୍ତ ମଜୁମ୍‌ଦାର ଆହତ ହୋଇଛନ୍ତି। ଆହତ ଅବସ୍ଥାରେ ସୁକାନ୍ତଙ୍କୁ ପ୍ରଥମେ ବସିରହାଟର ଏକ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ଅବସ୍ଥା ବିଗିଡ଼ିବାରୁ ତାଙ୍କୁ କୋଲକାତାର ଏକ ବେସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବୁଧବାର ରାଜ୍ୟ ସଭାପତି ସୁକାନ୍ତ ମଜୁମ୍‌ଦାର ଭାଜପା କର୍ମୀଙ୍କ ସହ ସନ୍ଦେଶଖାଲିରେ ଯୌନ ନିର୍ଯାତନାର ଅଭିଯୋଗ ଆଣିଥିବା ପୀଡ଼ିତା ମହିଳାମାନଙ୍କୁ ଭେଟିବାକୁ ଯାଉଥିବା ସମୟରେ ତାଙ୍କୁ ୩୦ କିଲୋମିଟର ଦୂରରେ ବସିରହାଟ ପୋଲିସ ଅଟକାଇଥିଲା। ଫଳରେ ସେଠାରେ ଥିବା ଭାଜପା କର୍ମୀ ଓ ପୋଲିସ ମଧ୍ୟରେ ଧସ୍ତାଧସ୍ତି ଆରମ୍ଭ ହୋଇଥିଲା। ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ପୋଲିସ ଭାଜପା କର୍ମୀଙ୍କୁ ଲାଠି ଚାଳନା କରିଥିଲା। ଏହି ସମୟରେ ଏକ କାର ଉପରେ ଠିଆ ହୋଇ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଉଥିବାବେଳେ ଗୋଡ ଖସିଯିବାରୁ ସୁକାନ୍ତ କାରରୁ ପଡ଼ିଯାଇ ଆହତ ହୋଇଥିଲେ। ଅନ୍ୟପକ୍ଷରେ ସମ୍ପୂର୍ଣ୍ଣ ଘଟଣାକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ। ସନ୍ଦେଶଖାଲି ପ୍ରସଙ୍ଗକୁ ନେଇ ଖୁବଶୀଘ୍ର ଆବଶ୍ୟକୀୟ ପଦକ୍ଷେପ ନିଆଯିବ ବୋଲି ମମତା କହିଛନ୍ତି। ତେବେ ଭାଜପା ସନ୍ଦେଶଖାଲି ଅଞ୍ଚଳର ବିଶୃଙ୍ଖଳା ସୃଷ୍ଟି କରୁଥିବା କହି ସେ ବର୍ଷିଛନ୍ତି। ସୂଚନାଯୋଗ୍ୟ ଦକ୍ଷିଣ ପ୍ରଗଣା ଜିଲା ଅନ୍ତର୍ଗତ ସନ୍ଦେଶଖାଲି ଅଞ୍ଚଳର କେତେଜଣ ମହିଳା ତୃଣମୂଳ କଂଗ୍ରେସ(ଟିଏମ୍‌ସି) ନେତା ଶେଖ୍ ଶାଜାହାନ ଓ ତାଙ୍କ ସମର୍ଥକଙ୍କ ଉପରେ ଯୌନ ନିର୍ଯାତନାର ଅଭିଯୋଗ କରିଛନ୍ତି।

### ଲୋକ ସଭା ଓ ୪ ରାଜ୍ୟ ବିଧାନସଭା ନିର୍ବାଚନ

## ୩.୪ ଲକ୍ଷ କେନ୍ଦ୍ରୀୟ ବଳ ଯବାନ ମାଗିଲେ ଇସି

ନୂଆଦିଲ୍ଲୀ,୧୪।୨

ଆଉ ୨ ମାସ ପରେ ଲୋକ ସଭା ସହ ଓଡ଼ିଶା, ଆନ୍ଧ୍ର ପ୍ରଦେଶ, ଅରୁଣାଚଳ ପ୍ରଦେଶ ଓ ସିକିମ୍ ବିଧାନସଭା ଅନୁଷ୍ଠିତ ହେବ। ସୁରୁଖୁରୁରେ ନିର୍ବାଚନ ପରିଚାଳନା ପାଇଁ ନିର୍ବାଚନ କମିଶନ(ଇସି) ବୁଧବାର କେନ୍ଦ୍ର ସରକାରଙ୍କୁ ୩. ୪ ଲକ୍ଷ କେନ୍ଦ୍ରୀୟ ସଶସ୍ତ୍ର ବଳ ପୋଲିସ ଫୋର୍ସ (ସିଏପିଏଫ୍) ଯବାନ ମୁତୟନ ପ୍ରସ୍ତାବ ଦେଇଛନ୍ତି। ଏହି ଯବାନମାନେ ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ସହ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ (ଇଭିଏମ୍) ରଖାଯିବାକୁ ଥିବା ଷ୍ଟ୍ରଙ୍ଗ୍ ରୁମ୍‌ରେ ସୁରକ୍ଷା ଦାୟିତ୍ୱରେ ରହିବେ। ଭୋଟ ଗଣତି ବେଳେ ମଧ୍ୟ ଯବାନମାନେ ରହିବେ। ଏଥିସହ ଟ୍ରେନ୍‌ଗୁଡ଼ିକରେ ନିର୍ବାଚନ ଅଧିକାରୀମାନଙ୍କ ଯାତାୟାତ ପାଇଁ ପର୍ଯ୍ୟାପ୍ତ ସୁବିଧା ଯୋଗାଇଦେବାକୁ ମଧ୍ୟ କହିଛନ୍ତି। ଏନେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ଚିଠି ଲେଖାଯାଇଥିବା ଇସିଙ୍କ ପକ୍ଷରୁ କୁହାଯାଇଛି।

## 'ଗୋଟିଏ ଦେଶ ଏକ ନିର୍ବାଚନ' ବିରୋଧରେ ତାମିଲନାଡୁ ବିଧାନସଭାରେ ସଂକଳ୍ପ ପାରିତ

ଚେନ୍ନାଇ, ୧୪।୨

କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରସ୍ତାବିତ 'ଗୋଟିଏ ଦେଶ ଏକ ନିର୍ବାଚନ' ପଦକ୍ଷେପ ବିରୋଧରେ ତାମିଲନାଡୁ ବିଧାନସଭା ସଂକଳ୍ପ ପାରିତ କରିଛି। ସେହିପରି ଆଗାମୀ ଜନଗଣନା ଅନୁଯାୟୀ ୨୦୨୬ ପରେ ହେବାକୁ ଥିବା ନିର୍ବାଚନମଣ୍ଡଳୀ ସୀମା ପୁନଃ ଗଠନ ପ୍ରକ୍ରିୟା ବିରୋଧରେ ମଧ୍ୟ ତାମିଲନାଡୁ ବିଧାନସଭା ସଂକଳ୍ପ ପାରିତ କରିଛି। ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନଙ୍କ ଦ୍ୱାରା ଦିଆଯାଇଥିବା ଏହି ପ୍ରସ୍ତାବରେ 'ଗୋଟିଏ ଦେଶ ଏକ ନିର୍ବାଚନ' ପଦକ୍ଷେପ ଅସାମ୍ବିଧାନିକ ସହ ଯୁକ୍ତିସଙ୍ଗତ ହୋଇ ନ ଥିବା କୁହାଯାଇଛି। ବିଧାନସଭା ଦ୍ୱାରା ପାରିତ ଏହି ସଂକଳ୍ପରେ କେନ୍ଦ୍ର ସରକାରଙ୍କୁ 'ଗୋଟିଏ ଦେଶ ଏକ ନିର୍ବାଚନ' ପଦକ୍ଷେପକୁ ଲାଗୁ ନ କରିବାକୁ ପରାମର୍ଶ ଦିଆଯାଇଛି। ଭାରତ ଭଳି ବୃହତ ଓ ବିବିଧତାପୂର୍ଣ୍ଣ ଦେଶରେ ପଞ୍ଚାୟତଠୁ ଆରମ୍ଭ କରି ବିଧାନସଭା ଓ ଲୋକ ସଭା ନିର୍ବାଚନ ଅଲଗା ଅଲଗା ସମୟରେ ହେବାକୁ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍. କେ. ଷ୍ଟାଲିନ ସମର୍ଥନ କରିଛନ୍ତି । ଏହା ଦ୍ୱାରା ପ୍ରସଙ୍ଗ ଭିତ୍ତିକ ନିର୍ବାଚନ ହେବା ସହ ଜନସାଧାରଣ ଲାଭବାନ ହେବେ ବୋଲି ସେ କହିଛନ୍ତି। ସେହିପରି ଗତ କିଛି ଦଶନ୍ଧି ଧରି ତାମିଲନାଡୁ ସଫଳତାର ସହ ଜନସଂଖ୍ୟାକୁ ନିୟନ୍ତ୍ରଣ କରି ଆସୁଥିବା କହିବା ସହ ଆଗାମୀ ଜନଗଣନାକୁ ଆଧାର କରି ନିର୍ବାଚନମଣ୍ଡଳୀ ସୀମା ପୁନଃ ଗଠନ ପ୍ରକ୍ରିୟାକୁ ଷ୍ଟାଲିନ ବିରୋଧ କରିଛନ୍ତି। ଜନଗଣନାକୁ ଆଧାର କରି ନିର୍ବାଚନମଣ୍ଡଳୀ ପୁନଃ ଗଠନ ହେଲେ, ଏହା ଉତ୍ତର ଭାରତର ରାଜ୍ୟଗୁଡ଼ିକୁ ସୁହାଇବ ବୋଲି ସେ କହିଛନ୍ତି।

## ଫୁର୍‌ସତ୍



## ଖୁସିରେ ଝୁମିଲେ ଧର୍ମେନ୍ଦ୍ର

ମୁମ୍ବାଇ

ବଲିଉଡ୍‌ର ଭେଟେରାନ ଅଭିନେତା ଧର୍ମେନ୍ଦ୍ର ଚଳଚ୍ଚିତ୍ର ବ୍ୟତୀତ ନିଜ ବ୍ୟକ୍ତିଗତ ଜୀବନ ପାଇଁ ଅନେକ ସମୟରେ ଚର୍ଚ୍ଚାରେ ରହିଥାନ୍ତି। ବିଭିନ୍ନ ସାମାଜିକ ଗଣମାଧ୍ୟମରେ ସକ୍ରିୟ ରହୁଥିବା ଧର୍ମେନ୍ଦ୍ର ନିକଟରେ ଏକ ଭିଡିଓ ଶେୟାର କରିଛନ୍ତି। ଭିଡିଓରେ ସେ ନାଚୁଥିବା ନଜର ଆସୁଛନ୍ତି। ଧର୍ମେନ୍ଦ୍ରଙ୍କ ଡ୍ୟାନ୍ସ ଭିଡିଓ ସାମାଜିକ ଗଣମାଧ୍ୟମରେ ଅଧିକ ଭାଇରାଲ ହେଉଥିବାବେଳେ ଦର୍ଶକ ଏହାକୁ ଖୁବ୍ ପସନ୍ଦ କରୁଛନ୍ତି। ନିଜ ଅଫିସିଆଲ ଇନ୍‌ଷ୍ଟାଗ୍ରାମ ହ୍ୟାଣ୍ଡେଲରୁ ଧର୍ମେନ୍ଦ୍ର ଏହି ଭିଡିଓକୁ ଶେୟାର କରିଛନ୍ତି। ଏହି ଭିଡିଓ ତାଙ୍କ ନାତୁଣୀ ନିକିତା ଚୌଧୁରୀଙ୍କ ବିବାହରୁ ଆସିଛି, ଯେଉଁଥିରେ ଏହି ଭେଟେରାନ ଅଭିନେତା ଜଣକ ନାଚୁଥିବାର ନଜର ଆସିଛନ୍ତି। ତେବେ ଧର୍ମେନ୍ଦ୍ରଙ୍କ ଏହି ପୋଷ୍ଟରେ ତାଙ୍କର ପ୍ରଶଂସକଙ୍କଠାରୁ ଆରମ୍ଭ କରି ଅନେକ ସେଲିବ୍ରିଟି ମଧ୍ୟ କମେଣ୍ଟ ଦେଇଛନ୍ତି। ପୁଅ ସନି ଦେଓଲ ଏବଂ ବବି ଦେଓଲଙ୍କ ସମେତ ହାସ୍ୟ ଅଭିନେତା କପିଲ ଶର୍ମା, ବିନ୍ଦୁ ଦାରା ସିଂ ପ୍ରମୁଖ ବରିଷ୍ଠ ଅଭିନେତାମାନେ ମଧ୍ୟ ଧର୍ମେନ୍ଦ୍ରଙ୍କୁ ତାଙ୍କ ନାତୁଣୀଙ୍କ ବିବାହ ପାଇଁ ଅଭିନନ୍ଦନ ଜଣାଇଛନ୍ତି। ଧର୍ମେନ୍ଦ୍ରଙ୍କ ବଡ଼ ଝିଅ ଅଜିତା ଦେଓଲଙ୍କ ଝିଅ ହେଉଛନ୍ତି ନିକିତା ଚୌଧୁରୀ। ନିକଟରେ ଧର୍ମେନ୍ଦ୍ର ଫିଲ୍ମ 'ତେରୀ ବାତୋ ମେଁ ଐସା ଉଲଜା ଜିଆ'ରେ ନଜର ଆସିଥିଲେ। ଏଥିରେ କ୍ରିତି ସାନୋନ ଏବଂ ସାହିଦ କପୁର ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ଏହା ବ୍ୟତୀତ ଏହି ଅଭିନେତାଙ୍କୁ 'ରକି ଔର ରାନୀ କି ପ୍ରେମ କାହାନି'ରେ ଦେଖିବାକୁ ମିଳିଥିଲା। ଏଥିରେ ଆଲିଆ ଭଟ୍ଟ ଏବଂ ରଣବୀର ସିଂ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ। ସେହିପରି ଆଗାମୀ ଦିନରେ ରିଲିଜ ହେବାକୁ ଥିବା 'ଅପନେ ୨' ଚଳଚ୍ଚିତ୍ରରେ ମଧ୍ୟ ଧର୍ମେନ୍ଦ୍ରଙ୍କୁ ଦେଖିବାକୁ ମିଳିବ।

## ଜଙ୍ଗଲରେ ସଫେଇ ଅଭିଯାନ

ଡେରାଡୁନ୍

ଉତ୍ତରାଖଣ୍ଡର ରାଜଧାନୀ ଡେରାଡୁନ୍‌ରେ ନିୟୋଜିତ ଇଣ୍ଡିଆନ ଫରେଷ୍ଟ ସର୍ଭିସ (ଆଇଏଫ୍ଏସ୍) ଅଧିକାରୀ ପରଭୀନ କାସୱାନ ଏବଂ ତାଙ୍କ ଗୋଟିଏ ଟିମ୍ ମଙ୍ଗଳବାର ରାଜ୍ୟର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ହୋଇଥିବା ରାଜାଜୀ ଜାତୀୟ ଉଦ୍ୟାନରେ ସ୍ୱଚ୍ଛତା ଡ୍ରାଇଭ୍ ଆରମ୍ଭ କରିଥିଲେ। ଏହି ଅବସରରେ ସେ ଓ ତାଙ୍କ ଟିମ୍ ପ୍ରାୟ ୭ କିଲୋମିଟର ଦୂରତା ଅତିକ୍ରମ କରିଥିବା ବେଳେ, ସେମାନେ ପ୍ରାୟ ୨ଟି ଟ୍ରକର ପ୍ଲାଷ୍ଟିକ ଆବର୍ଜନା ସଂଗ୍ରହ କରିଛନ୍ତି। ଜଙ୍ଗଲ ରାସ୍ତାରେ ପକାଯାଇଥିବା ପ୍ଲାଷ୍ଟିକ ଆବର୍ଜନା ମଧ୍ୟରୁ ଅଧିକାଂଶ ଚିପ୍ସ କିମ୍ବା କୁର୍କୁରେ ପ୍ୟାକେଟ ଥିବା କାସୱାନ୍ ସୂଚନା ଦେଇଛନ୍ତି। ଅଧିକାଂଶ ପର୍ଯ୍ୟଟକ ତଥା ସ୍ଥାନୀୟ ଲୋକଙ୍କ ଦ୍ୱାରା ପକାଯାଉଥିବା



ପ୍ଲାଷ୍ଟିକ୍ ଆବର୍ଜନାରେ ରାଜାଜୀ ଜାତୀୟ ଉଦ୍ୟାନ ପରିପୂର୍ଣ୍ଣ ହୋଇ ରହିଥିବା ସେ ସୂଚନା ଦେଇଛନ୍ତି। ତେବେ ନିଜ କ୍ଷୁଧା ମେଣ୍ଟାଇବା ପାଇଁ ଜଙ୍ଗଲରେ ରହୁଥିବା ପ୍ରାଣୀମାନେ ଏହି ପ୍ଲାଷ୍ଟିକ୍ ଆବର୍ଜନା ଗୁଡ଼ିକୁ ଖାଦ୍ୟ ଭାବି ଖାଇଦେବାର ନଜିର ମଧ୍ୟ ରହିଛି। ଏହା ଦ୍ୱାରା ଦୁଃଖଦ ପରିଣାମ ଭୋଗିବାକୁ ପଡୁଥିବା ସେ କହିଛନ୍ତି। ଏପରିକି ଜଙ୍ଗଲକୁ ବୁଲିବାକୁ ଆସୁଥିବା ପର୍ଯ୍ୟଟକମାନେ ବେପରୁଆ ଭାବେ ଏଣେତେଣେ ପ୍ଲାଷ୍ଟିକ୍ ବୋତଲ ପକାଇଥିବା କହି କାସୱାନ ଅସନ୍ତୋଷ ପ୍ରକାଶ କରିଛନ୍ତି । ଜିଲା ପୋଲିସ ଅଧୀକ୍ଷକ (ଏସପି), ଅନେକ ଛାତ୍ର ଏବଂ ଏକ ସ୍ଥାନୀୟ ଏନ୍‌ଜିଓ ସହିତ ମିଶି ରାଜାଜୀ ଜାତୀୟ ଉଦ୍ୟାନରେ ଏହି ସଫେଇ ଅଭିଯାନକୁ ସେ ଆରମ୍ଭ କରିଛନ୍ତି। ଜଙ୍ଗଲକୁ ପରିଷ୍କାର ପରିଚ୍ଛନ୍ନ ରଖିବା ଏହି ସଫେଇ ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହୋଇଥିବା ସେ କହିଛନ୍ତି। ଏନେଇ ସାମାଜିକ ଗଣମାଧ୍ୟମର କାସୱାନ କରିଥିବା ପୋଷ୍ଟକୁ ବହୁଳ ଭାବେ ପ୍ରଶଂସା କରାଯାଉଛି।

# ଜଙ୍ଗଲ ଭ୍ରମ ସୃଷ୍ଟି କରୁଛି ଗୋବରୀ ନଦୀ

- ବ୍ରାହ୍ମଣୀ-ଗୋବରୀ ନଦୀ ସଂଯୋଗୀକରଣ ଜଳପଥ ବନ୍ଦ
- ୫ ହଜାରରୁ ଊର୍ଦ୍ଧ୍ୱ ହେକ୍ଟର ଜମିର ଫସଲ ପ୍ରଭାବିତ
- ଜଳସେଚନ ଅପେକ୍ଷାରେ ଚାଷୀଙ୍କର ଗଲା ୩ ବର୍ଷ
- ଜଳସମ୍ପଦ ବିଭାଗକୁ ଅନୁଧାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା

କେନ୍ଦ୍ରାପଡ଼ା, ୧୪।୨ (ଜଗନ୍ନାଥ ଧଳ)


ଗଣ୍ଡିକିଆଠାରୁ ପଚାମୁଣ୍ଡାଇ ପର୍ଯ୍ୟନ୍ତ ଗୋବରୀ ନଦୀ ପୋତି ହୋଇଯିବାରୁ ବିଭିନ୍ନ ପ୍ରକାର ଗଛ ଉଠିଛି ।

ପଚାମୁଣ୍ଡାଇରୁ ବ୍ରାହ୍ମଣୀ ନଦୀ ଓ କେନ୍ଦ୍ରାପଡ଼ା ବ୍ଲକ ଅଞ୍ଚଳର ଗୋବରୀ ନଦୀ ମଧ୍ୟରେ ଥିବା ସଂଯୋଗୀକରଣ ଜଳପଥ ଏବେ ବନ୍ଦ ହୋଇପଡ଼ିଛି। ଫଳରେ ଗୋବରୀ ନଦୀ ଜଳପଥ ପୋତି ହୋଇ ବଣୁଆ ଜଙ୍ଗଲରେ ପରିଣତ ହୋଇଛି। ଫଳରେ ଜଳସେଚନ ଅବ୍ୟବସ୍ଥାରୁ ୫ ହଜାରରୁ ଊର୍ଦ୍ଧ୍ୱ ଚାଷ ଜମିରେ ୩ ଫସଲ ଉତ୍ପାଦନ ହୋଇପାରୁନାହିଁ। ଏ ନେଇ ସ୍ଥାନୀୟ ଲୋକ ଉଦ୍‌ବେଗ ପ୍ରକାଶ କରି ରାଜ୍ୟ ସରକାରଙ୍କ ଜଳସମ୍ପଦ ବିଭାଗ ଉପରେ ୩ ବର୍ଷ ହେବ ମାମଲା କରିଛନ୍ତି। ମାମଲା ଶୁଣାଣି ହୋଇ ବିଭାଗକୁ ଅନୁଧାନ ସହ ସମସ୍ୟାର ନିରାକରଣ ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହାସତ୍ତ୍ୱେ ଜଳସମ୍ପଦ ବିଭାଗ ନୀରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ମାମଲାର ଅଭିଯୋଗକାରୀ ପଚାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ପିଏଲଭି ପ୍ରଫୁଲ୍ଲ କୁମାର ଦାସ, କ୍ଷୀରୋଦ ମଲ୍ଲିକ, ଅଶୋକ ବଳ, ଦେବାଶିଷ ପଣ୍ଡା ପ୍ରମୁଖ କହିଛନ୍ତି ଯେ, ଶିଳ୍ପ ବିହୀନ କେନ୍ଦ୍ରପଡ଼ାର ଅର୍ଥନୀତି କୃଷି ଭିତ୍ତିକ। ଏହାସତ୍ତ୍ୱେ ରାଜ୍ୟ ସରକାର ଏଥିରେ ଥିବା ଜଳସେଚନ ପରି ମୁଖ୍ୟ ସମସ୍ୟାକୁ ଦୂର କରୁନାହାନ୍ତି। ପୂର୍ବରୁ ଜିଲାରେ ପ୍ରବାହିତ ବ୍ରାହ୍ମଣୀ ସହିତ ଗୋବରୀ ନଦୀର ସଂଯୋଗୀକରଣ ଥିଲା। ଏଥିରେ ନୌବାଣିଜ୍ୟ ସହିତ ଚାଷ ପାଇଁ ପାଣି ମିଳୁଥିଲା। ତେବେ ୧୯୬୦ ଦଶକରେ କଟକ- ଚାନ୍ଦବାଲି ରାସ୍ତା ନିର୍ମାଣ ସମୟରେ ପଚାମୁଣ୍ଡାଇଠାରେ ଏହାର ସଂଯୋଗୀକରଣ ପଥକୁ ବନ୍ଦ କରି ଦିଆଗଲା। ଫଳରେ ପଚାମୁଣ୍ଡାଇଠାରୁ ଗଣ୍ଡାକିଆ ପର୍ଯ୍ୟନ୍ତ ୨୦ କିଲୋମିଟର ଜଳପଥ ଶୁଖିଲା ପଡିଛି। ଏହାର ଶଯ୍ୟା ପୋତି ହେବା ଫଳରେ ନିକଟବର୍ତ୍ତୀ ଗ୍ରାମବାସୀ ନିତ୍ୟ କର୍ମଠାରୁ କ୍ଷେତକୁ ଜଳସେଚନରୁ ବାଦ ପଡ଼ିଛନ୍ତି। ପୂର୍ବରୁ ଏହି ଅଞ୍ଚଳରେ ଅର୍ଥକାରୀ ଫସଲ ଉତ୍ପାଦନ ହେଉଥିବା ବେଳେ ଏଠାରେ ଏବେ ମରୁଡି ସମସ୍ୟା ଦେଖାଦେଇଛି। ଏ ନେଇ ସ୍ଥାନୀୟ ଅଧିବାସୀ ବ୍ଲକ ଓ ଜିଲାର ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ ସହ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ ମଧ୍ୟ କରିଥିଲେ। ଏଥିରୁ ସୁଫଳ ନ ମିଳିବାରୁ କେନ୍ଦ୍ରାପଡ଼ା ଜିଲାରେ ପ୍ରବାହିତ ବ୍ରାହ୍ମଣୀ ସହିତ ଗୋବରୀ ନଦୀର ସଂଯୋଗୀକରଣ ପାଇଁ ନାଲସା (ଜାତୀୟ ଆଇନ ସେବା ପ୍ରାଧିକରଣ)ରେ ୨୦୨୧ ଫେବୃଆରୀ ୧୪ରେ ଏକ ମାମଲା ହୋଇଥିଲା। ଏହି ମାମଲାକୁ କେନ୍ଦ୍ରପଡ଼ା ଜିଲା ଆଇନସେବା ପ୍ରାଧିକରଣ (ଡିଏଲ୍‌ଏସ୍‌ଏ) ପକ୍ଷରୁ ଶୁଣାଣି କରାଯାଇ ଭିତ୍ତିଭୂମିର ତଦନ୍ତ କରିବାକୁ ଜଳ ସମ୍ପଦ ବିଭାଗକୁ ନିର୍ଦ୍ଦେଶ ହୋଇଥିଲା। ତେବେ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଅଦ୍ୟାବଧି କୌଣସି ତତ୍ପରତା ପ୍ରକାଶ ପାଉନାହିଁ। ଜଳପଥ ସଂଯୋଗୀକରଣ କାର୍ଯ୍ୟ ତ୍ୱରାନ୍ୱିତ ହେଲେ ଜଳପଥ ନିକଟ କ୍ଷେତରେ ୩ ପ୍ରକାର ଅର୍ଥକାରୀ ଫସଲ ଉତ୍ପାଦନ ହୋଇପାରିବ ବୋଲି ସେମାନେ ଆଶା ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଜଳ ସମ୍ପଦ ବିଭାଗ ନିର୍ବାହୀଯନ୍ତ୍ରୀ ଇଂ. ଉମେଶ ଚନ୍ଦ୍ର ସେଠୀଙ୍କୁ ପଚାରିବାରେ ଏନେଇ ପ୍ରାରମ୍ଭିକ ତଦନ୍ତ ହୋଇଛି। ଦୁଇ ଜଳପଥ ସଂଯୋଗୀକରଣ ହେଲେ ସ୍ଥାନୀୟ ଅଞ୍ଚଳର କୃଷି ଅର୍ଥନୀତିରେ ବିରାଟ ପରିବର୍ତ୍ତନ ଆସିବ। ଏହାକୁ ଦୃଷ୍ଟିରେ ରଖି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଅବିନାଶ


@ ବୁଲୁ


@ ଜୟସ୍ୱାଲ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କାଞ୍ଚି ଅଭିଯାନ ବେଶରେ ଦର୍ଶନ ଦେଲେ ଶ୍ରୀବଳଦେବଜୀଉ

କେନ୍ଦ୍ରାପଡ଼ା,୧୪।୨ (ଜଗନ୍ନାଥ ଧଳ)



ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବଜୀଉଙ୍କ କାଞ୍ଚି ଅଭିଯାନ ବେଶ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଶ୍ରୀଜୀଉଙ୍କ ଏହି ବେଶ ପାଇଁ ବିଭିନ୍ନ ରୀତିନୀତି ପୂର୍ବାହ୍ନରୁ ଆରମ୍ଭ ହୋଇଥିଲା । କାଞ୍ଚି ଅଭିଯାନ ବେଶରେ ଶ୍ରୀଜୀଉଙ୍କୁ ଦର୍ଶନ ପାଇଁ ଅପରାହ୍ନରୁ ରାତି ପର୍ଯ୍ୟନ୍ତ ମନ୍ଦିର ପରିସରରେ ଶ୍ରଦ୍ଧାଳୁଙ୍କ ଗହଳି ଲାଗି ରହିଥିଲା । ଏହି ଅବସରରେ ଶ୍ରୀଜୀଉ ଶୀତ ବସ୍ତ୍ର ପରିତ୍ୟାଗ କରି ଶୁକ୍ଳ ବସ୍ତ୍ର ପରିଧାନ କରିଥିଲେ । ଶ୍ରୀଜୀଉଙ୍କ ବିଜେ ପ୍ରତିମାଙ୍କ ବସନ୍ତ ବଗିଚା ଗମନ ଓ ରଥକାଠ ଅନୁକୂଳ ରୀତି ବସନ୍ତ ପଞ୍ଚମୀ ତିଥିରେ ଅନୁଷ୍ଠିତ ହୋଇଥିଲା। ପାରମ୍ପରିକ ରୀତି ଅନୁଯାୟୀ ସକାଳ ଧୂପ ବଢ଼ିଲା ପରେ ମନ୍ଦିର ଶୋଧ କରାଯାଇ ଭୋଗ ମଣ୍ଡପରେ ଶ୍ରୀଜୀଉଙ୍କ ବିଜେପ୍ରତିମା ଗୋବିନ୍ଦଜୀଉଙ୍କୁ ଏକ ଖଟୁଲିରେ ବିଜେ କରାଯାଇଥିଲା । କଳସ ସ୍ଥାପନ ପରେ ମନ୍ଦିର ପୁରୋହିତ ବିଜେ ପ୍ରତିମାଙ୍କ ଅଭିଷେକ କରାଇଥିଲେ। ଏହି ଅବସରରେ ଶ୍ରୀଜୀଉଙ୍କ ମସ୍ତକରେ ବକୁଳ ଓ ଅବିର ଲାଗି ହୋଇଥିଲା । ମଙ୍ଗଳାର୍ପଣ ପରେ ଚଣାଖଜା ଭୋଗ ଅର୍ପଣ କରାଯାଇଥିଲା । ବିଜେ ପ୍ରତିମାଙ୍କ ବସନ୍ତ ବଗିଚା ଗମନ ପରେ ମନ୍ଦିର ଶୋଧ ହୋଇ ଦ୍ୱିପହର ନୀତି ଅନୁଷ୍ଠିତ ହୋଇଥିଲା । ଅପରାହ୍ନରେ କାଞ୍ଚି କାବେରୀ ବେଶ ଅନୁଷ୍ଠିତ ହୋଇଥିଲା । ଶ୍ରୀବଳଦେବଜୀଉ, ସାନୁଜ ଶ୍ରୀଜଗନ୍ନାଥ ଧଳା ଓ କଳା ଘୋଡ଼ାରେ ବସି କାଞ୍ଚି ଅଭିଯାନରେ ବାହାରିଥିବା ବେଳେ ମଣ୍ଡପରେ ମାଣିକ ଗଉଡୁଣୀଙ୍କ ପ୍ରତିମୂର୍ତ୍ତି ଦେଖିବାକୁ ମିଳିଥିଲା । ଏହି ବେଶ ଅନ୍ୟ ମନ୍ଦିରରେ ଦେଖିବାକୁ ମିଳେ ନାହିଁ ବୋଲି ସେବାୟତ ନୃସିଂହ ପ୍ରସାଦ ପତ୍ରୀ ସୂଚନା ଦେଇଛନ୍ତି । ସନ୍ଧ୍ୟାରେ ଶ୍ରୀଜୀଉଙ୍କ ଆଗାମୀ ରଥଯାତ୍ରା ପାଇଁ ରଥ କାଠ ଅନୁକୂଳ ହୋଇଥିଲା ।

# ସମୟ ସରୁଛି, ଗହଳି ବଢୁଛି

## ଓଳାଶୁଣୀ ଗୁମ୍ଫାମେଳା

ଚଣ୍ଡିଖୋଲ,୧୪।୨ (ପ୍ରଦୀପ୍ତ କୁମାର ପୃଷ୍ଟି):

ଓଳାଶୁଣୀ ଗୁମ୍ଫାମେଳା ୯ମ ଦିନରେ ପହଞ୍ଚିଛି। ୬ ତାରିଖ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ଏହି ମେଳା ଆଉ ଦିନକ ପରେ ଶେଷ ହେବ। ତେଣୁ ସମୟ ସରି ଆସୁଥିବାରୁ ଗହଳି ବଢ଼ିବାରେ ଲାଗିଛି। ବୁଧବାର ସନ୍ଧ୍ୟାରେ ପ୍ରବଳ ଗହଳି ହୋଇଥିଲା। ସରସ୍ୱତୀ ପୂଜା ଛୁଟି ଥିବାରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଆସିଥିଲେ। ଫଳରେ ଓଳାଶୁଣୀ ପାହାଡ଼ ଶୀର୍ଷ ଦେଶରେ ଥିବା ମହାପୁରୁଷଙ୍କ ସମାଧି ମନ୍ଦିରରେ ଭକ୍ତ ଧାଡିରେ ଯାଇ ଦର୍ଶନ କରୁଥିବା ଦେଖିବାକୁ ମିଳିଥିଲା। ପାହାଡ଼ ପାଦଦେଶରୁ ଶୀର୍ଷ ଦେଶ ପର୍ଯ୍ୟନ୍ତ ଲମ୍ବିଥିବା ପାହାଚ ରାସ୍ତା ଓ ପିଚୁ ରାସ୍ତା ଜାମ୍ ହୋଇଥିଲା। ମେଳା ପଡିଆ ପରିସରରେ ଥିବା ଅସ୍ଥାୟୀ ଦୋକାନଗୁଡ଼ିକରେ ବ୍ୟବସାୟୀମାନେ ଭଲ ବ୍ୟବସାୟ କରୁଥିବା ଦେଖିବାକୁ ମିଳୁଛି। ବିଶେଷତ ଜଳଖିଆ, ଫାଷ୍ଟ ଫୁଡ, ମନୋହରୀ, ଲୁହା ଲକଡି, ପଥର ସାମଗ୍ରୀ, ପିଲାଙ୍କ ଖେଳଣା ଦୋକାନରେ ଅଧିକ ଭିଡ଼ ଜମୁଛି। ରାତି ହେଲେ ଅପେରା ପାର୍ଟିଗୁଡ଼ିକରେ ମଧ୍ୟ ଗହଳି ଲାଗୁଛି। ରାତି ଦିନ ମଧ୍ୟରେ କିଛି ଫରକ ଲାଗୁନାହିଁ।


ଓଳାଶୁଣୀ ଗୁମ୍ଫାମେଳାରେ ମହାପୁରୁଷଙ୍କ ସମାଧିପୀଠ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼।

# ରାସ୍ତା ତଳକୁ ଓଲଟିଲା କଂକ୍ରିଟ ମେଶିନ ବୋଝେଇ ଟ୍ରକ୍, ଜଣେ ମୃତ

ରଘୁନାଥପୁର, ୧୪।୨(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ଥାନା କଟକ ପାରାଦୀପ ରାସ୍ତାର ଜଗନାଥପୁର ହୁଣ୍ଡା ଶୋ'ରୁମ ନିକଟରେ ମଙ୍ଗଳବାର ରାତିରେ ପାରାଦୀପରୁ କଟକ ଅଭିମୁଖେ ଆସୁଥିବା ଏକ କଂକ୍ରିଟ ମେଶିନ ଓ ପାଇପ ବୋଝେଇ ଟ୍ରକ ରାସ୍ତା ତଳକୁ ଓଲଟି ପଡିଥିଲା। ଫଳରେ ସେଥିରେ ଥିବା ୫ ଶ୍ରମିକ ଟ୍ରକ୍ ତଳେ ଚାପି ହୋଇଯାଇଥିଲେ। ରଘୁନାଥପୁର ଥାନା ଆଇଆଇସି ସୁଶାନ୍ତ ସେଠୀ ଫୋର୍ସ ସହ ପହଞ୍ଚି ୨ଟି ହାଇଡ୍ରା ଓ ୩ଟି ଜେସିବି ଲଗାଇ ୪ ଜଣଙ୍କୁ ଉଦ୍ଧାର କରିଥିଲେ ସୁଧା ଜଣେ ବ୍ୟକ୍ତି ଟ୍ରକ୍ ତଳେ ରହି ଯାଇଥିଲେ। ତାଙ୍କୁ ଉଦ୍ଧାର ପାଇଁ ରଘୁନାଥପୁର, ବିରିଡି, ଜଗତ୍‌ସିଂହପୁର ଓ କଟକ ଫାୟାର ଫାଇଟର ଫୋର୍ସ ପହଞ୍ଚିଥିଲେ। ଶେଷରେ ଭୁବନେଶ୍ୱର ସ୍ପେଶାଲ ଫାୟାର ଫୋର୍ସ ବେଲୁନ ସାହାଯ୍ୟରେ ଟ୍ରକ୍‌କୁ ଟେକି ଚାପି ହୋଇ ରହିଥିବା ଉତ୍ତରପ୍ରଦେଶର ବିରବଲ (୨୫)ଙ୍କୁ ଉଦ୍ଧାର କରି ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ହେଲେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଆହତବ୍ୟକ୍ତି ହେଲେ ଦିଲୀପ କୁମାର, ମନୋଜ କୁମାର, ବିରବର ଝା ଓ ରାମ ବିଳାସ। ସମସ୍ତଙ୍କ ଘର ଉତ୍ତରପ୍ରଦେଶରେ ବୋଲି ଜଣାପଡିଛି। ବୁଧବାର ସକାଳ ୯ଟା ପର୍ଯ୍ୟନ୍ତ ଉଦ୍ଧାର କାର୍ଯ୍ୟ ଚାଲିଥିଲା। ଖବର ଲେଖା ହେବା ପର୍ଯ୍ୟନ୍ତ ଥାନାରେ ଅଭିଯୋଗ ହୋଇ ନ ଥିବା ଆଇଆଇସି ସେଠୀ କହିଛନ୍ତି।

# ମା' ବୀଣାପାଣିଙ୍କୁ ଆରାଧନା


ଯାଜପୁର ରୋଡର ଚୋରଦା ଗ୍ରାମରେ ମା'ଙ୍କ ମାର୍ବଲ ପ୍ରତିମା ପୂଜା ପାଉଛି।


ଜାରକାସ୍ଥିତ କଳିଙ୍ଗ କ୍ଲବରେ ମା' ସ୍ୱରସ୍ୱତୀଙ୍କୁ ପୂଜା କରାଯାଉଛି।


ସୁକିନ୍ଦା ବ୍ଲକ କାଳିଆପାଣି ଖଣି ଅଞ୍ଚଳର ଏକ ସ୍କୁଲରେ ସ୍ୱରସ୍ୱତୀଙ୍କ ପୂଜା ।


ପାଣିକୋଇଲି ଅଞ୍ଚଳରେ ମା'ବୀଣାପାଣିଙ୍କ ପୂଜା ।

PARADIP PORT AUTHORITY
MARINE DEPARTMENT
No.-MD/ACCTS/WK/R-18/2023-161 Date: 07.02.2024
e-Tender Call Notice (e-TCN)
Name of the work: Hiring of 01 No.60 ton Bollard pull Tug along with manning crew for Marine Operation at SPMs and inside Harbour at Paradip for a period of 07 (seven) years. Estimated cost put to tender: Rs.86,35,39,812/- With reference to above e-tender, revised tender document has been published in the e-procurement website with extension. Last date & time of submission of bids through on-line bidding is 15:00 Hours on Dt. 20/03/2024. Technical Bids shall be opened at 16:00 hours on Dt.21/03/2024. For details, please log on to the Website: https://eprocure.gov.in/eprocure/app.
Sd/- Deputy Conservator, Paradip Port Authority
PPA/PR/86/PR/2023-2024 dtd.14.02.2024

TPWODL
TP WESTERN ODISHA DISTRIBUTION LIMITED
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017
Corrigendum to Notice Inviting Tender (NIT)
TPWODL/SD/O/SER/051/corrigendum/001 Date: 14-02-2024
Rate Contract for SITC of DC-to-DC Converter.
The time period is hereby extended for Submission of Tender Participation Fee and Authorization Letter through e-mail till 17th Feb. 2024, 15:00Hrs, after which link from e-Tender system shall be shared. A Corrigendum to the said notice has been uploaded in our website www.tpwesternodisha.com. Prospective bidders are requested to visit the website for detailed amendment and updated tender document.
Sd /- Chief-Contracts and Stores

NALCO
National Aluminium Company Limited
(A Government of India Enterprise)
NALCO Bhawan, Plot No. P/1, Nayapalli, Bhubaneswar-751013, Odisha
(CIN : L27203OR1981GOI000920)
A NAVRATNA COMPANY
NOTICE
The Board of Directors in their meeting held on 13th February, 2024 has approved 2nd interim dividend @ Rs.2/-per share for the financial year 2023-24.
In this connection, Notice is hereby given that Friday, the 23rd February, 2024 has been fixed as 'Record Date' for payment of interim dividend for the financial year 2023-24.
Interim Dividend will be paid to those shareholders whose names appear:
a. as beneficial owners as at the end of the business hours on 23.02.2024 as per the beneficial owners position to be downloaded by NSDL and CDSL in respect of the shares held in the electronic form and
b. as members in the Register of Members of the Company, after giving effect to transmission/transposition if any, in physical form lodged with the Company on or before 23.02.2024.
Dividend income is taxable in the hands of the shareholders w.e.f. 01.04.2020 and accordingly, the Company will deduct tax at source (TDS) as per provisions under the Income Tax Act, 1961.
Information about the record date is also available on the website of the Company i.e. www.nalcoindia.com and on the websites of the Stock Exchanges i.e. www.bseindia.com and www.nseindia.com.
For National Aluminium Company Limited
Sd/-
(N. K. Mohanty)
GGM & Company Secretary
Place : Bhubaneswar
Date : 13.02.2024

ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ
ପ୍ରୋଫର୍ମା-୧୦-୦୧
ସର୍ବସାଧାରଣ ଅଧିସୂଚନା
ଏତଦ୍ୱାରା ଦକ୍ଷିଣ ପୂର୍ବ ମଧ୍ୟ ରେଳପଥର ନିମ୍ନଲିଖିତ ସେକ୍ସନରେ ସମ୍ପୂର୍ଣ୍ଣ ହୋଇଥିବା ଅଂଶର ରେଳ ଧାରଣା ଏବଂ ପରିସର ବ୍ୟବହାରକାରୀମାନଙ୍କୁ ନୋଟିସ ଦିଆଯାଉଛି ଯେ ସମ୍ପୃକ୍ତ ସେକ୍ସନ ପାଇଁ ନିର୍ଦ୍ଧାରିତ ତାରିଖରେ କିମ୍ବା ତାହା ପରେ ୨୫,୦୦୦ ଭୋଲ୍ଟ, ୫୦ ଏଚ୍‌ଜେଡ୍, ସିଙ୍ଗଲ୍ ଫେଜ୍ ଏ.ସି. ଓଭରହେଡ୍ ଟ୍ରାକ୍ସନ୍ ତାର ଏବଂ ଫିଡର ତାରରେ ବିଦ୍ୟୁତ୍ ସରବରାହ ଆରମ୍ଭ କରିଦିଆଯିବ। ସେହି ତାରିଖ ଦିନ ଓ ସେହି ତାରିଖ ପରଠାରୁ ଓଭରହେଡ୍ ଟ୍ରାକ୍ସନ ଲାଇନ୍‌କୁ ସବୁ ସମୟରେ ଜୀବନ୍ତ ବିବେଚନା କରାଯିବ ଏବଂ ଓଭରହେଡ୍ ହେଡ୍ ଲାଇନ୍ ନିକଟକୁ କୌଣସି ଅଣ-ପ୍ରାଧିକୃତ ବ୍ୟକ୍ତି ଯାଇପାରିବେ ନାହିଁ କିମ୍ବା କାମ କରିପାରିବେ ନାହିଁ।

| ସେକ୍ସନ | ଡିଭିଜନ | ତାରିଖ |
| --- | --- | --- |
| ଦ.ପୂ.ମ.ରେ. ରେଳପଥର ବୈଦ୍ୟୁତିକ ନିର୍ମାଣ ବିଭାଗ (ବିଳାସପୁର) ଦ୍ୱାରା ବିଏସ୍‌ପି-ଝାରସୁଗୁଡ଼ା ୟୁପି ମୁଖ୍ୟ (ଓ) ଜଏଣ୍ଟ ଲାଇନ୍/(୪ର୍ଥ) ଲାଇନ୍ ସେକ୍ସନ ସଂକ୍ରାନ୍ତରେ ନୂଆକରି ନିର୍ମିତ ବେଲପାହାଡ଼/ଟିଏସ୍‌ଏସ୍‌ର ଓଏଚ୍‌ଇ ଫିଡିଂ ଜୋନ୍ କାରଣରୁ ଆଇବି | (ଦ.ପୂ.ମ.ରେ.) ରେ ବିଳାସପୁର | ୧୫।୦୨।୨୦୨୪ |

-ଝାରସୁଗୁଡ଼ା ୟୁପି ମେନ୍ ଲାଇନ୍, ଅପ୍ ଆଉଟର ଲାଇନ୍, ଡିଏନ୍ ମେନ୍ ଲାଇନ୍, ଡିଏନ୍ ମେନ୍ ଲାଇନ୍ (ଓ) ଜଏଣ୍ଟ ଲାଇନ୍ ଏବଂ (ଆଇବି) ପାଇଁ ଆଇବି - ଝାରସୁଗୁଡ଼ା (ଜେଏସ୍‌ଜି) ବାଇପାସ୍ ଲାଇନ୍ ମଧ୍ୟରେ ବିଦ୍ୟମାନ ରେଲୱେ ବିଦ୍ୟୁତୀକରଣ ପ୍ରଣାଳୀର ୨୫କେଭି, ସିଙ୍ଗଲ ଫେଜ୍ ଏସି, ୫୦ ଏଚ୍‌ଜେଡ୍‌ରେ ଫିଡର୍ ତାର ସହିତ ୫ ଗୋଟି ପିଟିଏଫ୍‌ଇ ଟାଇପ୍ ନ୍ୟୁଟ୍ରା ସେକ୍ସନର ପ୍ରଚଳନ ନିମନ୍ତେ।
ଡେପୁଟି ଚିଫ୍ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ସିଓଏନ୍)
ଦ.ପୂ.ମ. ରେଳପଥ, ବିଳାସପୁର
CPR/10/431
ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ @secrail

ପୌରପାଳିକା କାର୍ଯ୍ୟାଳୟ, ଅନୁଗୋଳ
ଆମର ସଂକଳ୍ପ
୧. ହିନ୍ଦୁ ବିବାହ ଆଇନ ଅନୁଯାୟୀ ବିବାହ ପଞ୍ଜୀକରଣ କରାଇ ନିଅନ୍ତୁ।
୨. ସହରର ରାସ୍ତାଘାଟ ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ ଏବଂ ନିଜସ୍ୱ ଡଷ୍ଟବିନ୍ (dustbin)ରେ ଅଳିଆ ରଖି ପୌରପାଳିକାର ସଫେଇ କର୍ମଚାରୀଙ୍କୁ ହସ୍ତାନ୍ତର କରାନ୍ତୁ।
୩. ରାସ୍ତା ଉପରେ ଇଟା, ବାଲି, ପଥର ଇତ୍ୟାଦି ଜମାକରି ରାସ୍ତା ଅବରୋଧ କରନ୍ତୁ ନାହିଁ।
୪. ପୌରପାଳିକାର ସମସ୍ତ ପ୍ରକାର ଟିକସ ଠିକ୍ ସମୟରେ କାର୍ଯ୍ୟାଳୟରେ ପଇଠ କରନ୍ତୁ।
୫. ପୌରପାଳିକା ମଧ୍ୟରେ ବ୍ୟବସାୟ କରୁଥିବା ବ୍ୟବସାୟୀମାନେ ପୌର କାର୍ଯ୍ୟାଳୟରେ ଟ୍ରେଡ୍ ଲାଇସେନ୍ସ କରାଇବା ସଙ୍ଗେ ସଙ୍ଗେ ଲାଇସେନ୍ସ ଫି ପଇଠ କରନ୍ତୁ।
୬. ନୂତନ ଭାବରେ ନିର୍ମାଣ କରୁଥିବା ଗୃହଗୁଡ଼ିକ ଆଇନ ଅନୁଯାୟୀ ହୋଲ୍ଡିଂ ନିମନ୍ତେ ପଞ୍ଜୀକରଣ କରାଇ ନିଅନ୍ତୁ।
୭. ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଆନ୍ତର ଜିଲ୍ଲା କଳା କେନ୍ଦ୍ର ଏବଂ ପୌରପାଳିକା ଟାଉନ ହଲ୍‌ର ସୁବିଧା ନିଅନ୍ତୁ।
୮. ପଥପାର୍ଶ୍ୱ ଏଲ୍.ଇ.ଡ଼ି. ଆଲୋକ ରକ୍ଷଣାବେକ୍ଷଣ ଦାୟିତ୍ୱ ଆପଣଙ୍କର। ଏହାକୁ ଚୋରି ଏବଂ ନଷ୍ଟ କରନ୍ତୁ ନାହିଁ।
୯. ପଲିଥିନ ବ୍ୟବହାର କରନ୍ତୁ ନାହିଁ।
ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ନାୟକ (ଓ.ଏ.ଏସ୍.)
କାର୍ଯ୍ୟନିର୍ବାହୀ ଅଧିକାରୀ
ପୌରପାଳିକା, ଅନୁଗୋଳ
ଶ୍ରୀଯୁକ୍ତ ଅକ୍ଷୟ କୁମାର ସାମନ୍ତ
ନଗରପାଳ
ପୌରପାଳିକା, ଅନୁଗୋଳ

RAIN, SUN AND FIREPROOF
KONARK IS THE RIGHT ROOF
USE KONARK
AC SHEETS & ACCESSORIES
Right at the top
UAL-ODISHA
(PROP.: UAL INDUSTRIES LTD.)
(AN ISO 9001, 14001 & 45001 CERTIFIED COMPANY)
ODISHA WORKS
At/P.o. Korian, Dist-Dhenkanal-759013 (Odisha)
Mobile: 9437021312, 9437960758
E-mail: brmohanty@ualind.com
BENGAL WORKS
UAL-BENGAL
Guptamani Kultikri Road, Midnapore (West Bengal)
Phone: (03222) 202401, 202402
Fax: (03222) 257274, E-mail: ual_kgp@ualind.com
U.P. WORK
UAL-UTTAR PRADESH
At-Barmanpur, Tehsil-Kerakat, Dist: Jaunpur-222129 (U.P)
Phone: (05450) 249301, E-mail: ual_up@ualind.com
WHILE SOME PERSUE FOR EXCELLENCE
WE ARE BORN TO EXCELL.

# ଷ୍ଟ୍ରିଟ ଲାଇଟ୍ ବ୍ୟବସ୍ଥାରେ ଦୁର୍ନୀତି

■ଉଦ୍ଘାଟନର ୫ମାସ ପରେ ଜଳୁନି ଲାଇଟ୍
■ରାତିରେ ଗାଁ ଦାଣ୍ଡ ଅନ୍ଧକାର
■ଲାଇଟ୍ ସଂଯୋଗ ଦାୟିତ୍ୱରେ ଥିବା ସଂସ୍ଥା ଉଭାନ

ନୟାଗଡ଼,୧୪।୨(ଲୋକନାଥ ମିଶ୍ର)

ନୟାଗଡ଼ ଜିଲାରେ ଷ୍ଟ୍ରିଟ୍ ଲାଇଟ୍ ଲଗାଇବାରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି । ଷ୍ଟ୍ରିଟ୍ ଲାଇଟ ଲଗାଇବାର ୫ ମାସ ପରେ ବଲ୍ ଆଉ ଜଳୁନାହିଁ । ଏଣୁ ଜିଲାର ବିଭିନ୍ନ ଗାଁ ଦାଣ୍ଡ ଏବେ ଅନ୍ଧାରରେ ରହିଛି । ଲାଇଟ୍ ଲଗାଇଥିବା ସଂସ୍ଥା ଧରାଛୁଆଁ ଦେଉ ନ ଥିବାରୁ ପଞ୍ଚାୟତ କର୍ତ୍ତୃପକ୍ଷ ମଧ୍ୟ କିଛି କରି ପାରୁ ନାହାନ୍ତି । ଜିଲାର ୧୯୪ ପଞ୍ଚାୟତରେ ହୋଇଥିବା ଏହି ଦୁର୍ନୀତିର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି । ଲାଇଟ୍ ଲଗାଇଥିବା ସଂସ୍ଥା କେଉଁ କାରଣରୁ ନିମ୍ନମାନର ସାମଗ୍ରୀ ବ୍ୟବହାର କଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ଅଭିଯୋଗ ଅନୁଯାୟୀ, ଜିଲାର ଓଡ଼ଗାଁ ବ୍ଲକରେ ୩୬, ଖଣ୍ଡପଡ଼ା ବ୍ଲକରେ ୨୨, ଗଣିଆ ବ୍ଲକରେ ୮, ଦଶପଲ୍ଲା ବ୍ଲକରେ ୨୦, ନୟାଗଡ଼ ବ୍ଲକରେ ୨୯, ନୂଆଗାଁ ବ୍ଲକରେ ୨୨, ଭାପୁର ବ୍ଲକରେ ୨୦, ରଣପୁର ବ୍ଲକରେ ୩୭ ଏପରି ୧୯୪ ପଞ୍ଚାୟତ ରହିଛି । ପ୍ରତି ପଞ୍ଚାୟତରେ ୪୦ ଟି ଲେଖାଏଁ ଏପରି ୧୯୪ ପଞ୍ଚାୟତରେ ୭ ହଜାର ୭୬୦ ଷ୍ଟ୍ରିଟ୍ ଲାଇଟ ଲାଗିଥିଲା । ଷ୍ଟ୍ରିଟ୍ ଲାଇଟ ପାଇଁ ଗୋଟିଏ ପଞ୍ଚାୟତ ପିଛା ୨ ଲକ୍ଷ ୬୦ ହଜାର ଟଙ୍କା ବ୍ଲକକୁ ଦେବା ପାଇଁ କୁହାଯାଇଥିଲା । ଜିଲାର ପ୍ରତି ପଞ୍ଚାୟତକୁ ଜିଲାପାଳଙ୍କ ସ୍ୱାକ୍ଷରରେ ନିର୍ଦ୍ଦେଶନାମା ଯାଇଥିଲା । ଜିଲାର ୮ ବ୍ଲକ ତରଫରୁ ସବୁ ଟଙ୍କା ପ୍ରଦାନ କରାଯାଇଛି । ତେବେ କିଛି ପଞ୍ଚାୟତ ବ୍ଲକକୁ ଷ୍ଟ୍ରିଟ୍ ଲାଇଟ୍ ଟଙ୍କା ଦେଇ ନ ଥିବା ଅଭିଯୋଗ ଉଠିଛି । ୫ମାସରେ ଷ୍ଟ୍ରିଟ୍ ଲାଇଟ୍ ଅଚଳ ହୋଇଯିବାରୁ କିଛି ପଞ୍ଚାୟତ ଟଙ୍କା ବ୍ଲକରେ ଡିପୋଜିଟ୍ କରିବାକୁ ରାଜି ହେଉ ନାହାନ୍ତି । ଏଭଳିସ୍ଥଳେ ବ୍ଲକ୍ ଷ୍ଟ୍ରିଟ୍ ଲାଇଟ୍ ଟଙ୍କା ପାଇ ପାରୁ ନାହିଁ । ସେପଟେ ନିମ୍ନମାନର ଷ୍ଟ୍ରିଟ୍ ଲାଇଟ୍ ଯୋଗୁ ୫ମାସ ଭିତରେ ଲାଇଟ୍ ଅଚଳ ହୋଇଗଲା ବୋଲି ଅଭିଯୋଗ ହୋଇଛି ।

ଏନେଇ ନୂଆଗାଁର ସଦାଶିବ ନାୟକ କୁହନ୍ତି,ସରକାର ଲୋକଙ୍କ ଭଲ ପାଇଁ ଯୋଜନା କରୁଛନ୍ତି । ହେଲେ ଗ୍ରାଉଣ୍ଡ ଜିରୋରେ ଦୁର୍ନୀତି ଯୋଗୁ ଲୋକେ ସୁଫଳ ପାଉ ନାହାନ୍ତି । କିଛି ଦିନ ଆମ ଗାଁ ଦାଣ୍ଡ ଆଲୋକ ହେଲା । ଏବେ କିନ୍ତୁ ଅନ୍ଧାରରେ



ରହୁଛି । ପଞ୍ଚାୟତରେ ଅଭିଯୋଗ କଲେ ଅପେକ୍ଷା କର ଦେଖୁଛୁ କହୁଛନ୍ତି । ତେବେ ସୁଫଳ ମିଳୁନି । ଗୋଡିପଡ଼ାର ବସନ୍ତ ମହାନ୍ତି କୁହନ୍ତି, ଖଇରପଟିରେ ଷ୍ଟ୍ରିଟ୍ ଲାଇଟ୍ ଜଳୁ ନାହିଁ । ଷ୍ଟ୍ରିଟ୍ ଲାଇଟ୍ ଲଗାଇଥିବା ସଂସ୍ଥାର ଟେର ମିଳୁନି । ଏଭଳିସ୍ଥଳେ ସାଧାରଣ ଲୋକ ହଇରାଣ ହେଉଛନ୍ତି । ଓଡ଼ଗାଁ ବ୍ଲକ୍ ଚେୟାରମ୍ୟାନ ଲୋକନାଥ ସାହୁ କୁହନ୍ତି, ମଙ୍ଗଳବାର ନୟାଗଡ଼ ନିର୍ବାଚନମଣ୍ଡଳୀର ସମୀକ୍ଷା ବୈଠକରେ ଷ୍ଟ୍ରିଟ୍ ଲାଇଟ୍ ଜଳୁନାହିଁ ଖବର ପାଇ ମୁଁ ଆଲୋଚନା କରିଥିଲି । ଏନେଇ ନୟାଗଡ଼ ବିଧାୟକ ଓ ଜିଲାପାଳ ଏହାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି । ଜିଲାପାଳ ସ୍ୱଧାଦେବ ସିଂ କୁହନ୍ତି, ଷ୍ଟ୍ରିଟ୍ ଲାଇଟ୍ ମରାମତି ପାଇଁ ଯେଉଁ ଅର୍ଥ ରହିଛି ସେହି ଅର୍ଥରେ ଷ୍ଟ୍ରିଟ୍ ଲାଇଟ୍ ଲଗାଯିବ । ଏନେଇ ଅଭିଯୋଗ ମିଳିବା ପରେ ପଦକ୍ଷେପ ନିଆଯାଉଛି ବୋଲି ସେ ସ୍ୱୀକାର କରିଛନ୍ତି । ନୟାଗଡ଼ ବିଧାୟକ ଅରୁଣ ସାହୁ କୁହନ୍ତି, ଲୋକେ କିପରି ହଇରାଣ ନ ହେବେ ସେଥିପ୍ରତି ଦୃଷ୍ଟି ଦିଆଯିବ । ଜିଲାପାଳ ଷ୍ଟ୍ରିଟ୍ ଲାଇଟ୍ ସମସ୍ୟାର ସମାଧାନ କରିବେ ବୋଲି କହିଛନ୍ତି । ନୟାଗଡ଼ ନିର୍ବାଚନମଣ୍ଡଳୀର ସମୀକ୍ଷା ବୈଠକରେ ଷ୍ଟ୍ରିଟ୍ ଲାଇଟ୍ ଲାଗିବାର ୫ମାସ ମଧ୍ୟରେ ଜଳୁନି ବୋଲି ଅଭିଯୋଗ ହୋଇଥିଲା ବୋଲି ସେ କହିଛନ୍ତି । କଂଗ୍ରେସ ନେତା ରଣଜିତ ଦାଶ କୁହନ୍ତି, ଷ୍ଟ୍ରିଟ୍ ଲାଇଟ୍ ବ୍ୟବସ୍ଥାରେ ହୋଇଥିବା ଦୁର୍ନୀତିର ତଦନ୍ତ ନିହାତି ଦରକାର । ସରକାରୀ ଟଙ୍କାକୁ ହଡପ କରାଯାଇଥିବାରୁ ଏହାର ତଦନ୍ତ କରା ନ ଗଲେ ଅନ୍ୟ ସଂସ୍ଥା ମଧ୍ୟ ଏପରି ନୀତି ଆପଣେଇବେ । ଗାଁ ଦାଣ୍ଡ ଆଲୋକିତ ହେବାର ବ୍ୟବସ୍ଥା ତୁରନ୍ତ ହେଉ । ଏଥି ସହିତ ଦୁର୍ନୀତକୁ ଅଣଦେଖା କରା ନ ଯାଉ ।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଅବିନାଶ



@ ବୁଲୁ



@ ଜୟସ୍ୱାଲ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବସନ୍ତ ପଞ୍ଚମୀ ପାଇଁ ରଣପୁର ଉତ୍ସବମୁଖର



ରଣପୁର,୧୪।୨(ସୁକାନ୍ତ କିଶୋର ଡାକୁଆ)

ବୁଧବାର ବସନ୍ତ ପଞ୍ଚମୀ ଅବସରରେ ମା' ବାଗଦେବୀଙ୍କ ପୂଜା ବିଭିନ୍ନ ଶିକ୍ଷାନୁଷ୍ଠାନରେ ଅନୁଷ୍ଠିତ ହୋଇଯାଇଛି । ଏଥିପାଇଁ ଗାଁ ଠୁ ସହର ଉତ୍ସବ ମୁଖର ହୋଇ ଉଠିଥିଲା । ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ,ଶିକ୍ଷକମାନଙ୍କ ସହଯୋଗରେ ବାଗ୍‌ଦେବୀଙ୍କ ପୂଜା ଅନୁଷ୍ଠିତ ହୋଇଥିଲା । ବଜ୍ରକୋଟ ପ୍ରାଥମିକ ବିଦ୍ୟାଳୟରେ ସରସ୍ୱତୀଙ୍କ ପୂଜା ପାଳିତ ହୋଇଥିଲା । ପ୍ରଧାନ ଶିକ୍ଷକ ସୁଶୀଲ କୁମାର ରଣାଙ୍କ ନେତୃତ୍ୱରେ ଆୟୋଜିତ ପୂଜାରେ ସହକାରୀ ଶିକ୍ଷୟିତ୍ରୀ ପଦ୍ମାବତୀ ବେହେରା, ଅଙ୍ଗନୱାଡି କର୍ମୀ ପୁଷ୍ପମଞ୍ଜରୀ ଦେଇ, କାନନବାଳା ସାହୁଙ୍କ ସମେତ ପରିଚାଳନା କମିଟି ଓ ଗ୍ରାମବାସୀ ସହଯୋଗ କରିଥିଲେ । ବିଦ୍ୟାଳୟର କୁନିକୁନି ପିଲାମାନେ ମା'ସରସ୍ୱତୀଙ୍କ ମେଢ଼ ସଜାଇ ଥିଲେ । ରଣପୁର ବିଜ୍ଞାପିତ ଅଞ୍ଚଳରେ ଥିବା ବୀଣାପାଣି କ୍ଲବ ପକ୍ଷରୁ ୨୫ତମ ବାର୍ଷିକ ପୂଜା ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ କ୍ଲବର ସଦସ୍ୟମାନଙ୍କ ଦ୍ୱାରା ବିଦ୍ୟାଦାତ୍ରୀ ମା' ସରସ୍ୱତୀଙ୍କ ପୂଜାମଣ୍ଡପକୁ ଅତି ଆକର୍ଷଣୀୟ ଭାବେ ସଜା ଯାଇଥିଲା । ଏହି ମେଢ଼କୁ ଦେଖିବା ପାଇଁ ବହୁ ଲୋକଙ୍କ ଭିଡ଼ ଲାଗିଥିଲା । ଏହି ଅବସରରେ ଆସନ୍ତା ୧୫ରୁ ୧୮ ତାରିଖ ପର୍ଯ୍ୟନ୍ତ ପ୍ରତିଦିନ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ ବୋଲି ସୂଚନା ମିଳିଛି ।

## ନୂଆ-ଓ ଯୋଜନାରେ ରାଜ୍ୟସ୍ତରୀୟ କ୍ରିକେଟ

# ନୟାଗଡ଼ ଜିଲା ରନର୍ସ ଅପ୍




ନୟାଗଡ଼ ଟିମ୍‌କୁ ୧ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଉଛି।

ନୟାଗଡ଼,୧୪।୨(ଲୋକନାଥ ମିଶ୍ର):ପୁରୀର ଶୀଜଗନ୍ନାଥ କ୍ରିକେଟ ଷ୍ଟାଡିୟମରେ ନୂଆ-ଓ ଯୋଜନାରେ ଚାଲିଥିବା ରାଜ୍ୟସ୍ତରୀୟ କ୍ରିକେଟ ମ୍ୟାଚରେ ନୟାଗଡ଼ ଜିଲା କ୍ରିକେଟ ଦଳ ରନର୍ସ ଅପ୍ ହୋଇଛି । ଏଥିପାଇଁ ଏହି ଦଳକୁ ୧ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଛି । ଗତ ୬ରୁ ୧୩ ତାରିଖ ପର୍ଯ୍ୟନ୍ତ ଏହି କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଫାଇନାଲ ମ୍ୟାଚ ନୟାଗଡ଼ ଓ କେନ୍ଦ୍ରପଡ଼ା ଜିଲା ମଧ୍ୟରେ ହୋଇଥିଲା । କେନ୍ଦ୍ରାପଡା ବିଜୟୀ ହୋଇଥିଲା ।

## ଆର୍‌ସିଏଫ୍‌ଙ୍କ ନୟାଗଡ଼ ଗସ୍ତ

ନୟାଗଡ଼,୧୪।୨(ଲୋକନାଥ ମିଶ୍ର):ରିଜିଓନାଲ ଚିଫ୍ କଞ୍ଜରଭେଟର ଅଫ୍ ଫରେଷ୍ଟ(ଆରସିସିଏଫ୍) ସଞ୍ଜିତ କୁମାର ବୁଧବାର ଏକ ଦିନିଆ ନୟାଗଡ଼ ଗସ୍ତରେ ଆସି ଖଣ୍ଡପଡ଼ା ଓ ଗଣିଆ ରେଞ୍ଜର ବନବିଭାଗର ରାସ୍ତାକୁ ଅନୁଧାନ କରିଛନ୍ତି । ସେହିପରି ବାଉଁଶ ଅପରେଶନ କାର୍ଯ୍ୟ ଓ ନର୍ସରୀକୁ ଅନୁଧାନ କରିବା ସହିତ ସମସ୍ତ କାର୍ଯ୍ୟର ସମୀକ୍ଷା କରି ଫେରିଛନ୍ତି ।

PARADIP PORT AUTHORITY
MARINE DEPARTMENT
No.-MD/ACCTS/WK/R-18/2023-161 Date: 07.02.2024
e-Tender Call Notice (e-TCN)
Name of the work: Hiring of 01 No.60 ton Bollard pull Tug along with manning crew for Marine Operation at SPMs and inside Harbour at Paradip for a period of 07 (seven) years. Estimated cost put to tender: Rs.86,35,39,812/- With reference to above e-tender, revised tender document has been published in the e-procurement website with extension. Last date & time of submission of bids through on-line bidding is 15:00 Hours on Dt. 20/03/2024. Technical Bids shall be opened at 16:00 hours on Dt.21/03/2024. For details, please log on to the Website: https://eprocure.gov.in/eprocure/app.
Sd/- Deputy Conservator, Paradip Port Authority
PPA/PR/86/PR/2023-2024 dtd.14.02.2024

# ଚଢ଼ୟାପଲ୍ଲୀରେ ନୂତନ ଡାକଘର ଉଦ୍‌ଘାଟିତ

ଶରଣକୁଳ,୧୪।୨(ଦୀପକ କର)

ଶରଣକୁଳ ନିକଟସ୍ଥ ଗୋଡ଼ିପଲ୍ଲୀ ପଞ୍ଚାୟତର ଚଢ଼ୟାପଲ୍ଲୀ ଗ୍ରାମରେ ଏକ ନୂତନ ଡାକଘର ଉଦ୍‌ଘାଟିତ ହୋଇ ଯାଇଛି। ପୂର୍ବରୁ ଏହି ଗ୍ରାମ ପଞ୍ଚିରିଡ଼ା ଡାକଘର ଅଧୀନରେ ରହିଥିଲା। ପଞ୍ଚିରିଡ଼ାଠାରୁ ଚଢ଼ୟାପଲ୍ଲୀ ପ୍ରାୟ ୨ କି.ମି. ଦୂରରେ ରହିଥିବା ବେଳେ ମଝିରେ କୁସୁମୀ ନଦୀ ବାଟ ଓଗାଳୁଥିଲା। ଲୋକମାନଙ୍କ ସୁବିଧା ପାଇଁ ପୂର୍ବତନ ମନ୍ତ୍ରୀ ସୁରମା ପାଢ଼ୀ ଏବଂ ଭାଜପାର ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ରଙ୍କ ଉଦ୍ୟମରେ ଡାକଘରଟି ଉକ୍ତ ଗ୍ରାମରେ ଆରମ୍ଭ ହୋଇଛି । ଉଦଘାଟନ ସଭାରେ ମୁଖ୍ୟ ଅତିଥି ଭାବେ ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର ଓ ମୁଖ୍ୟବକ୍ତା ଭାବେ ପୂର୍ବତନ ମନ୍ତ୍ରୀ ସୁରମା ପାଢ଼ୀ ଯୋଗ ଦେଇ କେନ୍ଦ୍ର ସରକାରଙ୍କ ଦ୍ୱାରା ଓଡ଼ିଶା ପାଇଁ କରାଯାଇଥିବା ବିଭିନ୍ନ ଲୋକହିତକର କାର୍ଯ୍ୟର ବିବରଣୀ ପ୍ରଦାନ



ଡାକଘରକୁ ଭାଜପାର ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର ଓ ପୂର୍ବତନ ମନ୍ତ୍ରୀ ସୁରମା ପାଢ଼ୀ ଉଦ୍‌ଘାଟନ କରୁଛନ୍ତି।

କରିଥିଲେ। ଏହି ସଭାରେ ନୟାଗଡ଼ ପୋଷ୍ଟାଲ ସୁପରିଟେଣ୍ଡେଣ୍ଟ ଖଗେଶ୍ୱର ମଲିକ, ଗୋଡ଼ିପଲ୍ଲୀ ସରପଞ୍ଚ ଶିବାନୀ ସାହୁ, ଶିଖରପୁର ସରପଞ୍ଚ ସନ୍ୟାସୀ ପ୍ରଧାନ, ପୂର୍ବତନ ସରପଞ୍ଚ ଲିଙ୍ଗରାଜ ପାତ୍ର, ଗଙ୍ଗାଧର ପ୍ରଧାନ, ଧନେଶ୍ୱର ପ୍ରଧାନ ଓ ବହୁ ଗ୍ରାମବାସୀ ଏଥିରେ ଯୋଗ ଦେଇଥିଲେ। ବର୍ତ୍ତମାନ ଡାକଘରଟି ପଞ୍ଚାୟତ ଗୃହରେ କାର୍ଯ୍ୟ କରିବ ବୋଲି ସୂଚନା ମିଳିଛି ।

TPWODL
TP WESTERN ODISHA DISTRIBUTION LIMITED
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017
Corrigendum to Notice Inviting Tender (NIT)
TPWODL/SD/O/SER/051/corrigendum/001 Date: 14-02-2024
Rate Contract for SITC of DC-to-DC Converter.
The time period is hereby extended for Submission of Tender Participation Fee and Authorization Letter through e-mail till 17th Feb. 2024, 15:00Hrs, after which link from e-Tender system shall be shared. A Corrigendum to the said notice has been uploaded in our website www.tpwesternodisha.com. Prospective bidders are requested to visit the website for detailed amendment and updated tender document.
Sd /- Chief-Contracts and Stores

ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ
ସର୍ବସାଧାରଣ ଅଧିସୂଚନା
ପ୍ରୋଫର୍ମା-୧୦-୦୧
ଏତଦ୍ୱାରା ଦକ୍ଷିଣ ପୂର୍ବ ମଧ୍ୟ ରେଳପଥର ନିମ୍ନଲିଖିତ ସେକ୍ସନରେ ସମ୍ପୂର୍ଣ୍ଣ ହୋଇଥିବା ଅଂଶର ରେଳ ଧାରଣା ଏବଂ ପରିସର ବ୍ୟବହାରକାରୀମାନଙ୍କୁ ନୋଟିସ ଦିଆଯାଉଛି ଯେ ସମ୍ପୃକ୍ତ ସେକ୍ସନ ପାଇଁ ନିର୍ଦ୍ଧାରିତ ତାରିଖରେ କିମ୍ବା ତାହା ପରେ ୨୫,୦୦୦ ଭୋଲ୍ଟ, ୫୦ ଏଚ୍‌ଜେଡ୍, ସିଙ୍ଗଲ୍ ଫେଜ୍ ଏ.ସି. ଓଭରହେଡ୍ ଟ୍ରାକ୍ସନ ତାର ଏବଂ ଫିଡର ତାରରେ ବିଦ୍ୟୁତ୍ ସରବରାହ ଆରମ୍ଭ କରିଦିଆଯିବ। ସେହି ତାରିଖ ଦିନ ଓ ସେହି ତାରିଖ ପରଠାରୁ ଓଭରହେଡ୍ ଟ୍ରାକ୍ସନ ଲାଇନ୍‌କୁ ସବୁ ସମୟରେ ଜୀବନ୍ତ ବିବେଚନା କରାଯିବ ଏବଂ ଓଭରହେଡ୍ ହେଡ୍ ଲାଇନ୍ ନିକଟକୁ କୌଣସି ଅଣ-ପ୍ରାଧିକୃତ ବ୍ୟକ୍ତି ଯାଇପାରିବେ ନାହିଁ କିମ୍ବା କାମ କରିପାରିବେ ନାହିଁ।

| ସେକ୍ସନ | ଡିଭିଜନ | ତାରିଖ |
| --- | --- | --- |
| ଦ.ପୂ.ମ.ରେ. ରେଳପଥର ବୈଦ୍ୟୁତିକ ନିର୍ମାଣ ବିଭାଗ (ବିଳାସପୁର) ଦ୍ୱାରା ବିଏସ୍‌ପି-ଝାରସୁଗୁଡ଼ା ୟୁପି ମୁଖ୍ୟ (ଓ) ଜଏଣ୍ଟ ଲାଇନ୍/(୪ର୍ଥ) ଲାଇନ୍ ସେକ୍ସନ ସଂକ୍ରାନ୍ତରେ ନୂଆକରି ନିର୍ମିତ ବେଲପାହାଡ଼/ଟିଏସ୍‌ଏସ୍‌ର ଓଏଚ୍‌ଇ ଫିଡିଂ ଜୋନ୍ କାରଣରୁ ଆଇବି -ଝାରସୁଗୁଡ଼ା ୟୁପି ମେନ୍ ଲାଇନ୍, ଅପ୍ ଆଉଟର ଲାଇନ୍, ଡିଏନ୍ ମେନ୍ ଲାଇନ୍, ଡିଏନ୍ ମେନ୍ ଲାଇନ୍ (ଓ) ଜଏଣ୍ଟ ଲାଇନ୍ ଏବଂ (ଆଇବି) ପାଇଁ ଆଇବି - ଝାରସୁଗୁଡ଼ା (ଜେଏସ୍‌ଜି) ବାଇପାସ୍ ଲାଇନ୍ ମଧ୍ୟରେ ବିଦ୍ୟମାନ ରେଲ୍‌ୱେ ବିଦ୍ୟୁତୀକରଣ ପ୍ରଣାଳୀର ୨୫କେଭି, ସିଙ୍ଗଲ ଫେଜ୍ ଏସି, ୫୦ ଏଚ୍‌ଜେଡ୍‌ରେ ଫିଡର୍ ତାର ସହିତ ୫ ଗୋଟି ପିଟିଏଫ୍‌ଇ ଟାଇପ୍ ନ୍ୟୁଟ୍ରା ସେକ୍ସନର ପ୍ରଚଳନ ନିମନ୍ତେ। | (ଦ.ପୂ.ମ.ରେ.) ରେ ବିଳାସପୁର | ୧୫।୦୨।୨୦୨୪ |

ଡେପୁଟି ଚିଫ୍ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ସିଓଏନ୍)
ଦ.ପୂ.ମ. ରେଳପଥ, ବିଳାସପୁର
CPR/10/431
ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ @secrail

NALCO
National Aluminium Company Limited
(A Government of India Enterprise)
NALCO Bhawan, Plot No. P/1, Nayapalli, Bhubaneswar-751013, Odisha
(CIN : L27203OR1981GOI000920)
A NAVRATNA COMPANY
NOTICE
The Board of Directors in their meeting held on 13th February, 2024 has approved 2nd interim dividend @ Rs.2/-per share for the financial year 2023-24.
In this connection, Notice is hereby given that Friday, the 23rd February, 2024 has been fixed as 'Record Date' for payment of interim dividend for the financial year 2023-24.
Interim Dividend will be paid to those shareholders whose names appear:
a. as beneficial owners as at the end of the business hours on 23.02.2024 as per the beneficial owners position to be downloaded by NSDL and CDSL in respect of the shares held in the electronic form and
b. as members in the Register of Members of the Company, after giving effect to transmission/transposition if any, in physical form lodged with the Company on or before 23.02.2024.
Dividend income is taxable in the hands of the shareholders w.e.f. 01.04.2020 and accordingly, the Company will deduct tax at source (TDS) as per provisions under the Income Tax Act, 1961.
Information about the record date is also available on the website of the Company i.e. www.nalcoindia.com and on the websites of the Stock Exchanges i.e. www.bseindia.com and www.nseindia.com.
For National Aluminium Company Limited
Sd/-
(N. K. Mohanty)
GGM & Company Secretary
Place : Bhubaneswar
Date : 13.02.2024

# ଶ୍ରୀରଘୁନାଥଜୀଉଙ୍କ ଓଢଣ ଓଲାଗୀ ବେଶ

ଓଡ଼ଗାଁ,୧୪।୨(ଆଦର୍ଶ କୁମାର ପଟ୍ଟନାୟକ )

ସ୍ୱର୍ଣ୍ଣକଳସୀ କ୍ଷେତ୍ର ଓଡ଼ଗାଁ ବିଜେ ଶ୍ରୀଶ୍ରୀ ରଘୁନାଥଙ୍କ ଜୀଉଙ୍କ ପ୍ରତ୍ୟେକ ଲୀଳା ମାନବଧର୍ମୀ ହୋଇଥିବା ବେଳେ ଋତୁଚକ୍ରର ପରିବର୍ତ୍ତନ ଅନୁସାରେ ପ୍ରଭୁଙ୍କର ବେଶଭୁଷା ସହିତ ଅନ୍ୟ ନୀତିରେ ମଧ ପରିବର୍ତ୍ତନ ଦେଖିବାକୁ ମିଳିଥାଏ । ମାର୍ଗଶୀର ଓଢଣଷଷ୍ଠୀ ତଥା ପ୍ରାବରଣ ତିଥିଠାରୁ ମାଘଶୁକ୍ଳ ବରଦା ଚତୁର୍ଥୀ ୨ମାସ ଧରି ଶ୍ରୀଜୀଉମାନେ ଶରୀରର ଉଷ୍ମତା ପାଇଁ ମୁଖମଣ୍ଡଳକୁ ଛାଡି ସର୍ବାଙ୍ଗରେ ଶୀତବସ୍ତ୍ର ପରିଧାନ କରିଥିଲେ। ବସନ୍ତ ପଞ୍ଚମୀଠାରୁ ବସନ୍ତ ଋତୁର ଆଗମନରେ ଶୀତର ପ୍ରକୋପ କମିଯିବାରୁ ବୁଧବାର ଶ୍ରୀଜୀଉମାନଙ୍କ ଓଢଣ ଓଲାଗୀ ଅର୍ଥାତ୍ ଶ୍ରଦ୍ଧାଳୁମାନେ ଶ୍ରୀଜିଉଙ୍କ ପୂର୍ଣ୍ଣାଙ୍ଗ ରୁପକୁ ଦର୍ଶନ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ। ବୁଧବାର ବସନ୍ତ ପଞ୍ଚମୀ ନୀତି ଅନୁସାରେ ଖେଚୁଡି ଧୂପପରେ ମଧାହ୍ନରେ ଶ୍ରୀଜୀଉଙ୍କ ଆଜ୍ଞାମାଳ ପାଇ ରତ୍ନବେଦୀରେ ଆଳତୀପରେ ମଣି ବିମାନରେ ବିଜେକରି



ବସନ୍ତପଞ୍ଚମୀ ନୀତି ମଣ୍ଡପକୁ ବିଜେ ହୋଇଥିଲେ। ଦୋଳି ଖଟୁଲିରେ ଶ୍ରୀଜୀଉମାନେ ଅବସ୍ଥାନ କରିବାପରେ ପଞ୍ଚ ଉପଚାରରେ ଶ୍ରୀଜୀଉଙ୍କ ଶ୍ରୀପଞ୍ଚମୀ ବନ୍ଦାପନା କରାଯାଇଥିଲା । ରାତି ୮ବେଳେ ପୁନଃ ମଣି ବିମାନରେ ବିଜେକରି ନଗର ପରିକ୍ରମା କରିବା ସମୟରେ ଚାଚେରୀ ଭୋଗ ନୈବେଦ୍ୟ ପାଇ ମନ୍ଦିର ପ୍ରବେଶ କରିଥିଲେ । ଚତୁଃଶମ, ଗୀତଗୋବିନ୍ଦ ଓ ବଡସିଂହାର ନୀତି କରାଯାଇ ରାତ୍ର ୧୦ଟାରେ ପହୁଡ଼ ପଡିଥିଲା। ମନ୍ଦିର ବେଢାରେ ପାର୍ଶ୍ୱଦେବାଦେବୀ ରୁପେ ପୂଜିତ ମା' ସରସ୍ୱତୀଙ୍କର ପୂର୍ବାହ୍ନ ୧୧ଟା ସମୟରେ ସ୍ୱତନ୍ତ୍ର ରାଜଭୋଗ ଓ ଆଳତୀ ଅର୍ପଣ କରାଯାଇଥିଲା। ପାଳିଆପଣ୍ଡା ବେଣୁଧର ନନ୍ଦ,ପରିଚ୍ଛା ହରିବନ୍ଧୁ ଷଡ଼ଙ୍ଗୀ ଓ ପୂଜକ ପରିଷଦର ସମସ୍ତ କର୍ମକର୍ତ୍ତା, ମନ୍ଦିର ପରିଚାଳକ ଜିତେନ୍ଦ୍ର କୁମାର ମିଶ୍ର ଶୃଙ୍ଖଳାର ସହିତ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ପୌରପାଳିକା କାର୍ଯ୍ୟାଳୟ, ଅନୁଗୋଳ
ANGUL MUNICIPALITY
ଆମର ସଂକଳ୍ପ
୧. ହିନ୍ଦୁ ବିବାହ ଆଇନ ଅନୁଯାୟୀ ବିବାହ ପଞ୍ଜୀକରଣ କରାଇ ନିଅନ୍ତୁ।
୨. ସହରର ରାସ୍ତାଘାଟ ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ ଏବଂ ନିଜସ୍ୱ ଡଷ୍ଟବିନ୍ (dustbin)ରେ ଅଳିଆ ରଖି ପୌରପାଳିକାର ସଫେଇ କର୍ମଚାରୀଙ୍କୁ ହସ୍ତାନ୍ତର କରାନ୍ତୁ।
୩. ରାସ୍ତା ଉପରେ ଇଟା, ବାଲି, ପଥର ଇତ୍ୟାଦି ଜମାକରି ରାସ୍ତା ଅବରୋଧ କରନ୍ତୁ ନାହିଁ।
୪. ପୌରପାଳିକାର ସମସ୍ତ ପ୍ରକାର ଟିକସ ଠିକ୍ ସମୟରେ କାର୍ଯ୍ୟାଳୟରେ ପଇଠ କରନ୍ତୁ।
୫. ପୌରପାଳିକା ମଧରେ ବ୍ୟବସାୟ କରୁଥିବା ବ୍ୟବସାୟୀମାନେ ପୌର କାର୍ଯ୍ୟାଳୟରେ ଟ୍ରେଡ୍ ଲାଇସେନ୍ସ କରାଇବା ସଙ୍ଗେ ସଙ୍ଗେ ଲାଇସେନ୍ସ ଫି ପଇଠ କରନ୍ତୁ।
୬. ନୂତନ ଭାବରେ ନିର୍ମାଣ କରୁଥିବା ଗୃହଗୁଡ଼ିକ ଆଇନ ଅନୁଯାୟୀ ହୋଲ୍‌ଡ଼ିଂ ନିମନ୍ତେ ପଞ୍ଜୀକରଣ କରାଇ ନିଅନ୍ତୁ।
୭. ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଆମ୍ଭର ଜିଲ୍ଲା କଳା କେନ୍ଦ୍ର ଏବଂ ପୌରପାଳିକା ଟାଉନ ହଲ୍‌ର ସୁବିଧା ନିଅନ୍ତୁ।
୮. ପଥପାର୍ଶ୍ୱ ଏଲ୍.ଇ.ଡ଼ି. ଆଲୋକ ରକ୍ଷଣାବେକ୍ଷଣ ଦାୟିତ୍ୱ ଆପଣଙ୍କର। ଏହାକୁ ଚୋରି ଏବଂ ନଷ୍ଟ କରନ୍ତୁ ନାହିଁ।
୯. ପଲିଥିନ ବ୍ୟବହାର କରନ୍ତୁ ନାହିଁ।
ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ନାୟକ (ଓ.ଏ.ଏସ୍.)
କାର୍ଯ୍ୟନିର୍ବାହୀ ଅଧିକାରୀ
ପୌରପାଳିକା, ଅନୁଗୋଳ
ଶ୍ରୀଯୁକ୍ତ ଅକ୍ଷୟ କୁମାର ସାମନ୍ତ
ନଗରପାଳ
ପୌରପାଳିକା, ଅନୁଗୋଳ

RAIN, SUN AND FIREPROOF
KONARK IS THE RIGHT ROOF
KONARK
Right at the top
USE
KONARK
AC SHEETS & ACCESSORIES
UAL-ODISHA
(PROP.: UAL INDUSTRIES LTD.)
(AN ISO 9001, 14001 & 45001 CERTIFIED COMPANY)
ODISHA WORKS
At/P.o. Korian, Dist-Dhenkanal-759013 (Odisha)
Mobile: 9437021312, 9437960758
E-mail: brmohanty@ualind.com
BENGAL WORKS
UAL-BENGAL
Guptamani Kultikri Road, Midnapore (West Bengal)
Phone: (03222) 202401, 202402
Fax: (03222) 257274, E-mail: ual_kgp@ualind.com
U.P. WORK
UAL-UTTAR PRADESH
At-Barmanpur, Tehsil-Kerakat, Dist: Jaunpur-222129 (U.P)
Phone: (05450) 249301, E-mail: ual_up@ualind.com
WHILE SOME PERSUE FOR EXCELLENCE
WE ARE BORN TO EXCELL.

# ବିଦ୍ୟାଳୟରେ ବାଗ୍‌ଦେବୀଙ୍କୁ ଆରାଧନା



**ଢେଙ୍କାନାଳ,୧୪।୨(ରତନ ନାୟାର)** ଢେଙ୍କାନାଳ ସହରରେ ଶତାୟୁ ଶିକ୍ଷାନୁଷ୍ଠାନ ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଦାତ୍ରୀ ମା' ସରସ୍ୱତୀଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମା' ସରସ୍ୱତୀଙ୍କ ଯଥାବିଧି ହୋମଯଜ୍ଞ, ପୂଜାର୍ଚ୍ଚନା, ଆଳତି, ନୈବେଦ୍ୟ ଅର୍ପଣ, ଶ୍ଳୋକାବୃତି ଓ ପୁଷ୍ପାଞ୍ଜଳି ପ୍ରଦାନ କରାଯାଇଥିଲା। ଛାତ୍ରୀଛାତ୍ରମାନେ ମା'ଙ୍କ ପୂଜାର୍ଚ୍ଚନା କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ବ୍ରହ୍ମୋତ୍ରୀ ବିଶ୍ୱାଳ, ବରିଷ୍ଠ ଶିକ୍ଷକ ଦେବୀ ପ୍ରସାଦ ମିଶ୍ରଙ୍କ ସମେତ ଶିକ୍ଷକ କିଶୋର ଚନ୍ଦ୍ର ସାମଲ, ଦୀପ୍ତିଶ କୁମାର ଶତପଥୀ, ଧାନଚାନ୍ଦ ମିଶ୍ର, ପରିଚାଳନା କମିଟି ସଭାପତି ସାରଙ୍ଗଧର ସାହୁ, ଉପସଭାପତି ସୁପ୍ରଭା ସ୍ୱାଇଁ, ସଦସ୍ୟା ଝରଣା ପାତ୍ର, ମୀନା ନାୟକ, ସୀମାରାଣୀ ସାହୁ, ପ୍ରଭାସିନୀ ସାହୁ, ବିଜୟଲକ୍ଷ୍ମୀ ଜେନା, ଲକ୍ଷ୍ମୀକାନ୍ତ ଜେନା, ଦିଲାବର ହୁସେନ, ବିରଞ୍ଚି ନାୟକଙ୍କ ସମେତ ପୂର୍ବତନ ଶିକ୍ଷକ ସଚ୍ଚିଦାନନ୍ଦ ତ୍ରିପାଠୀ, ସୁବାସ କୁମାର ନନ୍ଦ, ଅଶୋକ କୁମାର ଦାସ, କ୍ରୀଡ଼ା ଘୋଷକ ଅମୀୟ କୁମାର ଚାନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# ଆମୋଦିତ ହେଉଛନ୍ତି ଆଗନ୍ତୁକ

**ଆ' ବୋଲି ଡାକିଲେ ଆସୁଛି ରାକେଶ। ଶୁଣ୍ଢ ଟେକି ଆଶୀର୍ବାଦ କରୁଛି ହାତୀ ଚନ୍ଦ୍ରା ପାଖକୁ ଆସି ପର୍ଯ୍ୟଟକଙ୍କ ହାତରୁ ଚାରା ଖାଉଛନ୍ତି ପଲ ପଲ ହରିଣ। ୪୫ ବର୍ଷରେ ପଦାର୍ପଣ କରିଥିବା କପିଳାସ ପ୍ରାଣୀ ଉଦ୍ୟାନର ଏପରି ଦୃଶ୍ୟ ବେଶ୍ ଆମୋଦିତ କରୁଛି ଆଗନ୍ତୁକଙ୍କୁ।**

ଢେଙ୍କାନାଳ ଜିଲାର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ କପିଳାସରେ ଥିବା ପ୍ରାଣୀ ଉଦ୍ୟାନ ୪୫ ବର୍ଷରେ ପଦାର୍ପଣ କରିଛି। ୧୯୭୯ ମସିହା ଜାନୁଆରୀ ୨୬ରେ ସବୁଜିମାମୟ କପିଳାସର ପାଦ ଦେଶରେ ୫ ହେକ୍ଟର ଜାଗାରେ ଡିଅର ପାର୍କରୁ ଏହି ପ୍ରାଣୀ ଉଦ୍ୟାନ ଆରମ୍ଭ ହୋଇଥିଲା। ଏହାପରେ ଦେବୋତ୍ତର ବିଭାଗ ଏବଂ କପିଳାସ ସଂରକ୍ଷିତ ଜଙ୍ଗଲର କିଛି ଅଞ୍ଚଳକୁ ନେଇ ୨୬.୭୪ ହେକ୍ଟରକୁ ଏହା ସମ୍ପ୍ରସାରିତ ହୋଇଥିଲା। ୧ ଏପ୍ରିଲ ୧୯୮୬ରେ ଏହା ମିନି ଜୁ ଭାବେ ମାନ୍ୟତା ପାଇଥିଲା। ଏହି ପ୍ରାଣୀ ଉଦ୍ୟାନରେ ୨୪୭ଟି ଜୀବଜନ୍ତୁ ରହିଛନ୍ତି।

୨୦୦୯ ମସିହାରେ ଏହି ପ୍ରାଣୀ ଉଦ୍ୟାନ ପରିସରରେ ଏକ ହାତୀ ଉଦ୍ଧାର କେନ୍ଦ୍ର ପ୍ରତିଷ୍ଠା ହୋଇଥିଲା। ଢେଙ୍କାନାଳ ସମେତ ବିଭିନ୍ନ ଜିଲାରୁ ଉଦ୍ଧାର ହାତୀଛୁଆ ଓ ଉପଦ୍ରବ କରୁଥିବା ହାତୀଙ୍କୁ ଆଣି ଏଠାରେ ରଖାଯିବାର ବ୍ୟବସ୍ଥା ହୋଇଥିଲା। ଏହି ପ୍ରାଣୀ ଉଦ୍ୟାନ ପରିସରରେ ଥିବା ହାତୀ ଉଦ୍ଧାର କେନ୍ଦ୍ରରେ ବର୍ତ୍ତମାନ ୭ଟି ହାତୀ ରହିଛନ୍ତି। ଏତଦ୍‌ବ୍ୟତୀତ ଏହା ମଧ୍ୟରେ ଏକ ସ୍ୱତନ୍ତ୍ର ଏନ୍‌କ୍ଲୋଜର ରହିଛି। ଏକଦା ତାଳଚେର ଓ ଢେଙ୍କାନାଳ ଜିଲାର ପରଜଙ୍ଗ ଅଞ୍ଚଳରେ ଉପଦ୍ରବ କରି ୧୨ଜଣଙ୍କ ଜୀବନ ନେଇଥିବା ଦନ୍ତାହାତୀ ରାକେଶକୁ ତାର ସ୍ୱଭାବରେ ପରିବର୍ତ୍ତନ ଆଣିବା ଉଦ୍ଦେଶ୍ୟରେ ଏହି ସ୍ୱତନ୍ତ୍ର ଏନ୍‌କ୍ଲୋଜରରେ ରଖାଯାଇଛି। ଏତଦ୍‌ବ୍ୟତୀତ ଏହି ଚିଡିଆଖାନାରେ ୧୩୦ ହରିଣ ରହିଥିବା ବେଳେ ଶମ୍ବର, ଭାଲୁ, ମିଥୁନ ଗାଇ, ଜଙ୍ଗଲୀ ବାର୍‌ହା, କୁମ୍ଭୀର, ଅହିରାଜ ଓ କଇଁଛ, ଠେକୁଆ, ମୟୂର, ପେଚା, ଏମୁ ଆଦି ରହିଛନ୍ତି। ବୋଟିଂ ପାଇଁ ଏକ ଜଳାଶୟ ରହିଛି। ପ୍ରାଣୀ ଉଦ୍ୟାନ ଭ୍ରମଣ ପାଇଁ ଜଣକ ପିଛା ଟିକେଟ୍ ମୂଲ୍ୟ ୨୦ଟଙ୍କା ଲେଖାଏ ରଖାଯାଇଥିବା ବେଳେ ବୋଟିଂ ପାଇଁ ୫୦ ଟଙ୍କା ରଖାଯାଇଛି। ସେହିପରି ପ୍ରାଣୀ ଉଦ୍ୟାନରେ ୨୪୭ଟି ଜୀବଜନ୍ତୁ ଓ ହାତୀ ଉଦ୍ଧାର କେନ୍ଦ୍ରରେ ୭ ହାତୀ ରହିଛନ୍ତି। ହାତୀ ଉଦ୍ଧାର କେନ୍ଦ୍ରରେ ହାତୀଙ୍କୁ ତାଲିମ ପାଇଁ କ୍ରାଲ୍

## ୪୫ ବର୍ଷରେ କପିଳାସ ପ୍ରାଣୀ ଉଦ୍ୟାନ



କପିଳାସ ପ୍ରାଣୀ ଉଦ୍ୟାନରେ ହାତୀ ସହ ମାହୁନ୍ତ।

ଏବଂ ଆସାମରୁ ତାଲିମପ୍ରାପ୍ତ ୫ଜଣ ମାହୁନ୍ତ ଅଛନ୍ତି।

ତେବେ ଏହାର ବିକାଶ ପାଇଁ ପର୍ଯ୍ୟାପ୍ତ ଭିତ୍ତିଭୂମି ଥିଲେ ମଧ୍ୟ କେନ୍ଦ୍ର ଓ ରାଜ୍ୟ ସରକାର ଏବଂ ବନବିଭାଗ ସମେତ ଜୁ ଅଥରିଟି ଅଫ୍ ଇଣ୍ଡିଆର ଆନ୍ତରିକତା ଅଭାବ ପରିଲକ୍ଷିତ ହେଉଛି। ଫଳରେ ଏହା ଯେତିକି ସଂଖ୍ୟକ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା କଥା ତାହା ଦେଖାଯାଉ ନାହିଁ। ସେହିପରି ପ୍ରତିବର୍ଷ ଅଧିକ ପ୍ରାଣୀଙ୍କୁ ଆଣିବା ପାଇଁ ବନବିଭାଗ ପକ୍ଷରୁ ପ୍ରସ୍ତାବ ଯାଉଥିଲେ ମଧ୍ୟ ଏ ସମ୍ପର୍କରେ ରାଜ୍ୟ ବନବିଭାଗ କର୍ତ୍ତୃପକ୍ଷ ଆନ୍ତରିକତା ପ୍ରଦର୍ଶନ କରୁ ନ ଥିବା ଆଲୋଚନା ହେଉଛି। ଏଥିସହ ଜରୁରୀ ସମୟରେ ହାତୀ ଓ ଜୀବଜନ୍ତୁଙ୍କ ଚିକିତ୍ସା ପାଇଁ ଜଣେ ଠିକା ପ୍ରାଣୀ ଚିକିତ୍ସକ ରହିଛନ୍ତି। ତାଲିମପ୍ରାପ୍ତ କର୍ମଚାରୀ ମଧ୍ୟ ନାହାନ୍ତି। ଫଳରେ ଆବଶ୍ୟକସ୍ଥଳେ ସାତକୋଶିଆ କିମ୍ବା ନନ୍ଦନକାନନର ଚିକିତ୍ସା ବିଶେଷଜ୍ଞଙ୍କ ଉପରେ ବନବିଭାଗ ନିର୍ଭର କରୁଛି। ଏ ସଂକ୍ରାନ୍ତରେ କପିଳାସ ରେଞ୍ଜର ତରୁଣ କୁମାର ମହାନ୍ତି କହିଛନ୍ତି, ବହୁଦିନ ହେବ ୫ଟି କେଜ୍ ନିର୍ମାଣ ହୋଇ ରହିଛି। ପ୍ରତିବର୍ଷ ଅନ୍ୟ ପ୍ରକାରର ପ୍ରାଣୀଙ୍କୁ ଆଣିବା ପାଇଁ ପ୍ରସ୍ତାବ ଯାଉଛି। କିନ୍ତୁ ବର୍ତ୍ତମାନ ସୁଦ୍ଧା ଏ ସମ୍ପର୍କରେ କୌଣସି ନିର୍ଦ୍ଦେଶନାମା ଆସିନାହିଁ। ପର୍ଯ୍ୟାପ୍ତ ଭିତ୍ତିଭୂମି ଓ ପ୍ରକୃତି କୋଳରେ ରହିଥିବା ଏହି କପିଳାସ ପ୍ରାଣୀ ଉଦ୍ୟାନର ବିକାଶ କରିବା ସହିତ ଅଧିକ ପ୍ରାଣୀଙ୍କୁ ରଖାଯାଇପାରିଲେ ଏହା ବହୁସଂଖ୍ୟକ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ସହିତ ଅଧିକ ଜନାଦୃତ ହେବ ବୋଲି ସାଧାରଣରେ ଆଲୋଚନା ହେଉଛି।

**–ରିପୋର୍ଟ– ରତନ ନାୟାର, ଢେଙ୍କାନାଳ**



ପ୍ରାଣୀ ଉଦ୍ୟାନରେ ହରିଣ।


































# ବିଜେଡିକୁ ଫାଇଦା ଦେଇପାରେ କଂଗ୍ରେସର ଗୋଷ୍ଠୀ କନ୍ଦଳ

## କେନ୍ଦ୍ରୀୟ ଯୋଜନା ସମ୍ପର୍କରେ କହି ଲୋକଙ୍କ ନିକଟତର ହେଉଛି ଭାଜପା

ନବରଙ୍ଗପୁର,୧୪।୨
(ସଦାଶିବ ପ୍ରହରାଜ)




ନବରଙ୍ଗପୁର ବିଧାନସଭା ନିର୍ବାଚନମଣ୍ଡଳୀ ଅନୁସୂଚିତ ଜନଜାତି ପାଇଁ ସଂରକ୍ଷିତ ରହିଛି। ଏହା ନବରଙ୍ଗପୁର, ନନ୍ଦାହାଣ୍ଡି, ତେନ୍ତୁଳିଖୁଣ୍ଟି ସହ କୋଷାଗୁମୁଡା ବ୍ଲକର ୧୦ ପଞ୍ଚାୟତକୁ ନେଇ ଗଠିତ। ନବରଙ୍ଗପୁର ବିଧାନସଭା ନିର୍ବାଚନମଣ୍ଡଳୀ ଦିନେ କଂଗ୍ରେସର ଗଡ଼ ଭାବେ ଜଣାଶୁଣା ଥିଲା । ସ୍ୱର୍ଗତ ହବିବୁଲ୍ଲା ଖାଁ ଏହି ନିର୍ବାଚନମଣ୍ଡଳୀରୁ ୯ଥର ପ୍ରାର୍ଥୀ ହୋଇ ଜିତିଥିଲେ। ଏହି ନିର୍ବାଚନମଣ୍ଡଳୀ ୨୦୧୪ରୁ ଅନୁସୂଚିତ ଜନଜାତିଙ୍କ ପାଇଁ ସଂରକ୍ଷିତ ହେବା ପରେ ଏହାକୁ ବିଜେଡି ଅକ୍ତିଆର କରିଆସିଛି। ବିଜେଡିରୁ ମନୋହର ରନ୍ଧାରୀ ପ୍ରାର୍ଥୀ ହୋଇ ବିଜୟୀ ହୋଇଥିଲେ। ୨୦୧୯ ନିର୍ବାଚନରେ ରନ୍ଧାରୀ ଡାବୁଗାଁ ନିର୍ବାଚନ ମଣ୍ଡଳୀରୁ ପ୍ରାର୍ଥୀ ହୋଇ ବିଧାୟକ ହୋଇଥିଲେ। ୨୦୧୯ରେ ନବରଙ୍ଗପୁର ନିର୍ବାଚନ ମଣ୍ଡଳୀରୁ ବିଜେଡି ସଦାଶିବ ପ୍ରାଧାନୀଙ୍କୁ ପ୍ରାର୍ଥୀ କରିଥିଲା। ତାଙ୍କ ସପକ୍ଷରେ ୪୪.୫୮ ପ୍ରତିଶତ ଭୋଟ ମିଳିଥିଲା। ଭାଜପା ପ୍ରାର୍ଥୀ ଗୌରୀଶଙ୍କର ମାଝି ୩୦.୯ ଓ କଂଗ୍ରେସ ପ୍ରାର୍ଥୀ ସଦନ ନାୟକ ୨୯.୨୭ ପ୍ରତିଶତ ଭୋଟ ପାଇଥିଲେ। ସ୍ୱାଧୀନଭାବେ ବିଜେଡି ଅସନ୍ତୁଷ୍ଟ ପ୍ରାର୍ଥୀ ବେଦବ୍ୟାସ ଭତରା ୩.୧୭ ପ୍ରତିଶତ ଭୋଟ ପାଇଥିଲେ।

ସଂଶୋଧିତ ଭୋଟର ତାଲିକାକୁ ଆଧାରକଲେ ନବରଙ୍ଗପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ୨ଲକ୍ଷ ୨୦ହଜାର ୯୫୦ ଭୋଟର ରହିଛନ୍ତି। ଜିଲାରେ ମହିଳା ଓ ଯୁବ ଭୋଟର କିଭଳି ଆକୃଷ୍ଟ ହେବେ ସେ ନେଇ ବିଜେଡି, ଭାଜପା ଓ କଂଗ୍ରେସ କସରତ ଆରମ୍ଭ କରିଛନ୍ତି। । ଏପର୍ଯ୍ୟନ୍ତ ବିଜେଡି ପ୍ରାର୍ଥୀ ଭାବେ କେହି ଆଶାୟୀ ଦାବି କରୁ ନ ଥିବା ବେଳେ ବିଧାୟକ ସଦାଶିବ ପ୍ରଧାନୀଙ୍କୁ ହିଁ ଦଳ ପ୍ରାର୍ଥୀ କରିବ ବୋଲି କର୍ମୀ ମହଲରେ ଆଲୋଚନା ହେଉଛି। ସେହିପରି ଭାଜପା ଗୌରୀଶଙ୍କରଙ୍କୁ ପ୍ରାର୍ଥୀ କରିବ ବୋଲି ଦଳୀୟ କର୍ମୀମାନେ ଆଲୋଚନା କରୁଛନ୍ତି। ଗୌରୀଶଙ୍କର ବିଭିନ୍ନ ଗାଁ ଓ ଲୋକଙ୍କ ପାଖକୁ ଯାଇ ସମ୍ପର୍କ ବଢାଉଛନ୍ତି। ଅବଶ୍ୟ ଦୀର୍ଘ ସମୟ ଧରି ତାଙ୍କର ଦେଖା ମିଳୁନଥିଲା। ଏବେ ୨ ମାସ ହେବ ସକ୍ରିୟ ହୋଇଛନ୍ତି। କେନ୍ଦ୍ର ସରକାରଙ୍କ ଯୋଜନାର ପ୍ରଚାର ଏବଂ ରାଜ୍ୟ ସରକାରଙ୍କୁ ସମାଲୋଚନାକରି ଭୋଟରଙ୍କୁ ନିଜ ଆଡ଼କୁ ଆକୃଷ୍ଟ ଲାଗି ଉଦ୍ୟମ ଜାରି ରଖିଛନ୍ତି।

କଂଗ୍ରେସ ପକ୍ଷରୁ ଏଥର ସଦନ ନାୟକ ଲଢ଼ିବେ ନାହିଁ। ବୟସ ଓ ଶାରୀରିକ ଅସୁସ୍ଥତା କାରଣରୁ କଂଗ୍ରେସରେ ରହି ମଧ୍ୟ ରାଜନୀତିରେ ସକ୍ରିୟ ଥିବା ଦେଖିବାକୁ ମିଳୁନାହିଁ। କଂଗ୍ରେସରୁ ପ୍ରାର୍ଥୀ ହେବାକୁ ନବରଙ୍ଗପୁର ବ୍ଲକ ଅଗ୍ନିପୁର ସରପଞ୍ଚ ଦିବାକର ପୂଜାରୀ ଓ ତେନ୍ତୁଳିଖୁଣ୍ଟି ବ୍ଲକ ପାତ୍ରପୁଟ ପଞ୍ଚାୟତ ସମିତି ସଭ୍ୟ ଦିଲୀପ ପ୍ରଧାନୀ ପ୍ରାର୍ଥୀ ପାଇଁ ପିସିସି ନିକଟରେ ଆବେଦନ କରିଛନ୍ତି। କଂଗ୍ରେସର ବରିଷ୍ଠ ନେତାଙ୍କ ମଧ୍ୟରେ ଏକ ପ୍ରକାର ଫାଟ ଦେଖାଦେଇଛି। ପୂର୍ବତନ ବିଧାୟକ ତଥା ଜିଲା ସଭାପତି ଭୁଜବଳ ମାଝି, ପୂର୍ବତନ ଜିଲା ସଭାପତି ମୁନା ତ୍ରିପାଠୀଙ୍କ ମଧ୍ୟରେ ଗୋଷ୍ଠୀ କନ୍ଦଳ ଦଳକୁ ଅଡୁଆ ହେବ ବୋଲି ଆଲୋଚନା ହେଉଛି। ଗତ ୩ ବର୍ଷ ହେବ ଲାଗିଥିବା କନ୍ଦଳ ଦୂରକରିବାକୁ ଯାଇ ଭୁଜବଳଙ୍କୁ ଜିଲା ସଭାପତି କରାଗଲା। କିନ୍ତୁ ଏହାଦ୍ୱାରା ଫାଟ ଆହୁରି ବଢ଼ିବାରେ ଲାଗିଛି। ମୁନା ତ୍ରିପାଠୀ ସଭାପତି ଥିବା ସମୟରେ ଭୁଜବଳଙ୍କ ସମର୍ଥକ ତାଙ୍କ ବୈଠକରେ ଯୋଗଦେଉ ନ ଥିଲେ। ବରଂ ତାଙ୍କ ବିରୋଧରେ ବିଭିନ୍ନ ବୈଠକ କରି ଆସୁଥିଲେ। ଏବେ ଭୁଜବଳ ସଭାପତି ହେବା ପରେ ମୁନା ତ୍ରିପାଠୀଙ୍କ ଗୋଷ୍ଠୀ ଭୁଜବଳଙ୍କୁ ସମର୍ଥନ କରୁ ନ ଥିବା ଜଣାପଡ଼ିଛି। ମୁନା ତ୍ରିପାଠୀ ଆଶାୟୀ ପ୍ରାର୍ଥୀ ଦିବାକରଙ୍କୁ ସମର୍ଥନ କରୁଥିବା ବେଳେ ଭୁଜବଳ ଦିଲୀପ ପ୍ରଧାନୀଙ୍କୁ ସମର୍ଥନ କରୁଛନ୍ତି। ନିର୍ବାଚନ ପାଖେଇ ଆସିବା ବେଳେ କଂଗ୍ରେସର ଗୋଷ୍ଠୀ କନ୍ଦଳର ଫାଇଦା ବିଜେଡିକୁ ହେବ ବୋଲି ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବିଜେଡି ପକ୍ଷରୁ ଟିକେଟ ପାଇ ନ ଥିବା ଅସନ୍ତୁଷ୍ଟ ଜିଲା ପରିଷଦ ସଭ୍ୟ ଦିବ୍ୟଦାନ ସୁନା, ବିଜେଡି ପୂର୍ବତନ ଜିଲା ସଭାପତି ପ୍ରହଲ୍ଲାଦ ତ୍ରିପାଠୀ ଓ ତାଙ୍କ କେତେଜଣ ସମର୍ଥକ ଦଳୀୟ ପ୍ରାର୍ଥୀଙ୍କ ପାଇଁ କଣ୍ଟା ସାଜିପାରନ୍ତି। ତେବେ ଦଳ ଏହାକୁ କିଭଳି ସନ୍ତୁଳନ କରିବ ସେନେଇ ରାଜ୍ୟସ୍ତରରେ ବିଚାରବିମର୍ଶ ଚାଲୁଥିବା ଆଲୋଚନା ହେଉଛି।

# କଂଗ୍ରେସ ଛାଡ଼ିଲେ ଅଂଶୁମାନ

## ରାଜନଗରର ପୂର୍ବତନ ବିଧାୟକ

କେନ୍ଦ୍ରାପଡ଼ା,୧୪।୨(ଜଗନ୍ନାଥ ଧଳ)


ଅଂଶୁମାନ ମହାନ୍ତି

ଆଗକୁ ସାଧାରଣ ନିର୍ବାଚନ। ଏହା ପୂର୍ବରୁ କେନ୍ଦ୍ରାପଡ଼ା ଜିଲା କଂଗ୍ରେସ ସଭାପତି ତଥା ରାଜନଗରର ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି ବୁଧବାର ଦଳ ଛାଡ଼ିଛନ୍ତି । ସେ ତାଙ୍କ ପ୍ରାଥମିକ ସଭ୍ୟ ପଦରୁ ଇସ୍ତଫା ଦେଇଥିବା ପିସିସି ସଭାପତି ଶରତ ପଟ୍ଟନାୟକଙ୍କୁ ଚିଠି ମାଧ୍ୟମରେ ଜଣାଇଛନ୍ତି । ଅଂଶୁମାନଙ୍କ ସହିତ ରାଜନଗର ବ୍ଲକ କଂଗ୍ରେସ ସଭାପତି ଦେବେନ୍ଦ୍ର ଜେନା, ପଟ୍ଟାମୁଣ୍ଡାଇ ବ୍ଲକ କଂଗ୍ରେସ ସଭାପତି ନିମାଇଁ ଚରଣ କର, ନଗର କଂଗ୍ରେସ ସଭାପତି ଅମୂଲ୍ୟ ପ୍ରଧାନ, ପିସିସି ସଭ୍ୟ ମଳୟ ଦାସ, ସନ୍ତୋଷ ମହାନ୍ତି ପ୍ରମୁଖ ଦଳ ଛାଡ଼ିଥିବା ସୂଚନା ମିଳିଛି। ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ କେନ୍ଦ୍ରାପଡ଼ା ଜିଲାର ଆଡହକ ସଭାପତି ଭାବେ ପୂର୍ବତନ ରାଜ୍ୟ ଯୁବ କଂଗ୍ରେସ ସଭାପତି ମହାକାଳପଡ଼ାର ଲୋକନାଥ ମହାରଥୀଙ୍କୁ ନିଯୁକ୍ତି ଦେଇଛନ୍ତି। ଅଂଶୁମାନଙ୍କ ଏହି ଇସ୍ତଫା କେନ୍ଦ୍ରାପଡ଼ା ଜିଲା କଂଗ୍ରେସକୁ ବଡ଼ଧରଣର ଝଟକା ବୋଲି ଆଲୋଚନା ଆରମ୍ଭ ହୋଇଛି ।

ଅଂଶୁମାନ କଂଗ୍ରେସ ଛାଡ଼ିବା ସଂକ୍ରାନ୍ତରେ ଗତ ଡିସେମ୍ବରରୁ ଆଭାସ ମିଳିଥିଲା। ୨୦୨୪ ନବବର୍ଷ ପାଇଁ ତାଙ୍କର ଅଭିନନ୍ଦନ ବାର୍ତ୍ତା ରାଜନଗରର ପ୍ରତ୍ୟେକ ଛକ ବଜାରରେ ଫ୍ଲେକ୍ସ, ହୋର୍ଡିଂ, ଗେଟ୍ ଆଦିରେ ଦେଖିବାକୁ ମିଳିଥିଲା। ଏଥିରେ ପୂର୍ବତନ ମନ୍ତ୍ରୀ ତଥା ତାଙ୍କ ବାପା ନଳିନୀକାନ୍ତ ମହାନ୍ତିଙ୍କ ଫଟୋ ରହିଥିଲା। ମାତ୍ର ଏଥିରେ କଂଗ୍ରେସର କୌଣସି ରାଜନୈତିକ ବ୍ୟକ୍ତିଙ୍କ ଫଟୋ ନ ଥିଲା। ଏହାକୁ ନେଇ ସେ ବିଜେଡିରେ ସାମିଲ ହେବା ସମ୍ଭାବନା ଥିବା ଆଲୋଚନା ହେଉଥିଲା। ଗତ ଜାନୁଆରୀରେ ଭାଜପା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡା ରାଜନଗର ଅଞ୍ଚଳରେ ଚାଏ ପେ ଚର୍ଚ୍ଚା କାର୍ଯ୍ୟକ୍ରମ କରିଥିଲେ। ଏହି ଅବସରରେ ଭାଜପା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପୂର୍ବତନ ମନ୍ତ୍ରୀ ନଳିନୀ ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ଫୁଲମାଳ ଦେବା ପରେ ଭାଜପା ସହ ଅଂଶୁମାନଙ୍କ ସମ୍ପର୍କ ଥିବା ନେଇ ଚର୍ଚ୍ଚା ଆରମ୍ଭ ହୋଇଥିଲା। ତେବେ ଗତ କିଛିଦିନ ପୂର୍ବେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଓଡ଼ିଶା ଗସ୍ତ ସମୟରେ ଅଂଶୁମାନ ଦଳୀୟ କାର୍ଯ୍ୟକ୍ରମରେ ସାମିଲ ହେବା ପରେ ଦଳବଦଳ ଚର୍ଚ୍ଚା ସାମୟିକ ଭାବେ ଥମିଥିଲା। ଏବେ ସେ ଦଳରୁ ଇସ୍ତଫା ଦେବା ପରେ ଜିଲାର ରାଜନୀତି ସମୀକରଣ ବଦଳିବା ସମ୍ଭାବନା ଦେଖାଦେଇଛି ।

୨୦୧୯ ନିର୍ବାଚନରେ ଜିଲାର ୫ ନିର୍ବାଚନମଣ୍ଡଳୀରୁ ରାଜନଗର, ଆଳି ଓ କେନ୍ଦ୍ରାପଡ଼ାରେ କଂଗ୍ରେସ ପ୍ରାର୍ଥୀମାନେ ବିଜେଡିର କଡ଼ା ମୁକାବିଲା କରିଥିଲେ। ଏହି ୩ ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ଅଂଶୁମାନ ମହାନ୍ତି, ଦେବେନ୍ଦ୍ର ଶର୍ମା ଓ ଗଣେଶ୍ୱର ବେହେରା ଭୋଟ ପାଇବାରେ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଅଂଶୁମାନ ୧୮,୪୦୬ ଖଣ୍ଡ ଭୋଟରେ ହାରିଥିଲେ ମଧ୍ୟ ୨୦୧୪ରେ ଏହି ନିର୍ବାଚନ ମଣ୍ଡଳୀରୁ ବିଜୟୀ ହୋଇଥିଲେ। ସୂଚନାଯୋଗ୍ୟ, ଅଂଶୁମାନଙ୍କ ବାପା ନଳିନୀ ମହାନ୍ତି ଏହି ନିର୍ବାଚନ ମଣ୍ଡଳୀରେ କ୍ରମାଗତ ଭାବେ ୧୯୭୭ରୁ ୨୦୦୪ ପର୍ଯ୍ୟନ୍ତ ନିର୍ବାଚନ ଜିତିଛନ୍ତି। ତେବେ ଇସ୍ତଫାପତ୍ର ପ୍ରଦାନ ପରେ ଅଂଶୁମାନଙ୍କ ପ୍ରତିକ୍ରିୟା ଜାଣିବା ପାଇଁ ତାଙ୍କୁ ଫୋନରେ ଯୋଗାଯୋଗ କରାଯାଇଥିଲା। ହେଲେ ଫୋନ୍ ସୁଇଚ୍‌ଅଫ୍ ଥିବାରୁ ତାହା ସମ୍ଭବ ହୋଇନାହିଁ।

# ପ୍ରଦୀପ-ମନମୋହନ ଭେଟକୁ ନେଇ ବଢ଼ିଲା ଚର୍ଚ୍ଚା


ପ୍ରଦୀପ ପାଣିଗ୍ରାହୀଙ୍କ ସରକାରୀ ବାସଭବନରେ ବୁଧବାର ତାଙ୍କୁ ଭାଜପା ସଭାପତି ମନମୋହନ ସାମଲ ଭେଟୁଛନ୍ତି।

- ଭାଜପାରେ ମିଶିବା ନେଇ ପରୋକ୍ଷରେ ଇଙ୍ଗିତ ଦେଲେ ପ୍ରଦୀପ
- ରାଜ୍ୟ ସଭା ପାଇଁ ଅଶ୍ୱିନୀଙ୍କୁ ସମର୍ଥନ ଦେବାକୁ କହିବାକୁ ଆସିଥିଲେ: ମନମୋହନ

ଭୁବନେଶ୍ୱର,୧୪।୨(ସୁନିତ୍ ମିଶ୍ର)

ବିଜେଡିରୁ ବହିଷ୍କୃତ ହୋଇଥିବା ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କୁ ନେଇ ସସ୍‌ପେନ୍ସ ବଢ଼ିଛି। ୨୦୨୪ ସାଧାରଣ ନିର୍ବାଚନରେ ସେ କେଉଁ ଦଳରୁ ଏବଂ ବିଧାନସଭା ନା ଲୋକ ସଭା ଆସନରୁ ଲଢିବେ ତାକୁ ନେଇ ଚର୍ଚ୍ଚା ଚାଲିଛି। ବିଜେଡି ସହ ମତଭେଦ ପରଠାରୁ ତାଙ୍କ ରାଜନୈତିକ କାର୍ଯ୍ୟକ୍ରମ ନେଇ ପ୍ରବଳ ଆଲୋଚନା ଚାଲିଛି। ଏଭଳି ସ୍ଥିତିରେ ସେ ଭାଜପାରେ ସାମିଲହେବା ନେଇ ପରୋକ୍ଷରେ ସୂଚନା ଦେଇଛନ୍ତି। ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଗୁରୁବାର ପ୍ରଦୀପ ପାଣିଗ୍ରାହୀଙ୍କୁ ଭେଟିବା ପରେ ଏଭଳି ଚର୍ଚ୍ଚା ଆରମ୍ଭ ହୋଇଛି।

ପ୍ରଦୀପଙ୍କ ସରକାରୀ ବାସଭବନକୁ ଯାଇ ମନମୋହନ ଭେଟିଛନ୍ତି। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭାଜପା ଓଡ଼ିଶାରୁ ରାଜ୍ୟ ସଭା ପ୍ରାର୍ଥୀ ଭାବେ ଘୋଷଣା କରିବା ପରେ ସମର୍ଥନ ଯୋଗାଡ଼ ପାଇଁ ପ୍ରଦୀପଙ୍କୁ ଭେଟି ଆଲୋଚନା କରିଛନ୍ତି ବୋଲି ମନମୋହନ କହିଛନ୍ତି। ଅନ୍ୟପଟେ ପ୍ରଦୀପ ପାଣିଗ୍ରାହୀ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ସେ ବିଧାୟକ ଅଛନ୍ତି। ଗୋପାଳପୁର ନିର୍ବାଚନମଣ୍ଡଳୀର ତାଙ୍କ ପଞ୍ଚାୟତରେ ରାଜ୍ୟ ସରକାର ସଭା କରୁଛନ୍ତି। ତାଙ୍କ ଅନୁପସ୍ଥିତିରେ ଏହା କରାଯାଉଛି। ଆଉ ଏପାଖରେ ତାଙ୍କ ଭେଟଘାଟକୁ ନେଇ ଯାହା ବୁଝୁଥିବେ। ସମୟ ଆସିଲେ ସବୁ ସ୍ପଷ୍ଟ ହୋଇଯିବ। ଆଉ ୧୦ରୁ ୧୨ ଦିନ ଭିତରେ ସବୁକିଛି ସ୍ପଷ୍ଟ ହୋଇଯିବ ବୋଲି ସେ କହିଛନ୍ତି।

# ଭାଜପା ଛାଡିଲେ ଗୋବିନ୍ଦ ନାଏକ



ଛେଣ୍ଡିପଦା,୧୪।୨(ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀର ଭାଜପା ରାଜ୍ୟ ପରିଷଦ ସଦସ୍ୟ ଗୋବିନ୍ଦ ଚନ୍ଦ୍ର ନାଏକ ଭାଜପାର ପ୍ରାଥମିକ ସଦସ୍ୟ ଏବଂ ରାଜ୍ୟ ପରିଷଦ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ଦଳରେ ତାଙ୍କୁ ଅବହେଳା କରାଯାଇଥିବାରୁ ଗତ ୩ ତାରିଖରେ ସେ ରାଜ୍ୟ ସଭାପତି ଓ ଜିଲା ସଭାପତିଙ୍କ ନିକଟକୁ ଇସ୍ତଫା ପତ୍ର ଡାକ ଯୋଗେ ପଠାଇ ଦେଇଥିବା ବୁଧବାର ଛେଣ୍ଡିପଦା ଡାକବଙ୍ଗଳାଠାରେ ଏକ ଖବରଦାତା ସମ୍ମିଳନୀରେ ଗୋବିନ୍ଦ ସୂଚନା ଦେଇଛନ୍ତି। ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ କିଛି କହି ନ ଥିଲେ ହେଁ ସେ କଂଗ୍ରେସରେ ମିଶିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି। ସୂଚନାଯୋଗ୍ୟ, ପୂର୍ବରୁ ଗୋବିନ୍ଦ କଂଗ୍ରେସ ଦଳର ଜଣେ ସକ୍ରିୟ ସଦସ୍ୟ ଥିଲେ। ତେବେ ୨୦୦୯ରେ ନୂତନ ଭାବେ ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀ ଗଠନ ଓ ଏହା ଏସ୍‌ସି ପାଇଁ ସଂରକ୍ଷିତ ଥିବାରୁ ସେ ଦଳୀୟ ଟିକେଟ ନ ପାଇ କଂଗ୍ରେସ ଛାଡିଥିଲେ। ଏଥିସହ ବିଏସ୍‌ପିରେ ଯୋଗଦେଇ ୨୦୦୯ ଓ ୨୦୧୪ରେ ନିର୍ବାଚନରେ ପ୍ରାର୍ଥୀ ହୋଇଥିଲେ। କିନ୍ତୁ ୨୦୧୯ ନିର୍ବାଚନ ପୂର୍ବରୁ ସେ ବିଏସ୍‌ପି ଛାଡି ଭାଜପାରେ ସାମିଲ ହୋଇଥିଲେ।

## କଟକରେ ଭାଜପା ଏମ୍‌ପି ଟିକେଟ ପାଇଁ

# ଚର୍ଚ୍ଚାରେ ପୂର୍ଣ୍ଣଚନ୍ଦ୍ର ମହାପାତ୍ର

କଟକ, ୧୪।୨(ଶିଳ୍ପା ପ୍ରିୟଦର୍ଶିନୀ)



ସାଧାରଣ ନିର୍ବାଚନକୁ ନେଇ ଏବେ ସମସ୍ତ ଦଳରେ ଚାଲିଛି ଅଙ୍କକଷା। କଟକରେ ପ୍ରମୁଖ ଦଳ ପକ୍ଷରୁ ଯାହାଙ୍କୁ ଏମ୍‌ପି ଓ ବିଧାୟକ ପ୍ରାର୍ଥୀ କରାଯିବା ନେଇ ଚର୍ଚ୍ଚା ହେଉଥିଲା ଏବେ ସେମାନଙ୍କୁ ରାଜ୍ୟ ସଭା ପ୍ରାର୍ଥୀ ଭାବେ ଚୟନ କରାଯାଇଛି। ବିଜେଡିର ରାଜ୍ୟ ସଭା ପ୍ରାର୍ଥୀ ଭାବେ ପୂର୍ବତନ ବିଧାୟକ ତଥା ଜିଲା ସଭାପତି ଦେବାଶିଷ ସାମନ୍ତରାୟଙ୍କୁ ଚୟନ କରାଯାଇଛି। ସେ ମଙ୍ଗଳବାର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଅପରପକ୍ଷେ ବୁଧବାର ଭାଜପା ପକ୍ଷରୁ ଅଶ୍ୱିନୀ ବୈଷ୍ଣବଙ୍କୁ ପୁଣି ରାଜ୍ୟ ସଭା ପ୍ରାର୍ଥୀ ଭାବେ ଘୋଷଣା କରାଯାଇଛି। ତେବେ ଉଭୟ ଦଳର ଏଭଳି ନିଷ୍ପତ୍ତି କଟକର ନିର୍ବାଚନ ପାଣିପାଗକୁ ବେଶ୍ ରୋଚକ କରିଛି । ଭାଜପା ପକ୍ଷରୁ କଟକ ଲୋକ ସଭା ଆସନ ଲାଗି କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପ୍ରାର୍ଥୀ ହେଉଥିବା ନେଇ ଚର୍ଚ୍ଚା ହୋଇଆସୁଥିଲା। ଏପରି କି ଅଶ୍ୱିନୀ ମଧ୍ୟ ଲଗାତର କିଛି ଦିନ ବ୍ୟବଧାନରେ କଟକ ସହର ଓ ଜିଲା ଗସ୍ତ କରି ରେଳ କାର୍ଯ୍ୟ ସମୀକ୍ଷା ଓ ଅନ୍ୟାନ୍ୟ ଦଳୀୟ କାର୍ଯ୍ୟକ୍ରମ କରିଛନ୍ତି। ଯାହା ସେ କଟକ ଏମ୍‌ପି ଟିକେଟ ପାଇବା ଚର୍ଚ୍ଚାକୁ ଖୋରାକ ଯୋଗାଉଥିଲା। ତେବେ କେବଳ ଅଶ୍ୱିନୀ ନୁହନ୍ତି ତାଙ୍କ ସହ ଭାଜପା ଉପସଭାପତି ଡା. ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ନାମ ମଧ୍ୟ ଚର୍ଚ୍ଚାରେ ରହିଆସିଛି। ଏପରି କି ଡା. ମହାପାତ୍ର ନିଜ ସଙ୍ଗଠନ ମଜଭୁତ ରଖିବା ସହ ଦଳୀୟ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ମଧ୍ୟ ବେଶ୍ ସକ୍ରିୟ ରହିଛନ୍ତି। ଏପରି କି ମଙ୍ଗଳବାର ମଧ୍ୟପ୍ରଦେଶ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଭାଜପା ବରିଷ୍ଠ ନେତା ଶିବରାଜ ସିଂ ଚୌହାନ କଟକ ଗସ୍ତରେ ଆସି ବିଜୁ ପଟ୍ଟନାୟକ ଛକସ୍ଥିତ ଶାରଳା ଭବନଠାରେ ଏକ ବୈଠକରେ ଯୋଗଦେଇଥିଲେ। ବୈଠକରେ ୪ଜଣଙ୍କୁ ମଞ୍ଚାସୀନ ହେବାର ସୁଯୋଗ ମିଳିଥିବାବେଳେ ଏଥିରେ ସାମିଲ ଥିଲେ ଡା. ମହାପାତ୍ର। ତେବେ ଏହା ଦଳ ପକ୍ଷରୁ କର୍ମୀଙ୍କୁ ଏମ୍‌ପି ପ୍ରାର୍ଥୀ ନେଇ ସୂଚାଇ ଦିଆଯାଇଛି ବୋଲି ଚର୍ଚ୍ଚା ହେଉଛି। ତେବେ ବୁଧବାର ଅଶ୍ୱିନୀଙ୍କୁ ରାଜ୍ୟ ସଭା ପ୍ରାର୍ଥୀ ଭାବେ ଭାଜପା ଘୋଷଣା କରିବା ପରେ ଏବେ କଟକରୁ ଏମ୍‌ପି ପ୍ରାର୍ଥୀ ପାଇଁ ଡା. ମହାପାତ୍ରଙ୍କ ନାମକୁ ନେଇ ଚର୍ଚ୍ଚା ବଢ଼ିଲାଣି। ତେବେ ଏ ପ୍ରସଙ୍ଗକୁ ନେଇ ପୂର୍ବତନ ମନ୍ତ୍ରୀ ତଥା ଭାଜପା ବରିଷ୍ଠ ନେତା ସମୀର ଦେଙ୍କୁ ପଚାରିବାରୁ ସେ କହିଛନ୍ତି, ଅଶ୍ୱିନୀ ବୈଷ୍ଣବ ଓ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ନାମ ଏମ୍‌ପି ଟିକେଟ ପାଇବା ନେଇ ବେଶ୍ ଚର୍ଚ୍ଚା ହେଉଥିଲା। ହେଲେ ଅଶ୍ୱିନୀ ବୈଷ୍ଣବଙ୍କୁ ରାଜ୍ୟ ସଭା ପ୍ରାର୍ଥୀ କରାଯାଇଛି। ଦଳରେ କୌଣସି ନୂଆ ଚେହେରା ଆସିବେ ନାହିଁ। ଆଉ ନିର୍ବାଚନ ପୂର୍ବରୁ ଦଳ କ'ଣ ନିଷ୍ପତ୍ତି ନେବ, କାହାକୁ ଏମ୍‌ପି ଟିକେଟ ଦେବ ତାହା କେବଳ ଦଳର ହାଇକମାଣ୍ଡ ନିଷ୍ପତ୍ତି ନେବେ। ଯଦି ମୋତେ ବ୍ୟକ୍ତିଗତ ଭାବେ ପଚରା ଯାଏ, ତେବେ ଡା. ମହାପାତ୍ରଙ୍କ ଲୋକସମ୍ପର୍କ ବହୁତ ଭଲ ରହିଛି, ତାଙ୍କୁ ଟିକେଟ ମିଳିବା କଥା ବୋଲି ସମୀର କହିଛନ୍ତି।

# କେନ୍ଦ୍ରାପଡ଼ା ଜିଲା କଂଗ୍ରେସ ଆଡହକ ସଭାପତି ଲୋକନାଥ ମହାରଥୀ

କେନ୍ଦ୍ରାପଡ଼ା, ୧୪।୨
(ଜଗନ୍ନାଥ ଧଳ)



କେନ୍ଦ୍ରାପଡ଼ା ଜିଲା କଂଗ୍ରେସ ସଭାପତି ଅଂଶୁମାନ ମହାନ୍ତି ଦଳୀୟ ପ୍ରାଥମିକ ସଭ୍ୟ ପଦରୁ ବୁଧବାର ଇସ୍ତଫା ଦେଇଛନ୍ତି। ଏଥିପାଇଁ ଏଆଇସିସି ଓ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶ ଅନୁଯାୟୀ ଉପସଭାପତି ଶିବାନନ୍ଦ ରାୟ ଜିଲାର ଆଡହକ ସଭାପତି ଭାବେ ଲୋକନାଥ ମହାରଥୀଙ୍କୁ ନିଯୁକ୍ତି ପତ୍ର ଦେଇଛନ୍ତି। ଆଡହକ ସଭାପତି ମହାରଥୀ ପୂର୍ବରୁ ରାଜ୍ୟ ଯୁବ କଂଗ୍ରେସ ସଭାପତି, ଛାତ୍ର କଂଗ୍ରେସ ଉପସଭାପତି ଓ ପିସିସି ସଭ୍ୟ ଭାବେ ପଦବୀରେ ରହିଛନ୍ତି। ମହାକାଳପଡ଼ାରେ ଜନ୍ମିତ ମହାରଥୀ ଦାୟିତ୍ୱ ଗ୍ରହଣ ସମ୍ପର୍କରେ କହିଛନ୍ତି ଯେ, କଂଗ୍ରେସ ସର୍ବଦା ଯୁବବର୍ଗଙ୍କୁ ଗୁରୁତ୍ୱ ଦେଇ ଆସିଛି। ଆସନ୍ତା ସଧାରଣ ନିର୍ବାଚନ ପୂର୍ବରୁ ସାଙ୍ଗଠନିକ କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରାଯିବ। ଜିଲାର ୫ ବିଧାନସଭା ଓ ଲୋକସଭାରେ କଂଗ୍ରେସ ପ୍ରାର୍ଥୀମାନେ ବିଜୟୀ ହେବେ ବୋଲି ପ୍ରତିକ୍ରିୟା ରଖିଛନ୍ତି।

# ନିର୍ବାଚନ ପୂର୍ବରୁ ବିଭିନ୍ନ କମିଟି ଘୋଷଣାକଲା ଭାଜପା

- ରାଜ୍ୟ କୋର୍ କମିଟି, ନିର୍ବାଚନ, ଅର୍ଥ, ଶୃଙ୍ଖଳା କମିଟି ଘୋଷିତ
- ଦାୟିତ୍ୱ ପାଇଥିବା ନେତାଙ୍କ ତତ୍ତ୍ୱାବଧାନରେ ଲଢ଼ାଯିବ ନିର୍ବାଚନ

ଭୁବନେଶ୍ୱର,୧୪।୨(ସୁନିତ୍ ମିଶ୍ର)

୨୦୨୪ ସାଧାରଣ ନିର୍ବାଚନ ପାଇଁ ଭାଜପା ଓଡ଼ିଶାର ବିଭିନ୍ନ କମିଟି ଘୋଷଣା କରିଛି। ଦଳ ପକ୍ଷରୁ ବୁଧବାର କୋର୍ କମିଟି, ରାଜ୍ୟ ନିର୍ବାଚନ କମିଟି ଓ ଶୃଙ୍ଖଳା କମିଟି ଆଦି ଘୋଷଣା କରାଯାଇଛି। ଭାଜପା ରାଜ୍ୟ କୋର୍ କମିଟିରେ ୧୫ଜଣ ସଦସ୍ୟ ଏବଂ ୩ଜଣ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ରହିଛନ୍ତି।

ଭାଜପା ଏହି କୋର୍ କମିଟିରେ ଦଳର ରାଜ୍ୟ ସଭାପତି ମନମୋହନ ସାମଲ, ବୈଜୟନ୍ତ ପଣ୍ଡା, ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବ, ଜୟନାରାୟଣ ମିଶ୍ର, ଜୁଏଲ ଓରାମ, ବିଶ୍ୱେଶ୍ୱର ଟୁଡୁ, ପ୍ରତାପ ଷଡ଼ଙ୍ଗୀ, ସୁରେଶ ପୂଜାରୀ, ବସନ୍ତ ପଣ୍ଡା, କେ.ଭି. ସିଂଦେଓ, ସମୀର ମହାନ୍ତି, ସୁରମା ପାଢ଼ୀ, ସମ୍ବିତ ପାତ୍ର ଏବଂ ମାନସ ମହାନ୍ତିଙ୍କୁ ରଖିଛି। ସେହିପରି ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଭାବେ ସୁନୀଲ ବଂଶଲ, ବିଜୟପାଲ୍ ସିଂ ତୋମାର ଓ ଲତା ଉସେଣ୍ଡି ଅଛନ୍ତି।

ସେହିପରି ଭାଜପାର ନିର୍ବାଚନ କମିଟିରେ ୧୫ ଜଣ ସଦସ୍ୟ ଓ ଜଣେ ଏକ୍ସ ଅଫିସିଓ ସଦସ୍ୟ ଅଛନ୍ତି। ଏହାଛଡ଼ା ୩ ଜଣ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ମଧ୍ୟ ରହିଛନ୍ତି। ନିର୍ବାଚନ କମିଟିରେ ମନମୋହନ ସାମଲ, ବୈଜୟନ୍ତ ପଣ୍ଡା, ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବ, ଜୟନାରାୟଣ ମିଶ୍ର, ଜୁଏଲ ଓରାମ, ବିଶ୍ୱେଶ୍ୱର ଟୁଡୁ, ପ୍ରତାପ ଷଡ଼ଙ୍ଗୀ, ସୁରେଶ ପୂଜାରୀ, ବସନ୍ତ ପଣ୍ଡା, କେ.ଭି. ସିଂହଦେଓ, ସମୀର ମହାନ୍ତି, ସୁରମା ପାଢ଼ୀ, ସମ୍ବିତ ପାତ୍ର ଏବଂ ମାନସ ମହାନ୍ତି ଅଛନ୍ତି। ଏହି କମିଟିରେ ଏକ୍ସ ଅଫିସିଓ ସଦସ୍ୟ ଭାବେ ମହିଳା ମୋର୍ଚ୍ଚା ସଭାପତି ଐଶ୍ୱର୍ଯ୍ୟା ବିଶ୍ୱାଳ ସାମିଲ ହୋଇଥିବା ବେଳେ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଭାବେ ସୁନୀଲ ବଂଶଲ, ତୋମାର ଓ ଲତା ଉସେଣ୍ଡି ରହିଛନ୍ତି। ଦଳର ଶୃଙ୍ଖଳା କମିଟିରେ ମୋଟ ୫ ଜଣ ସଦସ୍ୟ ଅଛନ୍ତି। ସେମାନେ ହେଲେ ପ୍ରତାପ ଷଡ଼ଙ୍ଗୀ, ପର୍ଶୁରାମ ମାଝି, ନମିତାରାଣୀ ସାହୁ, ସୁଦୀପ୍ତ ରାୟ ଏବଂ ସୁଦର୍ଶନ ନାୟକ। ସେହିପରି ଅର୍ଥ କମିଟିରେ ମୋଟ ୧୦ ଜଣ ସଦସ୍ୟ ସାମିଲ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ବୈଜୟନ୍ତ ପଣ୍ଡା, ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବ, ବିଶ୍ୱେଶ୍ୱର ଟୁଡୁ, ପୂର୍ଣ୍ଣ ମହାପାତ୍ର, ସୁଦର୍ଶନ ଗୋଏଲ, ଦିବାକର ହରିଚନ୍ଦନ, ବିନୋଦ ଦାଶ, ମୁରଲୀ ଶର୍ମା ଓ ମୁରଲୀ କ୍ରିଷ୍ଣା ରହିଛନ୍ତି।

ଭାଜପା ଜାତୀୟ ସାଧାରଣ ସମ୍ପାଦକ ଅରୁଣ ସିଂ ଗୁରୁବାର ମନମୋହନଙ୍କୁ ଚିଠି ଲେଖି ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ଅନୁମୋଦନକ୍ରମେ ଏହି କମିଟିଗୁଡ଼ିକରେ ଉପରୋକ୍ତ ନେତାମାନଙ୍କୁ ଦାୟିତ୍ୱ ଦିଆଯାଇଥିବା କହିଛନ୍ତି।

# ମମତା ମଡେଲକୁ ଆପଣାଇଛି କେନ୍ଦ୍ର: ବିଜେଡି

## ମମତା ଯୋଜନାରେ ୬୦ ଲକ୍ଷରୁ ଊର୍ଦ୍ଧ୍ୱ ମହିଳା ଉପକୃତ

ଭୁବନେଶ୍ୱର,୧୪।୨(ଅନିଲ ଦାସ)



ଖବରଦାତା ସମ୍ମିଳନୀରେ ମୁଖପାତ୍ର ସୋଫିଆ ଆଲାମ ଓ ଇପ୍ସିତା ସାହୁ ।

ଗତ ୨୪ ବର୍ଷ ଧରି ରାଜ୍ୟ ସରକାର ଓଡ଼ିଶାରେ ମହିଳାଙ୍କ ବିକାଶ ଓ ସଶକ୍ତୀକରଣ ପାଇଁ ସବୁବେଳେ କଠିନ ପରିଶ୍ରମ କରିଛନ୍ତି । ମିଶନ ଶକ୍ତି ମାଧ୍ୟମରେ ୬ ଲକ୍ଷ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆରେ ୭୦ ଲକ୍ଷ ମହିଳାଙ୍କୁ ସଶକ୍ତ କରାଯାଇଛି । ମମତା ଯୋଜନାରେ ୬୦ ଲକ୍ଷରୁ ଉର୍ଦ୍ଧ୍ୱ ଗର୍ଭବତୀ ମହିଳା ଓ ମା'ମାନେ ଉପକୃତ ହୋଇଥିବା ବେଳେ ବିଜେଡି ସରକାର ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଏପର୍ଯ୍ୟନ୍ତ ପ୍ରାୟ ୨୯୦୦ କୋଟି ଟଙ୍କା ପ୍ରଦାନ କରିଛନ୍ତି ବୋଲି ବିଜେଡି ମୁଖପାତ୍ର ଇପ୍ସିତା ସାହୁ ଓ ସୋଫିଆ ଆଲାମ କହିଛନ୍ତି ।

ବୁଧବାର ଶଙ୍ଖ ଭବନଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଉଭୟ କହିଛନ୍ତି ଯେ ଓଡ଼ିଶାର କୋଟି କୋଟି ମହିଳାଙ୍କ ସଶକ୍ତୀକରଣକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଭଳି ଏକ ଐତିହାସିକ ନିଷ୍ପତ୍ତି ନେଇଛନ୍ତି। ତାଙ୍କ ନେତୃତ୍ୱରେ ଥିବା ସରକାର ମମତା ଯୋଜନା ସହାୟତାକୁ ୫ ହଜାରରୁ ୧୦ ହଜାର ଟଙ୍କାକୁ ଦ୍ୱିଗୁଣିତ କରିଛନ୍ତି। ଏହା ଓଡ଼ିଶାର ଲକ୍ଷ ଲକ୍ଷ ମା' ଓ ରାଜ୍ୟର କୋଟି କୋଟି ମହିଳାଙ୍କ ପ୍ରତି ବିଜେଡି ସରକାରଙ୍କ ଦୃଢ଼ ପ୍ରତିବଦ୍ଧତାକୁ ଦର୍ଶାଉଛି । ବର୍ତ୍ତମାନ ମମତା ଯୋଜନା ଅଧୀନରେ ଥିବା ମା'ମାନଙ୍କୁ ଦୁଇଟି କିସ୍ତିରେ ୫୦୦୦ ଟଙ୍କା ମିଳୁଛି । ଏବେ ସେମାନଙ୍କୁ ୬୦୦୦ ଓ ୪୦୦୦ ଟଙ୍କାର ଦୁଇଟି କିସ୍ତିରେ ୧୦,୦୦୦ ଟଙ୍କା ପ୍ରଦାନ କରାଯିବ । ୨୦୨୩ ଅଗଷ୍ଟରୁ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଏହି ବର୍ଦ୍ଧିତ ସହାୟତା ପ୍ରଦାନ କରାଯିବ । ୨୦୨୩ ଅଗଷ୍ଟରୁ ଆଜି ପର୍ଯ୍ୟନ୍ତ ହିତାଧିକାରୀଙ୍କୁ ଫେବୃଆରୀ ୨୦ରୁ ୨୫ତାରିଖ ମଧ୍ୟରେ ଅର୍ଥ ପ୍ରଦାନ କରାଯିବ ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶିଶୁ ମୃତ୍ୟୁ ଓ ମାତୃ ମୃତ୍ୟୁ ହାର ହ୍ରାସ କରିବା ପାଇଁ ୨୦୧୧ରେ ମମତା ଯୋଜନା ଆରମ୍ଭ କରିଥିଲେ । ଓଡ଼ିଶାର ମମତା ଯୋଜନାର ସଫଳତା ଯୋଗୁ ଏହାକୁ ଜାତୀୟ ମଡେଲ ଭାବେ ଗ୍ରହଣ କରାଯାଇଛି । ୬ ମାସର ଗର୍ଭଧାରଣ ପରେ ପ୍ରଥମ କିସ୍ତି ୬୦୦୦ ଟଙ୍କା ଏବଂ ଶିଶୁକୁ ୧୦ ମାସ ପୂରିବା ପରେ ଦ୍ୱିତୀୟ କିସ୍ତି ୪୦୦୦ ଟଙ୍କା ପ୍ରଦାନ କରାଯିବ । ଏହା ଓଡ଼ିଶାର ମହିଳା ସଶକ୍ତୀକରଣ ପ୍ରତି ବିଜେଡି ସରକାରଙ୍କ ଦୃଢ଼ ପ୍ରତିବଦ୍ଧତାକୁ ଦର୍ଶାଉଛି । ଆଜି ଓଡ଼ିଶା ମହିଳା ସଶକ୍ତୀକରଣ କ୍ଷେତ୍ରରେ ଏକ ଜାତୀୟ ମାନଦଣ୍ଡ ଏବଂ ମାଇଲଖୁଣ୍ଟ ଭାବେ ସ୍ୱୀକୃତି ପାଇଛି । ମମତା ଯୋଜନା ସହାୟତାକୁ ଦ୍ୱିଗୁଣିତ କରିବା ଏହି ଯାତ୍ରାରେ ଆଉ ଏକ ସଫଳତା ବୋଲି ବିଜେଡିର ଦୁଇ ମୁଖପାତ୍ର କହିଛନ୍ତି ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଯାତ୍ରୀବାହୀ ଯାନର ଖୁଚୁରା ବିକ୍ରିରେ ଅଭିବୃଦ୍ଧି

## ଜାନୁଆରୀରେ ୧୪% ଅଧିକ ଯାନ ବିକ୍ରି



ନୂଆଦିଲ୍ଲୀ,୧୪।୨

କ୍ରମାଗତ ଭାବେ ଘରୋଇ ବଜାରରେ ଯାତ୍ରୀବାହୀ ଯାନ (ପିଭି)ର ବିକ୍ରି ପରିମାଣ ବୃଦ୍ଧି ପାଉଛି। ଏପରିକି ୨୦୨୪ ଜାନୁଆରୀରେ ପିଭି ହୋଲ୍‌ସେଲ୍ ବାର୍ଷିକ ଭିତ୍ତିରେ ୧୪% ବୃଦ୍ଧିହୋଇ ୩,୯୩,୦୭୪ ୟୁନିଟ୍‌ରେ ରହିଥିଲାବେଳେ ୨୦୨୩ ଜାନୁଆରୀରେ ଏହି ସଂଖ୍ୟା ୩,୪୬,୦୮୦ ୟୁନିଟ୍ ଥିଲା ବୋଲି ଅଟୋଶିଳ୍ପ ପକ୍ଷରୁ ସୂଚନା ଦିଆଯାଇଛି। ବିଶେଷକରି ଚଳିତ ବର୍ଷ ଜାନୁଆରୀରେ ମଧ ଏହି ସେକ୍ଟରର କାରବାର ସର୍ବାଧିକ ସଂଖ୍ୟାର ଖୁଚୁରା ଏବଂ ହୋଲ୍‌ସେଲ୍ ଯାନର ବିକ୍ରି ପରିମାଣ ପ୍ରାୟ ସମାନ ଥିଲା ବୋଲି ଅଟୋଶିଳ୍ପ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ଫେଡେରେଶନ ଅଫ୍ ଅଟୋମୋବାଇଲ ଡିଲର୍ସ ଆସୋସିଏସନ୍ (ଫାଡା)ର ସୂଚନା ଅନୁଯାୟୀ ୨୦୨୪ ଜାନୁଆରୀରେ ମୋଟ ୩,୯୩,୨୫୦ ପିଭି ଯାନର ଖୁଚୁରା ବିକ୍ରି ହୋଇଥିଲାବେଳେ ପିଭି ହୋଲ୍‌ସେଲ୍‌ରେ ତିନିଚକିଆ ଯାନ ମୋଟ ୫୩,୫୩୭ ୟୁନିଟ୍ ଏବଂ ଦୁଇଚକିଆ ଯାନ ୧୪,୯୫,୧୮୩ ୟୁନିଟ୍‌ରେ ରହିଥିଲା। ସେହିଭଳି ବାର୍ଷିକ ବିକ୍ରି ତୁଳନାରେ ଚଳିତ ବର୍ଷ ଜାନୁଆରୀର ଯାତ୍ରୀବାହୀ ଯାନବାହନରେ ସର୍ବାଧିକ ବିକ୍ରି ଦେଖିବାକୁ ମିଳିଥିଲା। ଏପରିକି ୨୦୨୩ ଜାନୁଆରୀ ତୁଳନାରେ ଚଳିତ ବର୍ଷର ସାମାନ ଅବଧି ମଧ୍ୟରେ ତିନିଚକିଆ ପିଭି ଯାନ ବିକ୍ରି ୯%ରୁ ଅଧିକ ବୃଦ୍ଧି ପାଇଥିବାବେଳେ ଦୁଇଚକିଆ ଯାନ ପ୍ରାୟ ୨୬% ବୃଦ୍ଧି ଘଟିଛି।

ଏ ସମ୍ପର୍କରେ ସୋସାଇଟି ଅଫ୍ ଇଣ୍ଡିଆନ ଅଟୋମୋବାଇଲ୍ସ ମାନ୍ୟୁଫାକ୍ଚରର ମହା ନିର୍ଦ୍ଦେଶକ ରାଜେଶ ମେନନ୍ କହିଛନ୍ତି, ଚଳିତ ଆର୍ଥିକ ବର୍ଷର ପ୍ରଥମ ୧୦ ମାସ (ଏପ୍ରିଲରୁ ଜାନୁୟାରୀ) ପର୍ଯ୍ୟନ୍ତ ଶିଳ୍ପର ଅଭିବୃଦ୍ଧି ଘଟିଥିଲାବେଳେ ଗତ ଆର୍ଥିକ ବର୍ଷ ଅପେକ୍ଷା ଚଳିତ ଆର୍ଥିକ ବର୍ଷର କାରବାର ଉନ୍ନତ ପ୍ରଦର୍ଶନ ଜାରି ରଖିଛି। ଏସ୍‌ଏଆଇଏମ୍‌ର ସଭାପତି ବିନୋଦ ଅଗ୍ରୱାଲ କହିଛନ୍ତି, ଯାତ୍ରୀବାହୀ ଯାନବାହନ ବିକ୍ରୟ ସକାରାତ୍ମକ ଗ୍ରାହକମାନଙ୍କ ମନୋବୃତ୍ତିର ନେତୃତ୍ୱ ନେଇଛି। ଯଦିଓ ୨୦୨୪ ଜାନୁଆରୀରେ ବାଣିଜ୍ୟିକ ଯାନ କ୍ଷେତ୍ର ବୃଦ୍ଧି ହୋଇ ନ ଥିଲା, ତଥାପି ଏହି ଆର୍ଥିକ ବର୍ଷର ଆସନ୍ତା୨ ମାସରେ ଭଲ କାରବାର ହେବା ସମ୍ଭାବନା ଅଛି।

# ଶେୟାର ବଜାରରେ ଭିନ୍ନ ଫଳାଫଳ

ନୂଆଦିଲ୍ଲୀ,୧୪।୨

ଗତ କିଛି ସପ୍ତାହ ହେବ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଚଳିତ ସପ୍ତାହର ୩ୟ କାର୍ଯ୍ୟଦିବସରେ ବଜାର ଫଳାଫଳ ଭିନ୍ନ ରହିଛି। ତଦନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୯୨ (୯୨.୩୫) ପଏଣ୍ଟ ହ୍ରାସ ପାଇ ୭୧,୪୬୩ (୭୧,୪୬୨.୮୪) ଅଙ୍କରେ କାରବାର ବନ୍ଦ କରିଥିଲାବେଳେ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ୧୦୭ (୧୦୭.୨୫) ପଏଣ୍ଟ ବୃଦ୍ଧି ଘଟି ୨୧,୮୫୦ (୨୧,୮୫୦.୫୦) ଅଙ୍କରେ କାରବାର ଶେଷ କରିଥିଲା।

# ହୋଣ୍ଡା କଲେକ୍ସନର ଏକ୍ସକ୍ଲୁସିଭ ରେଞ୍ଜ

ନୂଆଦିଲ୍ଲୀ,୧୪।୨




ହୋଣ୍ଡା କାର୍‌ସ ଇଣ୍ଡିଆ ଲିମିଟେଡ୍ (ଏଚ୍‌ସିଆଇଏଲ୍)ର ବହୁ ପ୍ରତୀକ୍ଷିତ ତଥା କମ୍ପାନୀର ଅଫିସିଆଲ ମର୍ଚ୍ଚାଣ୍ଡାଇଜ 'ହୋଣ୍ଡା କଲେକ୍ସନ'କୁ ସର୍ବଭାରତୀୟସ୍ତରରେ ଉନ୍ମୋଚନ କରାଯାଇଛି। ବିଶେଷକରି ଅତ୍ୟାଧୁନିକ ଡିଜାଇନ ଓ ଆକର୍ଷଣୀୟ କଲରରେ ଉକ୍ତ କଲେକ୍ସନ ଯଥା ଟି-ଶାର୍ଟ, ଜାକେଟ ଏବଂ କ୍ୟାପ୍ ଭଳି ଉତ୍ପାଦଗୁଡିକ ହୋଣ୍ଡାର ସ୍ୱୀକୃତିପ୍ରାପ୍ତ ଡିଲର ପଏଣ୍ଟଗୁଡିକରେ ଉପଲବ୍ଧ। ଏ ସମ୍ପର୍କରେ ଏଚ୍‌ସିଆଇଏଲ୍‌ର ନିର୍ଦ୍ଦେଶକ (ମାର୍କେଟିଂ ଆଣ୍ଡ ସେଲ୍‌ସ) ୟୁଇଚି ମୁରୁତା କହିଛନ୍ତି, ଆମେ ଆମର ଗ୍ରାହକଙ୍କୁ ଏକ ଆକର୍ଷଣୀୟ ଅନୁଭବ ପ୍ରଦାନ କରିବା ସହ ବ୍ରାଣ୍ଡର ମୂଲ୍ୟକୁ ବୃଦ୍ଧି କରାଇବା ପାଇଁ ଏଭଳି ଏକ ପ୍ରୟାସ ଆରମ୍ଭ କରୁଛି। ଏପରିକି ବ୍ରାଣ୍ଡର ପ୍ରିମିୟମ କଲେକ୍ସନକୁ ଗ୍ରାହକଙ୍କ ଜରିଆରେ ଲୋକାଭିମୁଖୀ କରିବାକୁ ଆଶପ୍ରକାଶ କରିଛୁ।

# ସ୍କୋଡାର ସାଲ୍‌ଭିଆ ଷ୍ଟାଇଲ ଏଡିଶନ

ନୂଆଦିଲ୍ଲୀ,୧୪।୨ (ଅଭୟ ଦାଶ)




ସ୍କୋଡା ଅଟୋ ଇଣ୍ଡିଆର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ସ୍କୋଡା ସାଲ୍‌ଭିଆ ଷ୍ଟାଇଲ ଏଡିଶନ'ର ସର୍ବଭାରତୀୟ ଉନ୍ମୋଚନ ନିକଟରେ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ଅଲ ନ୍ୟୁ ସ୍କୋଡା ସାଲ୍‌ଭିଆ ଷ୍ଟାଇଲ ଏଡିଶନ ମଡେଲରେ ଅନେକ ଅତ୍ୟାଧୁନିକ ବୈଶିଷ୍ଟ୍ୟ ସହ ବ୍ଲାକ୍ ରୁଫ୍ ଫଏଲ ସହ ଇଲେକ୍ଟ୍ରିକ୍ ସନ୍‌ରୁଫ ଭଳି ଫିଚର ସାମିଲ ରହିଛି। ସେହିଭଳି ୫ଷ୍ଟାର ଗ୍ଲୋବାଲ ଏନ୍‌ସିଏପି ସେଫ୍ଟି ରେଟିଂ ଏବଂ ୧.୫ ଟିଏସ୍‌ଆଇ ଇଞ୍ଜିନ ଭଳି ଅନେକ ପ୍ରକାର ଏକ୍ସକ୍ଲୁସିଭ ଓ ସେଫ୍ଟି ଫିଚର ସଂଯୋଗ ରହିଛି। ଏ ସମ୍ପର୍କରେ ସ୍କୋଡା ଅଟୋ ଇଣ୍ଡିଆର ପିଟର ଜେନାବା କହିଛନ୍ତି, ଆମେ ଏହି ସ୍ୱତନ୍ତ୍ର ଏଡିଶନକୁ ଉନ୍ମୋଚନକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଖୁବ୍‌ଶୀଘ୍ର ଆମର ସମସ୍ତ ଆଉଟ୍‌ଲେଟ୍ ଓ ଡିଲର ପଏଣ୍ଟରେ ଏହି ମଡେଲ ଉପଲବ୍ଧ ହେବ। ବିଶେଷକରି ଆମେ ଆମର ଗ୍ରାହକଙ୍କୁ ସର୍ବଦା ନୂଆ ମଡେଲ ଓ ଅନୁଭୂତି ପ୍ରଦାନ କରିବାକୁ ଆଗ୍ରହୀ ରହିଛୁ।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**NEW DUPLEX SALE**
Ready to move new 4BHK duplex with Garage near Patia RTO Office, Nandanbihar Land- 1600 sqft, Construction- 2830 sqft, Fixed Price- 1.25Crore
7978450312
9439585947

**ADMISSION OPEN**
**B.Ed, M.Ed, B.P.Ed.**
Equivalent of Utkal University
Lowest Fees
Odisha School of Professional Studies
Address:
Plot No.N2/57, 2nd Floor, Near N2 Park, IRC Village, Nayapalli, Bhubaneswar- 751015
CONTACT NO.
7008096933
9692828174

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଜାନୁଆରୀରେ ପାଇକାରୀ ମୁଦ୍ରାସ୍ଫୀତି ହାର ୦.୨୭%



ନୂଆଦିଲ୍ଲୀ,୧୪।୨

କ୍ରମାଗତ ଭାବେ ଦେଶରେ ପାଇକାରୀ ମୁଦ୍ରାସ୍ଫୀତି ହାର ହ୍ରାସ ପାଉଛି। ଏପରିକି ୨୦୨୪ ଜାନୁଆରୀରେ ପାଇକାରୀ ମୁଦ୍ରାସ୍ଫୀତି ହାରରେ ହ୍ରାସ ଘଟି ୦.୨୭% ହୋଇଛି। ଅପରପକ୍ଷରେ ୨୦୨୩ ଡିସେମ୍ବରରେ ମଧ ପାଇକାରୀ ମୁଦ୍ରାସ୍ଫୀତି ହାରରେ ହ୍ରାସ ଘଟି ୦.୭୩%ରେ ରହିଥିଲା। ବିଶେଷକରି ଖାଦ୍ୟ ସାମଗ୍ରୀର ମୂଲ୍ୟ ହ୍ରାସ ଯୋଗୁ ଗତ ମାସରେ ପାଇକାରୀ ମୁଦ୍ରାସ୍ଫୀତି ହାରରେ ହ୍ରାସ ଘଟିଥିଲା। ଉଲ୍ଲେଖଯୋଗ୍ୟ, ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟ ପକ୍ଷରୁ ବୁଧବାର ଏକ ପ୍ରେସ୍ ବିବୃତିରେ କୁହାଯାଇଛି, ହୋଲ୍‌ସେଲ୍ ପ୍ରାଇସ୍ ଇଣ୍ଡେକ୍ସ(ଡବ୍ଲ୍ୟୁପିଆଇ) ଆଧାରିତ ମୁଦ୍ରାସ୍ଫୀତି ୨୦୨୪ ଜାନୁଆରୀରେ ୦.୨୭% ରହିଥିଲାବେଳେ ୨୦୨୩ ଜାନୁଆରୀରେ ଦେଶର ପାଇକାରୀ ମୁଦ୍ରାସ୍ଫୀତି ହାର ୪.୮% ଥିଲା। ସେହିଭଳି ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ୨୦୨୪ ଜାନୁଆରୀରେ ଖାଦ୍ୟ ସାମଗ୍ରୀର ମୁଦ୍ରାସ୍ଫୀତି ହାର ୬.୮୫% ରହିଛି। ୨୦୨୩ ଜାନୁଆରୀରେ ଏହି ହାର ୯.୩୮%ରେ ଥିଲା। ଏପରିକି ୨୦୨୪ ଜାନୁଆରୀରେ ପନିପରିବା ମୁଦ୍ରାସ୍ଫୀତି ହାର ୧୯.୭୧%, ଡାଲି ପାଇକାରୀ ମୁଦ୍ରାସ୍ଫୀତି ୧୬.୦୬% ରହିଛି।

# ୩ ଦିନିଆ ଗ୍ରୀନ୍ କନ୍‌କ୍ଲେଭ ଉଦ୍‌ଯାପିତ



ଭୁବନେଶ୍ୱର,୧୪।୨

ଏସିଆନ୍-ଆଫ୍ରିକାନ୍ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଏଏସିସିଆଇ)ର ଓଡ଼ିଶା ଶାଖା (ଚାପ୍ଟର) ପକ୍ଷରୁ ଭୁବନେଶ୍ୱରଠାରେ ଆୟୋଜିତ ୩ ଦିନିଆ ଗ୍ରୀନ୍ କନ୍‌କ୍ଲେଭ ବୁଧବାର ଆନୁଷ୍ଠାନିକ ଭାବେ ଉଦ୍‌ଯାପିତ ହୋଇଯାଇଛି। ଏପରିକି ବିଶ୍ୱସ୍ତରୀୟ ବ୍ୟବସାୟିକ ସମ୍ମିଳନୀ ଏବଂ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସିଡ୍‌ବିର ଉପମହାପ୍ରବନ୍ଧକ ପ୍ରଦୀପ ଚୌଧୁରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲାବେଳେ ରାଜ୍ୟ ସଭା ସଦସ୍ୟ ମୁନ୍ନା ଖାନ୍, ଏନ୍‌ସିସି ଡାଇରେକ୍ଟର କର୍ନେଲ ସାଗର କୁମାର ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ବିରିହାନ୍ ଆଲମେଟ୍ କିଡାନୁ ବିଶେଷ ଅତିଥି ଭାବେ ଯୋଗଦେଇ କନ୍‌କ୍ଲେଭର ଆଭିମୁଖ୍ୟ ଓ ଆବଶ୍ୟକତା ଉପରେ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଓଡ଼ିଶାର ବିଭିନ୍ନ ଗଣମାଧ୍ୟମର ଆଗଧାଡ଼ିର ୮ଜଣ ବରିଷ୍ଠ ସାମ୍ବାଦିକଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ଉକ୍ତ ସମ୍ମିଳନୀରେ ଏସିଆ, ଇଥିଓପିଆ, ଇରାନ୍, ମାଲେସିଆ, ସିଙ୍ଗାପୁର, ଜାମ୍ବିଆ, ଦକ୍ଷିଣ ଆଫ୍ରିକା, ସିଙ୍ଗାପୁର ଓ ଅନ୍ୟ ଆଫ୍ରିକାନ୍ ଦେଶରୁ ବହୁ ଡିପ୍ଲୋମାଟ୍ ଓ ଏମ୍‌ଏସ୍‌ଏମ୍‌ଇ ମୁଖ୍ୟ ମଧ ଯୋଗଦେଇଥିଲେ। ସେହିଭଳି ୩ଦିନ ବ୍ୟାପୀ ଆୟୋଜିତ ଉକ୍ତ ପ୍ରଦର୍ଶନୀରେ ବିଭିନ୍ନ ବର୍ଗର ଷ୍ଟଲ୍ ପ୍ରଦର୍ଶିତ ହୋଇଥିଲା। ଏହି ପ୍ରଦର୍ଶନୀରେ ଇକୋଜେନ୍‌ଙ୍କ ପ୍ରଡକ୍ଟ 'ସୋଲାର ଷ୍ଟଲ୍' ମୁଖ୍ୟ ଆକର୍ଷଣ ଥିଲା। ଅପରପକ୍ଷରେ ଏଏସିସିଆଇ ଓଡ଼ିଶା ଶାଖାର ସଭାପତି ଡ. ଲୀତା ମହାପାତ୍ର, ଉପ ସଭାପତି ରାଜେନ୍ଦ୍ର ପରିଡ଼ା, ଜଏଣ୍ଟ ସେକ୍ରେଟାରି ସୁସ୍ମିତା ମହାନ୍ତି, ମେଡିକାଲ ଚେୟାର ପର୍ସନ ଗରିମା ସରୋଗି, ଗୌରବ ରାହାଲାନ ଓ ଅନ୍ୟମାନଙ୍କ ସହଯୋଗରେ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା।


## Classified Everyday
0674-2580101, 2549949




**SALE**

**3BHK Semifurnished flats at Jharpada 80' road side. Contact- 9437307086, 7978209277, 7008789347.** D-2493

DAV Pokhariput 7K.M. କୁହା ମୌଜାରେ ଘରକୁ ଲାଗି 3000sqft. plot ବିକ୍ରିହେବ। 9938016295. D-75910

ସ୍ଥିତିବାନ୍ ଗୃହୋପଯୋଗୀ ପ୍ଲଟ୍ NH-16ର ପିତାପଲ୍ଲୀରେ ୬୦ଫୁଟ୍, ୩୦ଫୁଟ୍ ରାସ୍ତା ଥାଇ ସଙ୍ଗେସଙ୍ଗେ ହସ୍ତାନ୍ତର ସହ ସୁଲଭ ମୂଲ୍ୟରେ ଉପଲବ୍ଧ। 8867080780. D-75908

**Readymade 2/3BHK premium flat at prime location of Jayadev Vihar Chhak. Contact- 9437307086, 7978209277, 7008789347.** D-2494

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft., 3,60,000/- ଛତାବର Bypass sqft.-500/-. 9776974912. D-75904

**କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ** Grandbazar (NH-16) **ଏବଂ** SUM-2 (Hospital) **ଠାରୁ ଅଳ୍ପ ଦୂରତାରେ ଘରବାରି ପ୍ଲଟ୍ କିଣନ୍ତୁ - 9658562429.** D-75906

BDA Yellowzone gharabari plot for sale Khandagiri Amri Hospital back side ready for construction. 7978850450, 9439918431. D-75907

New Cancer Hospital ନାଇଜର, ଜଟଣୀ yellowzone BDA ୨୦୦ଫୁଟ ରାସ୍ତାକୁ ଲାଗି 400-800sqft.ରେ ଜାଗା ବିକ୍ରି ହେଉଛି। 8249693292. D-75200

**Flat for sale 2BHK, 3 BHK near Grand Bazar, Phulnakhara, close to NH-16. 7846819129.** D-75914




**Quality construction for your home with premium material, BDA approval, Vastu Complaints, (Architectural plan free) OD Group-Er. Bijaya Kumar. 9438330195.** D-75913




Newly open SPA positively health benefits with relax and refresh with good therapist. 8328803811. D-76101

Herbal full body massage by smart/expert therapist. Contact- 9124139069. D-75706

"Only Ayurvedic body massage & Steam-Bath. 9861550765". D-2495

Newly open SPA positively health benefits with expert therapist. 9040286886. D-75199

**LOST**

Sale Deed Lost: ଢେଙ୍କାନାଳ ଟାଉନ ନିଜିଗଡ଼ ମୌଜାର RSD No.-3351, Dt.15.07.2005, ମ୍ୟୁଟେସନ ପଟ୍ଟା ନମ୍ବର- 3470/ 2468ଟି କୌଣସି ଜାଗାରେ ହଜିଯାଇଛି। କୌଣସି ସହୃଦୟ ବ୍ୟକ୍ତି ଏହାର ସନ୍ଧାନ ପାଆନ୍ତି, ତେବେ ନିମ୍ନ ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ। Contact: Brungilata Barwa, Mob: 6371284224, 7008872686. D-75419

I, Gunnam Bhaskar Rao, S/o. Gunnam Ramachandra Rao, R/o. Ramakrishna Nagar, P.O. Barahguda, P.S./Dist.- Bargarh, Odisha declare that I am the partner of M/S VIKASH RESIDENTIAL INSTITUTIONS. On behalf of said Institution I have purchased landed property. At the time of execution of Sale deed the vandor has handed over the previous Sale deed bearing document No.233 of 1991 dt 21.3.1991. While I was going from Vikash School Campus, Sason to Majhipali on dated10.02.2024 the above mentioned Sale deed along with other documents has been fallen somewhere and after through search the same could not trace out. D-2530

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ମନେ ପଡ଼ନ୍ତି

### ଶ୍ରଦ୍ଧାଞ୍ଜଳି



**ପ୍ରାଧାପକ ବୈକୁଣ୍ଠନାଥ ମହାନ୍ତି**
ଆବିର୍ଭାବ: ୦୪।୦୩।୧୯୪୦
ତିରୋଧାନ: ୦୨।୦୨।୧୯୯୮ (ମାଘଷଷ୍ଠୀ)
ଆଜି ଆପଣଙ୍କ ଛବିଶତମ ଶ୍ରାଦ୍ଧବାର୍ଷିକ ପବିତ୍ର ପୁଣ୍ୟତିଥିରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି।
ସ୍ତ୍ରୀ- ସେବତୀ, ପୁଅ- ବିଶ୍ୱଜିତ୍, ଇନ୍ଦ୍ରଜିତ୍, ଶତ୍ରୁଜିତ୍, ରଣଜିତ୍, ଝିଅ- ମମତା, ଜ୍ୱାଇଁ- ରକ୍ଷକ, ବୋହୂ- ରୁବି, ଇଲି, ସିନି, ଲୀନା, ନାତିନାତୁଣୀ- ରୋମି, ରିଙ୍କୁ, ରିୟା, ଇମନ୍, ଶ୍ରେୟା, ନେହା, ରୋହନ୍, ସୋହନ୍, ଇକ୍ଷା, ସିମନ୍, (ଅର୍ପିତ- ନାତୁଣୀଜ୍ୱାଇଁ)।
ଧ-୨୫୨୩

### ଦ୍ୱାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି




ସ୍ୱାମୀ- ଅଜୟ କୁମାର ମିଶ୍ର
ପୁତ୍ର- ଡ. ଅମିତ୍ କୁମାର ମିଶ୍ର
ବାଜି ରାଉତ ଆଇ.ଟି.ଆଇ. ନିକଟ, ଢେଙ୍କାନାଳ
ଆବିର୍ଭାବ- 27.03.1967
ତିରୋଧାନ- 04.02.2024
ଚାହୁଁ ଚାହୁଁ ଏଗାର ଦିନ ବିତିଗଲା। ତୁମର ସ୍ମୃତି ଆମ ପାଇଁ ଜୀବନ୍ତ ହୋଇରହିଛି। ତୁମର ସ୍ନେହ, ଶ୍ରଦ୍ଧା, ନୀତି, ଆଦର୍ଶ, ପରୋପକାରିତା ଓ ଦୃଢ଼ମନା ଚିର ସ୍ମରଣୀୟ ହୋଇରହିବ। ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୭୫୪୨୦

### ଏକାଦଶାହ ଉପଲକ୍ଷେ



**ମୀନରାଣୀ ବେହେରା**
ବିଶ୍ୱାଳପଡ଼ା, ଆମଣ, କଟକ
ଆବିର୍ଭାବ- ୧୫।୦୨।୧୯୫୬
ତିରୋଧାନ- ୦୫।୦୨।୨୦୨୪
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ
ପରିବାରବର୍ଗ ଓ ବନ୍ଧୁବାନ୍ଧବ
ଧ-୨୫୩୧

### ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



**୰କରୁଣାମୟୀ ଗାଙ୍ଗୁଲୀ**
ଆବିର୍ଭାବ- ୧୯୪୦
ତିରୋଧାନ- ୩୧ ଜାନୁୟାରୀ ୨୦୨୦
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶ୍ୟାମାଶଙ୍କର ମଠ, ହାଟସାହି, ପୁରୁଣା ଭୁବନେଶ୍ୱର
ଅଖିଳ ଭାରତ ଜୟଗୁରୁ ସଂପ୍ରଦାୟ ଭାଇଭଉଣୀମାନେ
ଅରୁଣ କୁମାର ଗାଙ୍ଗୁଲୀ, ଭଉଣୀ- ସୁନୀତା ଠାକୁର, ଭିଣୋଇ- ଆଶିଷ ଠାକୁର, ସତୀସଂଘର ସୁଷମା ପଟ୍ଟନାୟକ, ମଙ୍ଗଳା କାପୁର, ମଞ୍ଜୁ ସାହୁ, ମୀରା ପ୍ରଧାନ, ଅନୁ ସରକାର, ପ୍ରତିଭା ସାହୁ - ସମସ୍ତ ସଦସ୍ୟା ।
ଧ-୨୫୩୨

# ଘୋଷଯାତ୍ରାର ଆଦ୍ୟପର୍ବ ଆରମ୍ଭ | ପୂଜାର୍ଚ୍ଚନା ସହ ରଥକାଠ ଅନୁକୂଳ

ପୁରୀ, ୧୪।୨ (ଅଜିତ୍ ମହାନ୍ତି)

ଆସନ୍ତା ଜୁଲାଇ ୭ରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ଦାରୁବିଗ୍ରହଙ୍କ ପାଇଁ ପବିତ୍ର ଅକ୍ଷୟ ତୃତୀୟାରୁ ରାଜନଅର ସମ୍ମୁଖ ରଥଖଳାରେ ତିନିରଥ ନିର୍ମାଣ କାମ ଆରମ୍ଭ ହେବ। ପରମ୍ପରା ଅନୁଯାୟୀ, ଘୋଷଯାତ୍ରାର ଆଦ୍ୟପର୍ବ ବସନ୍ତ ପଞ୍ଚମୀ ବା ସରସ୍ୱତୀ ପୂଜାଠାରୁ ଆରମ୍ଭ ହୋଇଛି। ବୁଧବାର ସରସ୍ୱତୀ ପୂଜା ଅବସରରେ ଶ୍ରୀମନ୍ଦିର କାର୍ଯ୍ୟାଳୟ ନିକଟ ରଥଖଳାରେ ରଥକାଠ ଅନୁକୂଳ କରାଯାଇଛି। ସନ୍ଧ୍ୟାରେ ପ୍ରଥମେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପରିସରରେ ମା' ସରସ୍ୱତୀଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ପରେ କାର୍ଯ୍ୟାଳୟ ସମ୍ମୁଖରେ ରଥକାଠ ଅନୁକୂଳ ପୂଜା ହୋଇଥିଲା। ରାଜଗୁରୁ ଏବଂ ଅନ୍ୟ ଶ୍ରୋତ୍ରୀୟ ବ୍ରାହ୍ମଣମାନେ ମନ୍ତ୍ରପାଠ ମଧ୍ୟରେ ୧୨ ଫୁଟିଆ ୩ଖଣ୍ଡ ଧଉରା କାଠକୁ ଶୁଦ୍ଧଜଳ, ପଞ୍ଚାମୃତ, ଚନ୍ଦନ, ସିନ୍ଦୂର, ଫୁଲ, ଶ୍ରୀଫଳ, ଧୂପ, ଦୀପ ଦେଇ ସଂସ୍କାର କରିଥିଲେ। ପୂଜାର୍ଚ୍ଚନା ପରେ ମହାପ୍ରସାଦ ଓ ପୁଷ୍ପାଞ୍ଜଳି ଅର୍ପଣ କରାଯାଇଥିଲା। ଚଳିତବର୍ଷ ଯେପରି ରଥଯାତ୍ରା ଶାନ୍ତିଶୃଙ୍ଖଳାରେ ସମ୍ପନ୍ନ ହେବ ସେଥିନିମନ୍ତେ ସେବାୟତ ଓ ପ୍ରଶାସନିକ ଅଧିକାରୀମାନେ ମହାପ୍ରଭୁଙ୍କୁ ପ୍ରାର୍ଥନା କରିଛନ୍ତି। ପରମ୍ପରା ଅନୁଯାୟୀ, ପୂଜା ହୋଇଥିବା ୩ଟି କାଠରେ ୩ ରଥର ଗୁଜ କାର୍ଯ୍ୟ ହେବ। ଆସନ୍ତା ରାମନବମୀ ତିଥିରେ କଟକ ଖପୁରିଆ ଶ'ମିଲ୍‌ରେ ରଥକାଠ ଚିରଟ ଆରମ୍ଭ କରାଯିବ। ଅକ୍ଷୟତୃତୀୟାରେ ପୁରୀ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଅନୁକୂଳ ହେବ। ରଥ ନିର୍ମାଣ ପାଇଁ ୮୬୫ ଖଣ୍ଡ ଅସନ, ଧଉରା, ଫାସି ସମେତ ବିଭିନ୍ନ ପ୍ରକାର କାଠ ଆବଶ୍ୟକ ହୋଇଥାଏ। ଚଳିତବର୍ଷ ପ୍ରଥମ ପର୍ଯ୍ୟାୟରେ ୩ଟି ଟ୍ରକ୍ ଯୋଗେ ୧୦୨ ଖଣ୍ଡ ରଥକାଠ ନୟାଗଡ଼ ଓ ଦଶପଲ୍ଲା ବନଖଣ୍ଡରୁ ଆସି ପୁରୀରେ ପହଞ୍ଚିଛି। ଏଥିମଧ୍ୟରେ ୫୦ ଖଣ୍ଡ ଅସନ ଓ ୫୨ ଖଣ୍ଡ ଧଉରା କାଠ ରହିଛି। ଗତବର୍ଷ ୫୩ ଖଣ୍ଡ କାଠ ବଳକା ରହିଥିବାରୁ ଚଳିତବର୍ଷ ରଥ ନିର୍ମାଣ ଲାଗି ୮୧୨ ଖଣ୍ଡ କାଠ ଆବଶ୍ୟକ।



ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସମ୍ମୁଖରେ ରଥକାଠ ଅନୁକୂଳ କରାଯାଉଛି।

# ବସ୍ ଓଲଟିଲା: କଣ୍ଡକ୍ଟର ମୃତ, ୧୨ ଆହତ

କଟକ/ଫୁଲନଖରା, ୧୪।୨ (କାର୍ତ୍ତିକ ସାହୁ, ଶିଳ୍ପା ପ୍ରିୟଦର୍ଶିନୀ/ ସତ୍ୟରଞ୍ଜନ ଦାସମହାପାତ୍ର)

୧୬ ନମ୍ବର ଜାତୀୟ ରାଜପଥର କଟକ ଗୋପାଳପୁର ନିକଟରେ ବୁଧବାର ସନ୍ଧ୍ୟାରେ ଏକ ଯାତ୍ରୀବାହୀ ବସ୍ ଭାରସାମ୍ୟ ହରାଇ ଓଲଟି ପଡ଼ିଛି। ଏଥିରେ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧୨ ଜଣ ଆହତ ହୋଇଛନ୍ତି। ମୃତକ ଜଣଙ୍କ ବସ୍‌ର କଣ୍ଡକ୍ଟର କଟକ ସଦର ଥାନା ଅଧୀନ ଖଲର୍ଦ୍ଦା ଅଞ୍ଚଳର ପ୍ରକାଶ କୁମାର ସ୍ୱାଇଁ(୩୦) ବୋଲି କଟକ ସଦର ଥାନାଧିକାରୀ ଜଗନ୍ନାଥ ମଲ୍ଲିକ କହିଛନ୍ତି। ଆହତମାନଙ୍କୁ ଚିକିତ୍ସା ପାଇଁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ପରେ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା। କାଠଯୋଡ଼ି ବ୍ରିଜ୍‌ରୁ ବାଲିକୁଦା ଛକ ପର୍ଯ୍ୟନ୍ତ ରାସ୍ତାରେ ବହୁସଂଖ୍ୟକ ଯାନବାହନ ଅଟକି ରହିଥିଲା। ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଆମ୍ବୁଲାନ୍ସ ସହାୟତାରେ ଆହତଙ୍କୁ ଏସ୍‌ସିବି ମେଡିକାଲ ପଠାଇଥିଲେ। ଏଥିସହ କ୍ରେନ୍ ସହାୟତାରେ ଦୁର୍ଘଟଣାଗ୍ରସ୍ତ ବସ୍‌କୁ ହଟାଇବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ପରେ ପୋଲିସ ଉକ୍ତ ବସ୍‌କୁ ଜବତ କରି ଥାନାକୁ ନେବା ସହ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଦୁର୍ଘଟଣା ପରେ ବସ୍ ଚାଳକ ଓ ହେଲ୍‌ପର୍ ଫେରାର ହୋଇଯାଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ୪୦ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କୁ ନେଇ ବସ୍ (ନଂ.ଓଆର୍୦୫ଏଜେ-୭୪୫୫)ଟି ଭୁବନେଶ୍ୱରରୁ ବାଲେଶ୍ୱର ଅଭିମୁଖେ ଯାଉଥିଲା। ସନ୍ଧ୍ୟା ପ୍ରାୟ ୬ଟା ୧୫ ମିନିଟ୍‌ରେ ଗୋପାଳପୁର ନିକଟରେ ଭାରସାମ୍ୟ ହରାଇ ଡିଭାଇଡର ଉପରକୁ ମାଡ଼ିଯାଇ ଓଲଟି ପଡ଼ିଥିବା ପ୍ରତ୍ୟକ୍ଷଦର୍ଶୀ ସୁବାସ କୁମାର ସ୍ୱାଇଁ କହିଛନ୍ତି। ବସ୍‌ର ବିଭିନ୍ନ ଅଂଶରେ ବାଡେଇ ହୋଇଯିବାରୁ ଯାତ୍ରୀମାନେ ଖୁବ୍ ଜୋର୍‌ରେ ଚିତ୍କାର କରିଥିଲେ। ସେମାନଙ୍କ ଚିତ୍କାର ସାଙ୍ଗକୁ ବସ୍ ପଡ଼ିବାର ଶବ୍ଦ ଶୁଣି ରାସ୍ତାରେ ଯାଉଥିବା ଲୋକଙ୍କ ସମେତ ସ୍ଥାନୀୟ ଜନସାଧାରଣ ଦୁର୍ଘଟଣାସ୍ଥଳକୁ ଦୌଡ଼ି ଆସିଥିଲେ। ବସ୍‌ର କାଚ ଭାଙ୍ଗି ଯାତ୍ରୀମାନଙ୍କୁ ଉଦ୍ଧାର କରିବାରେ ଲାଗିପଡିଥିଲେ। ମହିଳା ଓ ଶିଶୁମାନେ ବହୁ କଷ୍ଟରେ ବାହାରକୁ ଆସିଥିଲେ। ବସ୍‌ଟି ବାମ ପାର୍ଶ୍ୱକୁ ପଡ଼ିବା ପରେ ଡୋର୍ ପାଖରେ ଥିବା କଣ୍ଡକ୍ଟର ଚାପି ହୋଇଯାଇଥିଲେ। ତାଙ୍କୁ ବହୁ କଷ୍ଟରେ ଉଦ୍ଧାର କରାଯାଇଥିଲା। ଖବରପାଇ ପୋଲିସ ଓ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିଥିଲେ। ୧୩ ଜଣଙ୍କୁ ଚିକିତ୍ସା ପାଇଁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରକାଶଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟ ଆହତଙ୍କ ମଧ୍ୟରେ ୩ ଜଣ ମହିଳା ଓ ୯ ଜଣ ପୁରୁଷ ଅଛନ୍ତି। ସେମାନଙ୍କ ଚିକିତ୍ସା ପାଇଁ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଗଠନ କରାଯାଇଛି। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ଏସ୍‌ସିବି ମେଡିକାଲ ପ୍ରଶାସନିକ ଅଧିକାରୀ ଡା. ଅବିନାଶ ରାଉତ ସୂଚନା ଦେଇଛନ୍ତି। ଅପରପକ୍ଷରେ କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ ଓ ନିରାମୟ ଉପଦେଷ୍ଟା ଡ. ରଞ୍ଜନ ବିଶ୍ୱାଳ ଏସ୍‌ସିବି ମେଡିକାଲରେ ପହଞ୍ଚି ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ଡାକ୍ତରଙ୍କ ସହିତ ଆଲୋଚନା କରିଛନ୍ତି।

## ପ୍ରଥମେ ଯାତ୍ରୀଙ୍କୁ ଉଦ୍ଧାର କଲେ ସ୍ଥାନୀୟ ଲୋକେ

## ପ୍ରଥମ ପୃଷ୍ଠାରୁ...

## ନବୀନଙ୍କ ସମର୍ଥନରେ ...

ଭାଜପାରୁ ପ୍ରାର୍ଥୀ ହୋଇ ଅଶ୍ୱିନୀ ରାଜ୍ୟ ସଭା ଯାଇ କେନ୍ଦ୍ରରେ ମନ୍ତ୍ରୀ ହୋଇଥିଲେ। ରାଜ୍ୟ ସଭା ପାଇଁ ନାମାଙ୍କନ ଦାଖଲର ଶେଷଦିନ ଅଶ୍ୱିନୀ ଭାଜପା ବିଧାୟକମାନଙ୍କ ସହ ଯାଇ ନିଜର ନାମାଙ୍କନପତ୍ର ଦାଖଲ କରିବେ। ହେଲେ ପୁଣି ଥରେ ଭାଜପାକୁ ରାଜ୍ୟ ସଭା ଆସନ ବିଜେଡି ଛାଡ଼ିଥିବା କଥା କହି ଉଭୟ ଦଳକୁ କଂଗ୍ରେସ ଟାର୍ଗେଟ କରିଛି।

ଓଡ଼ିଶାର ୩ ରାଜ୍ୟ ସଭା ସଦସ୍ୟ ଅମର ପଟ୍ଟନାୟକ, ପ୍ରଶାନ୍ତ ନନ୍ଦ ଏବଂ ଅଶ୍ୱିନୀ ବୈଷ୍ଣବଙ୍କ କାର୍ଯ୍ୟକାଳ ଆସନ୍ତା ଏପ୍ରିଲ ୩ରେ ଶେଷ ହେବ। ଏହି ୩ ରାଜ୍ୟ ସଭା ଆସନ ପାଇଁ ଗୁରୁବାର ନାମାଙ୍କନ ଦାଖଲର ଶେଷ ଦିନ। ଯଦି ୩ରୁ ଅଧିକ ପ୍ରାର୍ଥୀ ହୁଅନ୍ତି, ତେବେ ଆସନ୍ତା ୨୭ ତାରିଖରେ ଏହି ଆସନଗୁଡ଼ିକ ଲାଗି ଭୋଟ ଗ୍ରହଣ କରାଯିବ। ତେବେ ବିଧାନସଭାରେ ସଂଖ୍ୟା ଦୃଷ୍ଟିରୁ ଦେଖିଲେ ବିଜେଡି ସମସ୍ତ ରାଜ୍ୟ ସଭା ଆସନ ନିଜ ପାଖରେ ରଖିପାରିଥାଆନ୍ତା। ହେଲେ ଗତ ସୋମବାର ଶୁଭାଶିଷ ଖୁଣ୍ଟିଆ ଏବଂ ଦେବାଶିଷ ସାମନ୍ତରାୟଙ୍କୁ ପ୍ରାର୍ଥୀଭାବେ ବିଜେଡି ଘୋଷଣା କରିଥିବାବେଳେ ତୃତୀୟ ପ୍ରାର୍ଥୀ ନାଁ ଘୋଷଣା ନ କରିବା ନେଇ ଚର୍ଚ୍ଚା ଜୋର୍ ଧରିଥିଲା। ଏହା ମଧ୍ୟରେ ବୁଧବାରଠାରୁ ଅଶ୍ୱିନୀଙ୍କ ୨ ଦିନିଆ ଓଡ଼ିଶା ଗସ୍ତ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଥିଲା। ସେ ଓଡ଼ିଶାରୁ ଆଉ ଥରେ ରାଜ୍ୟ ସଭା ଯିବେ ବୋଲି ଏକ ପ୍ରକାର ସ୍ପଷ୍ଟ ହେଇ ଆସୁଥିଲା। ଏପରି ସ୍ଥିତିରେ ବୁଧବାର ଭାଜପା ମଧ୍ୟପ୍ରଦେଶର ୪ଟି ଏବଂ ଓଡ଼ିଶାର ଗୋଟିଏ ରାଜ୍ୟ ସଭା ଆସନ ଲାଗି ପ୍ରାର୍ଥୀ ଘୋଷଣା କରିଥିଲା। ଓଡ଼ିଶାରୁ ଭାଜପା ଅଶ୍ୱିନୀଙ୍କ ନାଁ ଘୋଷଣା କରିବାର କିଛି ସମୟ ମଧ୍ୟରେ ବିଜେଡି ସମର୍ଥନ ଦେବା କଥା ଘୋଷଣା କରିଥିଲା। ଅର୍ଥାତ୍ ଏନେଇ ବିଜେଡି ଏବଂ ଭାଜପା ମଧ୍ୟରେ ଆଗରୁ ଏକ ପ୍ରକାର ଆଲୋଚନା ଶେଷ ହୋଇଥିବା କଥା ସ୍ପଷ୍ଟ।

ଓଡ଼ିଶାରେ ଅଶ୍ୱିନୀ ପହଞ୍ଚିବା ପରେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ସେ ଭାଜପାର ଜଣେ ଶୃଙ୍ଖଳିତ କାର୍ଯ୍ୟକର୍ତ୍ତା। ତାଙ୍କ ସାର୍ବଜନିକ ଜୀବନର ସବୁ ନିଷ୍ପତ୍ତି ଦଳ ନେଇଥାଏ। ଦଳର ନେତୃତ୍ୱ ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି। ଆଉ ଥରେ ସେବା କରିବାକୁ ସୁଯୋଗ ଦେଇଥିବାରୁ କୃତଜ୍ଞତା ଜଣାଉଥିବା ଅଶ୍ୱିନୀ କହିଛନ୍ତି। ସେଠାରୁ ସେ ସିଧାସଳଖ ଯାଇ ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ପହଞ୍ଚିଥିବା ଜଣାପଡ଼ିଛି।

ଅନ୍ୟପକ୍ଷରେ ବିଜେଡିର ନିଷ୍ପତ୍ତିକୁ କଂଗ୍ରେସ ପ୍ରଭାରୀ ଅଜୟ କୁମାର ଏବଂ ପିସିସି ସଭାପତି ଶରତ ପଟ୍ଟନାୟକ ଟାର୍ଗେଟ କରିଛନ୍ତି। ସୋସିଆଲ ମିଡିଆ 'ଏକ୍ସ'ରେ ଅଜୟ କହିଛନ୍ତି, ଭାଜପାକୁ ସବୁବେଳେ ବିଜେଡି ସମର୍ଥନ କରିଆସିଛି। ଉଭୟଙ୍କ ବୈବାହିକ ମେଣ୍ଟ ଅତି ଚତୁରତାର ସହ ଆଗକୁ ବଢ଼ି ଚାଲିଛି। ଏବେ ରାଜ୍ୟବାସୀ ଜାଣୁଛନ୍ତି, ବଡ଼ ବଡ଼ ଦୁର୍ନୀତି ସତ୍ତ୍ୱେ ବିଜେଡିର ଶୀର୍ଷନେତାଙ୍କ ଉପରେ କାହିଁକି ସିବିଆଇ କିମ୍ବା ଇଡି ରେଡ୍ କରୁନାହାନ୍ତି। ଶରତ କହିଛନ୍ତି, ଅଣ ଓଡ଼ିଆ ଲୋକମାନେ ରାଜ୍ୟକୁ ଆସି ଖଣି ଖାଦନ ଲୁଟୁଛନ୍ତି ବୋଲି ଲୋକମାନେ ଜାଣିସାରିଲେଣି। ବିଜେଡି-ଭାଜପା ମଧ୍ୟରେ ଲୁଟିବାକୁ ବୁଝାମଣା ହୋଇଛି। କଂଗ୍ରେସ ଶକ୍ତିଶାଳୀ ହୋଇ ଲଢ଼ିବାକୁ ବାହାରିଥିବାବେଳେ ବିଜେଡି ଓ ଭାଜପା ମିଶି ଲଢ଼ିବାକୁ ଯୋଜନା କରୁଛନ୍ତି। କଂଗ୍ରେସ ଏକମାତ୍ର ଦଳ ଯିଏ ଭାଜପା ଓ ବିଜେଡି ସହ ଲଢ଼ୁଛି। ଭାଜପା ଯାହା କହିବ ବିଜେଡି ସେଇଆ ହିଁ କରିବ। ବିଜେଡି-ଭାଜପା ମଧ୍ୟରେ ବାହାଘର ହେବା ପରେ ଏବେ ଆସିଜଣେ ପୋଷ୍ୟପୁତ୍ର ପହଞ୍ଚିଗଲାଣି ବୋଲି ସେ କହିଛନ୍ତି।

ବିଜେଡି ନେତା ତଥା ରାଜ୍ୟ ସଭା ସଦସ୍ୟ ମୁନ୍ନା ଖାଁ କହିଛନ୍ତି, ଗତଥର ବିଜେଡି ସମର୍ଥନରେ ଅଶ୍ୱିନୀଙ୍କୁ ରାଜ୍ୟ ସଭା ପଠାଯାଇଥିଲା। ସେ କେନ୍ଦ୍ରରେ ରେଳମନ୍ତ୍ରୀ ହେଲେ। ଏଥିପାଇଁ ଓଡ଼ିଶାର ଜଣେ ଏମ୍‌ପି ରେଳମନ୍ତ୍ରୀ ଭାବେ ଅଛନ୍ତି। ରେଳ କ୍ଷେତ୍ରରେ ଅଶ୍ୱିନୀ ବହୁ ରେଳଲାଇନ ଏବଂ ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟ କରୁଛନ୍ତି। ଓଡ଼ିଶାର ସ୍ୱାର୍ଥ ପାଇଁ ବିଜେଡି ପୁଣି ଅଶ୍ୱିନୀଙ୍କୁ ରାଜ୍ୟ ସଭା ପ୍ରାର୍ଥୀ ଭାବେ ସମର୍ଥନ କରୁଛି। ସେ ପୂର୍ବଥର ରାଜ୍ୟ ସଭାରେ ଅଳ୍ପଦିନ ଥିଲେ, ଏବେ ଅଧିକ ଦିନ ଲାଗି ଯିବେ। ତେଣୁ ସେ ଓଡ଼ିଶାକୁ କେନ୍ଦ୍ରମନ୍ତ୍ରୀ ଭାବେ ଅଧିକ ସାହାଯ୍ୟ କରିବେ ବୋଲି ଆଶା ରଖାଯାଇଥିବା ମୁନ୍ନା ଖାଁ କହିଛନ୍ତି।

## ବଢ଼ିଲା କଳାକାର ...

କଳାକାରମାନେ ସହାୟତା ରାଶି ବୃଦ୍ଧି ନିମିତ୍ତ ଅନୁରୋଧ ମଧ୍ୟ କରିଥିଲେ। ଏହି ସହାୟତା ରାଶି ବୃଦ୍ଧି ଯୋଗୁ ଓଡ଼ିଶାର ଅନେକ କଳାକାର ଉପକୃତ ହେବେ। ଏହା ଦ୍ୱାରା କଳାର ସଂରକ୍ଷଣ, ବିକାଶ, ପ୍ରଚାର ଓ ପ୍ରସାର ହେବା ସହିତ ଓଡ଼ିଶାର କଳା ଓ ସଂସ୍କୃତିକୁ ଏହା ଋଦ୍ଧିମନ୍ତ କରିବ।

## ବୁଣାକାର, ହସ୍ତଶିଳ୍ପ ...

ରାଜ୍ୟର ସମୃଦ୍ଧ ଐତିହ୍ୟର ପ୍ରଦର୍ଶନ ଏବଂ ସଂରକ୍ଷଣ ପାଇଁ ବୁଣାକାର ଓ ହସ୍ତଶିଳ୍ପ କାରିଗରମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ରାଜ୍ୟରେ ୧,୨୫,୦୦୦ରୁ ଊର୍ଦ୍ଧ୍ୱ ବୁଣାକାର ତଥା ବୁଣା କାର୍ଯ୍ୟରେ ନିୟୋଜିତ ସହାୟକ ଥିବାବେଳେ ଦେଢ଼ ଲକ୍ଷରୁ ଅଧିକ ହସ୍ତଶିଳ୍ପ କାରିଗର ଅଛନ୍ତି। ତେବେ ପରିଣତ ବୟସରେ ବୁଣାକାରଙ୍କ ସହାୟତା ପାଇଁ ରାଜ୍ୟ ସରକାରଙ୍କ ବରିଷ୍ଠ ବୁଣାକାର ସହାୟତା ଯୋଜନା ରହିଥିବାବେଳେ ବରିଷ୍ଠ ହସ୍ତଶିଳ୍ପ କାରିଗରମାନଙ୍କ ପାଇଁ କୌଣସି ଯୋଜନା ନ ଥିଲା। ପୂର୍ବରୁ ବୁଣାକାରମାନେ ୬୦ରୁ ୮୦ବର୍ଷ ବୟସ ମଧ୍ୟରେ ମାସିକ ୫୦୦ ଟଙ୍କାର ସହାୟତା ପାଉଥିବାବେଳେ ୮୦ବର୍ଷ ବୟସରୁ ଅଧିକ ବୁଣାକାରମାନେ ମାସିକ ୭୦୦ ଟଙ୍କାର ସହାୟତା ପାଉଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଜିଲା ଗସ୍ତ ସମୟରେ ବିଭିନ୍ନ ଅଞ୍ଚଳର ବୁଣାକାର ଓ ହସ୍ତଶିଳ୍ପ କାରିଗରମାନେ ଏ ସମ୍ପର୍କରେ ଅନୁରୋଧ କରିଥିଲେ। ଏହି ଅନୁରୋଧକୁ ବିଚାରକୁ ନେଇ ରାଜ୍ୟ ସରକାର ରାଜ୍ୟର ବୁଣାକାର ଓ ବୁଣା କାର୍ଯ୍ୟରେ ନିୟୋଜିତ ସହାୟକ ଏବଂ ହସ୍ତଶିଳ୍ପ କାରିଗରମାନଙ୍କ କଲ୍ୟାଣ ନିମନ୍ତେ ଏକ ନୂତନ ଯୋଜନା 'ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା' ପ୍ରଣୟନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହି ଯୋଜନାରେ ଯୋଗ୍ୟବିବେଚିତ ହେବା ପାଇଁ ହିତାଧିକାରୀଙ୍କ ନାମ ବୟନଶିଳ୍ପ ନିର୍ଦ୍ଦେଶକ ଓ ହସ୍ତଶିଳ୍ପ ନିର୍ଦ୍ଦେଶକଙ୍କ ଦ୍ୱାରା କରାଯାଇଥିବା ସର୍ବେକ୍ଷଣ ତାଲିକାରେ ବୁଣାକାର ଓ ବୁଣା କାର୍ଯ୍ୟରେ ନିୟୋଜିତ ସହାୟକ ଏବଂ ହସ୍ତଶିଳ୍ପ କାରିଗର ଭାବରେ ପଞ୍ଜୀକୃତ ହୋଇଥିବ। ପରିବାରର ବାର୍ଷିକ ଆୟ ୧ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହୋଇ ନ ଥିବ। ରାଜ୍ୟ ସରକାର କିମ୍ବା କେନ୍ଦ୍ର ସରକାରଙ୍କ ଦ୍ୱାରା କୌଣସି ଅନୁରୂପ ଯୋଜନାର ଲାଭାର୍ଥୀ ହୋଇ ନ ଥିବେ। ହିତାଧିକାରୀ ସରକାରୀ କର୍ମଚାରୀ, ଆୟକରଦାତା କିମ୍ବା କେନ୍ଦ୍ର ଅଥବା ରାଜ୍ୟ ସରକାରଙ୍କ ପେନ୍‌ସନଭୋଗୀ ହୋଇ ନ ଥିବେ। ଗୋଟିଏ ପରିବାରରୁ ଜଣେମାତ୍ର ଏହି ଯୋଜନାରେ ଲାଭ ପାଇପାରିବେ।

ଏହି ଯୋଜନାର ସହାୟତା ରାଶି ଯୋଗ୍ୟ ବିବେଚିତ ବୁଣାକାର ଏବଂ ବୁଣା କାର୍ଯ୍ୟରେ ନିୟୋଜିତ ସହାୟକ ଏବଂ ହସ୍ତଶିଳ୍ପ କାରିଗରଙ୍କ ଆଧାର ସଂଯୁକ୍ତ ବ୍ୟାଙ୍କ ସଞ୍ଚୟ ଖାତାକୁ ସିଧାସଳଖ ଡାଇରେକ୍ଟ ବେନିଫିଟ ଟ୍ରାନ୍ସଫର (ଡିବିଟି) ଦ୍ୱାରା ପ୍ରଦାନ କରାଯିବ। ଏହା ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଦ୍ୱାରା କାର୍ଯ୍ୟକାରୀ କରାଯିବ। ଏଥିନିମନ୍ତେ ଆବଶ୍ୟକ ମାର୍ଗଦର୍ଶିକା ବିଭାଗ ତରଫରୁ ଜାରି କରାଯିବ। ପ୍ରଥମେ ବରିଷ୍ଠ ବୁଣାକାର ସହାୟତା ଯୋଜନାରେ ସହାୟତା ପାଉଥିବା ହିତାଧିକାରୀମାନଙ୍କୁ ବର୍ଦ୍ଧିତ ହାରରେ ସହାୟତା ରାଶି ଫେବୃଆରୀ ୨୦ରୁ ୨୫ତାରିଖ ମଧ୍ୟରେ ପ୍ରଦାନ କରାଯିବ। ପରବର୍ତ୍ତୀ ସମୟରେ ବୁଣାକାର ଓ ବୁଣା କାର୍ଯ୍ୟରେ ନିୟୋଜିତ ସହାୟକ ଏବଂ ହସ୍ତଶିଳ୍ପ କାରିଗରମାନଙ୍କ ମଧ୍ୟରୁ ଉପଯୁକ୍ତ ହିତାଧିକାରୀ ଚୟନ କରାଯାଇ ସହାୟତା ରାଶି ଯଥାଶୀଘ୍ର ପ୍ରଦାନ କରାଯିବ।

## ଆବୁଧାବିରେ ପ୍ରଥମ ...

ସଂଲଗ୍ନ କରାଯାଇଛି। ଏଥିସହ ଭୂକମ୍ପ ନିରୋଧୀ ବ୍ୟବସ୍ଥା ମଧ୍ୟ କରାଯାଇଥିବା ବିଏପିଏସ୍ ଅନ୍ତର୍ଜାତୀୟ ଯୋଗାଯୋଗ ମୁଖ୍ୟ ସ୍ୱାମୀ ବ୍ରହ୍ମବିହାରୀଦାସ ପ୍ରକାଶ କରିଛନ୍ତି। ମନ୍ଦିର ନିର୍ମାଣରେ ୧୮ ଲକ୍ଷ ଇଟା, ୭ ଲକ୍ଷ ଘଣ୍ଟାର କାର୍ଯ୍ୟ ଏବଂ ରାଜସ୍ଥାନରୁ ଯାଇଥିବା ୧.୮ ଲକ୍ଷ କ୍ୟୁବିକ୍ ମିଟର ପଥର ବ୍ୟବହୃତ ହୋଇଛି। ଅଯୋଧ୍ୟାର ରାମମନ୍ଦିର ଭଳି ନାଗର ଶୈଳୀରେ ମନ୍ଦିରକୁ ନିର୍ମାଣ କରାଯାଇଛି। ମନ୍ଦିର ନିର୍ମାଣରେ ଜାଗା ଯୋଗାଇବା ସହ ସହଯୋଗ ପାଇଁ ପ୍ରଧାନମନ୍ତ୍ରୀ ମୋଦି ୟୁଏଇ ପ୍ରେସିଡେଣ୍ଟ ଶେଖ୍ ମହମ୍ମଦ ବିନ୍ ଜାୟେଦଙ୍କୁ ଧନ୍ୟବାଦ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦିଙ୍କ ଗସ୍ତବେଳେ ଭାରତ ଏବଂ ୟୁଏଇ ମଧ୍ୟରେ ଶକ୍ତି, ଭିତ୍ତିଭୂମି, ନିବେଶ ଆଦି କ୍ଷେତ୍ରରେ ୧୦ଟି ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷର ହୋଇଛି। ଫଳରେ ଦୁଇଦେଶର ଦ୍ୱିପାକ୍ଷିକ ସମ୍ପର୍କ ଆହୁରି ସୁଦୃଢ଼ ହେବ ବୋଲି ବହିର୍ବ୍ୟାପାର ସଚିବ ବିନୟ କ୍ୱାତ୍ରା କହିଛନ୍ତି। ଚାଇନା ଓ ଆମେରିକା ପରେ ୟୁଏଇ ହେଉଛି ଭାରତର ସବୁଠୁ ବଡ଼ ବ୍ୟବସାୟିକ ସହଯୋଗୀ। ୟୁଏଇ ସହ ଭାରତର ବାର୍ଷିକ ବାଣିଜ୍ୟିକ କାରବାର ୮୫ ନିୟୁତ ଆମେରିକୀୟ ଡଲାରରେ ପହଞ୍ଚିଛି।

## ଶେରଗଡ଼ ହେଲା ...

ଭିତ୍ତି ପ୍ରଥମେ ହିଞ୍ଜିଳି-ଶେରଗଡ଼ରୁ ହିଁ ଆରମ୍ଭ ହୋଇଥିଲା। ମା'ତାରାତାରିଣୀ ପୀଠର ଉନ୍ନତି ସହିତ ହାଇସ୍କୁଲ ରୂପାନ୍ତରଣ କାର୍ଯ୍ୟ ଏଠାରୁ ଆରମ୍ଭ ହୋଇଥିଲା। ଏହିସବୁ ରୂପାନ୍ତର କାର୍ଯ୍ୟ ଆଜି ଦେଶବିଦେଶକୁ ଆକର୍ଷିତ କରୁଛି। ଆଜି ହାଇସ୍କୁଲ ରୂପାନ୍ତର କାର୍ଯ୍ୟ ଶେଷହୋଇ ସାରା ରାଜ୍ୟରେ ୮୦୦୦ରୁ ଅଧିକ ହାଇସ୍କୁଲ ରୂପାନ୍ତରିତ ହୋଇଛି। ପିଲାମାନଙ୍କ ଖୁସି ଓ ଲୋକଙ୍କ ଖୁସି ଦେଖି ସେ ବି ଆନନ୍ଦିତ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ହିଞ୍ଜିଳି-ଶେରଗଡ଼ର ବିକାଶକୁ ଏକ ନୂଆ ସୋପାନରେ ପହଞ୍ଚାଇବା ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ଶେରଗଡ଼କୁ ଏନ୍‌ଏସି କରିବା ପାଇଁ ବହୁଦିନରୁ ଦାବି ହୋଇଆସୁଥିଲା।

## ରାଜସ୍ଥାନରୁ ରାଜ୍ୟ ...

ସମେତ ରାଜସ୍ଥାନର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍ ଉପସ୍ଥିତ ଥିଲେ। ଉଚ୍ଚ ସଦନରେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ
କାର୍ଯ୍ୟକାଳ ଆସନ୍ତା ଏପ୍ରିଲରେ ଶେଷ ହେବ। ତାଙ୍କ ସ୍ଥାନରେ ୭୭ ବର୍ଷୀୟା ସୋନିଆ ପ୍ରତିନିଧିତ୍ୱ କରିବେ। କଂଗ୍ରେସ ସଂସଦୀୟ ଦଳ ନେତ୍ରୀଙ୍କ ଏହା ହେବ ରାଜ୍ୟ ସଭାରେ ପ୍ରଥମ ପ୍ରତିନିଧିତ୍ୱ। ଅନ୍ୟପକ୍ଷେ ସୋନିଆ ରାଜ୍ୟ ସଭାକୁ ଯିବା ପାଇଁ ନିଷ୍ପତ୍ତି ନେବା ଆଗାମୀ ଲୋକ ସଭା ନିର୍ବାଚନରେ କଂଗ୍ରେସ ପରାଜୟର ଅଗ୍ରିମ ସ୍ୱୀକାରୋକ୍ତି ବୋଲି ଭାଜପା ଆଇଟି ବିଭାଗ ମୁଖ୍ୟ ଅମିତ ମାଲବ୍ୟ ମାଇକ୍ରୋବ୍ଲଗିଂ ସାଇଟ୍ 'ଏକ୍ସ'ରେ ଉଲ୍ଲେଖ କରିଛନ୍ତି।
କଂଗ୍ରେସ ଅଭିଷେକ ମନୁ ସିଂଘଭି ଓ ଅଜୟ ମାକେନଙ୍କୁ ହିମାଚଳ ପ୍ରଦେଶରୁ ମନୋନୀତ କରିଛି। ସିଂଘଭି ଗୁରୁବାର ନାମାଙ୍କନପତ୍ର ଦାଖଲ କରିବେ ବୋଲି ହିମାଚଳ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂ ସୁଖୁ ସୂଚନା ଦେଇଛନ୍ତି। ଫେବୃଆରୀ ୧୫ ହେଉଛି ନାମାଙ୍କନର ଶେଷ ଦିନ। ତେଲଙ୍ଗାନାରୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ରେଣୁକା ଚୌଧୁରୀ ଏବଂ ରାଜ୍ୟର କଂଗ୍ରେସ ନେତା ଏମ୍. ଅନିଲ କୁମାର ଯାଦବଙ୍କୁ ରାଜ୍ୟ ସଭାରେ ପ୍ରତିନିଧିତ୍ୱ ପାଇଁ ଦଳ ପକ୍ଷରୁ ସୁଯୋଗ ଦିଆଯାଇଛି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ଅଫିସ୍ କୋ-ଅର୍ଡିନେଟର ସୟଦ ନାସିର ହୁସେନଙ୍କୁ କର୍ଣ୍ଣାଟକରୁ ଦ୍ୱିତୀୟ ଥର ରାଜ୍ୟ ସଭା ଟିକେଟ ମିଳିଛି। ବିହାର କଂଗ୍ରେସ ମୁଖ୍ୟ ଅଖିଳେଶ ପ୍ରସାଦ ସିଂଙ୍କୁ ରାଜ୍ୟରୁ ପୁନଃ ମନୋନୀତ କରାଯାଇଛି। ସେହିପରି କର୍ଣ୍ଣାଟକର ନେତା ଜି.ସି. ଚନ୍ଦ୍ରଶେଖରଙ୍କୁ ମଧ୍ୟ ପୁନଃ ମନୋନୀତ କରାଯାଇଥିବା ଦଳ ପକ୍ଷରୁ କୁହାଯାଇଛି। ଅନୁରୂପ ଭାବେ ମଧ୍ୟପ୍ରଦେଶରୁ ଅଶୋକ ସିଂ ଓ ମହାରାଷ୍ଟ୍ରରୁ ଚନ୍ଦ୍ରକାନ୍ତ ହାଣ୍ଡୋରେଙ୍କୁ ରାଜ୍ୟସଭା ପ୍ରାର୍ଥୀ କରାଯାଇଛି।

## ଶିଶୁପୁତ୍ରଙ୍କୁ ବଳି ...

ଜଙ୍ଗଲରେ ଉଭୟ ସ୍ତ୍ରୀ ସ୍ୱାମୀ ଲୁଚି ରହିଥିଲେ। ବୁଧବାର ମଧ୍ୟାହ୍ନରେ ସ୍ଥାନୀୟ ଲୋକେ ଉଭୟଙ୍କୁ ହାଣ୍ଡିଫୁଟା ଅଞ୍ଚଳରୁ କାବୁ କରି ପୋଲିସକୁ ଖବର ଦେଇଥିଲେ। ନୁଦଡିହା ଫାଣ୍ଡି ପୋଲିସ ପହଞ୍ଚି ଉଭୟଙ୍କୁ ହେପାଜତକୁ ନେଇଥିଲା। ଉଦ୍ଧାର ଶିଶୁପୁତ୍ର ସ୍ଥାନୀୟ ଯୁବକଙ୍କ ପାଖରେ ରହିଥିବା ଜଣାପଡ଼ିଛି। ତେବେ ଫାଣ୍ଡିରେ ଅଟକ ଥିବା ଦମ୍ପତି କେଉଁ କାରଣ ପାଇଁ ନିଜ ଜନ୍ମ କଲା ପୁଅକୁ ବଳି ଦେବାକୁ ନେଇଥିଲେ ପୋଲିସ ତାହାର ଖୋଳତାଡ଼ କରୁଛି। ଉଦଳା ଥାନା ଅଧିକାରୀ ବନମାଳୀ ବାରିକ ଏହି ବଳି ଘଟଣାକୁ ଅସ୍ୱୀକାର କରିଥିବା ବେଳେ ଉକ୍ତ ଦମ୍ପତି ମାତ୍ରାଧିକ ନିଶାସକ୍ତ ହୋଇ ପଡ଼ିଥିବାରୁ ନାବାଳକ ଜଣକ ସେଠାରୁ ଭୟରେ ଖସି ଆସିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା କହିଛନ୍ତି।

## ଗୋପାଳପୁରରେ ବୃହତ୍ ....

ବିକାଶ ପାଇଁ ନୂଆ ସୁଯୋଗ ସୃଷ୍ଟିହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଆଜି ଓଡ଼ିଶା ପୁଞ୍ଜିନିବେଶ କ୍ଷେତ୍ରରେ ଦେଶରେ ଦ୍ୱିତୀୟ ସ୍ଥାନରେ ଅଛି। ଦେଶର ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ଓଡ଼ିଶା ଖାଦ୍ୟ ଯୋଗାଉଛି। ବିଶ୍ୱର ବଡ଼ ବଡ଼ ଆଇଟି କମ୍ପାନୀ ଓଡ଼ିଶାରେ ସେମାନଙ୍କ କମ୍ପାନୀ ପ୍ରତିଷ୍ଠା କରୁଛନ୍ତି। କ୍ରୀଡ଼ା ଓ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଓଡ଼ିଶା ସୁନାମ ଅର୍ଜନ କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଦିନିକିଆ ଗଞ୍ଜାମ ଜିଲା ଗସ୍ତ କରି ମୁଖ୍ୟମନ୍ତ୍ରୀ ୩,୯୫୨ କୋଟିର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ଉଦ୍‌ଘାଟନ କରିଛନ୍ତି। ଏଥିସହିତ ଅନେକ ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ମଧ୍ୟ କରିଛନ୍ତି।

ମୁଖ୍ୟମନ୍ତ୍ରୀ ପ୍ରଥମେ ହିଞ୍ଜିଳି-ଶେରଗଡ଼ ଯାଇ ସେଠାରେ ୧୮୧.୭୮ କୋଟି ଟଙ୍କା ବିନିଯୋଗରେ ନିର୍ମିତ ୭ଟି ପ୍ରକଳ୍ପର ଉଦ୍‌ଘାଟନ କରିଥିବାବେଳେ ୧୩୬.୭୮ କୋଟିଟଙ୍କାର ୮ଟି ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପରେ ଶୀତଳାପଲ୍ଲୀଠାରେ ୬୩୯.୮୧ କୋଟି ଟଙ୍କା ମୂଲ୍ୟର ୨୪ଟି ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିବା ସହିତ ୨,୯୯୪ କୋଟି ଟଙ୍କାର ୫୪ଟି ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଶୀତଳାପଲ୍ଲୀଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସରସ୍ୱତୀ ପୂଜାର ଶୁଭ ଅବସରରେ ଗଞ୍ଜାମ ଜିଲା ପାଇଁ ୫ହଜାର କୋଟିରୁ ଅଧିକ ଟଙ୍କାର ଜଳସେଚନ ପ୍ରକଳ୍ପ, ପାନୀୟ ଜଳ ପ୍ରକଳ୍ପ ଆରମ୍ଭ କରାଯାଇଛି। ୫-ଟି ଉପକ୍ରମ ଶିକ୍ଷା-ସ୍ୱାସ୍ଥ୍ୟ ଭିତ୍ତିଭୂମି କ୍ଷେତ୍ରରେ ବ୍ୟାପକ ରୂପାନ୍ତର ଆଣିଛି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ, ସମଲେଇ ପ୍ରକଳ୍ପ ଓ ମା' ତାରାତାରିଣୀ ପୀଠର ରୂପାନ୍ତର ଓଡ଼ିଶାକୁ ଗୌରବାନ୍ୱିତ କରିଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଲୋକଙ୍କ ଚିକିତ୍ସା ଚିନ୍ତା ଦୂର କରିଛି। ରାଜ୍ୟରେ ମା'ମାନେ ଆଜି ଉଦ୍ୟୋଗୀ ହେବା ପାଇଁ ଆଗଭର ହେଲେଣି। ଚାଷୀମାନଙ୍କ ପାଇଁ, ମା'ମାନଙ୍କ ଲାଗି ଓ ଯୁବଗୋଷ୍ଠୀ ପାଇଁ ବିନା ସୁଧରେ ଋଣ ବ୍ୟବସ୍ଥା ସେମାନଙ୍କ ପାଇଁ ସୁଯୋଗ ଆଣିଦେଉଛି। ଛାତ୍ରୀଛାତ୍ରଙ୍କ ପାଇଁ ନୂଆ-ଓ ଛାତ୍ରବୃତ୍ତି ଆରମ୍ଭ ହେବାକୁ ଯାଉଛି। ସମସ୍ତଙ୍କ ସହଯୋଗରେ ଓଡ଼ିଶା ଆଜି ଦେଶରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଆଗାମୀ ଦିନରେ ଓଡ଼ିଶାକୁ ବିକାଶର ନୂଆ ସୋପାନରେ ପହଞ୍ଚାଇବାକୁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।
ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶୀତଳାପଲ୍ଲୀଠାରେ ନବନିର୍ମିତ ୨୦୦ ଶଯ୍ୟାବିଶିଷ୍ଟ ସୁପର ସ୍ପେସିଆଲିଟି ହସ୍ପିଟାଲକୁ ଲୋକାର୍ପଣ କରିବା ସହିତ ଘରପାଖରେ ଆପଣମାନେ ଏହା ମାଧ୍ୟମରେ ଭଲ ଚିକିତ୍ସା ସୁବିଧା ପାଇବେ ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହିତ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ସମସ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ପ୍ରକଳ୍ପ ସମ୍ପର୍କରେ ଲୋକମାନଙ୍କ ସହ ଆଲୋଚନା କରିଥିଲେ।

No. C-3058

HOUSING AND URBAN DEVELOPMENT DEPARTMENT
OFFICE OF THE BARGARH MUNICIPAL COUNCIL, BARGARH
At/P.O./Dist.: Bargarh, PIN - 768028
No. 509 — Invitation for Bids — Date: 12.02.2024
BID IDENTIFICATION No. 10/BGH-MUN/2023-24

| | | | |
|---|---|---|---|
| 1 | Nature of Work | : | Civil Work |
| 2 | No. of Work | : | 69 Nos. |
| 3 | Amount put to Tender (in lakh) | : | As per DTCN |
| 4 | Bid Cost | : | As per DTCN |
| 5 | Class of Contractor | : | "D" & "C" |
| 6 | Availability of Bid Documents in Website | : | From 09.00 Hrs. Dt.13.02.2024 to 17.00 Hrs. Dt.20.02.2024 |
| 7 | Date of Opening of Bid | : | Dt.21.02.2024 11.00 Hrs. |

The bidders have to participate in ONLINE bidding only. Further details can be seen from the website i.e. http://tenderodisha.gov.in. Any addendum/corrigendum/cancellation of tender can also be seen only in the said website.
Sd./- Executive Officer, Bargarh Municipality
OIPR-13103/11/0023/2324

BHUBANESWAR MUNICIPAL CORPORATION
Notice No.7173/2023-24 Dt:09.02.2024
File No.xxxxxvDrainage 63/2024
REQUEST FOR PROPOSAL FOR SELECTION OF AGENCY FOR PLANTATION DEVELOPMENT, IRRIGATION AND MAINTENANCE ALONG DRAIN NO.7 IN BMC AREA
No.C-3064: Bhubaneswar Municipal Corporation (BMC) invites proposals from reputed Agencies Plantation Development, Irrigation and Maintenance along Drain No.7 in BMC area. Interested agencies may participate for this tender and submit their Proposal in conformity with terms and conditions of this Advertisement and the Request for Proposal (RFP). The detailed Request for Proposal (RFP) document can be downloaded from BMC website i.e. bmc.gov.in from 11.00 AM of 12.02.2024 to 04.00 PM of 22.02.2024. The last date of receipt of technical and financial bids is 22.02.2024 till 4.00 PM and the same would be opened on 22.02.2024 at 5.00 P.M. Please refer the RFP documents for further details.
BMC reserves the right to cancel this invitation and/ or invite fresh Bid/ RFP with or without amendments to this invitation, without liability or any obligation for such invitation and without assigning any reason. BMC reserves the right to accept or reject any or all proposals without assigning any reason whatsoever.
By Order of Commissioner, Bhubaneswar Municipal Corporation
Sd./- Superintending Engineer, Drainage Division, Bhubaneswar Municipal Corporation
OIPR-13002/11/0276/2324

GOVERNMENT OF ODISHA — No. O-1529
OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, SUNDARGARH
At/P.O.: Sankara, Sundargarh - 770020, E-mail address: serw_sundargarh@yahoo.com
No. Tender Online - RWCCESNG-54 of 2023-24 — Letter No. 445 — Dtd.12.02.2024
e-Procurement NOTICE
1. Type of the Work : Road (MMSY - TRIP)
2. Class of Contractor : As specified in the Column - 6 of the Annexure
3. Time of Completion : As specified in the Column - 5 of the Annexure
4. Detail Projects : As per Annexure attached
5. Estimated Cost : As specified in the Column - 4 of the Annexure
6. Other Details :

| Procurement Officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date & time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | RWCCESNG - 54 of 2023-24 | 16.02.2024 11.00 A.M. | 02.03.2024 5.00 P.M. | 01.03.2024 5.00 P.M. | 04.03.2024 11.00 A.M. | Will be intimated separately |

Further details can be seen from the website www.tendersodisha.gov.in.
OIPR-25133/11/0075/2324 — Sd./- Chief Construction Engineer I/C, Rural Works Circle, Sundargarh

GOVERNMENT OF ODISHA — No. C-3072
OFFICE OF THE EXECUTIVE ENGINEER, PUBLIC HEALTH DIVISION, RAYAGADA
e-mail: eephd.rgda.od@nic.in, eephdrgda@gmail.com
NATIONAL COMPETITIVE BIDDING THROUGH e-Procurement
INVITATION FOR BIDS (IFB) NO. EEPHDRAYAGADA-64/2023-24 DT.07.02.2024

| Sl. No. | Name of the Work | Bid Identification No. | Estimated Cost (Rs. in Lakh) | Class of Contractor | Period of Completion | Availability of Bid Document for Online Bidding | |
|---|---|---|---|---|---|---|---|
| | | | | | | From | To |
| 1 | Procurement of D.I. Pipe for the work "Augmentation of Water Supply to Gunupur Town under AMRUT 2.0 (SWAP-II)" | EEPHDRAYAGADA-64/2023-24 Dtd.07.02.2024 | 840.59 | Reputed Manufacture | 1 (One) Month | 22.02.2024 (11.00 Hr.) | 07.03.2024 (17.00 Hr.) |

Name & Address of Officer Inviting Bid : Executive Engineer, P.H. Division, Rayagada.
Email: eephd.rgda.od@nic.in, eephdrgda@gmail.com.
- Further details can be seen from the e-Procurement portal "https://www.tendersorissa.gov.in".
- All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.

OIPR-13052/11/0018/2324 — Sd./- Executive Engineer, P.H. Division, Rayagada

OFFICE OF THE MUNICIPAL COUNCIL, DEOGARH
Phone No. 06641-295020, E-mail: eo-deogarhmncp@gov.in
No. 459/DMC — Dt.12.02.2024
"e" Procurement Notice
Bid Identification No. EO/DM/02/2023-24
No. C-3057: Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. website i.e. www.tendersodisha.gov.in.
1. Nature of Work : Civil Work
2. No. of Works : 14 Nos.
3. Estimated Cost : As per NIT
4. Period of Completion : As per NIT
5. Date and time of availability of the Documents in the Portal : From 15 hours of 12.02.2024 to 17 hours of 21.02.2024
6. Last date/time for receipt of Bids in the Portal : Dt.21.02.2024 at 17 hours
7. Original Document Submitted : Dt.22.02.2024 at 17 hours
8. Bids received online shall be opened on : Dt.23.02.2024 at 12 hours
9. Name and Address of the Officer Inviting Bid : Executive Officer, Deogarh Municipality

Further the details can be seen from the procurement portal www.tendersodisha.gov.in.
Sd./- Executive Officer, Deogarh Municipality
OIPR-13088/11/0006/2324


ସୋନାକ୍ଷୀ

## ସୋନାକ୍ଷୀ ଯାହା ଖୋଜୁଥିଲେ...

ଦବଙ୍ଗ ଗର୍ଲ ସୋନାକ୍ଷୀ ସିହ୍ନା ଯାହା ଖୋଜୁଥିଲେ ତାହା ତାଙ୍କୁ ମିଳିଯାଇଛି। ଅସଲ କଥା ହେଲା ସେ ଏଭଳି ଏକ ସୋଲୋ ଗୀତଟିଏ ଚାହୁଁଥିଲେ ଯାହାଦ୍ୱାରା ସେ ଦର୍ଶକଙ୍କ ମନ ଜିଣିପାରିବେ। ନିକଟରେ ଏକ ନୂଆ ସିନେମା ସାଇନ୍ କରିଛନ୍ତି। ଏଥିରେ ସଂଯୋଜିତ ଗୀତଗୁଡ଼ିକୁ ଶୁଣିବା ପରେ ସେଗୁଡ଼ିକରେ କିପରି ଠିକ୍ ଭାବରେ ଡ୍ୟାନ୍ସ କରିପାରିବେ ସେଥିପାଇଁ ପ୍ରାକ୍ଟିସ ଆରମ୍ଭ କରିଦେଇଛନ୍ତି। କିନ୍ତୁ ଏକାକୀ ନାଚିବାକୁ ଥିବା ଗୀତଟିଏ ଉପରେ ସେ ଅଧିକ ଗୁରୁତ୍ୱ ଦେଉଛନ୍ତି। କେବଳ ସେତିକି ନୁହେଁ, ଏଥିପାଇଁ ସେ ନିଜକୁ ଏମିତି ନିୟୋଜିତ କରିଛନ୍ତି ଯେ ନିଜର କେତେକ ଗୁରୁତ୍ୱପୂର୍ଣ୍ଣ କାମକୁ କ୍ୟାନସେଲ କରିବାକୁ ବାଧ୍ୟ ହୋଇଛନ୍ତି। ଏ ସମ୍ପର୍କରେ ସୋନାକ୍ଷୀ କହନ୍ତି, ''ଏହି ଫିଲ୍ମର ଟାଇଟଲ ଫାଇନାଲ ହୋଇନାହିଁ। ହେଲେ ଏହାର ଗୀତଗୁଡ଼ିକ ମୋ ମନକୁ ଛୁଇଁ ପାରିଛି। ତେଣୁ ସେଗୁଡ଼ିକୁ କିପରି ଶତ ପ୍ରତିଶତ ଜଷ୍ଟିସ ଦେବି ସେ ନେଇ ପ୍ରାକ୍ଟିସ ଆରମ୍ଭ କରିଦେଇଛି। ବିଶେଷଭାବରେ ଏଥିରେ ଥିବା ଏକ ସୋଲୋ ଗୀତକୁ ନେଇ ମୋର ଅଧିକ ଆଶା ରହିଛି। ଦର୍ଶକ ଏହାକୁ ନିଶ୍ଚୟ ଗ୍ରହଣ କରିବେ ବୋଲି ମୋର ଦୃଢ଼ ବିଶ୍ୱାସ।'' ଏହି ଅନଟାଇଟଲଡ୍ ଫିଲ୍ମରେ ଦର୍ଶକ ସୋନାକ୍ଷୀଙ୍କୁ ଏକ ରୋମାଣ୍ଟିକ ଭୂମିକାରେ ଦେଖିବାକୁ ପାଇବେ।

## ଟୁ-ଇନ୍-ୱାନ୍ ତାରା

ତାରା ସୁଟାରିଆ କେବଳ ଜଣେ ଅଭିନେତ୍ରୀ ନୁହନ୍ତି ତାଙ୍କ ଭିତରେ ଆଉ ଏକ ପ୍ରତିଭା ଲୁଚି ରହିଛି। ଅବଶ୍ୟ ସେହି ପ୍ରତିଭା ବଳରେ ସେ ମଧ୍ୟ ସାଉଁଟି ଚାଲିଛନ୍ତି ପ୍ରଶଂସା। ହଁ, ସେ ଗାୟିକା ଭାବରେ ବେଶ୍ ପରିଚିତ। ଏପରି କି କେତୋଟି ହିନ୍ଦୀ ସିନେମା ପାଇଁ ସେ କଣ୍ଠଦାନ କରିସାରିଛନ୍ତି। ତେବେ ଏହି ଦୁଇଟି ଜିନିଷକୁ ତାରା ବେଶ୍ ସମାନ୍ତରାଳ ଭାବରେ ଆଗେଇ ନେଇ ଚାଲିଛନ୍ତି। ଅଭିନୟ କରିବା ପୂର୍ବରୁ ସେ ଗୀତ ଗାଇବା ପାଇଁ ପ୍ରଶିକ୍ଷଣ ନେଇଥିଲେ। ପୂର୍ବରୁ ବେଶ୍ କେତୋଟି ଆଲବମ୍ ପାଇଁ କଣ୍ଠଦାନ କରିବା ପରେ 'ଏକ ଭିଲେନ୍ ରିର୍ଟନସ'ରୁ ସେ ଗାୟିକା ଭାବରେ ବଡ ପରଦା କ୍ୟାରିୟର ଆରମ୍ଭ କରିଥିଲେ। ଏ ନେଇ ତାରା କହନ୍ତି, 'ପ୍ରତିଦିନ ଟିକିଏ ଗୀତ ନ ଗାଇଲେ ମୋତେ ଅଡୁଆ ଅଡୁଆ ଲାଗିଥାଏ। ପିଲାଟି ଦିନରୁ ମୋର ଗୀତ ଗାଇବା ପାଇଁ ଆଗ୍ରହ ଥିଲା। ଯାହାହେଉ ଏବେ ତାହାକୁ ଜାରି ରଖିଛି।' କେବଳ ଗୀତ ଗାଇବା ନୁହେଁ, ଡ୍ୟାନ୍ସରେ ତାରା ବେଶ୍ ପାରଙ୍ଗମ। ବଡ ପରଦାରେ ପାଦ ରଖିବା ପୂର୍ବରୁ ଟିଭି ଦୁନିଆରେ ସେ ନିଜକୁ ପରିଚିତ କରାଇ ପାରିଥିଲେ। କରନ୍ ଜୋହରଙ୍କ 'ଷ୍ଟୁଡେଣ୍ଟ ଅଫ ଦ ଇୟର-୨' (୨୦୧୯)ରୁ ତାରା ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ।


ତାରା


ଜ୍ୟାକ୍‌ଲିନ୍

## 'ଆଲ୍ଲାଦିନ୍' ହିଟ୍ ହୋଇ ନ ଥିଲେ...

ଶ୍ରୀଲଙ୍କା ସୁନ୍ଦରୀ ମୁକୁଟ ପିନ୍ଧିବା ପରେ ଜ୍ୟାକଲିନ୍ ଫର୍ନାଡିସ୍ ଅଭିନୟ ପ୍ରତି ମନ ବଳାଇଥିଲେ। ମାତ୍ର ୧୯ ବର୍ଷ ବୟସରେ ସେ ଏହି ଟାଇଟଲ ହାସଲ କରିବାରେ ସକ୍ଷମ ହୋଇଥିଲେ। ମଡେଲିଂ ପ୍ରତି ରୁଚି ରଖୁଥିବା ଜ୍ୟାକ୍‌ଲିନ୍‌ଙ୍କୁ ବଡ଼ ପରଦାର ଅଫର କିଏ ଦେଇଥିଲେ ଜାଣନ୍ତି ? ବିଶିଷ୍ଟ ନିର୍ଦ୍ଦେଶକ ସୁଜୟ ଘୋଷ। ଆଉ ଫିଲ୍ମଟି ଥିଲା 'ଆଲ୍ଲାଦିନ୍'। ଏ ନେଇ ଜ୍ୟାକ୍‌ଲିନ କହନ୍ତି, ''ସୁଜୟ ସାର୍ ଯେତେବେଳେ ମୋତେ ଏହି ଅଫରଟି ଦେଲେ ସେତେବେଳେ ମୁଁ ଟିକେ ବିଚଳିତ ହୋଇପଡିଥିଲି। କାରଣ ଅଭିନୟ ପ୍ରତି ମୋର ସେତେଟା ଆଗ୍ରହ ନ ଥିଲା। କିନ୍ତୁ ତାଙ୍କ ସହ ସାକ୍ଷାତ ହେବା ପରେ ସେ ମୋ ମନରେ ଉଠିଥିବା ପ୍ରଶ୍ନଗୁଡ଼ିକର ସହଜରେ ସମାଧାନ କରିଦେଇଥିଲେ। ମନରେ ଢେର ଆଶା ବାନ୍ଧି ମୁଁ ଅଭିନୟ ଦୁନିଆରେ ପାଦ ଦେଇଥିଲି। ଯାହାହେଉ, ଭଗବାନଙ୍କ କୃପାରୁ ଆଜି ପର୍ଯ୍ୟନ୍ତ ମୁଁ ଇଣ୍ଡଷ୍ଟ୍ରିରେ ତିଷ୍ଠି ରହିଛି। ଯଦି ଏହି ଫିଲ୍ମଟିକୁ ଦର୍ଶକ ଗ୍ରହଣ କରି ନ ଥାନ୍ତେ, ତେବେ ମୁଁ ଅଭିନୟକୁ କ୍ୟାରିୟର କରିବି ବୋଲି ସେତେବେଳେ ଯେଉଁ ସ୍ୱପ୍ନ ଦେଖିଥିଲି ତାହା ଅଧୁରା ରହିଯାଇଥାଆନ୍ତା।'' ଜ୍ୟାକ୍‌ଲିନ୍ ଅଭିନୟ କରିଥିବା ପ୍ରମୁଖ ସିନେମାଗୁଡ଼ିକ ମଧ୍ୟରେ ରହିଛି 'ହାଉସଫୁଲ', 'ମର୍ଡର-୨', 'ହାଉସଫୁଲ୍-୨', 'କିକ୍', 'ରୟ', 'ଡ୍ରିସୁମ', 'ଏ ଫ୍ଲାଇଙ୍ଗ ଜାଟ୍', 'ଜୁଡୱା-୨', 'ବାଗୀ-୨', 'ରାଧେ', 'ଭୂତ ପୋଲିସ', 'ବଚ୍ଚନ ପାଣ୍ଡେ' ଏବଂ 'ରାମସେତୁ'।

## ସାନ୍ୟାଙ୍କ ଅଫସୋସ


ସାନ୍ୟା

କଥାରେ ଅଛି-ଆଶା ଅସୁମାରୀ। ହେଲେ ସବୁ ଆଶା ତ ପୂରଣ ହୁଏନା। ପାଠ ପଢ଼ିବା ସମୟରେ 'ଦଙ୍ଗଲ' ଫେମ୍ ସାନ୍ୟା ମାଲହୋତ୍ରା ଏକ ଆଶା ରଖିଥିଲେ। ତାହା କ'ଣ ଜାଣନ୍ତି ? ପାଠ ଶେଷ ହେବା ପରେ ଜଣେ ଡାକ୍ତର ହେବେ। କିନ୍ତୁ ତାହା କେବଳ ଆଶାରେ ହିଁ ରହିଗଲା। ପରବର୍ତ୍ତୀ ସମୟରେ ସେ ଅଭିନୟକୁ ଆଦରି ନେଇଥିଲେ। ପ୍ରଥମ ସିନେମା 'ଦଙ୍ଗଲ' ସୁପରହିଟ୍ ହେବା ପରେ ସେ ଆଉ ପଛକୁ ଫେରି ଚାହିଁ ନ ଥିଲେ। ନିଜ କ୍ୟାରିୟର ସମ୍ପର୍କରେ ସାନ୍ୟା କହନ୍ତି, 'ପାଠପଢ଼ା ସମୟରେ ମୋ ମନରେ ଡାକ୍ତର ହେବାକୁ ଆଶା ଜାଗ୍ରତ ହୋଇଥିଲା କିନ୍ତୁ ତାହା ପୂରଣ ହେଲା ନାହିଁ। ପୁଣି ଯେତେବେଳେ ଆମୀର ଖାଁଙ୍କ ପରି ପ୍ରଯୋଜକ ମୋତେ ଅଫର ଦେଲେ ସେତେବେଳେ ତାହାକୁ ଆଖିବୁଜି ଗ୍ରହଣ କରିଥିଲି। ସେପଟେ ଭାଗ୍ୟଦେବୀ ମୋ ପ୍ରତି ସତେଯେମିତି ପ୍ରସନ୍ନ ଥିଲେ। ପ୍ରଥମ ସିନେମାକୁ ଯେପରି ରେସପନ୍ସ ମିଳିଲା ତାହା ମୁଁ କଦାପି କଳ୍ପନା କରି ନ ଥିଲି। ସାନ୍ୟା ବାହାରକୁ କିମ୍ବା ଶୁଟିଂ ସେଟ୍‌କୁ ଗଲେ ସାଙ୍ଗରେ ଏହି କିଟ୍ ନେଇଯାଆନ୍ତି। ସାନ୍ୟା ନନ୍-ଭେଜ୍ ଖାଦ୍ୟ ଖାଇବାକୁ ପସନ୍ଦ କରିଥାଆନ୍ତି। ଏହାବ୍ୟତୀତ ଅବସର ସମୟରେ ଡ୍ୟାନ୍ସ କରିବା, ଦର୍ଶନୀୟ ସ୍ଥାନ ବୁଲିବା ସହ ବହି ପଢ଼ିବାକୁ ଖୁବ୍ ଭଲ ପାଆନ୍ତି।

### ଛୋଟ ପରଦା

## ମଧୁର ସଂସାର


ଜୀ ସାର୍ଥକ ଚ୍ୟାନେଲରେ ପ୍ରସାରିତ ନୂଆ ଧାରାବାହିକ 'ମଧୁର ସଂସାର'ର ଏକ ଦୃଶ୍ୟ

ନୂଆ ବର୍ଷରେ ଅନ୍ୟତମ ଲୋକପ୍ରିୟ ଚ୍ୟାନେଲ ଜୀ ସାର୍ଥକରେ ଆରମ୍ଭ ହୋଇଥିବା ମେଗା ଧାରାବାହିକ 'ମଧୁର ସଂସାର' ଦର୍ଶକଙ୍କ ମନକୁ ଛୁଇଁବାରେ ସଫଳ ହୋଇଛି । କାହାଣୀ ଅନୁସାରେ ମଧୁ ଜଣେ ସରଳ, ଅତିରିକ୍ତ ଏବଂ ଖୋଲା ମନୋଭାବର ଝିଅ। ମାନସ ଜଣେ ସାଦାସିଧା ଓଡ଼ିଆ ବ୍ୟକ୍ତି। କାହାଣୀଟି ଆଗକୁ ବଢୁଥିବାରୁ ମଧୁ ଏବଂ ମାନସ ପରସ୍ପରକୁ ବିବାହ କରିବାକୁ ପ୍ରସ୍ତୁତ ହୋଇଛନ୍ତି। ମାନସଙ୍କ ମାଆ ସୁଲେଖା କିନ୍ତୁ ଏଥିରେ ରାଜି ନୁହନ୍ତି। ତେବେ ମାନସଙ୍କ ପରିବାରର ସମସ୍ତ ତିକ୍ତ-ମଧୁର ପାର୍ଥକ୍ୟକୁ ଏଡ଼ାଇ ମଧୁ ନିଜର ସଂସାର ଗଢ଼ିବାକୁ ସମର୍ଥ ହେବେ କି? ମାନସ ଓ ମଧୁର ସମ୍ପର୍କ ପ୍ରକୃତରେ ମାନସଙ୍କ ପରିବାରକୁ ଏକ ରଖିପାରିବାକୁ ସକ୍ଷମ ହେବ କି ? ଏମିତି ବହୁ ପ୍ରଶ୍ନର ଉତ୍ତର ରହିଛି ବର୍ତ୍ତମାନ ଏହି ଚ୍ୟାନେଲରେ ପ୍ରସାରିତ ହେଉଥିବା ମେଗା ଧାରାବାହିକ 'ମଧୁର ସଂସାର'ରେ । ଆସନ୍ତା ସପ୍ତାହରେ ହେବାକୁ ଯାଉଛି ମଧୁ ଓ ମାନସଙ୍କର ବାହାଘର। ଏହି ଧାରାବାହିକର ପ୍ରସାରଣ ସମୟ ରହିଛି ପ୍ରତ୍ୟେକ ସୋମବାରରୁ ରବିବାର ସନ୍ଧ୍ୟା ୭ଟା। ଓଡ଼ିଆ ମହିଳାମାନଙ୍କର ସଂସ୍କୃତି ଏବଂ ସରଳତାକୁ ପ୍ରତିଫଳିତ କରୁଥିବା ଚରିତ୍ରର ଅସାଧାରଣ କାହାଣୀ, ଜୀ-ସାର୍ଥକ ସଦାସର୍ବଦା ତା'ର ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଦର୍ଶକଙ୍କୁ ଦେଖାଇ ଆସିଛି । ଏଥର ନୂଆ ବର୍ଷରେ ସେହିପରି ନୂଆ କାହାଣୀ 'ମଧୁର ସଂସାର' ର ଆରମ୍ଭ ସହିତ ଜୀ-ସାର୍ଥକ ଜାରି ରଖିଛି ଓଡ଼ିଆ ଦର୍ଶକଙ୍କ ମନୋରଞ୍ଜନର ଯାତ୍ରା ବୋଲି କହିଛନ୍ତି ଜୀ-ସାର୍ଥକର ଚିଫ୍ ଚ୍ୟାନେଲ ଅଫିସର ପ୍ରତୀକ ସିଲ।

### ପରଦାରେ..

## ଆକାଶବାଣୀ

ନୂଆ ତଥା ଭିନ୍ନ ଧରଣର ସିନେମା 'ଆକାଶବାଣୀ' ଚଳିତ ମାସ ୧୬ରେ ପରଦା ଉପରକୁ ଆସୁଛି। ଶ୍ରୀବୀରବଲ ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ନିର୍ମିତ ଏହି ନୂଆ ଓଡ଼ିଆ ଚଳଚ୍ଚିତ୍ରର ଫାଷ୍ଟଲୁକ୍ ନିକଟରେ ରିଲିଜ ହୋଇ ଭାଇରାଲ ହୋଇଛି। ''କେବଳ ବନ୍ଧୁତା ନୁହେଁ, ପାରିବାରିକ ବନ୍ଧନର ମହକ ଏହାର କାହାଣୀରେ ରହିଛି। ଏହାବ୍ୟତୀତ ଲଭ୍, ଇମୋଶନ, କମେଡିର ମଜା ଏହି ଫିଲ୍ମରୁ ଦର୍ଶକ ନେଇପାରିବେ ବୋଲି କହନ୍ତି ପ୍ରଯୋଜକ ରୋହନ ଗର୍ଗ।'' ଫିଲ୍ମଟିର ନାୟକ ରୋହନ ସାଜିଥିବା ବେଳେ ତାଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ପୂଜା। ଏଥିରେ ନିଜ ନିଜ ଭୂମିକାର ସଫଳତାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ଏହି ଦୁଇ କଳାକାର। ଚିତ୍ରଟିର ନିର୍ଦ୍ଦେଶନା ଦେଇଛନ୍ତି ତ୍ରିପତି ସାହୁ। କାହାଣୀ ଗଣେଶରାମ ଅଗ୍ରୱାଲ ରଚନା କରିଥିବା ବେଳେ ତାହାକୁ ଆଧାର କରି ସଂଳାପ ଲେଖିଛନ୍ତି ବରିଷ୍ଠ ତଥା ଆଗଧାଡିର ସଂଳାପକାର ଡ. ନିର୍ମଳ ନାୟକ। କେବଳ ସେତିକି ନୁହେଁ, ଏଥିରେ ସଂଯୋଜିତ ଗୀତଗୁଡିକୁ ମଧ୍ୟ ସେ ରଚନା କରିଛନ୍ତି। ସେଗୁଡିକୁ ସ୍ୱର ଦେଇଛନ୍ତି ଅନ୍ୟତମ ଲୋକପ୍ରିୟ ସ୍ୱରକାର ଅଭିଜିତ ମଜୁମଦାର। ଖାସ୍ କଥା ହେଲା ଏଥିରେ ଏକ ହିନ୍ଦୀ ଗୀତ ମଧ୍ୟ ରହିଛି, ଯାହାକୁ ରଚନା କରିଛନ୍ତି କୁକୁ ପ୍ରଭାସ। ଫିଲ୍ମଟିର ବିଭିନ୍ନ ଭୂମିକାରେ ପ୍ରଦ୍ୟୁମ୍ନ ଲେଙ୍କା, ପୃଥ୍ୱୀରାଜ ନାୟକ, ପ୍ରତିଭା ପଣ୍ଡା, ନମିତା ଦାସ, ବେବି ପ୍ରଧାନ, ଜୋଜୋ, ଅମର ମହାପାତ୍ର, ରୋସନ ଭରଦ୍ୱାଜ, ପ୍ରତାପ, ସୁମନ ମହାରଣା ଏବଂ ମଧୁ ପ୍ରମୁଖଙ୍କୁ ଦେଖିବାକୁ ମିଳିବ। ଏହାପୂର୍ବରୁ ରୋହନ ଓଡ଼ିଆ ଚିତ୍ର 'ଲଭ ଇମ୍ପସିବଲ' ଏବଂ 'ଉଟ୍‌ପେନ'ରେ ଅଭିନୟ କରିସାରିଛନ୍ତି। ଏହି ଫିଲ୍ମର କ୍ରିଏଟିଭ ହେଡ୍ ଅଛନ୍ତି ପ୍ରଣୟ ଜେଠୀ।


'ଆକାଶବାଣୀ' ଫିଲ୍ମର ଏକ ଦୃଶ୍ୟରେ ରୋହନ-ପୂଜା

# ଭାରତର ପଞ୍ଚମ ପରାଜୟ

**ଏଫ୍‌ଆଇଏଚ୍ ମହିଳା ହକି ପ୍ରୋ ଲିଗ୍**

ରାଉରକେଲା, ୧୪।୨

(ଦିନେଶ ମିଶ୍ର)

ରାଉରକେଲା ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମରେ ଚାଲିଥିବା ଏଫ୍‌ଆଇଏଚ୍ ମହିଳା ହକି ପ୍ରୋ ଲିଗ୍‌ର ବୁଧବାର ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ୦-୧ ଗୋଲରେ ନେଦରଲାଣ୍ଡଠାରୁ ହାରି ଯାଇଛି। ଫଳରେ ଚଳିତ ପ୍ରୋ ଲିଗ୍‌ରେ ଭାରତୀୟ ମହିଳା ଦଳ ୬ ମ୍ୟାଚରୁ ୫ମ ପରାଜୟ ବରଣ କରିଛି। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ୪ ମ୍ୟାଚରୁ ୧ ବିଜୟ ଓ ୩ ପରାଜୟ ଲଭିଥିବା ଭାରତୀୟ ଦଳ ଏଠାରେ କ୍ରମାଗତ ଦ୍ୱିତୀୟ ମ୍ୟାଚ ହାରିଛି। ଭୁବନେଶ୍ୱରରେ ଅନୁଷ୍ଠିତ ପ୍ରଥମ ଚରଣରେ ମଧ୍ୟ ଭାରତ ୧-୩ ଗୋଲରେ ନେଦରଲାଣ୍ଡଠାରୁ ହାରି ଯାଇଥିଲା। ଭାରତ ଏପର୍ଯ୍ୟନ୍ତ ଖେଳିଥିବା ୬ ମ୍ୟାଚରୁ ମାତ୍ର ୩ ପଏଣ୍ଟ ପାଇ ଟେବୁଲର ୫ମ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ନେଦରଲାଣ୍ଡ ୧୦ ମ୍ୟାଚରୁ ୧୦ ବିଜୟ ସହ ୩୦ ପଏଣ୍ଟ ପାଇ ଟେବୁଲରେ ନିଜର ଶୀର୍ଷସ୍ଥାନକୁ ମଜଭୁତ କରିଦେଇଛି।

ଏଠାରେ ପୂରା ମ୍ୟାଚରେ ନେଦରଲାଣ୍ଡ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ଭାରତୀୟ ଖେଳାଳିମାନେ ପ୍ରଥମ କ୍ୱାର୍ଟରକୁ ଗୋଲଶୂନ୍ୟ ରଖିବାରେ ସକ୍ଷମ ହୋଇଥିଲେ ହେଁ ଦ୍ୱିତୀୟ କ୍ୱାର୍ଟରରେ ଅର୍ଥାତ୍ ୨୭ତମ ମିନିଟ୍‌ରେ ନେଦରଲାଣ୍ଡର ଫରୱାର୍ଡ ଖେଳାଳି ଫେଲିସ୍ ଆଲବେର୍ସ ଗୋଲ ଦେଇ ଦଳକୁ ୧-୦ ଗୋଲରେ ଆଗୁଆ ରଖିଥିଲେ। ତୃତୀୟ ଓ ଚତୁର୍ଥ କ୍ୱାର୍ଟରରେ ଉଭୟ ଦଳ ଅନେକ ସୁଯୋଗ ପାଇଥିଲେ ମଧ୍ୟ ଗୋଲ ହୋଇପାରି ନ ଥିଲା। ମ୍ୟାଚରେ ନେଦରଲ୍ୟାଣ୍ଡ ୭ଟି ପେନାଲ୍‌ଟି ସୁଯୋଗ ପାଇଥିବାବେଳେ ଗୋଲ କରି ପାରି ନ ଥିଲା। ସେହିପରି ୫ଟି ପେନାଲ୍‌ଟି ସୁଯୋଗ ମିଳିଥିଲେ ମଧ୍ୟ ଭାରତ ଗୋଲ ପରିଶୋଧ କରିବାରେ ଅସମର୍ଥ ରହିଥିଲା। ପୂର୍ବରୁ ଚାଇନା ସହିତ ହୋଇଥିବା ତ୍ରୁଟିକୁ ପୁଣିଥରେ ଦୋହରାଇ ଭାରତ ପରାଜିତ ହୋଇଥିଲା। ଭାରତୀୟ ଦଳର ଅଧିନାୟିକା ସବିତା ପୁନିଆ ୪୩ତମ ମିନିଟରେ ୟେଲୋ କାର୍ଡ ପାଇଥିଲେ। ଉନ୍ନତ ପ୍ରଦର୍ଶନ ପାଇଁ ଏହି ମ୍ୟାଚ୍‌ରେ ନେଦରଲାଣ୍ଡ ଦଳର ଫେଲିସ୍ ଆଲବେର୍ସ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପାଇଥିଲେ।


ଭାରତ-ନେଦରଲାଣ୍ଡ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

## ଅଦ୍ୱିକଙ୍କୁ ଓସିଏର ପ୍ରୋତ୍ସାହନ

**ଭୁବନେଶ୍ୱର, ୧୪।୨ (ସରୋଜ ଜେନା):** ଯୁବ କ୍ରିକେଟର ଅଦ୍‌ଭିକ ଜେନାଙ୍କୁ ବୁଧବାର ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ପକ୍ଷରୁ ପ୍ରୋତ୍ସାହନ ପ୍ରଦାନ କରାଯାଇଛି। ପୁରୀ ଜିଲାର ୬ ବର୍ଷୀୟ ଏହି ଯୁବ ପ୍ରତିଭାଙ୍କ ବ୍ୟାଟିଂ ଭିଡିଓ ଫେସବୁକ୍ ଓ ୟୁଟ୍ୟୁବ୍‌ରେ ବେଶ ଭାଇରାଲ ହୋଇଥିଲା। ଭିଡିଓ ଧ୍ୟାନ ଆକର୍ଷଣ କରିବା ପରେ ଓସିଏ ପକ୍ଷରୁ ବୁଧବାର ଏକ କାର୍ଯ୍ୟକ୍ରମ କରାଯାଇଥିଲା। ଓସିଏର ଟେକ୍ନିକାଲ ଡିରେକ୍ଟର ଏମ୍ ଭେଙ୍କଟରାମ ଓ ସିଇଓ ସୁବ୍ରତ ବେହେରା ଉପସ୍ଥିତ ଥିଲେ। ଏହା ସହ ଅଦ୍‌ଭିକଙ୍କୁ ଏକ କ୍ରିକେଟ କିଟ୍ ପ୍ରଦାନ କରାଯାଇଥିଲା। ପରେ ଓସିଏ ସମ୍ପାଦକ ସଞ୍ଜୟ ବେହେରା ମଧ୍ୟ ଅଦ୍‌ଭିକ୍ ଓ ତାଙ୍କ ପିତାଙ୍କ ସହ ଆଲୋଚନା କ୍ୱାରିବାସହ ଭବିଷ୍ୟତରେ ସମସ୍ତ ସହୟତା ଯୋଗାଇବାକୁ ପ୍ରତିଶ୍ରୁତି ଦେଇଥିଲେ।

**ଆଇଟିଏଫ୍ ୱାର୍ଲ୍ଡ ଜୁନିୟର୍ସ**

## ଭାରତୀୟ ଦଳରେ ଓଡ଼ିଶାର ଆହାନ

**ଭୁବନେଶ୍ୱର, ୧୪।୨ (ତପନ ସ୍ୱାଇଁ):** ମାଲେସିଆର କୁଚିଙ୍ଗଠାରେ ଆଇଟିଏଫ୍ ୱାର୍ଲ୍ଡ ଜୁନିୟର୍ସ ଟିମ୍ କମ୍ପିଟେଶନ ଫାଇନାଲ କ୍ୱାଲିଫାଇଂ ଇଭେଣ୍ଟ-୨୦୨୪ ମାର୍ଚ୍ଚ ୧୮ରୁ ୨୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ଭାରତୀୟ ଦଳରେ ଓଡ଼ିଶାର ଆହାନ ସାମିଲ ହୋଇଛନ୍ତି। ସର୍ବଭାରତୀୟ ଟେନିସ



ଆସୋସିଏଶନ(ଏଆଇଟିଏ) ପକ୍ଷରୁ ଏକ ଅଭ୍ୟାସ କ୍ୟାମ୍ପ ଗତ ୧୨ ତାରିଖରୁ ନୂଆଦିଲ୍ଲୀର ଆର୍.କେ. ଖାନ୍ନା ଟେନିସ ଷ୍ଟାଡିୟମରେ ଆରମ୍ଭ ହୋଇଛି। ଏହା ଗୁରୁବାର ଶେଷ ହେବ। କ୍ୟାମ୍ପରେ ୬ ଖେଳାଳି ସାମିଲ ଥିଲେ। ଆହାନ ସିଙ୍ଗଲ୍ସରେ ସମସ୍ତ ୫ ଖେଳାଳିଙ୍କୁ ହରାଇ ଶୀର୍ଷସ୍ଥାନ ଅଧିକାର କରିଥିଲେ। ଆହାନ ହେଉଛନ୍ତି ଏସ୍‌ବେସ୍ ଟେନିସ ଏକାଡେମୀର ପ୍ରଶିକ୍ଷାର୍ଥୀ। ସେ ରାଜ୍ୟର ପ୍ରତିଷ୍ଠିତ କୋଚ୍ ଅଜୟ ନିଶଙ୍କଙ୍କଠାରୁ ପ୍ରଶିକ୍ଷଣ ନେଉଛନ୍ତି।

## ଭାରତ ଆଜି ଅଷ୍ଟ୍ରେଲିଆକୁ ଭେଟିବ

**ଏଫ୍‌ଆଇଏଚ୍ ପୁରୁଷ ହକି ପ୍ରୋ ଲିଗ୍**

ଭୁବନେଶ୍ୱର, ୧୪।୨

(ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍‌ଆଇଏଚ୍ ପୁରୁଷ ହକି ପ୍ରୋ ଲିଗ୍‌ରେ ଭାରତ ଗୁରୁବାର ଅଷ୍ଟ୍ରେଲିଆକୁ ଭେଟିବ। ଚଳିତ ସିଜନରେ ନିଜର ପ୍ରଥମ ମ୍ୟାଚରେ ସ୍ପେନ୍‌କୁ ୪-୧ ଗୋଲରେ ହରାଇ ଅଭିଯାନ ଆରମ୍ଭ କରିଥିବା ଭାରତ ପରବର୍ତ୍ତୀ ମ୍ୟାଚରେ ବିଶ୍ୱ ର୍‍ୟାଙ୍କିଂର ନମ୍ବର ୱାନ୍‌ରେ ଥିବା ନେଦରଲାଣ୍ଡକୁ ଶୁଟ୍‌ଆଉଟ ୪-୨ ଗୋଲରେ ପରାସ୍ତ କରି ମନୋବଳ ଦୃଢ଼ କରିଛି। ନିର୍ଦ୍ଧାରିତ ସମୟରେ ମ୍ୟାଚ ୨-୨ରେ ବରାବର ରହିବାରୁ ଶୁଟ୍‌ଆଉଟ ପର୍ଯ୍ୟାୟରେ ବାଜି ମାରିଥିଲା ଭାରତ। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ମଧ୍ୟ ଚଳିତ ସିଜନରେ ଏପର୍ଯ୍ୟନ୍ତ ଭଲ ପ୍ରଦର୍ଶନ କରିଆସିଛି। ଏହି ଦଳ ପ୍ରଥମ ମ୍ୟାଚରେ ସ୍ପେନ୍‌କୁ ୪-୩ ଗୋଲରେ ହରାଇଥିବାବେଳେ ଦ୍ୱିତୀୟ ମ୍ୟାଚରେ ଆୟର୍ଲାଣ୍ଡକୁ ୫-୦ ଗୋଲରେ ପରାସ୍ତ କରିଛି। ଉଭୟ ଭାରତ ଓ ଅଷ୍ଟ୍ରେଲିଆ ଏପର୍ଯ୍ୟନ୍ତ ୨ଟି ଲେଖାଏ ମ୍ୟାଚ ଖେଳିଛନ୍ତି। ଅଷ୍ଟ୍ରେଲିଆ ୨ ବିଜୟ ସହ ୬ ପଏଣ୍ଟ ପାଇଥିବାବେଳେ ଭାରତ ୧ ବିଜୟ ଓ ୧ ଶୁଟ୍‌ଆଉଟ ବିଜୟ ସହିତ ୫ ପଏଣ୍ଟ ହାସଲ କରିଛି।

ଭାରତୀୟ ହକି ଦଳ ବର୍ତ୍ତମାନ ଉତ୍ସାହୀ ପ୍ରଦର୍ଶନ ଦେବାରେ ସକ୍ଷମ ହେଉଥିଲେ ହେଁ ଇତିହାସ ଦେଖିଲେ ଅଷ୍ଟ୍ରେଲିଆ ବିପକ୍ଷରେ ରେକର୍ଡ ଭଲ ନାହିଁ। ଉଭୟ ଦଳ ମଧ୍ୟରେ ଏପର୍ଯ୍ୟନ୍ତ ମୋଟ ୭୦ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରୁ ଅଷ୍ଟ୍ରେଲିଆ ୪୮ଟି ମ୍ୟାଚ


କ୍ରେଗ୍ ଫୁଲଟନ

ଜିତିଥିବାବେଳେ ଭାରତ ମାତ୍ର ୧୬ଟିରେ ବିଜୟୀ ହୋଇଛି। ଅବଶିଷ୍ଟ ୬ ମ୍ୟାଚ ଡ୍ର ରହିଛି। ଗତ ସିଜନରେ ଅନୁଷ୍ଠିତ ୨ଟି ପ୍ରୋ ଲିଗ୍ ମ୍ୟାଚରେ କିନ୍ତୁ ଭାରତ ବିଜୟୀ ହୋଇଥିଲା। ୨୦୨୩ ମାର୍ଚ୍ଚ ୧୨ରେ ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ଭାରତ ହରମନପ୍ରୀତ ସିଂଙ୍କ ହ୍ୟାଟ୍ରିକ ବଳରେ ୫-୪ ଗୋଲରେ ଅଷ୍ଟ୍ରେଲିଆକୁ ହରାଇଥିଲା। ମାର୍ଚ୍ଚ ୧୫ରେ ସେହି ବିର୍ସା ମୁଣ୍ଡା ଷ୍ଟାଡିୟମରେ ଅନୁଷ୍ଠିତ ଦ୍ୱିତୀୟ ପର୍ଯ୍ୟାୟ ମୁକାବିଲାରେ ମ୍ୟାଚଟି ୨-୨ ଗୋଲରେ ଡ୍ର ରହିବାରୁ ଫଳାଫଳ ନିର୍ଣ୍ଣୟ ପାଇଁ ଶୁଟ୍ ଆଉଟର ସହାୟତା ନିଆଯାଇଥିଲା। ଏଥିରେ ଭାରତ ୪-୩ ଗୋଲରେ ବିଜୟୀ ହୋଇଥିଲା। ଚଳିତ ସିଜନରେ ଉଭୟ ଦଳ ଭଲ ପ୍ରଦର୍ଶନ କରି ଆସିଥିବାରୁ ଆସନ୍ତା ମ୍ୟାଚ ତୀବ୍ର ସଂଘର୍ଷପୂର୍ଣ୍ଣ ହେବା ଆଶା କରାଯାଉଛି।

ଆଗାମୀ ମ୍ୟାଚରେ ଅଷ୍ଟ୍ରେଲିଆଠାରୁ କଡ଼ା ଚ୍ୟାଲେଞ୍ଜ ମିଳିବ ବୋଲି ଆଶା କରୁଛନ୍ତି ଭାରତୀୟ ଦଳର ମୁଖ୍ୟ କୋଚ୍ କ୍ରେଗ୍ ଫୁଲଟନ। ''ଅଷ୍ଟ୍ରେଲିଆ କ୍ରମାଗତ ୨ଟି ବିଜୟ ହାସଲ କରିଥିବାରୁ ଆଗାମୀ ମ୍ୟାଚରେ କଡ଼ା ଚ୍ୟାଲେଞ୍ଜ ଦେବ। ତେଣୁ ମ୍ୟାଚ ସଂଘର୍ଷପୂର୍ଣ୍ଣ ହେବା ନିଶ୍ଚିତ। ଆମ ଖେଳାଳିଙ୍କ ପ୍ରଦର୍ଶନ ସନ୍ତୋଷଜନକ ରହିଛି। ତେବେ କେତେକ ବିଭାଗରେ ଆମକୁ ଉନ୍ନତ ପ୍ରଦର୍ଶନ କରିବାର ଅଛି। ଶକ୍ତିଶାଳୀ ଦଳଗୁଡ଼ିକ ବିପକ୍ଷରେ ଲଗାତର ମ୍ୟାଚ ଖେଳିବା କଷ୍ଟକର। ଏବେ ଆମେ ସତେଜ ମନରେ ଭୁବନେଶ୍ୱର ଚରଣର ଶେଷ ୨ଟି ମ୍ୟାଚ ଉପରେ ଫୋକସ କରୁଛୁ'' ବୋଲି ଫୁଲଟନ ପ୍ରକାଶ କରିଛନ୍ତି।

## ହୃଦ୍‌ଘାତରେ ଟେନିସ୍ ଖେଳାଳିଙ୍କ ପରଲୋକ

**ଇସ୍‌ଲାମାବାଦ, ୧୪।୨ (ପି.ଟି.):** ପାକିସ୍ତାନର ପ୍ରତିଭାବାନ ମହିଳା ଟେନିସ୍ ଖେଳାଳି ଜେନାବ ଅଲୀ ନକଭିଙ୍କ ପରଲୋକ ହୋଇଛି। ଅଭ୍ୟାସ ସେସନ ପରେ ନିଜ ରୁମ୍‌ରେ ସେ ବେହୋସ ହୋଇ ପ୍ରାଣ ହରାଇଥିଲେ। ହୃଦ୍‌ଘାତରୁ ତାଙ୍କର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ସୋମବାର ସନ୍ଧ୍ୟାରେ ୧୭ ବର୍ଷୀୟା ଜେନାବ ଏକ ଆଇଟିଏଫ୍ ଟୁର୍ନାମେଣ୍ଟ ପାଇଁ ଅଭ୍ୟାସ ସେସନରୁ ଫେରିଥିଲେ। ବେହୋସ ହୋଇଯିବା ଦେଖି ଜେଜେ ମା' ତାଙ୍କୁ ହସ୍ପିଟାଲ ନେଇଥିଲେ, ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାକୁ ନେଇ ପାକିସ୍ତାନ ଟେନିସ୍ ଫେଡେରେଶନ(ପିଟିଏଫ୍) ପକ୍ଷରୁ ଶୋକ ପ୍ରକାଶ କରାଯାଇଛି। ନକଭି ଜଣେ ପ୍ରତିଭାବାନ ଖେଳାଳି ହୋଇଥିବାବେଳେ ଏହା ପାକିସ୍ତାନ ଟେନିସ୍ ପାଇଁ ବଡ କ୍ଷତି ବୋଲି କୁହାଯାଇଛି। ଡାକ୍ତରମାନେ ହୃଦ୍‌ଘାତ ସନ୍ଦେହ କରିଥିବା ବେଳେ ମାତାପିତା ମଧ୍ୟ ପୋଷ୍ଟମର୍ଟମ ପାଇଁ ରାଜି ନ ହେବାରୁ ମୃତ ଶରୀରକୁ କରାଚି ପଠାଯାଇଛି। ପିଟିଏଫ୍ ସଭାପତି ଆଇସାମ ଉଲ୍ ହକ୍ କ୍ୟୁରେସୀ, ସିନେଟର ସଲିମ୍ ସଇଫୁଲ୍ଲା ଖାନ ଶୋକ ବ୍ୟକ୍ତ କରିଥିଲେ। ଏହା ସହ ମଙ୍ଗଳବାରର ସମସ୍ତ ମ୍ୟାଚକୁ ବାତିଲ ମଧ୍ୟ କରାଯାଇଥିଲା।


ବିର୍ସା ମୁଣ୍ଡା ଷ୍ଟାଡିୟମରେ ବୁଧବାର ଚାଇନା ଓ ଅଷ୍ଟ୍ରେଲିଆ ମଧ୍ୟରେ ଅନୁଷ୍ଠିତ ମହିଳା ହକି ପ୍ରୋ ଲିଗ୍ ମ୍ୟାଚ।

## ଚାଇନାକୁ ୨-୦ରେ ହରାଇଲା ଅଷ୍ଟ୍ରେଲିଆ

ରାଉରକେଲା, ୧୪।୨

(ଦିନେଶ ମିଶ୍ର)

ରାଉରକେଲା ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ଏଫ୍‌ଆଇଏଚ୍ ମହିଳା ହକି ପ୍ରୋ ଲିଗ୍‌ରେ ଅଷ୍ଟ୍ରେଲିଆ ୨-୦ ଗୋଲରେ ଚାଇନାକୁ ପରାସ୍ତ କରିଛି। ପୂର୍ବ ମ୍ୟାଚରେ ଚାଇନା ୨-୧ ଗୋଲରେ ଭାରତକୁ ହରାଇ ଥିବାରୁ ଅଷ୍ଟ୍ରେଲିଆ ବିପକ୍ଷରେ କଡ଼ା ଟକ୍କର ଦେବ ବୋଲି ଦର୍ଶକ ଆଶା ରଖିଥିଲେ। ମାତ୍ର ତାହା ହୋଇ ନ ଥିଲା। ପ୍ରଥମ କ୍ୱାର୍ଟର ଗୋଲଶୂନ୍ୟ ରହିବା ପରେ ଦ୍ୱିତୀୟ କ୍ୱାର୍ଟରର ଅନ୍ତିମ ପର୍ଯ୍ୟାୟରେ ଅର୍ଥାତ୍ ୨୯ତମ ମିନିଟରେ ଗ୍ରେସ୍ ଷ୍ଟିୱାର୍ଟଙ୍କ ପେନାଲ୍ଟି କର୍ନର ଗୋଲ ବଳରେ ଅଷ୍ଟ୍ରେଲିଆ ଅଗ୍ରଣୀ ହାସଲ କରିଥିଲା। ଗୋଲ ପରିଶୋଧ ପାଇଁ ଚାଇନା ସୁଯୋଗ ପାଇଥିଲେ ମଧ୍ୟ ଅଷ୍ଟ୍ରେଲିଆ ରକ୍ଷଣଭାଗ ଏହା ହେବାକୁ ଦେଇ ନ ଥିଲେ। ଅନ୍ୟପକ୍ଷେ ଅଷ୍ଟ୍ରେଲିଆ ଦଳ ଆକ୍ରମଣାତ୍ମକ ରଣନୀତି ବଳବତ୍ତର ରଖି ୫୭ତମ ମିନିଟରେ ଷ୍ଟିଫାନି କେର୍‌ଶଙ୍କ ଫିଲ୍ଡ ଗୋଲ ବଳରେ ବିଜୟକୁ ନିଶ୍ଚିତ କରି ଦେଇଥିଲା। ଅଷ୍ଟ୍ରେଲିଆ ଦଳକୁ ମୋଟ ୮ଟି ପେନାଲ୍ଟି କର୍ନର ମିଳିଥିଲା। ଏଥିରୁ ଦଳ ଗୋଟିଏ ଗୋଲ କରିବାରେ ସକ୍ଷମ ହୋଇଥିଲା। ଅନ୍ୟପକ୍ଷରେ ଚାଇନା ୩ଟି ପେନାଲ୍ଟି କର୍ନର ପାଇଥିଲେ ହେଁ ଏଥିରୁ ଗୋଟିଏ ହେଲେ ଗୋଲ ସ୍କୋର କରିପାରି ନ ଥିଲା। ବିପଜ୍ଜନକ ଖେଳ ପାଇଁ ୪୪ତମ ମିନିଟରେ ଏହି ଦଳର ମା ନିଙ୍ଗ୍ ଗ୍ରୀନ୍ କାର୍ଡ ପାଇଥିଲେ। ଚଳିତ ସିଜନରେ ୬ ମ୍ୟାଚରୁ ଚାଇନାର ଏହାଥିଲା ଦ୍ୱିତୀୟ ପରାଜୟ ଏବଂ ଅଷ୍ଟ୍ରେଲିଆର ୫ ମ୍ୟାଚରୁ ତୃତୀୟ ବିଜୟ।

## ବୁଦାପେଷ୍ଟକୁ ଚେସ୍ ଅଲିମ୍ପିଆଡ୍ ମଶାଲ ହସ୍ତାନ୍ତର

ନୂଆଦିଲ୍ଲୀ, ୧୪।୨ (ପି.ଟି.)

ଭାରତୀୟ କ୍ରୀଡାମନ୍ତ୍ରୀ ଅନୁରାଗ ଠାକୁର ବୁଧବାର ଚେସ୍ ଅଲମ୍ପିଆଡ୍ ହସ୍ତାନ୍ତର କରିଛନ୍ତି। ହଙ୍ଗେରୀର ରାଜଧାନୀ ବୁଦାଫେଷ୍ଟରେ ୪୫ତମ ଚେସ୍ ଅଲମ୍ପିଆଡ ଅନୁଷ୍ଠିତ ହେବାକୁ ଯାଉଛି। ନୂଆଦିଲ୍ଲୀର ଧ୍ୟାନଚାନ୍ଦ ନ୍ୟାଶନାଲ ଷ୍ଟାଡିୟମରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ କ୍ରୀଡାମନ୍ତ୍ରୀ ମଶାଲ ହସ୍ତାନ୍ତର କରିଥିଲେ। ଫିଡେ ସଭାପତି ଆର୍କାଡି ଡୋର୍କୋଭିଚ ଓ ଆୟୋଜକ ହଙ୍ଗେରୀର ପ୍ରତିନିଧିଙ୍କୁ ମଶାଲ ହସ୍ତାନ୍ତର କରାଯାଇଥିଲା। ଭାରତର ଚେନ୍ନାଇରେ ୪୪ତମ ଚେସ୍ ଅଲମ୍ପିଆଡ୍ ଅନୁଷ୍ଠିତ ହୋଇଥିଲା। ଜୁନ୍ ୨୦୨୨ରେ ଭାରତକୁ ମଶାଲ ହସ୍ତାନ୍ତର କରାଯାଇଥିବା ବେଳେ ଜୁଲାଇରୁ ଅଗଷ୍ଟ ମଧ୍ୟରେ ଏହି ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ସମଗ୍ର ବିଶ୍ୱର ୨୫୦୦ରୁ ଅଧିକ ଖେଳାଳି ଏଥିରେ ଅଂଶଗ୍ରହଣ କରିଥିଲେ। ଭାରତ ଏହି ଟୁର୍ନାମେଣ୍ଟରେ ୯ ପଦକ ହାସଲ କରିଥିବା ବେଳେ ମହିଳା ଟିମ୍ ଇଭେଣ୍ଟରେ ଐତିହାସିକ ବ୍ରୋଞ୍ଜ ପଦକ ହାସଲ କରିଥିଲା। ଚେସ୍ ବୁଦ୍ଧିମତାର ଖେଳ ହୋଇଥିବା ବେଳେ ସମଗ୍ର ବିଶ୍ୱକୁ ଏହା ଭାରତର ଦାନ ବୋଲି କହିଥିଲେ କ୍ରୀଡାମନ୍ତ୍ରୀ ଅନୁରାଗ ଠାକୁର। ଏହା କେବଳ ଏକ ଖେଳ ନୁହେଁ ବରଂ ଏହା ଅସୀମ ଧୈର୍ଯ୍ୟ ଓ ଯୋଜନା ଆବଶ୍ୟକ କରିଥାଏ ବୋଲି ଠାକୁର କହିଥିଲେ। ଭାରତୀୟ ଗ୍ରାଣ୍ଡମାଷ୍ଟର ବିଶ୍ୱନାଥନ ଆନନ୍ଦ ଓ ହଙ୍ଗେରିଆନ୍ ଗ୍ରାଣ୍ଡମାଷ୍ଟର ଜୁଡିତ ପୋଲଗାର ମଧ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।


କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର ଫିଡେ ସଭାପତି ଆର୍କାଡି ଡୋର୍କୋଭିଚଙ୍କୁ ମଶାଲ ହସ୍ତାନ୍ତର କରୁଛନ୍ତି।

## ପୁଣି ଆନ୍ଦୋଳନ ଧମକ ଦେଲେ ସାକ୍ଷୀ, ବଜରଙ୍ଗ

ନୂଆଦିଲ୍ଲୀ, ୧୪।୨ (ପି.ଟି.)

ଅଲିମ୍ପିକ୍ସ ପଦକ ବିଜେତା ରେସ୍‌ଲର ସାକ୍ଷୀ ମଲିକ୍ ଓ ବଜରଙ୍ଗ ପୁନିଆ ପୁନର୍ବାର ଆନ୍ଦୋଳନକୁ ଓହ୍ଲାଇବାକୁ ଧମକ ଦେଇଛନ୍ତି। ମଙ୍ଗଳବାର ୟୁନାଇଟେଡ ୱାର୍ଲ୍ଡ ରେସ୍‌ଲିଂ(ୟୁଡବ୍ଲ୍ୟୁଡବ୍ଲ୍ୟୁ) ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ)


ବଜରଙ୍ଗ ପୁନିଆ ଓ ସାକ୍ଷୀ ମଲିକ।

ଉପରୁ ନିଲମ୍ବନ ଆଦେଶକୁ ହଟାଇ ଦେଇଥିଲା। ତେବେ ଡବ୍ଲ୍ୟୁଏଫ୍‌ଆଇ ସଭାପତି ସଞ୍ଜୟ ସିଂ ଅନୈତିକ ଉପାୟ ଅବଲମ୍ବନ କରି ଏହି ଆଦେଶ ହଟାଇଛନ୍ତି ବୋଲି ଉଭୟ ଅଭିଯୋଗ କରିଛନ୍ତି। ସଞ୍ଜୟ ସିଂ ଅନୈତିକ ଉପାୟରେ ବାସନ୍ଦାଦେଶ ଉଠାଇଥିବା ବେଳେ ଏହା ବିରୋଧରେ ଆଉ ଥରେ ଧାରଣାକୁ ଓହ୍ଲାଇବୁ ବୋଲି କହିଛନ୍ତି ସାକ୍ଷୀ ମଲିକ୍ ଓ ବଜରଙ୍ଗ ପୁନିଆ। ବିଦାୟୀ ସଭାପତି ବ୍ରିଜ୍‌ଭୂଷଣ ଶରଣ ସିଂଙ୍କ ବିରୋଧରେ ଯୌନ ଶୋଷଣ ଅଭିଯୋଗ ଆଣି ବିକ୍ଷୋଭ ପ୍ରଦର୍ଶନ କରିଥିବା ୩ କୁସ୍ତିଯୋଦ୍ଧା ବଜରଙ୍ଗ ପୁନିଆ, ଭିନେଶ ଫୋଗଟ ଓ ସାକ୍ଷୀ ମଲିକଙ୍କ ପ୍ରତି କୌଣସି ବାଛବିଚାର ନ କରିବା ଲାଗି ଜାତୀୟ ମହାସଂଘଠାରୁ ଗ୍ୟାରେଣ୍ଟି ଦାବି କରିଥିଲା ୟୁଡବ୍ଲ୍ୟୁଡବ୍ଲ୍ୟୁ। ଠିକ୍ ସମୟରେ ନିର୍ବାଚନ କରାଇ ନ ଥିବାରୁ ୟୁଡବ୍ଲ୍ୟୁଡବ୍ଲ୍ୟୁ ଗତ ଅଗଷ୍ଟ ୨୩ରେ ଡବ୍ଲ୍ୟୁଏଫ୍‌ଆଇକୁ ସସ୍‌ପେଣ୍ଡ କରିଥିଲା।

ଏ ସମ୍ପର୍କରେ କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର କିଛି ପ୍ରତିକ୍ରିୟା ପ୍ରକାଶ କରିବାକୁ ମନା କରି ଦେଇଛନ୍ତି। ଅନ୍ୟପକ୍ଷରେ ସାକ୍ଷୀ ମଲିକ୍ କହିଛନ୍ତି, ମୁଁ ରେସ୍‌ଲିଂରୁ ଅବସର ନେଇ ସାରିଛି ମାତ୍ର ବ୍ରିଜ୍‌ଭୂଷଣ ଓ ତାଙ୍କ ସମର୍ଥକଙ୍କ ଉପସ୍ଥିତି ମୋ ପାଇଁ ଗ୍ରହଣୀୟ ନୁହେଁ। ପୂର୍ବରୁ ଜାରି ରହିଥିବା ଆମର ଆନ୍ଦୋଳନ ସାମୟିକ ବନ୍ଦ ରହିଛି। ଆବଶ୍ୟକ ପଡିଲେ ୨-୪ ଦିନ ମଧ୍ୟରେ ଏହାକୁ ପୁନର୍ବାର ଆରମ୍ଭ କରିବୁ ବୋଲି ସେ କହିଛନ୍ତି। ବ୍ରିଜ୍‌ଭୂଷଣ ଓ ତାଙ୍କ ସମର୍ଥକଙ୍କୁ ରେସ୍‌ଲିଂ ମହାସଂଘରୁ ନ ହଟାଇବା ଯାଏ ଏହି ଲଢ଼େଇ ଜାରି ରହିବ ବୋଲି କହିଥିଲେ ସାକ୍ଷୀ। ଉଭୟ ବଜରଙ୍ଗ ଓ ସାକ୍ଷୀ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ଭିଡିଓ ଜରିଆରେ ଏହି ବାର୍ତ୍ତା ଦେଇଥିଲେ। ବଜରଙ୍ଗ ପୁନିଆ କହିଥିଲେ, ନିର୍ବାଚନରେ ବ୍ରିଜଭୂଷଣ କିମ୍ବା ତାଙ୍କ ପରିବାରରୁ କେହି ଅଂଶଗ୍ରହଣ କରିବେ ନାହିଁ ବୋଲି ପ୍ରତିଶ୍ରୁତ ଦେଇଥିଲେ। ତେବେ ୨-୩ ଦିନ ପୂର୍ବରୁ ବ୍ରିଜ୍‌ଭୂଷଣଙ୍କ ପୁଅ ଉତ୍ତରପ୍ରଦେଶ ରେସ୍‌ଲିଂ ସଂଘର ସଭାପତି ନିର୍ବାଚିତ ହୋଇଛନ୍ତି।

## ପିଟ୍‌ଙ୍କୁ ୫ ଉଇକେଟ: ଦକ୍ଷିଣ ଆଫ୍ରିକା ୩୧ ରନ୍‌ରେ ଆଗୁଆ

**ହାମିଲଟନ୍, ୧୪।୨ (ପି.ଟି.):** ଅଫ୍ ସ୍ପିନର ଡେନ୍ ପିଟ୍‌ଙ୍କ ୫ ଉଇକେଟ ସଫଳତା ବଳରେ ନ୍ୟୁଜିଲାଣ୍ଡ ବିପକ୍ଷରେ ୩୧ ରନ୍‌ର ଅଗ୍ରଣୀ ହାସଲ କରିଛି ଦକ୍ଷିଣ ଆଫ୍ରିକା। ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସରେ ୨୪୨ ରନ୍ କରିଥିବା ବେଳେ ନ୍ୟୁଜିଲାଣ୍ଡ ମାତ୍ର ୨୧୧ ରନ୍‌ରେ ଅଲଆଉଟ ହୋଇଥିଲା। ପ୍ରଥମ ଦିନର ଅସମାପ୍ତ ସ୍କୋର ୨୨୦/୬ରୁ ଖେଳ ଆରମ୍ଭ କରି ଦକ୍ଷିଣ ଆଫ୍ରିକା ଆଉ ୨୨ ରନ୍ ଯୋଡ଼ି ପାରିଥିଲା। ବୁଧବାର ସକାଳେ ୱିଲିୟମ ଓରୁରକେ ୪ ଉଇକେଟ ନେଇଥିଲେ। ଜବାବରେ ନ୍ୟୁଜିଲାଣ୍ଡ ପକ୍ଷରୁ କେନ୍ ୱିଲିୟମସନ୍ (୪୩), ଟମ୍ ଲାଥାମ୍(୪୦), ୱିଲ ୟଙ୍ଗ(୩୬) ଓ ରାଚିନ୍ ରବୀନ୍ଦ୍ର (୨୯) ଭଲ ଆରମ୍ଭ ପାଇଥିଲେ ମଧ୍ୟ ବଡ ସ୍କୋର କରି ପାରି ନ ଥିଲେ। ପିଟ୍ ୮୯ ରନ୍‌ରେ ୫ ଉଇକେଟ ନେଇଥିବା ବେଳେ ଡେନ୍ ପ୍ୟାଟରସନ୍ ୩ ଓ ଶେପୋ ମୋରେକି ୧ ଉଇକେଟ ନେଇଥିଲେ।

## ଓଡ଼ିଶା ବାଳିକା, ବାଳକ ଦଳକୁ ରୌପ୍ୟ

**ଜାତୀୟ ସବ୍‌ଜୁନିୟର ରଗ୍‌ବୀ**

ଭୁବନେଶ୍ୱର, ୧୪।୨

(ତପନ ସ୍ୱାଇଁ)

ଅହମଦାବାଦର ପଲଜସ୍ଥିତ ଗାନ୍ଧୀନଗର ଆଇଆଇଟି ପରିସରରେ ଜାତୀୟ ସବ୍‌ଜୁନିୟର ରଗ୍‌ବୀ ସେଭେନ୍ସ ଚାମ୍ପିୟନଶିପ୍ ୧୩ ଓ ୧୪ ଦୁଇ ଦିନଧରି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ବାଳିକା ଓ ବାଳକ ଦଳ ଆକର୍ଷଣୀୟ ପ୍ରଦର୍ଶନ କରି ରୌପ୍ୟ ପଦକ ହାସଲ କରିଛନ୍ତି। ପ୍ରତିଯୋଗିତାରେ ମୋଟ ୨୭ଟି ରାଜ୍ୟ ଦଳ ଅଂଶଗ୍ରହଣ କରିଥିବାବେଳେ ଉଭୟ ବର୍ଗରେ ଓଡ଼ିଶା ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ଓଡ଼ିଶା ବାଳିକା ଦଳ ଲିଗ୍ ପର୍ଯ୍ୟାୟରେ ଆସାମକୁ ୧୫-୦, ହିମାଚଳ ପ୍ରଦେଶକୁ ୪୦-୦ ଓ ଦିଲ୍ଲୀକୁ ୧୦-୫ରେ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ସେଥିରେ ଆନ୍ଧ୍ର ପ୍ରଦେଶକୁ ୫-୦ ଏବଂ ସେମିଫାଇନାଲରେ କେରଳକୁ ୧୫-୦ରେ ହରାଇ ଫାଇନାଲରେ ପହଞ୍ଚିଥିଲା। ଟାଇଟଲ ପର୍ଯ୍ୟାୟରେ ଦଳ ବିହାରଠାରୁ ୦-୫ରେ ହାରି ଯାଇଥିଲା। ସେହିପରି ଓଡ଼ିଶା ବାଳକ ବିଭାଗ ଲିଗ୍ ପର୍ଯ୍ୟାୟରେ ଡାମନ ଡିଉକୁ ୨୫-୦, ଦିଲ୍ଲୀକୁ ୫-୦ ଓ ଉତ୍ତର ପ୍ରଦେଶକୁ ୧୦-୦ରେ ହରାଇଥିଲା। କ୍ୱାର୍ଟର ଫାଇନାଲରେ ଓଡ଼ିଶା ଦଳ ଝାଡ଼ଖଣ୍ଡକୁ ୫-୦, ସେମିଫାଇନାଲରେ କେରଳକୁ ୫-୦ରେ ହରାଇବାପରେ ଫାଇନାଲରେ ବିହାରଠାରୁ ୦-୨୫ରେ ପରାସ୍ତ ହୋଇଥିଲା।


ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ ଅବସରରେ ଓଡ଼ିଶା ବାଳିକା ରଗ୍‌ବୀ ଦଳ।

ଧରିତ୍ରୀ
DHARITRI
50 Years
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ଫେବୃଆରୀ ୧୫/୨୦୨୪ Bhubaneswar, Thursday, February 15/ 2024




# ମିଡିଲ ଅର୍ଡରର ସୁଧାରିବା ଲକ୍ଷ୍ୟରେ ଭାରତ

**ରାଜକୋଟ, ୧୪।୨ (ପି.ଟି.)**

ଭାରତ ଓ ଇଂଲଣ୍ଡ ମଧ୍ୟରେ ତୃତୀୟ କ୍ରିକେଟ ଟେଷ୍ଟ ଗୁରୁବାରଠାରୁ ଏଠାରେ ଆରମ୍ଭ ହେବାକୁ ଯାଉଛି। ୮ ଦିନର ବ୍ରେକ୍ ପରେ ପଡ଼ିଆକୁ ଓହ୍ଲାଇବାକୁ ଯାଉଛନ୍ତି ଦୁଇ ଦଳ। ହାଇଦ୍ରାବାଦରେ ପ୍ରଥମ ଟେଷ୍ଟକୁ ଇଂଲଣ୍ଡ ଜିତିଥିବାବେଳେ ଭାଇଜାଗ୍ ଟେଷ୍ଟ ଜିତି ସଫଳ ପ୍ରତ୍ୟାବର୍ତ୍ତନ କରିଛି ଟିମ୍ ଇଣ୍ଡିଆ। ସିରିଜ ଏବେ ୧-୧ ସ୍ଥିତିରେ ଥିବାରୁ ପରବର୍ତ୍ତୀ ମ୍ୟାଚଗୁଡ଼ିକର ଗୁରୁତ୍ୱ ବଢ଼ିଛି। ଭାରତର ମିଡିଲ ଅର୍ଡର ଏ ପର୍ଯ୍ୟନ୍ତ କ୍ଲିକ୍ କରି ପାରିନାହିଁ। ବିରାଟ କୋହଲି ଓ ଲୋକେଶ ରାହୁଲ ପରବର୍ତ୍ତୀ ଟେଷ୍ଟଗୁଡ଼ିକରେ ଖେଳିବେ ନାହିଁ ବୋଲି ସ୍ପଷ୍ଟ ହେବା ପରେ ସମସ୍ୟା ଆହୁରି ବଢ଼ିଯାଇଛି। ଅଧିନାୟକ ରୋହିତ ଶର୍ମାଙ୍କ ଫର୍ମ ମଧ୍ୟ ଭଲ ନାହିଁ। ପାଖାପାଖି ଗତ ୧ ବର୍ଷ ହେଲା ରୋହିତ ଆକ୍ରମଣାତ୍ମକ ରଣନୀତିରେ ବ୍ୟାଟିଂ କରି ଆସୁଛନ୍ତି। ମାତ୍ର ଏହା ତାଙ୍କୁ ବଡ଼ ସ୍କୋର ଦେଇ ପାରିନାହିଁ। ତେଣୁ ବର୍ତ୍ତମାନର ସ୍ଥିତିକୁ ଦୃଷ୍ଟିରେ ରଖି ସେ ଗିୟର ବଦଳାଇବା ସମ୍ଭାବନା ରହିଛି।

ରାହୁଲଙ୍କ ଅନୁପସ୍ଥିତିରେ ସର୍ଫରାଜ ଖାଁ ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟାଇବେ ବୋଲି ପୂର୍ବାନୁମାନ କରାଯାଉଛି। ଘରୋଇ କ୍ରିକେଟରେ ରନ୍ ମେଶିନ ଭାବେ ପରିଚିତ ହେଉଥିବା ଏହି ମୁମ୍ବାଇ ବ୍ୟାଟର ଆଗାମୀ ଟେଷ୍ଟରେ ଡେବ୍ୟୁ କରିପାରନ୍ତି। ଗୋଟିଏ ଟେଷ୍ଟ ଖେଳି ସାରିଥିବା ରଜତ ପଟିଦାର ମଧ୍ୟ ପୁଣି ସୁଯୋଗ ପାଇବା ସମ୍ଭାବନା ରହିଛି। ଭାରତ ମିଡିଲ ଅର୍ଡରରେ ଏବେ ଅଭିଜ୍ଞତାର ଅଭାବ ଥିବା ଇଂଲଣ୍ଡ ମ୍ୟାନେଜମେଣ୍ଟ ଅବଗତ ଅଛି। ତେଣୁ ଆକ୍ରମଣାତ୍ମକ ଖେଳି ଭ୍ରମଣକାରୀ ଦଳ ମ୍ୟାଚରୁ ଫଳାଫଳ ବାହାର କରିବା ଲକ୍ଷ୍ୟରେ ରହିବ ନିଶ୍ଚିତ। ଉଇକେଟକିପର କେ.ଏସ. ଭରତ ବ୍ୟାଟିଂରେ କ୍ରମାଗତ ବିଫଳ ହୋଇଥିବାରୁ ଉତ୍ତରପ୍ରଦେଶର ୨୩ ବର୍ଷୀୟ ଧ୍ରୁବ ଜୁରେଲଙ୍କ ଉପରେ ନଜର ରହିବ। ଆକ୍ରମଣାତ୍ମକ ବ୍ୟାଟିଂ ପାଇଁ ବିଶେଷ ପରିଚିତ ଜୋରେଲ ୧୫ ପ୍ରଥମ ଶ୍ରେଣୀ ମ୍ୟାଚରେ ୪୬.୪୭ ଆଭରେଜ ରଖିଛନ୍ତି। ରାଜକୋଟ ପିଚ୍‌ରେ ବଲ୍ ବିଶେଷ ଟର୍ନ କରିବା ସମ୍ଭାବନା ନାହିଁ। ତେଣୁ ଏଠାରେ ସୁଯୋଗ ପାଇଲେ ଜୁରେଲଙ୍କ ପାଇଁ ଭଲ ଡେବ୍ୟୁ ମ୍ୟାଚ ହେବ ବୋଲି ଆକଳନ କରାଯାଉଛି। ଲୋକାଲ ହିରୋ ରବୀନ୍ଦ୍ର ଜାଡେଜା ଦଳକୁ ଫେରିବେ।

ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରା ପ୍ରଥମ ୨ଟି ଟେଷ୍ଟରେ ଆକର୍ଷଣୀୟ ପ୍ରଦର୍ଶନ କରିଛନ୍ତି। ରାଜକୋଟ ପିଚ୍ ପାରମ୍ପରିକ ଭାବେ ବ୍ୟାଟର୍ସ ଫ୍ରେଣ୍ଡଲି ହେବାର ଥିବାରୁ ଭାରତ କୁଳଦୀପ ଯାଦବ ଏବଂ ଅକ୍ଷର ପଟେଲଙ୍କ ମଧ୍ୟରୁ ଜଣେ ସ୍ପିନରଙ୍କୁ ଖେଳାଇବା ଆଶା ରହିଛି। ଏ କ୍ଷେତ୍ରରେ ବ୍ୟାଟିଂ ଦକ୍ଷତା ଦୃଷ୍ଟିରୁ ଅକ୍ଷରଙ୍କ ସମ୍ଭାବନା ଅଧିକ ରହିବ। ୪୯୯ ଉଇକେଟ ନେଇ ସାରିଥିବାରୁ ଭାରତର ପ୍ରିମିୟର ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ୫୦୦ କ୍ଲବରେ ସାମିଲ ହେବା ଆଶା ଉଜ୍ଜ୍ୱଳ। ପିଚ୍ କଣ୍ଡିଶନକୁ ଦୃଷ୍ଟିରେ ରଖି ଇଂଲଣ୍ଡ ଏହାର ପ୍ଲେଇଂ ଇଲେଭେନରେ ଗୋଟିଏ ପରିବର୍ତ୍ତନ କରି ସ୍ପିନର ସୋଏବ ବଶିରଙ୍କ ସ୍ଥାନରେ ପେସର ମାର୍କ ଉଡ୍‌ଙ୍କୁ ଖେଳାଇପାରେ। ପ୍ରଦର୍ଶନରେ ସ୍ଥିରତା ଦୃଷ୍ଟିରୁ ଟମ୍ ହାର୍ଟଲେଙ୍କ ଆତ୍ମବିଶ୍ୱାସ ବଢ଼ିଛି। ଜ୍ୟାକ ଲିଚ୍ ଆହତ ହୋଇ ଓହରି ଯାଇଥିବାରୁ ଜୋ ରୁଟ୍‌ଙ୍କ ଉପରେ ସ୍ପିନ୍ ବୋଲିଂ କାର୍ଯ୍ୟଭାର ରହିବ। ଓଲି ପୋପ୍ ପ୍ରଥମ ଟେଷ୍ଟରେ ହିରୋ ବିବେଚିତ ହୋଇଥିଲେ ହେଁ ଦ୍ୱିତୀୟ ଟେଷ୍ଟର ୨ଟି ଯାକ ଇନିଂସରେ ଫେଲ୍ ମାରିଥିଲେ। ତେଣୁ ଜନି ବେୟାରଷ୍ଟୋଙ୍କୁ ନିଜ ବ୍ୟାଟିଂ ଉପରେ ଧ୍ୟାନ ଦେବାକୁ ପଡ଼ିବ। ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସଙ୍କର ଏହାହେବ ୧୦୦ତମ ଟେଷ୍ଟ। ୨୦୧୬ରେ ଇଂଲଣ୍ଡ ଭାରତ ଗସ୍ତରେ ଆସିଥିବାବେଳେ ଏସସିଏ ଷ୍ଟାଡିୟମରେ ସେ ୧୨୮ ରନ ସ୍କୋର କରିଥିଲେ। ତେଣୁ ସେ ଏପରି ଏକ ଇନିଂସ ଖେଳି ନିଜର ଶତକୀୟ ଟେଷ୍ଟକୁ ସ୍ମରଣୀୟ କରିବାକୁ ଚାହିଁବେ ନିଶ୍ଚିତ।



ଅଭ୍ୟାସ ଅବସରରେ ରଜତ ପଟିଦାର, ଯଶସ୍ୱୀ ଜୟସ୍ୱାଲ, ଧ୍ରୁବ ଜୁରେଲ ଓ ସର୍ଫରାଜ ଖାଁ।

**ଭାରତ-ଇଂଲଣ୍ଡ ତୃତୀୟ ଟେଷ୍ଟ ଆଜିଠାରୁ**

**ମ୍ୟାଚ ଆରମ୍ଭ: ପୂର୍ବାହ୍ଣ ୯ଟା ୩୦**
**ପ୍ରସାରଣ: ସ୍ପୋର୍ଟ୍ସ ୧୮ ନେଟ୍‌ୱର୍କ**







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ